Split by PDF Splitter



ଚୀନ ଜାପାନ ଯୁଦ୍ଧ ବିଧିମତେ ଆରମ୍ଭ ହୋଇଅଛି ଅର୍ଥାତ୍ ଜାପାନ ଗବର୍ଣ୍ଣମେଣ୍ଟ ସେଠାରେ ଥିବା ସମସ୍ତ ବିଦେଶୀୟ ରାଜପ୍ରତିନିଧିମାନଙ୍କୁ ଯୁଦ୍ଧ ଘୋଷଣା ଜଣାଇଦେଇ ଅଛନ୍ତି । ବ୍ରିଟିସ ଗବର୍ଣ୍ଣମେଣ୍ଟ ଏହି ଯୁଦ୍ଧରେ ନିରପେକ୍ଷ ଭାବ ଅବଲମ୍ବନ କରିବାର ସ୍ଥିର କରି ଚୀନ ଓ ଜାପାନରେ ଥିବା ନୌସେନାର ଅଧ୍ୟକ୍ଷମାନଙ୍କୁ ଆପଣା୨ ରଣତରୀମାନ ଏକସ୍ଥାନରେ ଠୁଳକରି ରଖିବାର ଆଦେଶ ଦେଇ ଅଛନ୍ତି ଏବଂ ଚୀନ କିମ୍ବା ଜାପାନ କୌଣସି ପକ୍ଷର କୌଣସି ଯୁଦ୍ଧସାମଗ୍ରି ବୋହିବା ନିମନ୍ତେ କୌଣସି ବ୍ରିଟିସଜାହାଜ ଭଡ଼ା ଦେବାର ନିଷେଧ କରି ଅଛନ୍ତି ।

ପ୍ରଥମ ଦୁଇଥର ଯୁଦ୍ଧରେ ଜାପାନ ଜୟ ଲାଭ କରି କୋରିଆର ରାଜାଙ୍କୁ ଧରିନେଇ ଥିବାର ସମ୍ବାଦ ଆସିଥିଲା । ସମ୍ପ୍ରତି ସମ୍ବାଦ ଆସିଅଛି ଯେ ଭୂଭାଗୀୟ ଯୁଦ୍ଧରେ ଚୀନଠାରେ ଜାପାନ ଅତ୍ୟନ୍ତ କ୍ଷତି ସହିତ ପରାସ୍ତ ହୋଇ ଅଛି । ଏ ଯୁଦ୍ଧରେ ଦୁଇ ହଜାର ଜାପାନୀ ସେନା ମରି ପଡ଼ି ଅଛନ୍ତି । ସମ୍ଭବତଃ ଚୀନର ସୈନ୍ୟ କୋରିଆରେ ପହଞ୍ଚିବାକୁ ବିଳମ୍ବ ହେବାରୁ ପ୍ରଥମ ଦୁଇ ଯୁଦ୍ଧରେ ଜାପାନ ଜୟ ଲାଭ କରିଥିଲା । ଦୁଇ ପକ୍ଷର ପରାକ୍ରମ ଜଣାଗଲା ଏଥର ଶୀଘ୍ର ଯୁଦ୍ଧ ଶେଷ ହେଲେ ସୁଖର ବିଷୟ ହେବ ।

---

ଅମ୍ଭମାନଙ୍କ ଯାଜପୁରସମ୍ବାଦଦାତା ଲେଖିଅଛନ୍ତି କି ଭଦ୍ରକ ସବ୍‌ଡିଭିଜନ ଅନ୍ତର୍ଗତ ନଅଗାଁ ଓ ପଙ୍କଟା ପ୍ରଭୃତି ଗ୍ରାମମାନଙ୍କୁ ନଦୀବଢ଼ିରୁ ରକ୍ଷାକରିବା କାରଣ ବହୁକାଳ ପୂର୍ବରୁ ବୈତରଣୀ ନଦୀର ଉତ୍ତର କୂଳରେ "ଜମିଦାରୀ ବନ୍ଧ ବୋଲି" ଏକ ବନ୍ଧ ଥିଲା । ପ୍ରତିବର୍ଷ ଏହି ବନ୍ଧ ଜମିଦାର ଓ ପ୍ରଜାମାନଙ୍କଦ୍ୱାରା ମରାମତି ହେଉଥିଲା ଏବଂ ଆବଶ୍ୟକ ହେଲେ ପ୍ରଜାମାନେ ବନ୍ଧକାଟି ନଦୀଜଳ ନେଇ ଆପଣା୨ କୃଷିଜମି ଆବାଦ କରୁଥିଲେ । ସେହି ନଦୀର ଦକ୍ଷିଣ ପାଖରେ ଗୋଟିଏ ସରକାରୀ ବନ୍ଧ ଅଛି । ନଦୀର ଉଭୟପାର୍ଶ୍ୱରେ ବନ୍ଧ ରହିଲେ କାଳେ ସରକାରୀ ବନ୍ଧର ଅନିଷ୍ଟ ହେବ ସମ୍ଭବତଃ ଏହି ବିବେଚନାରେ ଅଖୁଆପଦାର ଏକଜିକ୍ୟୁଟିଭ ଇଞ୍ଜିନୀୟର୍ ସାହେବ ଉପରୋକ୍ତ ନଅଗାଁ ଜମିଦାରୀ ବନ୍ଧକୁ ଉଠାଇଦେବା କାରଣ ଜମିଦାର ଓ ପ୍ରଜାମାନଙ୍କ ଉପରେ ହୁକୁମ ଜାରୀ କଲେ । ସେହି ବନ୍ଧ ବହୁକାଳପୂର୍ବରୁ ଥାଇ ତଦ୍ଦ୍ୱାରା ଗ୍ରାମ ରକ୍ଷା ଓ କୃଷିଜମି ଆବାଦ ହେଉଥିବା ଓ ତାହା ଉଠାଇ ଦିଆଗଲେ ବୈତରଣୀ ନଦୀବଢ଼ିରେ ସେମାନଙ୍କର ଗ୍ରାମ ଭାସିଯିବା ଓ କୃଷିଜମି ଧୋଇରେ ନଷ୍ଟହେବା ଇତ୍ୟାଦି ନ୍ୟାଯ୍ୟ କାରଣମାନ ଦର୍ଶାଇ ଜମିଦାର ଓ ପ୍ରଜାମାନେ ଦରଖାସ୍ତ କଲେ ମାତ୍ର ସାହେବ ମହୋଦୟ ତାହା ଅଗ୍ରାହ୍ୟ କରି ଉକ୍ତ ବନ୍ଧକୁ ଉଠାଇଦେବା ନିମନ୍ତେ ସ୍ୱୟଂ ଲଃ ଦଃ ଗ୍ରାମ୍ୟ କେତେକଜଣ କୁଲି ନେଇ ସେଠାରେ ଉପସ୍ଥିତ ହେଲେ । ସେ ସମୟରେ ବୈତରଣୀ ନଦୀ ପ୍ରବଳବେଗରେ ବୃଦ୍ଧି ହେଉଥିବାରୁ ବନ୍ଧ କାଟିଦେଲେ ଗ୍ରାମବାସିମାନେ ଧନପ୍ରାଣରେ ମାରା ପଡ଼ିବାର ବିଶ୍ୱାସ କରି ସାହେବଙ୍କର କାର୍ଯ୍ୟପ୍ରତି ବାଧା ଦେଇ କୁଲିମାନଙ୍କୁ ବାହାର କରି ଦେଲେ । ଗ୍ରାମବାସିମାନଙ୍କର ଉପରୋକ୍ତ କାର୍ଯ୍ୟରେ ସାହେବ ଆପଣାକୁ ଅପମାନିତ ଜ୍ଞାନକରି ପୁଲିସକର୍ମଚାରୀଙ୍କ ସାହାଯ୍ୟରେ ବନ୍ଧ କଟାଇବା ନିମିତ୍ତ ରିପୋର୍ଟ କଲେ ଏହି ସମୟମଧ୍ୟରେ ସେ ବନ୍ୟା ଗତ ହୋଇଗଲା ତହିଁରେ ସରକାରୀ ବନ୍ଧର କୌଣସି ଅନିଷ୍ଟ ହେଲା ନାହିଁ ବରଂ କଥିତ ଜମିଦାରୀ ବନ୍ଧ ଥିବାଦ୍ୱାରା ନଅଗାଁ ଓ ପଙ୍କଟା ପ୍ରଭୃତି ଗ୍ରାମବାସିମାନେ ଉପସ୍ଥିତ ବନ୍ୟାରୁ ରକ୍ଷା ପାଇଗଲେ । ତହିଁଉତ୍ତାରୁ ଭଦ୍ରକର ପୁଲିସ ଇନସ୍ପେକ୍ଟର ବାବୁ କୁଞ୍ଜବିହାରୀ ଗୁପ୍ତ ଓ ୧୦।୧୫ ଜଣ କନେଷ୍ଟବଲ ସହିତ ଉପରୋକ୍ତ ଜମିଦାରୀବନ୍ଧକୁ କଟାଇଦେଇ ଯାଇଅଛନ୍ତି । ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଓଡ଼ିଶାବନ୍ଧବିଷୟକ ନୂତନ ନୀତି ଅନୁସାରେ ଏପରି ହୋଇଥିବାର ଜଣାଯାଏ । ଏଥିରୁ ଫଳ ସରକାରଙ୍କ ବନ୍ଧରକ୍ଷା, ମାତ୍ର ଆରପାରିର ପ୍ରଜାଙ୍କ ସର୍ବନାଶ । ସରକାର ଏପରି ବିଚାର କଲେ ପ୍ରଜାମାନଙ୍କର ରକ୍ଷା କିପରି ହେବ ?

—○ ※ ○—

## ପୁରୀ-ରଥଯାତ୍ରା ।

ଗତପୂର୍ବ ବୁଧବାର ତା ୨୫ ରିଖ ରଥମାନଙ୍କର ଦକ୍ଷିଣମୂର୍ତ୍ତି ଶେଷହେବାରୁ ତା ୨୬ ରିଖ ଗୁରୁବାର ଦିବା ପ୍ରାୟ ଘ ୩ ଘଣ୍ଟା ଠାରେ ପ୍ରଭୁମାନେ ଗୁଣ୍ଡିଚାମନ୍ଦିରକୁ ବିଜେକରି ରଥାରୂଢ଼ ହେଲେ । ବୁଧବାର ତା ୧ ରିଖ ସୁଦ୍ଧା ବଳଭଦ୍ରଜୀଉଙ୍କ ରଥ ଓ ଦେବୀରଥ ସିଂହଦ୍ୱାରରେ ଲାଗିଲେ । ଗୁରୁବାର ଜଗନ୍ନାଥଦେବଙ୍କ ରଥ ରାଜବାଟୀସନ୍ନିକଟରେ ଅବସ୍ଥାପିତ ହେଲେ । ଏବଂ ସେହିଠାରେ ଲକ୍ଷ୍ମୀଙ୍କ ସହ ପୁଣ ଭେଟହେଲେ । ତା ୪ ରିଖ ଶନିବାର ଜଗନ୍ନାଥଦେବଙ୍କ ରଥ ସିଂହଦ୍ୱାରରେ ଉପସ୍ଥିତ ହେବାରୁ ତା ୫ ରିଖ ରବିବାର ଅପରାହ୍ନ ପ୍ରାୟ ଘ ୫ ଘଣ୍ଟା ସମୟରେ ଠାକୁରମାନେ ପହଣ୍ଡିରେ ବିଜେ କରି ରାତ୍ରି ପ୍ରାୟ ଘ ୭ ଘଣ୍ଟା ଠାରେ ଶ୍ରୀମନ୍ଦିର ରତ୍ନସିଂହାସନରେ ଆରୋହଣ କଲେ ।

ଏବର୍ଷ ଗୁଣ୍ଡିଚାଯାତ୍ରା ମା ୧।୨ ଦିନରେ ଶେଷ ହେଲା । ବଡ଼ ଦୁଃଖର ବିଷୟ ଯେ ଚକ୍ରରୁଲା ଓ ଚଉଠାଲାଗି ଅମାବାସ୍ୟାକୁ ,ପ୍ରଭୁମାନେ ଦାଣ୍ଡରେ ଥିବାରୁ ସୁରିଭିକାର୍ଯ୍ୟ ହୋଇପାରିଲା ନାହିଁ । ଚକ୍ରରୁଲବା ପ୍ରାୟ ଅନେକ ସମୟରେ ହୋଇ ନ ଥାଏ । କିନ୍ତୁ ଚଉଠାଲାଗି ନ ହେବା ବହୁତଦିନରୁ ଦେଖା ନ ଥିଲା । କେବଳ ବର୍ଷା ହେବାରୁ ରଥଟଣାରେ ବ୍ୟାଘାତ ହୋଇ ନିୟମିତ ସମୟରେ ରଥ ଲାଗିପାରିଲା ନାହିଁ । ଏତଦ୍ଦ୍ୱାରା ଲୋକେ ଦେଶର ଅନିଷ୍ଟ ଆଶଙ୍କା କରି ଦୁଃଖିତ ଅଛନ୍ତି ।

---

## ବଙ୍ଗପ୍ରଦେଶର ଜେଲଖାନା ।

ବଙ୍ଗପ୍ରଦେଶର ଜେଲସମୂହର ଗତ ଅର୍ଥାତ୍ ସନ ୧୮୯୩ ସାଲର ବିବରଣରୁ ପ୍ରକାଶ ଯେ ସେ ବର୍ଷ ୧୧୮୪୨ ଜଣ କଏଦ ହୋଇଥିଲେ । ଏ ସଂଖ୍ୟା ପୂର୍ବବର୍ଷର ସଂଖ୍ୟାରୁ ପ୍ରାୟ ପାଞ୍ଚହଜାର ଊଣା ହେଲେ ଗତବର୍ଷର ବାକି ମିଶି ଏକଲକ୍ଷ ୯ ହଜାର କଏଦ ଜେଲରେ ଥିଲେ ଏବଂ ଏମାନଙ୍କ ମଧ୍ୟରୁ ବର୍ଷମଧ୍ୟରେ ୯୨ ହଜାର ଖଲାସ ହୋଇ ବର୍ଷଶେଷରେ କେବଳ ୧୭ ହଜାର କଏଦ ରହିଗଲେ । ଜେଲରେ ଭର୍ତ୍ତିହେବା କଏଦଙ୍କ ମଧ୍ୟରୁ ଶତକଡ଼ା ୫୮ ହିନ୍ଦୁ, ୪୧ ମୁସଲମାନ ଏବଂ ୧ ଖ୍ରୀଷ୍ଟିଆନ ଅଛନ୍ତି । ଏମାନଙ୍କମଧ୍ୟରେ ଶତକଡ଼ା ୮୨ ସମ୍ପୂର୍ଣ୍ଣ ମୂର୍ଖ ଏବଂ ଶତକଡ଼ା ୫ ଜଣ ସୁଦ୍ଧା ଭଲ ଲେଖିପଢ଼ି ଜାଣନ୍ତି ନାହିଁ ।

ଜେଲ ବିବରଣ ପାଠକରି ଅମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ଏ ବର୍ଷର ଫଳ ଅନେକ ବିଷୟରେ ସନ୍ତୋଷଜନକ ହୋଇଅଛି ଯଥା ଗତବର୍ଷଠାରୁ ଅଳ୍ପ କଏଦ ଗୁରୁଦଣ୍ଡ ପାଇଅଛନ୍ତି, ହାଜତରେ ରହିବାର କାଳ ଅନେକ ଊଣା ହୋଇଅଛି ( ଏ ବିଷୟରେ ଅନ୍ୟାନ୍ୟ କେତେକ ଜିଲ୍ଲାମଧ୍ୟରେ

Digitized by srujanika@gmail.com

Split by PDF Splitter



ବାଲେଶ୍ୱର ଓ କଟକ ସ୍ୱଷ୍ୟାଛ ପାଇଅଛୁ ), ଅଳ୍ପ କଇଦ ଜେଲରୁ ପଳାଇଅଛନ୍ତି, ବେତ୍ରାଘାତ ବେଡ଼ି ଇତ୍ୟାଦି ଦଣ୍ଡ ଯାହାକି କଇଦମାନେ ଜେଲ ନିୟମର ବିରୁଦ୍ଧ କାର୍ଯ୍ୟ କଲେ ଭୋଗ କରନ୍ତି ସେ ସବୁର ସଂଖ୍ୟା ମଧ୍ୟ ଯଥୋଚିତ ଊଣା ହୋଇଅଛି ଏବଂ ପୀଡ଼ା ଓ ମୃତ୍ୟୁ ସଂଖ୍ୟା ମଧ୍ୟ ବହୁତ ଊଣା ହୋଇଅଛି । ଗତପାଞ୍ଚବର୍ଷରେ ମୃତ୍ୟୁ ସଂଖ୍ୟା ହଜାରପ୍ରତି ୩୭ ଜଣ ଥିଲା ସମ୍ପ୍ରତି ୩୨ କୁ ଓହ୍ଲାଇ ଆସିଅଛି ।

ଯେସବୁ କଇଦଙ୍କର ଜେଲଖାନାରେ ବଞ୍ଚିବାର ଆଶା ନ ଥାଏ ସେମାନଙ୍କୁ ଛାଡ଼ିଦେବାର ନିୟମ ଅଛି । ଏହି ନିୟମାନୁସାରେ ବର୍ତ୍ତିତବର୍ଷରେ ଜ ୩୩ ଣ ଖଲାସ ପାଇଥିଲେ । ଏମାନଙ୍କମଧ୍ୟରୁ ଏକଜଣ ପୁଣି ଅପରାଧରେ ୨ ୭ ବର୍ଷ କାରାବାସଦଣ୍ଡ ଲଭି ପୁନର୍ବାର ଜେଲଖାନାରେ ପ୍ରବେଶ ହେଲା । ମାନ୍ୟବର ଲେଫ୍ଟେନାଣ୍ଟ ଏଥିପାଇଁ ନିୟମର ଦୋଷ ନ ଧରି ଡାକ୍ତରଙ୍କ ଦୋଷ ଦେଇଅଛନ୍ତି । ସେ ସାବଧାନପୂର୍ବକ ରୋଗ ନିର୍ଣ୍ଣୟ କରିଥିଲେ ଏପରି ଘଟି ନ ଥାନ୍ତା ।

ଜେଲବିଭାଗର ମୋଟବ୍ୟୟ ଗତବର୍ଷ ୧୬ ଲକ୍ଷ ୮୨ ହଜାର ଟଙ୍କାରୁ ଏବର୍ଷ ୧୬ ଲକ୍ଷ ୮୧ ହଜାର ଟଙ୍କା ପଡ଼ିଅଛି । ଅଥଚ ଅଧିକାଂଶ ସ୍ଥାନରେ ଖାଦ୍ୟଦ୍ରବ୍ୟର ମୂଲ୍ୟ ଗତବର୍ଷାପେକ୍ଷା ଅଧିକ ଥିବାର ପ୍ରକାଶ । ଦୁର୍ମୂଲ୍ୟ ସମୟରେ କଇଦଙ୍କ ଖୋରାକରେ ଊଣା ବ୍ୟୟ ପଡ଼ିବାର କାରଣ ଏହି କି ଫସଲ ସମୟରେ ଶସ୍ୟାଦି କିଣି ସଞ୍ଚୟକରି ରଖିବାର ନିୟମ ସକଳ ଜେଲରେ ହୋଇଅଛି ଏବଂ ଜେଲଖାନାରେ ଗୋରୁ ରଖିବାରୁ ଦୁଧ ଇତ୍ୟାଦିର ବିଶେଷ ସୁବିଧା ହୋଇଅଛି । ଯଥାସମୟରେ ସୁଲଭ ମୂଲ୍ୟରେ ଶସ୍ୟାଦି ସଂଗ୍ରହ କରିବା ବିଷୟରେ ନୟାର ଜେଲରବାବୁ ଦୋଳଗୋବିନ୍ଦ ଚୌଧୁରୀ ବିଶେଷ ପ୍ରଶଂସା ପାଇଅଛନ୍ତି । ଦୋଳଗୋବିନ୍ଦବାବୁ ଏଥିପୂର୍ବେ ଏ ନଗରରେ ଥାଇ ସୁଖ୍ୟାତି ଅର୍ଜିଥିଲେ । ସୁତରାଂ ତାହାଙ୍କ ପ୍ରଶଂସାର କଥା ଶୁଣି ଆମ୍ଭେମାନେ ବଡ଼ ଆନନ୍ଦିତ ହେଲୁ ।

କଇଦମାନେ ଜେଲରେ ରହି ଯେଉଁ ସମସ୍ତ କାର୍ଯ୍ୟ କରନ୍ତି ତହିଁର ଆୟ ଗତ ତିନିବର୍ଷରେ କ୍ରମାଗତ ବୃଦ୍ଧିହେବାର ବଡ଼ ସନ୍ତୋଷଜନକ ଅଟେ । ସନ ୧୮୯୧ ସାଲରେ ୩ ଲକ୍ଷ ୧୮ ହଜାର ସନ ୧୮୯୨ ସାଲରେ ୩ ଲକ୍ଷ ୨୩ ହଜାର ଏବଂ ସନ ୧୮୯୩ ସାଲରେ ୩ ଲକ୍ଷ ୮୧ ହଜାର ଟଙ୍କା ହୋଇଥିଲା । ସବୁ ଜେଲର ଆୟ ବୃଦ୍ଧି ନ ହେଲେହେଁ ମୋଟରେ ଗତବର୍ଷଠାରୁ ଅଧିକ ଲାଭ ହୋଇଅଛି । କୁଇନାଇନ ବିକ୍ରୟ ଭାର୍ପି ଅଲିପୁର ଜେଲକୁ ଅର୍ପିତ ହେବାରୁ ତଦ୍ୱାରା ସରକାରଙ୍କର ବିଲକ୍ଷଣ ଲାଭ ହୋଇଅଛି । ଏହି ଜେଲଖାନାରେ କୁଇନାଇନ ପୁଡ଼ିଆ ପ୍ରସ୍ତୁତ ହୋଇ ଡାକଘରମାନଙ୍କୁ ବିକ୍ରୟ ନିମନ୍ତେ ପଠାଯାଏ । ବର୍ତ୍ତିତବର୍ଷରେ ୧୨ ଲକ୍ଷ ୬୬ ହଜାର ପୁଡ଼ିଆ ବିକ୍ରୟ ହୋଇଅଛି ଏବଂ ତଦ୍ୱାରା ୩ ଲକ୍ଷ ଟଙ୍କାରୁ ଅଧିକ ଲାଭ ହୋଇଅଛି । ମାନ୍ୟବର ଲେଫ୍ଟେନାଣ୍ଟ କହୁଅଛନ୍ତି କି କୁଇନାଇନ ବିକ୍ରୟଦ୍ୱାରା ଲାଭକରିବା ଗଭର୍ଣ୍ଣମେଣ୍ଟଙ୍କ ଅଭିପ୍ରାୟ ନୁହେଁ କେବଳ ରୋଗିଙ୍କ ସୁବିଧା ନିମନ୍ତେ ସରକାର ଏ କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛନ୍ତି । ପକ୍ଷାନ୍ତରେ ପ୍ରତିପୁଡ଼ିଆର ମୂଲ୍ୟ ଏକପଇସାରୁ ଊଣା ହେବା କିମ୍ବା ପ୍ରତିପୁଡ଼ିଆରେ ପାଞ୍ଚଗ୍ରେନରୁ ଅଧିକ ଦେବା ଅସମ୍ଭବ । ଅତଏବ ଗଭର୍ଣ୍ଣମେଣ୍ଟ ଇଚ୍ଛା କରନ୍ତି କି ଯଦ୍ୟପି ଚଳିତବର୍ଷରେ ଏହିପରି ବିକ୍ରୟ ହେବ ତେବେ ଯେଉଁମାନେ ଏକକେଁ ଅଧିକ କୁଇନାଇନ କିଣିବେ ସେମାନଙ୍କୁ କମିଶନ ସ୍ୱରୂପ କିଛି ଛାଡ଼ ଦିଆଯିବ । ସୁତରାଂ ଲୋକେ ଲାଭ ପାଇଲେ ଅଧିକପରିମାଣରେ ଖରିଦକରି ରେଜାବିକ୍ରୟ କରିବେ ।

## ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଅଧିକାଂଶ ଖରାପାଗ ହୋଇଥିଲା । ବୃଷ୍ଟି ସାମାନ୍ୟ ହୋଇଅଛି ।

ଓଳଉଠା ରୋଗ ଏ ନଗରର ଏବଂ ମୋଫସଲର ଠାବେ ୨ ଅଳ୍ପପରିମାଣରେ ଲାଗି ରହୁଅଛି ।

ଗ୍ରାମମାନଙ୍କ କମିଶନର ସାହେବ ବାଲେଶ୍ୱର କମ୍ପୁ ଭ୍ରମଣ ବାଟେ ଗତ ବୁଧବାର ଏ ନଗରକୁ ଫେରିଆସିଅଛନ୍ତି ।

ଡେପୁଟୀକଲେକ୍ଟର ଶ୍ରୀଯୁକ୍ତ ବାବୁ ନନ୍ଦକିଶୋର ଦାସ ଜୟପୁର ଅଞ୍ଚଳକୁ ଜମାବନ୍ଦ ଏପର୍ଯ୍ୟନ୍ତ ଫେରି ଆସି ନାହାନ୍ତି । ସାହାଯ୍ୟ ବନ୍ଦୋବସ୍ତ ହେଉଁ ନୂତନ ଫସଲର ସମୟ ହେଲା । ଅତ ବୃଥାଗମନ କାହିଁକି ?

ଏଠା ଇଣ୍ଡଷ୍ଟ୍ରିଏଲସ୍କୁଲର ଡି, ଗାଙ୍ଗୁଲି ସାହେବ ବେସନ ଶିଖିବାପାଇଁ ଏକବର୍ଷ ଛୁଟୀ ନେଇଅଛନ୍ତି ।

ନୟାଗଡ଼ ଅଞ୍ଚଳରେ ପୁଣି ଚୋରମାନେ ମାଇ ଛଠି ଓ ୫ଟ ଗରୁ ଚୋରୀ କରିବାର ଶୁଣାଯାଏ । ଅଳ୍ପଦିନର ମେଜିଷ୍ଟ୍ରେଟମାନଙ୍କର ଦୌରାତ୍ମ୍ୟ ଉଚ୍ଛେଦ ହେବା ଅତ୍ୟନ୍ତ ଅମଙ୍ଗଳଜନକ ଏବଂ ଦୁଃଖପ୍ରକାଶର ଅବଶ୍ୟକ ।

## କଲିକତା—ଗେଜେଟ ।

ଅଫିସିଏଟିଂ ଡେପୁଟୀ କଲେକ୍ଟର ବାବୁ ଚଣ୍ଡୀଚରଣ ଘୋଷ ଜୋନସ ଜଙ୍କର 'ବନ୍ଦୋବସ୍ତ କାର୍ଯ୍ୟରୁ ମୁକ୍ତ ହୋଇ ଇନ୍ସପେକ୍ଟର ଜେନେରଲଙ୍କ ଅଧୀନ ର ଅବସ୍ଥାପିତ ହେଲେ ।

ଭଦ୍ରକର ସବ ଡେପୁଟୀ କଲେକ୍ଟର ବାବୁ ଗିରିଶଚନ୍ଦ୍ର ଦତ୍ତ ୧୮୫୯ ସାଲର ୧୦ ଆଇନ ମୋକଦ୍ଦମା ବିଚାର କରିବାର କ୍ଷମତା ପ୍ରାପ୍ତ ହେଲେ ।

ବାବୁ ମନ୍ମଥନାଥ ବାନାର୍ଜ୍ଜୀ ଏମ୍, ଏ ରେଭେନ୍ସା କଲେଜର ଅଧ୍ୟାପକ ପଦରେ ବାହାଲ ହୋଇ ବର୍ତ୍ତମାନ ନିମନ୍ତେ ୫ମ ଶ୍ରେଣୀରେ ନିଯୁକ୍ତ ହେଲେ ।

ଐ କଲେଜର ଅଧ୍ୟାପକ ବାବୁ ହରିଶ୍ଚନ୍ଦ୍ର ଦତ୍ତ ଏମ୍, ଏ ୫ମ ଶ୍ରେଣୀରେ ସ୍ଥାୟୀରୂପେ ନିଯୁକ୍ତ ହେଲେ ।

ବାଲେଶ୍ୱର ଡିଷ୍ଟ୍ରିକ୍ଟବୋର୍ଡର ସ୍କୁଲ ସବ ଇନସ୍ପେକ୍ଟର ବାବୁ ରମାନାଥ ଦାସ ୭ମ ଶ୍ରେଣୀରେ ସ୍ଥାୟୀରୂପେ କିଛିକାଳନିମନ୍ତେ ନିଯୁକ୍ତ ହେଲେ ।

---

ପୁରୀଠାରେ ଗତ ଜୁଲାଇମାସ ତା ୨୮ ରଖରେ ଦିପହର ସମୟରେ ଅସ୍ଥିରତା ହୁଡ଼ଲୋଟ ଜେଲଗାଡ଼ି ଧକ୍କା ଖାଇ ଆସ୍ତା ଉଲଟି ଗାଡ଼ିର ଗୃହକମାନେ ସାବଧାନ ହେବାରୁ ରକ୍ଷା ପାଇଲେ । ସେଥିରେ ନ ୧୧ ଜଣ ପଥିକଙ୍କର କିଛି ପୀଡ଼ା ହେଲା ଓ ଗୋଟିଏ ଷୀଗ୍ରେଜର ଦାନ୍ତ ପାଟି ଭାଙ୍ଗିଗଲା ।

ଅଫ୍ରିକାରେ ଫରାସିମାନେ ବର୍ତ୍ତମାନ ଅସଭ୍ୟବାସିଙ୍କ ଦ୍ୱାରା ପରାସ୍ତ ହୋଇଥିବାର ସମ୍ବାଦ ମିଳିଲା । ଅସଭ୍ୟବାସିଙ୍କ ମଧ୍ୟରୁ ନ ୪୦୦ ଜଣ ହତ ହେଲେ । ଫରାସିଙ୍କର କେବଳ ନ ୧ ଜଣ ହତ ଏବଂ ନ ୧୫୦ ଜଣ ଆହତ ହୋଇଥିବାର କଥିତ ହୁଏ ।

ବର୍ତ୍ତମାନ ସୁନା ମୋହର ଗୋଟିକର ମୂଲ୍ୟ ୫ ୨୨୧ ଏବଂ ଗ୍ୱାଲିୟରପା ଏକଶତ ଭରି ୫ ୯୭୪ ହୋଇଅଛି ।

ବିହାର ପ୍ରଦେଶରେ ଜଳ ଅଭାବରେ ଫସଲର ଅବସ୍ଥା ବଡ଼ ଶୋଚନୀୟ ଥିଲା । ଏଥିମଧ୍ୟରେ ବୃଷ୍ଟି ହେବାର ଶୁଭସମ୍ବାଦ ଆସିଅଛି ସୁଖର ବିଷୟ ଅଟେ ।

ବରୋଦାର ମହାରାଜାଙ୍କ ଭଣ୍ଡାରରେ ଗୋଟିଏ କାର୍ପେଟ ଅଛି ଯେ ତହିଁର ମୂଲ୍ୟ ୨୦୦୦୦୦ ପାଉଣ୍ଡ ଅଟେ । ଏହା ଲେଖକ ଫିଟ ୧୦ ୫ ଲମ୍ବ ଏବଂ ଫିଟ ୭ ୫ ଚଉଡ଼ା ଅଟେ । ମୋତିର ଧାରରେ ଏହା ନିର୍ମିତ ହୋଇଅଛି ଏବଂ ଏହାର କୋଣରେ ଏବଂ ମଧ୍ୟସ୍ଥଳରେ ସୁଦର୍ଶନ ଖଚିତ ହୋଇଅଛି । ଏହା ନିର୍ମାଣ କରିବାକୁ ତ ୩ ବର୍ଷ କାଳ ଲାଗିଥିଲା ଏବଂ ଜଣେ ମୁସଲମାନ ସୁଲତାନ୍ଙ୍କ କବରଉପରେ ଏହା ନିର୍ମିତ ହୋଇଥିଲା ।—ଦୂରଲକ୍ଷ ୧୦ମୂଲ୍ୟର କାର୍ପେଟ ଭେଟ୍ ପାଇବାର ଯୋଗ୍ୟ ସୁଲତାନ କେମନ୍ତ ଲୋକଥିବେ !

ସୁଇଡ଼ନରେ ସର୍ବାପେକ୍ଷା ବୃହତ ବଡ଼ ପିରାମିଡ଼ରେ ଏଥିପାଇଁ ଅନେକ ନଗରରେ ... ସ୍ଥାପିତ ହୋଇଅଛି । ଏଥିର କୌଣସି ସ୍ଥଳେ ଘଣ୍ଟା ଥାଇ ନାହିଁ କେବଳ ଦେଖାଯାଏ ତହିଁର କ୍ୟାସ୍ ତଳଭଳ ଏବଂ ସନ୍ଧ୍ୟାକାଳରେ ଘାଇଡାପ୍ରେକ୍ଷ୍ୟାକ ଏହା ଅପେକ୍ଷାକୃତ ଲୁପ୍ତ । ମିନିଟ ଘଣ୍ଟା ଗ ୭ ନ ଏବଂ ଘଣ୍ଟା କଣ୍ଟା ଗ ୨୨ ଇଞ୍ଚ ଅଧିକ ଲମ୍ବ ଅଟେ । ଏଥିର ଶବ୍ଦ ଚାରିମାଇଲରେ ଶୁଣାଯାଏ । ଏଥିରେ ପ୍ରତିଦିନ ଅର୍ଦ୍ଧ କଳସୀ ତେଲ ଲାଗି ଥାଏ । ଏହା ଏକ ଅଦ୍ଭୁତପଦାର୍ଥ ଅଟେ !

ଚୀନଦେଶର ସେନାପତି ଲୁଡିଙ୍ଗ ଅଟେ ଯାହା ଦେଶ ରାଜ୍ୟର ସମ୍ପଦର ଟେଲିଗ୍ରାଫ ଖରଚ ମାସିକ ଅଧିକ ହେବ ନାହିଁ ।

Digitized by srujanika@gmail.com

Split by PDF Splitter



ଜଣେ ପଶ୍ଚିମା ହିନ୍ଦୁ କୁଳକାମିନୀର ଜୀବନକାହାଣୀ କରଇ । ସେ ଅଳ୍ପଦିନ ତଳେ କାନପୁର ନିକଟବର୍ତ୍ତୀ ଏକ ଗ୍ରାମରେ ପହଞ୍ଚି ଆପଣା ର ସଦ୍‌ଗୁଣ ଦେଖାଇ ସମସ୍ତଙ୍କୁ ଏମନ୍ତ ବଶ କଲା ଯେ ଜଣେ ଗ୍ରାମବାସୀ ତାହାର ଅଲ୍ପର ବ୍ୟବହାରରେ ସନ୍ତୁଷ୍ଟ ହୋଇ ତାହାକୁ ଆପଣା ଘରେ ବାସ ଦେଲା । ପଶ୍ଚିମା କଛି ଦିନ ସେଠାରେ ରହିଲା ପରେ ଦିନେ ଗୃହସ୍ୱାମୀ ଘରେ ନ ଥିବା ସମୟରେ ଘରର ଦୁଇଗୋଟି ସ୍ତ୍ରୀ ଲୋକଙ୍କୁ ଫୁସଲାଇ ଘେନି ଗଲା ଏବଂ କାନପୁରଠାରେ ସେମାନଙ୍କର ନାମ ରେଜେଷ୍ଟ୍ରି କରି ତାଙ୍କୁ ହାଡ଼ିଙ୍କୁ ଦେବାର ଚେଷ୍ଟାରେ ଥିଲା । ସେଠାରେ କ୍ରିଶ୍ଚିୟାନକୁ ଯିବାକୁ ହେବାର ଶୁଣି ସ୍ତ୍ରୀଲୋକ ଦୁଇ ଘୋର କ୍ରନ୍ଦନ କଲେ ଏବଂ ପୁଲିସ ସେମାନଙ୍କର ସହାୟ ହୋଇ ମେଜେଷ୍ଟ୍ରଙ୍କୁ ଜଣାଇବାରୁ ମେଜେଷ୍ଟ୍ରର ସେମାନଙ୍କ ପୁଲିସପ୍ରହାରରେ ଘରକୁ ବିଦାୟ ଦେଲେ ।—ପଶ୍ଚିମାଟି ଅଶ୍ରୁପାତର ଉପଯୁକ୍ତରୂପେ ପରିଶୋଧ କଲା !

ପାରିସନଗରରେ ୧୩୮୫ ଗୋଟି ସମ୍ବାଦପତ୍ର ଅଛି ଏବଂ ଫ୍ରାନ୍‌ସର ଅନ୍ୟାନ୍ୟ ପ୍ରଦେଶ ଓ ଉପନିବେଶମାନଙ୍କରେ ଗୋ ୩୮୭୮ ଟି ସମ୍ବାଦପତ୍ର ମୁଦ୍ରିତ ହୁଅଇ !

କଲିକତା ଶ୍ରୀରାମପୁରର ମଦନମୋହନଶିଳ ନାମକ ଜଣେ ବ୍ୟକ୍ତି ଆପଣା ସ୍ତ୍ରୀ ସହିତ ଗତ ଜୁଲାଇମାସ ତା ୨୦ ଦିନରେ ଖ୍ରୀଷ୍ଟିୟାନଧର୍ମ ଆଶ୍ରୟ କରି ଥିବାର ସମ୍ବାଦ ମିଳଇ ।

ଲାହୋରଠାରୁ ସମ୍ବାଦ ମିଳଇ ଯେ ଅତି ବୃଷ୍ଟି ଯୋଗେ ଓ୍ୱଜିରପଲ୍ଟନର ଅଟାଳୀ ଭାଙ୍ଗିବାରୁ ପାୟ ନ ୨୪ ଜଣ ଲୋକ ମୃତ୍ୟୁମୁଖରେ ପତିତ ହୋଇ ଅଛନ୍ତି ।

ଇଂରାଜମାନେ ପୋର୍ଟହାମିଲଟନ ଅଧିକାର କରିବାକୁ ବସି ଥିବାରୁ ରୁଷୀୟ ପ୍ରଧାନ ସମ୍ବାଦପତ୍ର ନବବୁରୀ ପ୍ରକାଶ କରି ଅଛନ୍ତି ଯେ ଇଂରାଜ ତାହା ଅଧିକାର କଲେ ରୁଷୀୟର ସନ୍ୟମାନଙ୍କର 'ଦଖଲ ପ୍ରତି ବାଧା ଘଟିବ । ସୁତରାଂ ରୁଷୀୟ ଇଂରାଜକୁ ତାହା ଅଧିକାର କରିବାକୁ ଦେବେ ନାହିଁ ।

ଅଯୋଧ୍ୟାର ମହାରାଣୀ କଲିକତାର ଦର୍ଶନୀୟ ସ୍ୱର୍ଣ୍ଣକାର ଏସ୍, କେ ଦାସ କୃଷ୍ଣଗୋବିନ୍ଦଙ୍କ ବହୁମୂଲ୍ୟ ସ୍ୱର୍ଣ୍ଣବଳୟ ଓ ଶିରପେଞ୍ଚ ଗଢ଼ାଇ ନେଇ ଅଛନ୍ତି । ସ୍ୱର୍ଣ୍ଣବଳୟ ମଣି ମାଣିକ୍ୟରେ ଖଚିତ ହୋଇ ଅଛି । ଏବଂ ତହିଁର ମୂଲ୍ୟ ଟ୧୬୦୦୦ଙ୍କ ଶିରପେଞ୍ଚ କତୁ ସୁନ୍ଦର ରୂପରେ ଗ୍ରଥିତ ହୋଇ ଅଛି ଏବଂ ଗୋ ୨୪ ଟି ପଦ୍ମରାଗମଣି ତହିଁରେ ଖଞ୍ଜାଯାଇଛି, ଏଥିର ମୂଲ୍ୟ ଏକଲକ୍ଷ ଟଙ୍କାରୁ ଊଣା ନୁହଇ ।

ଜଣେ ଓକୀଲ ସିଆଲକୋଟ ପୁଲିସ ଅଦାଲତରେ ଏକ ଅପବାଦର ମକଦମା ଚଳାଉ ଥିଲେ । ପ୍ରମାଣାଭାବେ ଅସାମୀ ମୁକ୍ତିଲାଭ କରି ବାହାରକୁ ଅଧି ନେଇ ସମୟରେ ଓକୀଲଙ୍କୁ ଅପମାନିତ କରିଥିବାର କହି ଗାଳି ଦେଲା । ଓକୀଲ ନାଲିସ କରିବାରୁ ଅସାମୀଙ୍କ ଟ ୨୦ ଙ୍କା ଅର୍ଥଦଣ୍ଡ ହୋଇ ଅଛି ।—ନବାବଙ୍କୁ ଡ଼ାକ ଅଣିଲେ ନ ଅସିବ କି ?

## ଯାଜପୁର-ସମ୍ବାଦ ।

ଯାଜପୁର ସବ୍‌ଡିଭିଜନର ଅସିଷ୍ଟେଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ରାୟ ସାହେବ ଅନ୍ନଦା ପ୍ରସାଦ ସରକାର ତିନମାସ ଛୁଟିଅନ୍ତେ ଗତ ଶନିବାର ଏଠାରେ ପହଞ୍ଚି କାର୍ଯ୍ୟଭାର ନେଇଅଛନ୍ତି

## କେନ୍ଦ୍ରାପଡ଼ା-ସମ୍ବାଦ ।

ଗତ କର୍କଟସଂକ୍ରାନ୍ତିରେ ଏଠାରେ ଧାନ ଚାଉଳର ଦର ବିଶେଷ ତଡ଼ା ହୋଇ ଯାଇଥିଲା କିନ୍ତୁ ସମ୍ପ୍ରତି କଟକଠାରୁ ଅନେକ ଚାଉଳଡଙ୍ଗା ଆସିବାରୁ ଟ ୧ ୧୦ ର ଦରରେ ବିକ୍ରୟ ହେଉଅଛି ।

ଏଠାକାର ଅସିଷ୍ଟାଣ୍ଟ ଇଞ୍ଜିନିୟର ପୂର୍ବବତ୍ ମାସେ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

## ପୁରୀ-ସମ୍ବାଦ ।

ଗତ ବର୍ଷାବୃଷ୍ଟିରେ ଗଡ଼କୁଣ୍ଡ ଓ ରାଣୀପାଟ ବନ୍ଧ ଭାଙ୍ଗି ଅନେକ ଗ୍ରାମ ଓ ବିଲ ଜଳପୂର୍ଣ୍ଣ ହୋଇ ଯାଇଅଛି । ଅଦ୍ୟାବଧି ଗ୍ରାମମାନଙ୍କରୁ ସମ୍ପୂର୍ଣ୍ଣ ପାଣି ଛାଡ଼ି ନାହିଁ । ଏହା ଭବିଷ୍ୟତ ଫସଲ ସମ୍ବନ୍ଧରେ ଶୁଭସୂଚକ ନୁହେ ।

ପୁରୀ ମନ୍ଦିର ମେନେଜରଙ୍କର ମୋକଦ୍ଦମା ଯାହାକି ଖୋର୍ଦ୍ଧାରେ ଦାୟର ହେଉଥିଲା ହାଇକୋର୍ଟଙ୍କ ଆଦେଶାନୁସାରେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ସ୍ଥଗିତ ଅଛି ।

ଓଲାଉଠା ଅଦ୍ୟାପି ଶାନ୍ତ ହୋଇ ନାହିଁ । ଏ ସପ୍ତାହରେ ପୁରୀସହର ମଧ୍ୟରେ ଯାତ୍ରୀ ମଧ୍ୟରୁ ନ ୩୭ ଜଣ ଲୋକ ଉକ୍ତ ରୋଗାକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପତିତ ହୋଇ ଅଛନ୍ତି ।

ଏଠା ପୁଲିସ ଅଫିସର ହେଡ଼କ୍ଲର୍କ ବାବୁ ଘନଶ୍ୟାମ ଦାସ କଟକ ସଦରଜାତ ପୁଲିସ ଅଫିସକୁ ବଦଳି ହୋଇଯିବାରୁ ତାହାଙ୍କ କର୍ମରେ ନୟାଗଡ଼ ପୁଲିସ ଅଫିସର ଥାର୍ଡ଼କ୍ଲର୍କ ନିଯୁକ୍ତ ହୋଇ ଅସି କର୍ମ କରୁଅଛନ୍ତି ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ କାଶୀନାଥ ଦାସ | ରାମଚନ୍ଦ୍ରପୁର | ଟ ୧୧ |
| ,, ଗୌରଚନ୍ଦ୍ରଦେବ ରାଜ ସାହେବ ରାମପୁର ରେଢାଖୋଲ | | ଟ ୩୧ |
| ,, ରଘୁନାଥ ଘୋଷ | କଟକ | ଟ ୧୧ |
| ,, ସଦାନନ୍ଦ ବେହେରା | ,, | ଟ ୩୧ |
| ,, ମଧୁସୂଦନ ମିଶ୍ର | ଢେଙ୍କାନାଳ | ଟ ୩୧ |
| ,, ଭଗବାନଚନ୍ଦ୍ର ଦାସ | ଅନୁଗୁଳ | ଟ ୩୧ |
| ,, ଗୋବର୍ଦ୍ଧନ ବାବୁ | ବୌଦ | ଟ ୩୧ |
| ,, ରଘୁନାଥ ମିଶ୍ର | ଢେଙ୍କାନାଳ | ଟ ୩୧ |
| ,, ଗୌରଙ୍ଗ ମହାପାତ୍ର | କଟକ | ଟ ୨୧ |
| ,, ମଧୁସୂଦନ ମହାପାତ୍ର | ,, | ଟ ୧୧ |
| ,, ମାଣିକଲାଲ ଓ ବାବୁ ନୀଳମଣି ଲାଲ | ,, | ଟ ୧୧ |
| ,, ଜଗତବନ୍ଧୁ ଘୋଷ | ,, | ଟ ୨୧ |
| ,, ବସନ୍ତକୁମାର ଦାସ ମହାପାତ୍ର | ମେଦନୀପୁର | ଟ ୩୧ |
| ,, ପରମାନନ୍ଦ ଜଗଦେବ | ଉଦୟପୁର | ଟ ୨୧ |
| ,, ଉଇଲିୟମ ରାଉଲ | କଟକ | ଟ ୧୧ |

# ବିଜ୍ଞାପନ ।


ବେଦନାରୁ ଆଉ କଷ୍ଟ ପାଅ ନା ।

ସମର ଅତ୍ୟାଶ୍ଚର୍ଯ୍ୟ ବେଦନାନାଶକ ତୈଲ ବ୍ୟବହାର କର ।

ଅନ୍ୟୂନ ୫୦୦୦୦ ହଜାର ଲୋକଙ୍କର ପରୀକ୍ଷିତ ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ କମ୍ବା ଅନ୍ୟାନ୍ୟ କାରଣରେ ଉତ୍ପନ୍ନ ଅଥବା ପଡ଼ଯାଇଁ କମ୍ବା ଆଘାତ ଲାଗି ବେଦନାରେ ଅସହ୍ୟ କଷ୍ଟ ପାଉଅଛନ୍ତି ଏହି ମହୋପକାରୀ ତୈଲ ବ୍ୟବହାରଦ୍ୱାରା ଝନ୍ ଝନ୍, କନ୍ କନ୍ ପ୍ରଭୃତି ଅର୍ଥାତ ନଡ଼ା ଛୁଟିବା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା ଅତ୍ୟଳ୍ପ ସମୟରେ ଉପଶମ ହୁଅଇ । ସମସ୍ତ ସଂସାରୀ ଲୋକଙ୍କର ଏକ ୨ ଶିଶି ଘରେ ରଖିବାର କର୍ତ୍ତବ୍ୟ । ଏହି ତୈଲରେ ଡାକ୍ତରୀ ଔଷଧ କିଛି ମାତ୍ର ନାହିଁ । ଏକଜଣ ସନ୍ନ୍ୟାସିଙ୍କଠାରୁ ମିଳିଅଛି କେବଳ ବନଜାତ ପଦାର୍ଥରେ ପ୍ରସ୍ତୁତ । ଏଥିରେ ଦେହ ଚର୍ମର କୌଣସି ପ୍ରକାର ଅନିଷ୍ଟ ହୁଅଇ ନାହିଁ । ବଡ଼ ବଡ଼ ଡାକ୍ତରମାନେ ଏହି ତୈଲର ବିଶେଷ ପ୍ରଶଂସା କରିଅଛନ୍ତି । ମୂଲ୍ୟ ଏକଶିଶିକ ଏକଟ ୧ ଙ୍କା ପ୍ୟାକିଂ ୦/ ଦୁଇଅଣା, ଡାକମାସୁଲ ଟ ୦। ଚାରିଅଣା ମାତ୍ର ।

କେ, ପି, ରାୟ ।
ନ ୪୫ ମ୍ବର ନେବୁତଳା ଲେନ,
ବହୁବଜାର । କଲିକତା ।।—

WANTED

A qualified Engineer to act for the District Engineer of the Cuttack District Board, who is going on furlough for 12 months.

The officiating man will get Rs. 250 pay and the allowances of an Assistant Engineer.

The permanent incumbent gets Rs. 150 a month from the Estates under the Court of Wards; it is very likely the acting officer will get that work also.

Applications must reach this office before the 10th September.

Cuttack Distt. Bod's office, The 8th August, 1894. — M. S. Das, *Vice Chairman.*

ଗୋ-ଚିକିତ୍ସା ।

ଗୋ-ଚିକିତ୍ସାର ମୂଲ୍ୟ ଏକଅଣା । ଖ ୧୦ ଗ୍ରନ୍ଥ ଯାଏ ପୁସ୍ତକ ଡାକରେ ଯିବାକୁ ମାସୁଲ ଏକଅଣା । ଅଳ୍ପ ପୁସ୍ତକ ବାକି ଅଛି ।

ଦକ୍ଷିଣା — ଶ୍ରୀଦାଶରଥି ରାଉତ } ବାମଣ୍ଡା — ସମ୍ବଲପୁର ପୋଃ

ରାଗ-ରସଦୀପକ ।

ଅର୍ଥାତ

ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରୱାଲା
ନୟାସଡ଼କ କଟକ


Digitized by srujanika@gmail.com

Split by PDF Splitter



High Court Civil Process No. 42 A. ( Old No. 47A. )

(ଏଠାରେ କଟକର ସବ୍‌ଜଜଙ୍କର ମୋହର ଅଛି)

# PROCLAMATION OF SALE.

( SECTION 287. C. P. CODE. )

## ନୀଲାମୀ ଇସ୍ତାହାର ।

ଦେୱାନୀ କାର୍ଯ୍ୟବିଧି ଆଇନର ଧା ୨୮୭ ସ ।

କଟକଜିଲ୍ଲା କଟକ ମୁକାମ ସବଜଜଙ୍କ ଅଦାଲତ ।

ନ ୨୫ ମ୍ବର ଡିକ୍ରୀଜାରୀ ସନ ୧୮୯୪ ସାଲ ।

ଚୌଧୁରୀ କୃତ୍ତିବାସ ଦାସ । ସା । ଭିଙ୍ଗାରପୁର । ପ୍ର । କୋଠଦେଶ ଡିକ୍ରୀଦାର ।

ବନାମ

ବାବୁ ଗୋପାଳଚନ୍ଦ୍ର ବୋଷ ଓ ହେମଚନ୍ଦ୍ର ବୋଷ ନାବାଲଗର ବଜରଏ ମାତା ଓ ଅଭିଭାବକ ଷୋଡ଼ମଣୀ ଦାସୀ । ସା । ଶ୍ରୀକୃଷ୍ଣପୁର ଓର୍ଫ କୁଆଁପାଳ । ପ୍ର । ମାତକତଲଗର ହାଲ କାଜବାର ସହର କଟକ ଦେଣଦାର ।

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦମାର ଡିକ୍ରୀଦାରର ମଏ ଖର୍ଚ୍ଚା । ମୁ । ଟ ୮୩୦୩୧ ।/୩ ଦାବୀ ପରିଶୋଧାର୍ଥେ ଏଥି ସଂଲଗ୍ନ ତପସୀଲ ଲେଖିତ କୋଣସି ସମ୍ପତ୍ତି ବିକ୍ରୟ ନିମିତ୍ତ ଏହି ଅଦାଲତଙ୍କ କର୍ତ୍ତୃକ ସନ ୧୮୮୨ ସାଲର ଅ ୧୪ ଆଇନର ଧା ୨୮୪ ସ ଅନୁସାରେ ଏକ ହୁକୁମ ପ୍ରଚାରିତ ହୋଇଅଛି । ପ୍ରକାଶ୍ୟ ନିଲାମରେ ବିକ୍ରୟ ହେବ ଏବଂ ଉକ୍ତ ତପସୀଲ ଲେଖିତ ଲଟବନ୍ଦୀମତେ ସମ୍ପତ୍ତି ନିଲାମ ହେବ ଉପରୋକ୍ତ ଦେଣଦାରର ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ମାତ୍ର ବିକ୍ରୟ ହେବ ସେହି ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ତତ୍ସଂକ୍ରାନ୍ତ ଦାୟ ଓ ଦାବୀ ସମସ୍ତ ଯେତେଦୂର ନିର୍ଣ୍ଣୀତ ହୋଇ ପାରେ ଓ ତତ୍ସମ୍ବଳିତ ତପସିଲରେ ପ୍ରତ୍ୟେକ ଲାଟର ସମ୍ମୁଖରେ ବିଶେଷ କରି ଲେଖା ହେବ ।

ଏହି ଅଦାଲତରୁ ନିଲାମ ସ୍ଥଗିତର କୌଣସି ହୁକୁମ ନ ହେଲେ କଟକ ମୁକାମ ସବ୍‌ଜଜଙ୍କ କର୍ତ୍ତୃକ ସନ ୧୮୯୪ ମସିହା ସେପ୍ଟେମ୍ବର ମାସ ତା ୧୫ ରଖ । ମୁ । ସନ ୧୩୦୨ ସାଲ ଅଶ୍ୱିନମାସ ତା ୧ ରଖ ଶନିବାର ବେଳ ଘ ୧୨ ଟା ସମୟରେ ଏହି ଅଦାଲତରେ ନିଲାମ ହେବ କିନ୍ତୁ କୌଣସି ଲଟର ଡାକ ଶେଷ ହେବା ପୂର୍ବରେ ଉପରଲିଖିତ ଖର୍ଚ୍ଚାସମ୍ବଳିତ ଡିକ୍ରୀରଦେଣା ଓ ନିଲାମର ଖର୍ଚ୍ଚା ଦେବାନିମନ୍ତେ ଉପସ୍ଥିତ କରାଗଲେ ଜମା ଦିଆହେଲେ ନିଲାମ ସ୍ଥଗିତ ହେବ । ।

ନିଲାମରେ ସର୍ବସାଧାରଣଙ୍କୁ ସ୍ୱୟଂ ଅଥବା ଯଥାମତ ସନନ୍ଦପ୍ରାପ୍ତ କାରପରଦାଜଦ୍ୱାରା ନିଲାମ ଡାକିବା ସକାଶେ ଆହ୍ୱାନ କରାଯାଉଅଛି ପ୍ରଥମେ ଅଦାଲତଙ୍କର ଅନୁମତି ସ୍ପଷ୍ଟରୂପେ ଦିଆ ନ ହେଲେ ଉପରଉକ୍ତ ଡିକ୍ରୀଦାରମାନଙ୍କଦ୍ୱାରା ଅଥବା ସେମାନଙ୍କ ପକ୍ଷରେ କୌଣସି ଡାକ ଗ୍ରାହ୍ୟ ହେବ ନାହିଁ ଅଥବା ସେମାନଙ୍କ ନିକଟ ବିକ୍ରୟସିଦ୍ଧ ଗଣ୍ୟ ହେବ ନାହିଁ ।

ନିଲାମସଂକ୍ରାନ୍ତ ନିୟମ ।

୧ । ଯେ ସମ୍ପତ୍ତି ନିଲାମ ହେବ ସେଥିରେ ଡିକ୍ରୀଦାରମାନଙ୍କର ଯେ ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ଅଛି ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କର ଯେ ଦାବୀ ଅଛି ତାହା ଅଦାଲତ ଯେତେଦୂର ଜାଣିପାରନ୍ତି ତାହା ପ୍ରକାଶ କରା ହୋଇ ଅଛି କିନ୍ତୁ ଏହି ଇସ୍ତାହାରର କୌଣସି ଭୁଲ ବା ଅଯଥାର୍ଥ ବର୍ଣ୍ଣନା ବା ବର୍ଣ୍ଣନାର ତ୍ରୁଟିସକାଶେ ଅଦାଲତ ଦାୟୀ ହେବେ ନାହିଁ ।

୨ । ଯେପରିମାଣରେ ଡାକ ବୃଦ୍ଧି କରିବାକୁ ହେବ ତାହା ନୀଲାମକାରକ କର୍ମଚାରୀ କର୍ତ୍ତୃକ ସ୍ଥିରକରା ହେବ । ଯେ ଟଙ୍କା ଡାକିଥିବ ତତ୍ସମ୍ବନ୍ଧେ କିମ୍ବା ଯେ ବ୍ୟକ୍ତି ଡାକେ ତାହାସମ୍ବନ୍ଧେ କୌଣସି ତର୍କ ଉତ୍ଥାପିତ ହେଲେ ତତ୍କ୍ଷଣାତ୍ ଲଟ୍ ପୁନର୍ବାର ନିଲାମ କରାଇବାକୁ ହେବ ।

୩ । ଯେ ବ୍ୟକ୍ତିର ଡାକ ସର୍ବାପେକ୍ଷା ଅଧିକ ସେ ବ୍ୟକ୍ତି ଆଇନ ଅନୁସାରେ ଡାକିବାର ଉପଯୁକ୍ତ ହେଲେ ତାହାକୁ ଲଟର ଖରିଦଦାର ବୋଲି ପ୍ରକାଶ କରାଯିବ ।

୪ । ନିଲାମକାରକ କର୍ମଚାରୀ ହେତୁ ଲିପିବଦ୍ଧପୂର୍ବକ ଆପଣା ଇଚ୍ଛାମତେ ନିଲାମ ସ୍ଥଗିତ ରଖିପାରିବେ କିନ୍ତୁ ତାହା ସର୍ବଦା ସନ ୧୮୮୨ ସାଲର ଅ ୧୦ ଆଇନ ଧା ୨୯୧ ସର ବିଧାନପ୍ରତି ଦୃଷ୍ଟି ରଖି କରିବାକୁ ହେବ ।

Digitized by srujanika@gmail.com

Split by PDF Splitter



୫ । ଅସ୍ଥାବର ସମ୍ପତ୍ତିର ସ୍ଥଳେ ପ୍ରତ୍ୟେକ ଲଟର ମୂଲ୍ୟ ନୀଲାମ ସମୟରେ ଅଥବା ତାହାପରେ ଯେଉଁ ସମୟରେ ନୀଲାମକାରକ କର୍ମଚାରୀ ଦେବାକୁ କହନ୍ତି ସେହି ସମୟରେ ଦେବାକୁ ହେବ ଏବଂ ତାହା ନ ଦେଲେ ସମ୍ପତ୍ତି ତତ୍‌କ୍ଷଣାତ୍ ନୀଲାମରେ ଉଠାଇ ବିକ୍ରୟ କରିବାକୁ ହେବ ।

୬ । ସ୍ଥାବର ସମ୍ପତ୍ତିସ୍ଥଳେ ଯେଉଁ ବ୍ୟକ୍ତିକୁ ଖରିଦଦାର ବୋଲି ପ୍ରକାଶ କରାଯିବ ସେ ଉକ୍ତ ଖରିଦଦାର ବୋଲି ପ୍ରକାଶ କରା ଅବ୍ୟବହିତ ପରେ ମୂଲ୍ୟ ଟଙ୍କା ମଧ୍ୟରୁ ଶତକରା ଟ ୨୫ ଟଙ୍କା ନୀଲାମକାରକ କର୍ମଚାରୀଙ୍କୁ ଦେବେ ଏବଂ ତାହା ନ ଦେଲେ ଉକ୍ତ ସମ୍ପତ୍ତି ତତ୍‌କ୍ଷଣାତ୍ ପୁନରାୟ ନୀଲାମରେ ଆଣି ବିକ୍ରୟ କରାଯିବ ।

୭ । ସମ୍ପତ୍ତି ନୀଲାମ ପରେ ସେହିଦାରଖ ବାଦ୍ ଦି ୧୫ ଦିନେ ଅଦାଲତ ବନ୍ଦ ହେବା ପୂର୍ବେ ମୂଲ୍ୟର ସମୁଦାୟ ଟଙ୍କା ଦେବାକୁ ହେବ ଜମା ଦି ୧୫ ଦିନ ରବିବାର ବା ଅନ୍ୟ କୌଣସି ବନ୍ଦର ଦିନ ହେଲେ ଦି ୧୫ ଦିନ ପରେ ପ୍ରଥମ କଚେରିର ଦିନ ଦେବାକୁ ହେବ ।

୮ । ଉକ୍ତ ନିର୍ଦ୍ଧାରିତ ମିଆଦମଧ୍ୟରେ ମୂଲ୍ୟର ବାକିଟଙ୍କା ଦିଆ ନ ହେଲେ ନୂତନ ନୀଲାମୀ ଇସ୍ତାହାର ଜାରି ପରେ ସମ୍ପତ୍ତି ପୁନରାୟ ବିକ୍ରୟ କରିବାକୁ ହେବ । ଅମାନତୀ ଟଙ୍କା ନୀଲାମର ଖର୍ଚ୍ଚପତ୍ର ବାଦ୍ ଯାହା ଥାଏ ତାହା ସରକାରରେ ବାଜ୍ୟାପ୍ତ ହେବ ଏବଂ ଉକ୍ତ ସମ୍ପତ୍ତି ତାହାପରେ ଯେ ମୂଲ୍ୟରେ ବିକ୍ରୟ ହୁଏ ତାହାର କୌଣସି ଅଂଶପ୍ରତି ପୂର୍ବ ଖରିଦ୍ଦାର ଯେ ମୂଲ୍ୟଟଙ୍କା ଦେବାକୁ ତ୍ରୁଟିକରି ଅଛି ତାହାର କୌଣସି ଦାବି ରହିବ ନାହିଁ ।

ଅଦ୍ୟ ସନ ୧୮୯୪ ମସିହା ଜୁଲାଇମାସ ତା ୩୧ ରଖେ ଆମ୍ଭର ସ୍ୱାକ୍ଷର ଓ ଅଦାଲତର ମୋହରଯୁକ୍ତମତେ ଦିଆଗଲା ।

ସମ୍ପତ୍ତିର ତଫସିଲ ।

| ଲଟର ନମ୍ବର | ବିକ୍ରୀ ସମ୍ପତ୍ତି ସେ ପ୍ରକାରର । | ସରକାରରେ ରାଜସ୍ୱପ୍ରଦାୟକ କୌଣସି ସମ୍ପତ୍ତିର ସ୍ୱତ୍ୱ ହେଲେ ତାହାର ରାଜସ୍ୱର ପରିମାଣ । | ସମ୍ପତ୍ତିରେ କୌଣସି ଦାୟ ସଂଯୁକ୍ତ ଥିଲେ ତାହାର ବିସ୍ତାରିତ ବିବରଣ । | ସମ୍ପତ୍ତିର ପ୍ରତି କୌଣସି ଦାବି ଉପସ୍ଥିତ କରା ହେଲେ ସେହି ଦାବି ଓ ସମ୍ପତ୍ତିର ସ୍ୱଭାବ ଓ ତାହାର ସେ ମୂଲ୍ୟ ହୋଇ ପାରେ ତତ୍‌ସମ୍ବନ୍ଧେ ଅନ୍ୟ ଯେ କୌଣସି ବିଷୟ ଜଣାଯାଏ |
|---|---|---|---|---|
| ୧ | । ପ୍ର । କଟକ ନ ୧୩୧୩ ସ୍ୱର ତାଲୁକ । ତା । ରାଧାମୋହନ ପ୍ରସାଦ ଜମିଦାର ର ଚଉଁର ସଦରଜମା ଟ ୪୬୭୪ ୩/ ୧ ଅଟେ ତହିଁମଧ୍ୟରୁ । ଟ । ୫ ୦୩୩ । ୦ ୩/୧୩ କୁ ସଦରଜମା<br>ଏ ମକଦମା ତମସୁକ ଓ ଡିକ୍ରିରେ ବନ୍ଧକ ଅଛି ନିଲାମ ହେବ । | ଟ ୪୭୮୪ ୩/ ଅଟେ | | |
| ୨ | । ପ୍ର । ଓଡ଼ି ଅରଗଡ଼ର ନ ୧୧୬୧ ସ୍ୱର ତାଲୁକ । ତା । ପତପଡ଼ର ଜମିଦାର ର ଚଉଁର ଦସ୍ତେବସ୍ତ ସଦରଜମା ଟ ୩୪୧୩ / ୪ ମଧ୍ୟରୁ । ଟ । ୫ ୦ ୨ କୁ ସଦରଜମା ଟ ୧୬୪୭ ୨୮ ମଧ୍ୟରୁ ବିକ୍ରୀ । ଟ । ୫ ୦ / ବାଦ୍ ବାକି । ଟ । ୫ ୩/ କୁ ସଦରଜମା<br>ଏ ମକଦମା ତମସୁକ ଓ ଡିକ୍ରିରେ ବନ୍ଧକ ଅଛି ନିଲାମ ହେବ । | ଟ ୭୪୮ ୨ /୩ ଅଟେ । | | |
| ୩ | । ପ୍ର । କାଶୀପଦା । ତା । ଦଶିଆକର । ମୌ । ଗୋବର ମା ୩୮ । ୬୧ । ମଧ୍ୟରୁ ମା ୧୩/୨୧୩ କୁ ଜମା ଟ ୪୩ ୧ ଓ ମା ୬୩୧/୨ କୁ ଜମା ଟ ୧୧ ୩/ ୭ ଓ । ମୌ । ଗଡ଼ଦଣ୍ଡର ମା ୧ ୮/୭ । କୁ ଜମା ଟ ୧୯/ ୬ ଓ । ଗ । ଜା । ମୌ । ନୂଆଗାଁ ପଞ୍ଚଣ ମା ୧ ଶକୁ ଜମା ଟ ୪ ଏକୁପ ମା ୭୧/୧୪ ୨ କୁ ଜମା ଟ ୩୧ / ୪ ମଧ୍ୟରୁ ନ ୩ ସ୍ୱର କୋଠୀର ପଶ୍ଚାତ ସବୁ ମା ୩୧/୬୬ ୧/ ବାଦ୍ ବାକୀ ଜମି ମା ୬୧/୧୬ ୩/ ଓ ତହିଁର ପଶ୍ଚାତ ବଗିଚାଦି ଓ ତହିଁର ନ ୪ ସ୍ୱର କୋଠୀ ଓ ତହିଁ ସଂଲଗ୍ନ ଏକା ବାହୁଦିଗାଦି ଇତ୍ୟାଦି ଏ ମକଦମା ତମସୁକ ଓ ଡିକ୍ରୀରେ ବନ୍ଧକ ଅଛି ନିଲାମ ହେବ । | | | |
| ୪ | ସହର କଟକ କମ୍ପାନୀବାଗରେ ଏକା ବଗବୋଠୀ ଦ ୧୨ ସଂ ବ ତହିଁରେ ସଂଲଗ୍ନ ବାହେବ ଅଛନ୍ତି ସେ କୋଠୀ ଓ ତହିଁରେ ଏକା ବାଗେବରଓରେର ଏ ମକଦମା ତମସୁକ ଓ ଡିକ୍ରିରେ ବନ୍ଧକ ଅଛି ନିଲାମ ହେବ । | | | |
| ୫ | ସହର କଟକ କଣ୍ଟ ରସ୍ତାରେ ଏକା ବଗବୋଠୀ ବ ୧୨ ସଂ ବ ତହିଁରେ ଦଶିକୋଠ ଓ ବାଗେବର ଓରେର ଏ ମୋକଦମା ତମସୁକ ଓ ଡିକ୍ରିରେ ବନ୍ଧକ ଅଛି ନିଲାମ ହେବ । | | | |

Digitized by srujanika@gmail.com

# ଜ୍ୱରର ଅବ୍ୟର୍ଥ ମହୌଷଧ

## (ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ ୦।୵ ମାସୁଲ ଟ ୦। ଅଣା

———o———

ଏହି ଔଷଧ ବ୍ୟବହାରରେ ସବୁ ପ୍ରକାରର ଜ୍ୱରରୋଗ ଏକାବେଳକେ ଆରୋଗ୍ୟ ହୋଇ ଯାଏ । ଥରେ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହୁଏ ନାହିଁ ଏହାକୁ ବ୍ୟବହାର କଲେ କଷ୍ଟ ମାତ୍ର ଜ୍ୱାଳା ଯନ୍ତ୍ରଣା ହୁଏ ନାହିଁ ଏବଂ ଏହା ନିର୍ଦ୍ଦୋଷ ଅଟେ । ଏଥିରେ ନାନାପ୍ରକାର କର୍ମ୍ମ-ରୋଗ ମଧ୍ୟ ଭଲ ହୁଏ । ଏହି ଔଷଧରେ ପୂର୍ବଠାରୁ ଅଧିକ କେତେକ ଗୋଟି ଅଣ୍ଟ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅଧିକ ଆଶ୍ଚର୍ଯ୍ୟ ପ୍ରଦ ହୋଇ ଅଛି । ଯେଉଁମାନେ ଏହି କୃତ୍ରିମ ରୋଗରେ କଷ୍ଟ ପାଉ ଅଛନ୍ତି ଅନ୍ତତଃ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ; ଏହାକୁ ବ୍ୟବହାର କରି ବହୁଲୋକ ରୋଗମୁକ୍ତ ହୋଇ ଅଛନ୍ତି ଏବଂ ଅନେକ ପ୍ରଶଂସା ପତ୍ର ଦେଇ ଅଛନ୍ତି । ଔଷଧ ବ୍ୟବହାର ବିଧି ଔଷଧ ସହିତରେ ପଠା ଯାଇ ଥାଏ ।

ଶ୍ରୀ ରାମଭାରକ ସେନ ।
ଦେବୀ ଉତ୍କଳ ପ୍ରେସ୍; ବାଲେଶ୍ୱର ।

---

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

# "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରୋଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଦୂରୀ ଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ୍ୱାସ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର୨ ରୋଗୀ ବ ଯେଉଁମାନଙ୍କୁ ବଡ଼୨ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଂଲଣ୍ଡ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରାସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରୋଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନି, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହୀନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁରାରୋଗ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ୨ ଙ୍କା ପ୍ୟାକିଂ ଟ ୦୵ ଅଣା ଡାକମାସୁଲ ଟ ୦। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଯେ, ପି, ରାୟ
ନଂ ୪୫ ନମ୍ବର କେନୁତଲା ଲେନ
କଲିକତା ।

---

# ଭାରତରେ ନୂତନ

## ଅନୁଷ୍ଠାନ ।

ଆୟୁର୍ବେଦିକ ମେଡ଼ିକେଲ ମ୍ୟାନୁଫ୍ୟାକ୍‌ଚରିଂ କୋମ୍ପାନୀ ଅବ୍ ଇଣ୍ଡିଆ ଲିମିଟେଡ୍
କାଲନା, ବେଙ୍ଗଲ ।

ରେଜିଷ୍ଟରୀକୃତ ମୂଳଧନ ଟ ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ଅବିଶୁଦ୍ଧପ୍ରକାରେ ପ୍ରସ୍ତୁତ ହୋଇ ସର୍ବଦା ସହର ଓ ମୋଫସଲର ସର୍ବତ୍ର ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଯେଉଁମାନେ ଉତ୍ତମ ଔଷଧ ଇଚ୍ଛା କରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ନିକଟରୁ ଔଷଧ ଗ୍ରହଣ କରିବେ ।

ଏଠାରେ ଶିମ୍ପାଲୀ, କାଶ, ଜ୍ୱର, ଇନଫ୍ଲୁଏଞ୍ଜା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅମୂଲ୍ୟ ଘୃତ ଓ ତୈଳାଦି ପୀଡାପକ୍ଷରେ ବିଶେଷ ଉପକାରୀ ଔଷଧ ମଧ୍ୟ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଭନ-କୁନ୍ତଳ-ତୈଳ;—ଶିରଶୀତଳ ଓ ସୌକର ଅତୁଲ୍ୟ ସାମଗ୍ରୀ । ଇହାଦ୍ୱାରା ଚିନ୍ତା ହେତୁ ମସ୍ତିଷ୍କବିକୃତିର ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧୯ ଖରଚ୍ଚାଦ ଟ ୦।୵

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ ୦ ୫୯ ଡାକଖର୍ଚ୍ଚାଦ ଟ ୦।୵

କୁନ୍ତଳ-କୌମୁଦୀ-ତୈଳ;—ନୂତନ କେଶ୍ୟ-ନୀକ୍ଷିଅର ଔଷଧ । ଏହା ବ୍ୟବହାରକଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧୯ ଖର୍ଚ୍ଚାଦ ଟ ୦।୵

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜଷ୍ଟରୀ ହୋଇଅଛି । ଏହା ୨୦୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୦୯ ଙ୍କା । ୧।୨ କିସ୍ତିରେ ଟ ୨୫୯ ଙ୍କା ହିସାବରେ ଆଦାୟ ହୋଇଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲାଭ ଦେଖାଇବାକୁ ସାହସ କରନ୍ତି । ଏତେବେଳେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହକ ଶ୍ରେଣୀମାନେ ସତ୍ୱର ନାମଧାମ ସହ ଆବେଦନ କରିବେ ।

ଶ୍ରୀ ଷଷ୍ଠିଭୂଷଣ ବନ୍ଦ୍ୟୋପାଧ୍ୟାୟ
ସେକ୍ରେଟେରୀ ଏବଂ ଟ୍ରେଜରର

---

ଉତ୍କଳଦୀପିକାର୍ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥର ହେତା ଅର୍ଦ୍ଧଭାଗ ଓ ଚତୁର୍ଥାଂଶ ଯଥାକ୍ରମେ ହେବ

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଉତ୍କଳଯନ୍ତ୍ରାଳୟ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter
REGISTERED NO. 1


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୯ ଶ | ସଂ ୩୩ ଖ୍ୟା | ତା ୧୮ ଠା ମାହେ ଅଗଷ୍ଟ ସନ ୧୮୯୪ ମସିହା । ମୂ: ୬ ୪ ତା ଭାଦ୍ରବ ସନ ୧୩୦୧ ସାଲ ଶନିବାର। | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩ | ପଶ୍ଚାଦେୟ ଟ ୬

ବମ୍ବେଇଅଞ୍ଚଳରେ ହିନ୍ଦୁଶାସ୍ତ୍ରମତେ ବିଧବାବିବାହ କ୍ରମେ ପ୍ରଚଳିତ ହେଉ ଅଛି । ସମ୍ପ୍ରତି ସେଠାରେ ଗୋଟିଏ ବିଧବାବିବାହ ହୋଇଗଲା । ଜଣେ ବ୍ରାହ୍ମଣ ପୁରୋହିତର କାର୍ଯ୍ୟ ନିର୍ବାହ କଲେ ଏବଂ ବହୁସଂଖ୍ୟକ ଭଦ୍ରଲୋକମଧ୍ୟରେ ଜଷ୍ଟିସରାଣା ଡେ, ଡାକ୍ତର ଅତ୍ମାରାମ ପାଣ୍ଡୁରଙ୍ଗ ପ୍ରଭୃତି ଗଣ୍ୟ ମାନ୍ୟଲୋକମାନେ ବିବାହମଣ୍ଡପରେ ଉପସ୍ଥିତ ହୋଇଥିଲେ ।

---

କାଉପୁରର ଜମିଦାର ବାବୁ ଗୋବିନ୍ଦବଲ୍ଲଭ ରାୟ ମହାଶୟଙ୍କୁ ରାୟ ବାହାଦୁର ଏବଂ ଖଣ୍ଡପଡ଼ା ଶ୍ରୀ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କୁ ମହା ମହୋପାଧ୍ୟାୟ ଉପାଧିର ସନନ୍ଦ ପ୍ରଦାନନିମନ୍ତେ ଚଳିତମାସ ତା ୨୯ ରଖରେ ଓଡିଶାର କମିଶନର ସାହେବ ଏ ନଗରରେ ଏକ ଦରବାର କରିବେ । ଦରବାରର ଅୟୋଜନ ଲାଗି ଅଛି । ସ୍ୱୟଂ ଲେଫ୍‌ଟେନାଣ୍ଟ ବାହାଦୁର ଏ ଦରବାର କରୁଥିଲେ ଅଧିକ ସୁନ୍ଦର ହୋଇଥାନ୍ତା ।

---

ମେଦିନୀପୁରର କୁମାର ନରେନ୍ଦ୍ରଲାଲ ଖାନ ଆପଣା ପିତାଙ୍କ ନାମ ଚିରସ୍ମରଣୀୟ କରିବା ଅଭିପ୍ରାୟରେ ଗୋଟିଏ ସ୍ତ୍ରୀ-ଚିକିତ୍ସାଳୟ ସ୍ଥାପନନିମନ୍ତେ ୩୦ ହଜାର ଟଙ୍କା ଦାନ କରିଥିଲେ । ସେ ପ୍ରସ୍ତାବ ପରିତ୍ୟକ୍ତ ହୋଇ ଉକ୍ତ ଟଙ୍କାରେ କଂସବାନାଲ ଉପରେ ଗୋଟିଏ ସେତୁ ନିର୍ମାଣ କରିବାର ସ୍ଥିର ହୋଇ ଅଛି । ଏବଂ ମାନ୍ୟବର ବଙ୍ଗୀୟ ଲେଫ୍‌ଟେନାଣ୍ଟ ଏଥିରେ ସମ୍ମତ ହୋଇ ଯୁବରାଜ ତାଙ୍କୁ ଧନ୍ୟବାଦ ଦେଇ ଅଛନ୍ତି ।

---

କଲିକତାରେ ସେଣ୍ଟ୍ରାଇମସ୍ ନାମରେ ଖଣ୍ଡିଏ ଇଂରାଜୀ ସମ୍ବାଦପତ୍ର ପ୍ରକାଶିତ ହୁଅଇ । ଗ୍ୟାସ୍ପର ନାମକ ଜଣେ ସାହେବ ଏଥିର ସମ୍ପାଦକ । ଏହି ପତ୍ରରେ ଅନେକ ଅଶ୍ଳୀଳ ପ୍ରବନ୍ଧ ପ୍ରକାଶ ହେଉଥିବାର ଦେଖି ତାହା ନିବାରଣନିମନ୍ତେ ସରକାରଙ୍କ ପକ୍ଷରୁ ନାଲିସ ହେବାରୁ କଲିକତାର ପୁଲିସ ଅଦାଲତରେ ଗ୍ୟାସ୍ପର ସାହେବଙ୍କ ପ୍ରତି ଚାରିମାସ କାରାବାସ ଏବଂ ୬ ଶତ ଟଙ୍କା ଜରିମାନା ଦଣ୍ଡ ହୋଇ ଅଛି । ଅଶ୍ଳୀଳପ୍ରବନ୍ଧ ପ୍ରକାଶକମାନଙ୍କର ସାବଧାନ ହେବା ଉଚିତ ।

—୦ ❋ ୦—

ଯାଜପୁରରୁ ପୁଣି ଦୁଇନମ୍ବର ଡକାଇତିର ସମ୍ବାଦ ଆସିଅଛି । ଗୋଟିଏ ଅହିୟାସପରଗନା କମଳପୁର ଗ୍ରାମରେ ଏବଂ ଅନ୍ୟଟି ଭେସାଣିଆପରଗନା ମାସଡ଼ାଗ୍ରାମରେ । ଉଭୟସ୍ଥଳରେ ଡକାଏତମାନେ ଗୃହସ୍ୱାମୀ ଓ ପରିବାର ବର୍ଗଙ୍କୁ ମାରପିଟ କରି ଧାନ ଚାଉଳ ଓ ନଗଦଅର୍ଥ ଲୁଟି ନେଇ ଯାଇଅଛନ୍ତି । ପୁଲିସ ଅନୁସନ୍ଧାନ କରି ପ୍ରଥମ ମୋକଦମାରେ ୩ ଜଣ ଓ ୨ ୟରେ ୭ ଜଣ ଅସାମୀ ଚାଲାନ କରିଅଛନ୍ତି । ତଦନ୍ତ ଶେଷ ହୋଇ ନାହିଁ । ସନ ୨ ଡକାଇତି ହେବାର କାରଣ ଅନ୍ନକଷ୍ଟ ସନ୍ଦେହ ନାହିଁ । ମାତ୍ର ସ୍ଥାନୀୟ ହାକିମମାନେ ଅଟଳ !

---

ରାଜସାହିରେ ଗତ ମୋହରମ ସମୟରେ ତାଜିଆ ଉପରେ ପୁଲିସ ଗୁଳି ମାରି ଶାନ୍ତି ରକ୍ଷା କରିବାର ସମ୍ବାଦ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ଚାରି ଜଣ ଲୋକ ଗୁଳି ଖାଇଥିବାରୁ ସେଥିପାଇଁ ଚାରିଜଣ କନେଷ୍ଟବଲଙ୍କ ନାମରେ ସେଠା ଫଉଜଦାରୀ ଅଦାଲତରେ ମୋକଦମା ହାଏର ହୋଇଅଛି । ଅସାମୀ କନେଷ୍ଟବଲମାନେ କହନ୍ତି ଡି ପୁଲିଶ ସାହେବ ଦୁଇଥର ଅଦେଶ ଦେବାରୁ ସେମାନେ ଗୁଳି ଫାଏର କଲେ । ମାତ୍ର ପୁଲିଶସାହେବ ଓ ମାଜିଷ୍ଟ୍ରେଟ ସାହେବ ଗୁଳି ମାରିବାର ଅଦେଶ ଦେବାର ଏକାବେଳକେ ନାସ୍ତି କରୁଅଛନ୍ତି । ଏଥିରୁ ବୋଧ ହେଉଅଛି ଯେ ଏ ମୋକଦମାରେ ଅନେକ ରହସ୍ୟ ବାହାରିବ ।

---

ସାଁତାପୁରରେ ଗୋଟିଏ କ୍ଷୁଦ୍ର ସୈନ୍ୟାବାସ ଅଛି । ସେଠାରେ ଜଣେ ବ୍ରାହ୍ମଣ କମାର ଦ୍ୱର୍ମଶ୍ରୀରଙ୍କଠାରୁ ଅନୁମତି ନେଇ ଗୋଟିଏ ଦେବମନ୍ଦିର ନିର୍ମାଣ କରି ବର୍ଷାଧିକକାଳରୁ ଶଙ୍ଖ ଘଣ୍ଟା ବଜାଇ ପୂଜା କରି ଆସୁଥିଲା । ଏକଦିନ ଜଣେ ମୁସଲମାନ କନେଷ୍ଟବଲ ସେଠା ଡେପୁଟୀ କମିଶନରଙ୍କଠାରେ ରିପୋର୍ଟ କଲେ କି ବ୍ରାହ୍ମଣ ପ୍ରତିଦିନ ପ୍ରାତଃକାଳ ମଧ୍ୟାହ୍ନ ଏବଂ

Digitized by srujanika@gmail.com

ସ୍ଥିତରେ ବନ୍ଧୁକ ଶଙ୍ଖ ବଜାଇବାରୁ ମୁସଲମାନମାନେ ଘୋର ଅସନ୍ତୁଷ୍ଟ ହୋଇଅଛନ୍ତି ହାକିମ ବାହାଦୁର ବ୍ରାହ୍ମଣ ନାମରେ ମୋକଦମା ଦାଏର କରି ଦ. ୧୪୭ ଜ ହାଙ୍ଗାମା ଲଗିବା ଉପରୁ ଟ ୧୦ ୯ ଙ୍କା ଅର୍ଥଦଣ୍ଡ କଲେ । ତାହାର ଧର୍ମ-କାର୍ଯ୍ୟରେ ବାଧା ନ ଦେବା ଉଦାର ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ରାଜନୀତି । ମାତ୍ର ଅଧସ୍ତନକର୍ମଚାରୀଙ୍କ ଅବଚାରରେ ଘଣ୍ଟବଜାଇ ପୂଜା କରିବାର ଦଣ୍ଡ ହେଲେ ହିନ୍ଦୁମାନଙ୍କର ଧୈର୍ଯ୍ୟ ରହିବ କିପରି ? ଏହିପ୍ରକାର ଅବଚାର-ହେତୁ ସିନା ହିନ୍ଦୁ ମୁସଲମାନମଧ୍ୟରେ ବୈରଭାବ ବୃଦ୍ଧି ହେଉଅଛି । ବଡ଼ ଦୁଃଖର ବିଷୟ ଯେ ଗବର୍ଣ୍ଣମେଣ୍ଟ ଏହା ଅବଧି ବୁଝି ପାରୁ ନାହାନ୍ତି ।

---

ସାରଣଜିଲ୍ଲାରେ ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧରେ ଏକବ୍ୟକ୍ତି ଏକଡିକ୍ରୀ ପାଇଥିଲା । ତାହାର ଓକିଲ ସେହି ଡିକ୍ରୀ ଟଙ୍କା ଆଦାୟ ନିମନ୍ତେ ଅଦାଲତରେ ଦରଖାସ୍ତ ଦେଇ କୋଟାଏ ସରକାରୀ କୋଠି କୋରକ କରାଇଲା । ଏପରି କୋରକ ଆଇନବିରୁଦ୍ଧ ଥିବାସ୍ଥଳେ ମଧ୍ୟ ସେ ସମ୍ବ ସରକାରଓକିଲ କେହି ଆପତ୍ତି କଲେ ନାହିଁ । ମାତ୍ର ସାରଣର ଜଜ ଏଥିପାଇଁ ଡିକ୍ରୀଦାରର ଓକିଲ ଠାରୁ ଏହି ବେଆଇନ କାର୍ଯ୍ୟର କଇଫିଅତ ନ ନେଇ ତାହାଙ୍କୁ ଓକାଲତିରୁ ସସପେଣ୍ଡ କଲେ । ହାଇକୋର୍ଟରେ ମୋସନ ହେବାରୁ ମାନ୍ୟବର ବିଚାରପତିମାନେ ନିଷ୍ପତ୍ତି କଲେ ଯେ ଡିକ୍ରୀଦାରର ଓକିଲ ପରି ଯେ ସ୍ଥଳେ ହାକିମ ଓ ସରକାର ଉକିଲ ଆଇନର ସେହି ଧାରାଟି ଜାଣି ନ ଥିଲେ ସେ ସ୍ଥଳେ ସେ ଓକିଲ ବରଖାସ୍ତ ହେବାର ଯୋଗ୍ୟ ନୁହେ । ବିଚାରପତିମାନେ ଅଦ୍ଭୁତ କହୁଅଛନ୍ତି ଯେ ଜଜସାହେବ କଇଫିୟତ ନ ନେଇ ଓକିଲ ବାବୁଙ୍କୁ ସସପେଣ୍ଡ କରିବାରେ ମଧ୍ୟ ଆଇନରେ ଅନଭିଜ୍ଞତା ପ୍ରକାଶ କରି ଅଛନ୍ତି । ସମସ୍ତଙ୍କର ଅଜ୍ଞତା ଏକସଙ୍ଗରେ ପ୍ରକାଶ ପାଇ ଗଲା ମାତ୍ର ଏକା ଓକିଲ ହିଁ ବହୁ କଷ୍ଟଗ୍ରସ୍ତ ହେଲା ।

—✻—

ଆମ୍ଭମାନଙ୍କର ଯାଜପୁରସମ୍ବାଦଦାତା ଲେଖିଅଛନ୍ତି ଯେ ଗତ ବନ୍ୟାରେ ଖରସୁଆ ଓ ବ୍ରାହ୍ମଣୀ ନଦୀର ମଧ୍ୟସ୍ଥଳ ଅର୍ଥାତ୍ ବରୁଆଁ ଓଳାଶ କଳାମାଟିଆ ବାରଗାଁ ଢେଙ୍କାଣୀଆ ଓ ହୋଲଗ୍ରାମ ପ୍ରଗନାମଧ୍ୟରେ ପ୍ରାୟ ୩୨ କୋଶ ଅଞ୍ଚଳରେ ଲୋକମାନଙ୍କର ଯେ ପରିମାଣରେ କ୍ଷତି ହୋଇ ଅଛି ତାହା ଲେଖି ଶେଷ କରିଯାଇପାରିବ ନାହିଁ ଏହି ଖଣ୍ଡପରଗଣାର ଗ୍ରାମର ପ୍ରାୟ ଗୃହସ୍ଥ ଲୋକ ବାସଗୃହଶୂନ୍ୟ ଓ ଅଠପଣ ଲୋକଙ୍କର ଘର ଭାଙ୍ଗିଯାଇ ଅଛି ମଧ୍ୟେ ବ୍ରାହ୍ମଣୀନଦୀରେ ଜଳ ଅସୁଥିବାର ଶାରଦ ଧାନଗଛ ବଢ଼ିଜଳରେ ଆଜପର୍ଯ୍ୟନ୍ତ ବୁଡି ରହିବାରୁ ପଚି ନଷ୍ଟ ହୋଇଯାଇ ଅଛି ଗତବର୍ଷ ଯୋଇହେତୁରୁ ଏହି ସ୍ଥାନମାନଙ୍କରେ ଭଲ ଧାନ୍ୟ ଉତ୍ପନ୍ନହୋଇ ନ ଥିବାରୁ ସେଠାରେ ଏସନ ଅନ୍ନକଷ୍ଟ ହୋଇ ଅଛି ଯଥାତ କୃଷିମାନେ ସେ କଷ୍ଟ ସହ୍ୟ କରିସୁଦ୍ଧା ଭବିଷ୍ୟତ ଫସଲର ଆଶାରେ ସାଧ୍ୟାନୁସାରେ ଗୃହଜମି ଆବାଦ କରିବାକୁ ତ୍ରୁଟୀକର ନ ଥିଲେ କିନ୍ତୁ ଗତ ବନ୍ୟା ଉକ୍ତ ଆଶାକୁ ଜଳସମୁଦ୍ରରେ ବୁଡାଇନେଇ ଯାଇଅଛି । କଥି କଡ଼ମୂଣାକୁ ଦୃଷ୍ଟି କାହାର ? ଏତଦ୍ଭିନ୍ନ ଢେଙ୍କାଣୀଆ ପ୍ରଗନା ସମଲପୁର ଗ୍ରାମନିକଟ ଖରସୁଆ ନଦୀବନ୍ଧ ଭାଙ୍ଗିଯାଇ ଉକ୍ତ ଗ୍ରାମରେ ଥିବା ଅଧିକାଂଶ ଘର ବୁହାଇନେଇ ଯାଇଅଛି ସେଥିରେ ଯେ କେତେ ଗୋରୁ ମନୁଷ୍ୟଆଦି ନଷ୍ଟ ହୋଇ ଅଛନ୍ତି ଅବଧି ତାହା ଠିକଣା ହୋଇ ନାହିଁ ଏହିପରି ସୁକିନ୍ଦାକଲାର ବ୍ରାହ୍ମଣୀନଦୀର କୂଳବର୍ତ୍ତୀ ଅନେକ ଗ୍ରାମ ଭାସିଯାଇଥିବାର ପୁଲିସ ଓ ଚୌକିଦାରଙ୍କର ରିପୋର୍ଟରୁ ପ୍ରକାଶ, ଉପରୋକ୍ତ ବିଷୟମାନ କୌଣସି ଉପଯୁକ୍ତ କର୍ମଚାରୀଙ୍କଦ୍ୱାରା ତଦାରଖ କରାଗଲେ ସମସ୍ତହାଲ ପ୍ରକାଶ ହେବ ।

---

ଖୁଲନାରୁ ଏକ ବ୍ୟକ୍ତି ଭାରତୀୟ ଯୋଗେ ଷ୍ଟେଟସମାନ ସମ୍ପାଦକଙ୍କୁ ଜଣାଇଅଛନ୍ତି ଯେ ସେଠା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବଟସନ୍‌ବେଲସାହେବ ମୋଫସଲକୁ ଯାଇ ଏକଜମିଦାରର କଚେରୀରେ ପହଞ୍ଚି ଜାଏଗାକୁ ନ ପାଇ ସେଠାରେ ଉପସ୍ଥିତ ଥିବା କେଶବଲାଲମିତ୍ର ନାମକ ମୋହରିରକୁ ଗୃହରେ ଏପରି ପ୍ରହାର କଲେ ଯେ ପ୍ରାୟ ୧୦।୧୫ ସ୍ଥାନରେ ତାହା ଦେହ ଫାଟି ରକ୍ତ ବାହାରିଲା । ସେ ନାଲିସ କରିବାରେ ଡେପୁଟୀମାଜିଷ୍ଟ୍ରେଟ ବାବୁ ସତୀଶଚନ୍ଦ୍ର ବୋଷ ମୋକଦମା ଡିସମିସ କରି ମିଥ୍ୟା ନାଲିସ ନିମନ୍ତେ ୨୧୧ ଧା ଅନୁସାରେ ଫରିଆଦୀର ସୁପର୍ଦ କାହିଁକି ନ ହେବ କାରଣ ଦର୍ଶାଇବାର ଆଦେଶ ଦେଲେ । ମୋହରିରଗୁହାରି ସେସନଜଜଙ୍କଠାରେ ମୋସନ କରିବାରୁ ଜଜସାହେବ ବହୁତ ଆଦେଶ ହେଲ ବେଲସାହେବଙ୍କର ଖଣ୍ଡିଏ ପତ୍ର ତଲଖାସ୍ତକାରର ଓକିଲକୁ ଦେଲେ । ତହିଁରେ ସାହେବ ଲେଖିଅଛନ୍ତି ଯେ ସେ ଖାଇବାପାଇଁ ଟିକିଏ ଦୁଧ ନ ପାଇ ସେ ରାଗାନ୍ଧ ହୋଇ ପ୍ରହାର କରି ଅଛନ୍ତି । ମାତ୍ର ତହିଁପାଇଁ ସେ ବଡ଼ ଦୁଃଖିତ ଅଛନ୍ତି ଏବଂ ଡେପୁଟୀମାଜିଷ୍ଟ୍ରେଟ ମୋକଦମା ଡିସମିସ କରି ଘୋର ମୂର୍ଖତା ପ୍ରକାଶ କରି ଅଛନ୍ତି । ଓକିଲ ପତ୍ର ପଢ଼ି କହିଲେ ଯେ ବେଲସାହେବ ନିଜେ ନିଷ୍ଠୁର କାର୍ଯ୍ୟ କରିଥିଲେହେଁ ଦୋଷ ସ୍ୱୀକାର ପୂର୍ବକ ମହତ୍ତ୍ୱପଥ ଦେଖାଇ ଅଛନ୍ତି ମାତ୍ର ଡେପୁଟୀମାଜିଷ୍ଟ୍ରେଟଙ୍କ କାର୍ଯ୍ୟ ଅତ୍ୟନ୍ତ ଅସହ୍ୟ ସେ କେବଳ ବେଲସାହେବଙ୍କ ଅନୁଗ୍ରହ ଲାଭ ନିମନ୍ତେ ସେପରି କରିଅଛନ୍ତି । ବାସ୍ତବରେ ଏପରି ଡେପୁଟୀମାଜିଷ୍ଟ୍ରେଟ ଦେଶର କଳଙ୍କ ଏବଂ ଏହିଶ୍ରେଣୀର ହାକିମଙ୍କ ଯୋଗୁଁ ଦେଶୀୟ ଲୋକମାନେ ଉଚ୍ଚପଦର ଅଧିକାରୀ ନୁହନ୍ତି ବୋଲି ବିପକ୍ଷମାନେ କହିବାକୁ ସୁଯୋଗ ପାଉଅଛନ୍ତି ଓ ଦେଶୀୟ ଲୋକଙ୍କର ଆଶାନୁରୂପ ଉନ୍ନତି ହେଉ ନାହିଁ ।

---

ଉତ୍କଳହିତୈଷୀ ନାମରେ ଖଣ୍ଡିଏ ମାସିକପତ୍ର ଏହି ମାସଠାରୁ ଏ ନଗରରେ ପ୍ରକାଶ ହେବାର ଆରମ୍ଭ ହୋଇଅଛି ଏବଂ ଆମ୍ଭେମାନେ ତହିଁର ପ୍ରଥମସଂଖ୍ୟା ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଏହା ନଗରସ୍ଥ ସ୍ୟୁ-ପ୍ରେସରେ ମୁଦ୍ରିତ ଏବଂ ଡାକ୍ତର ଶ୍ରୀରାମକୃଷ୍ଣସାହୁଙ୍କଦ୍ୱାରା ସମ୍ପାଦିତ । ଏହାର ମୁଖପତ୍ରରୁ ଜଣାଯାଏ ଯେ ଏହା କନକଦୁର୍ଗେଶ୍ୱର ଶ୍ରୀ ମାନ୍ ରଘୁନାଥ ସିଂହ ମାନଧାତା, ବାବୁ ଶ୍ରୀ ସୁଦାମଚନ୍ଦ୍ର ନାୟକ, ବାବୁ ଶ୍ରୀ ରାଧାନାଥ ରାୟ ଓ ବାବୁ ଶ୍ରୀ ସ୍ୱପଦହାର ନାୟକଙ୍କ ସାହାଯ୍ୟରେ ପ୍ରକାଶିତ ଏବଂ ଉତ୍କଳଗୌରବ ରାୟ ନନ୍ଦକିଶୋର ଦାସ ବାହାଦୁରଙ୍କ କନ୍ୟା ଏବଂ ଓଡ଼ିଶାକମିଶନରଙ୍କ ପରସନଲଆସିଷ୍ଟାଣ୍ଟ ବାବୁ ଗୋପାଳବଲ୍ଲଭ ଦାସଙ୍କ ସହଧର୍ମିଣୀ ସ୍ୱର୍ଗୀୟା ଜଗମୋହିନୀଦେବୀଙ୍କ ପରଲୋକଗତ ଆତ୍ମାର କଲ୍ୟାଣାର୍ଥେ ଉତ୍ସର୍ଗ ହୋଇ ଅଛି । ଦେଶୀୟ ଆୟୁର୍ବେଦଶାସ୍ତ୍ରର ମର୍ମ ପ୍ରକାଶ କରିବା ଏବଂ ଦେଶୀୟ ଅଶିକ୍ଷିତ ବା ଅଳ୍ପ ଶିକ୍ଷିତ ବୈଦ୍ୟଙ୍କଠାରୁ ସର୍ବସାଧାରଣଙ୍କୁ ରକ୍ଷାକରି ଶାସ୍ତ୍ରାନୁମୋଦିତ ଚିକିତ୍ସା ବିସ୍ତାର କରିବା ଏଥିର ଅଭିପ୍ରାୟ ଅଟେ । ଅତଏବ ଆମ୍ଭେମାନେ ମୁକ୍ତକଣ୍ଠରେ କହୁଅଛୁଁ ଯେ ଏପତ୍ରର ଅଭିପ୍ରାୟ ଅତ୍ୟନ୍ତ ହିତକର ଏବଂ ସେପରି ମହୋଦୟମାନଙ୍କ ସାହାଯ୍ୟରେ ଏହା

Split by PDF Splitter
Digitized by srujanika@gmail.com

ପ୍ରକାଶ ହେବାର ଆରମ୍ଭ ହୋଇଅଛି ତହିଁରେ ଏହା ସର୍ବସାଧାରଣ ହିତକାରୀ ହେବା ବିଷୟରେ ସନ୍ଦେହ ହେଉ ନାହିଁ । ଉତ୍କଳରେ ଅନେକ ମାସିକ-ପତ୍ରିକା ଜନ୍ମଗ୍ରହଣ କରି ଅକାଳେ ଲୋପ ହେବାର ଦେଖି ମଧ୍ୟ ଅମ୍ଭେମାନେ ଏହାର ଦୀର୍ଘଜୀବନ କାମନା କରୁଅଛୁଁ କାରଣ ଶରୀରରକ୍ଷା ମାନବ ଜାତିର ପ୍ରଥମ କର୍ତ୍ତବ୍ୟ ଓ ସମସ୍ତ ସୁଖର ମୂଳ ଅଟେ । ତହିଁରେ ଅବହେଳା କରିବା କାହାର ଉଚିତ ନୁହେ । ଆମ୍ଭେମାନେ ଆଶା କରୁଁ କି ଏହାର ଗ୍ରାହକ ଅନେକ ହେବେ ଏବଂ ମୂଲ୍ୟ ପ୍ରତି ଖଣ୍ଡକୁ ଦଶପଇସା ଧାର୍ଯ୍ୟ ହେବାରୁ ଅନେକଲୋକ ଅନାୟାସରେ ଗ୍ରହଣ କରିପାରିବେ । ପ୍ରଥମସଂଖ୍ୟାରେ ମୁଖବନ୍ଧ ଛଡ଼ା ସ୍ୱାସ୍ଥ୍ୟବିଜ୍ଞାନ, ଭାରତ ଭୈଷଜ୍ୟତତ୍ତ୍ୱ ଏବଂ ସରଳ ଗୃହଚିକିତ୍ସା ଏହି ତିନୋଟି ବିଷୟର ଅବତାରଣା ହୋଇ ଅଛି । ଏସବୁ କ୍ରମଶଃ ପ୍ରକାଶିତ ହେବ । ଗୃହଚିକିତ୍ସାରେ ଜ୍ୱରର ଅନେକ ଔଷଧ ଲେଖାଅଛି ମାତ୍ର କେଉଁ ପ୍ରକୃତି ଜ୍ୱର ସହଜରେ ଚିହ୍ନିବାର ଉପାୟ ଲେଖା ନ ଥିବାରୁ ସାଧାରଣ ଲୋକେ କେଉଁସ୍ଥଳେ କେଉଁ ଔଷଧ ବ୍ୟବହାର କରିବେ ତାହା ସ୍ଥିର କରି ପାରିବେ ନାହିଁ । ବ୍ୟବସ୍ଥାପକ ରୋଗ ନିର୍ଣ୍ଣୟର ସହଜ ଉପାୟ ଲେଖିବା ଉଚିତ ।

---

### କେନ୍ଦ୍ରାପଡ଼ା-ବନ୍ୟା ।

ଆମ୍ଭେମାନେ ଏଥିପୂର୍ବେ ଯାଜପୁର ବନ୍ୟାର ସବିଶେଷ ଓ କେନ୍ଦ୍ରାପଡ଼ା ସବଡିଭିଜନ ଜଳବନ୍ୟାର ସବିଶେଷ ବୃତ୍ତାନ୍ତ ପାଠକମାନଙ୍କୁ ଜଣାଇଅଛୁଁ । ବର୍ତ୍ତମାନ ସେଠାରୁ ବନ୍ୟାର ବିସ୍ତାରିତ ବିବରଣ ବିଶ୍ୱସ୍ତସୂତ୍ରେ ଅବଗତ ହୋଇ ନିମ୍ନେ ପ୍ରକାଶ କରୁଅଛୁଁ । ଜୁଲାଇମାସ ତା ୨୭ ରାତ୍ରିରେ ଜମ୍ବୁ ଏବଂ ବାହୋମୁହାଁ ଓ ଲୁଣନଦୀ ମଧ୍ୟସ୍ଥିତ ଭୂମିଖଣ୍ଡ ସମୁଦ୍ରଜଳ ବଢ଼ିଥିଲା, ବରୁଣି, ନାରାୟଣପୁର, ରତନପୁର, ଦରଲୁଣ୍ଡା ଇତ୍ୟାଦି ଗ୍ରାମମାନଙ୍କରେ ବନ୍ୟାଜଳ ଘରଛିଣ୍ଡା ପର୍ଯ୍ୟନ୍ତ ଉଠିବାରୁ କେତେକ ଘର ଭାଙ୍ଗି ପଡ଼ିଲା । ସେସ୍ଥଳରେ ସର୍ବଦା ବଢ଼ି ହେଉଥିବାରୁ ଲୋକେ ଆଗରୁ ସାବଧାନ ହୋଇ ଥିଲେ ପ୍ରାଣ ରକ୍ଷାର ଉପାୟ କରିଥିଲେ । ଧାନ ଫସଲ ନଷ୍ଟ ହୋଇଅଛି ମାତ୍ର ଗାଈ ପ୍ରଭୃତି ପଶୁମାନଙ୍କ ହାନି ଶୁଣା ଅଛି । କୁଜଙ୍ଗର ଜମିଦାରୀ ବଢ଼ିରେ ବଡ଼ କ୍ଷତି ହୋଇଅଛି ।

ବ୍ରାହ୍ମଣୀ ଓ ବୈତରଣୀରେ ପାଣି ଫୁଟ୍ ୧୯ ଫୁଟ ପର୍ଯ୍ୟନ୍ତ ଉଠି ହେବେଲେ ବନ୍ଧ ଭାଙ୍ଗି ପକାଇବାରୁ ଇନ୍ଦପୁର, ଧୂମନ୍ତ ଓ ମଙ୍ଗଳପୁର ଗ୍ରାମମାନଙ୍କରେ ବନ୍ୟାଜଳ ଘରର ଚାଳ ପର୍ଯ୍ୟନ୍ତ ଉଠିଥିଲା, ଯାହା ହେଉ ଏ ଦୁର୍ଘଟଣା ଦିବାବସାନ ସମୟରେ ଘଟିବାରୁ କାହାର ପ୍ରାଣନାଶ ଘଟି ନାହିଁ । ଗ୍ରାମର ପାଞ୍ଚ ପ୍ରକାର ମାଟିରେ ଲୋକେ ଚାଳ ଓ ଗଛଡାଳ ଉପରକୁ ପଳାଇ ଗଲେ ଓ ଅନେକ ଗଛ ଉପରେ ଚଢ଼ି ରହିଲେ । ବାବୁ ଶ୍ୟାମସୁନ୍ଦର ଲରେନ୍ସଙ୍କ ଯତ୍ନ ସାହାଯ୍ୟରେ ଅନେକ ଲୋକ ନଡ଼ିଆଗଛ ଗଛ ଉପରୁ ଆସି ନୌକା ଓ କେହି ଅପଣା ସମ୍ପତ୍ତି ରକ୍ଷା ସକାଶେ ସ୍ଥଳଭୂମିରେ ରହିଲେ । ବନ୍ଧର ଦୁଇ କଡ ମାଇଲ ଜଳପୂର୍ଣ୍ଣ ହୋଇଥିଲା ଓ କେନ୍ଦ୍ରାପଡ଼ାର ଡେପୋଟାର ବାବୁ ବିହାରୀ ସକାଶେ ହେଠକୁ ଯାଇ ବନ୍ଧ ଉପରେ ପଡ଼ିରହିଲେ କାରଣ ଇନ୍ଦପୁର ବଙ୍ଗଳାରେ ପାଣି ପଶିଥିଲା ଓ ବଙ୍ଗଳାକୁ ଯିବା ସଡ଼କରେ ପ୍ରାୟ ଦଶଫୁଟ ପାଣି ଛୁଡ଼ା ହୋଇଥିଲା । ମଙ୍ଗଳପୁରର ଜମିଦାର ବାବୁ ଲକ୍ଷ୍ମୀନାରାୟଣ ଜଗଦେବ ଅପଣାର ପ୍ରଜାମାନଙ୍କର ଏପରି ଆପଦରେ ସାହାଯ୍ୟ ନ କଲେ କିମ୍ବା ବାହୁ ଉଦ୍ଧାର ନ କଲେ ମାତ୍ର ବାବୁ ପରମାନନ୍ଦସ୍ୱ ଓ ବାବୁ କଲସମ ଭ୍ରମରବର ମ ୮ । ୧୦ ହଣ ଚାଉଳ ବିତରଣ କଲେ ଓ ଡେପୋଟୀବାବୁ ମ ୩୦ । ୪୦ ହଣ ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟ କେନ୍ଦ୍ରାପଡ଼ା ଠାରୁ ଆଣାଇବାରୁ ବନ୍ଧଉପରେ ପଡ଼ିଥିବା ଲୋକେ ପ୍ରାଣ ପାଇଲେ ।

ପଞ୍ଚାମୁଣ୍ଡେଲ ଜମିଦାରୀବନ୍ଧ ଖଡ଼ଖଡ଼ିଆ-ଠାରେ ଭାଙ୍ଗିଯିବାରୁ ଓ ବୁଢ଼ଗୋଷ୍ଠୀ ଖାଇପନ ପୋଲର କବାଟ ଗତବର୍ଷରୁ କାହାରିବାର ହୋଇଥିବାରୁ ବେହୁଗାଡ଼ି ଓ କେଶାଇରେ ବନ୍ୟାଜଳ ଆସି ଖଡ଼ଖଡ଼ିଆ ଗଜକଣ୍ଡପୁର ବେଣୁପୁର ଇତ୍ୟାଦି ଗ୍ରାମମାନଙ୍କୁ ଅଂଶିକ ବୁଡ଼ାଇ ଦେଲା । ଜନ୍ତୁ ଲୋକେ ନାବବନ୍ଧ ଉଚ୍ଚସ୍ଥଳକୁ ଯାଇ ପ୍ରାଣରକ୍ଷା କଲେ ମାତ୍ର ଅନାହାରରେ ବଡ଼ କଷ୍ଟ ପାଉଛନ୍ତି । ସେଠା ଜମିଦାର ବାବୁ ନରେନ୍ଦ୍ରନାଥ ସ୍ୱାଇଁ ଚନ୍ଦ୍ରଧୂଳ ଓ ବାବୁ ଲକ୍ଷ୍ମୀନାରାୟଣ ଜଗଦେବ କିଛି ସାହାଯ୍ୟ କଲେ ନାହିଁ ।

ପଞ୍ଚାମୁଣ୍ଡାଇ ଜମିଦାରୀର କେତେକ ଅଂଶ ଜଳମଗ୍ନ ହେବାରୁ ପ୍ରଜାମାନେ ପଞ୍ଚାମୁଣ୍ଡାଇ କଚାରିରେ ଓ ନାଳବନ୍ଧ ଉପରେ ରହିଲେ ସେ ଗ୍ରାମମାନଙ୍କରେ ଘରର ଚାଳପର୍ଯ୍ୟନ୍ତ ବନ୍ୟାଜଳ ହୋଇଥିଲା । ଅନେକ ଘର ଭାଙ୍ଗି ଯାଇଅଛି ଓ ଲୋକେ ବଡ଼ କଷ୍ଟରେ ଅଛନ୍ତି । ଯାହା ହେଉ ପଞ୍ଚାମୁଣ୍ଡାଇ ନାଏବ ଶ୍ରୀ ବାବୁ ଯୋଗେନ୍ଦ୍ର ନାଥ ମୁଖୁର୍ଯ୍ୟା ଓ ପୁଲିସ ସବଇନ୍‌ସପେକ୍ଟର ବାବୁ ବଇଦେନାଥ ବୋଷ ଲୋକମାନଙ୍କୁ ବଡ଼ ସାହାଯ୍ୟ କରୁଅଛନ୍ତି ଓ ସେଥିପାଇଁ ପ୍ରଶଂସାଭାଜନ ଅଟନ୍ତି ।

ଅଳତଙ୍ଗାର ବନ୍ଧମାନ ଅନେକ ସ୍ଥାନରେ ଭାଙ୍ଗିଅଛି । ଚେଡ଼ା ବନ୍ଧଦ୍ୱାରା ଅଳର ରକ୍ଷା ଓ ସେ ବନ୍ଧକୁ ଗତବର୍ଷ ସ୍ୱଜା ମରାମତ କରିଥିବା ପ୍ରତ୍ୟକ୍ଷେ ପ୍ରବଳ ବନ୍ୟା ହେବୁ ଦୋଳା ଛକଟରେ ତହିଁରେ ଭାଙ୍ଗି ଯାଇ ହୋଇଗଲା ଓ ସେ ପ୍ରଦେଶ ସମୁଦ୍ରବତ ହୋଇଥିଲା ଘରମାନ ବୁଡ଼ିଯାଇ କେବଳ ତହିଁର ମଥାନ ଓ ବୃକ୍ଷମାନଙ୍କର ଅଗ୍ରଭାଗ ଦୃଶ୍ୟ ହେଉଥିଲା ଏପରି ଅବସ୍ଥାରେ ସେ ଅଞ୍ଚଳ ଲୋକଙ୍କର ଯେତ ଦୁର୍ଦ୍ଦଶା ଘଟିଥିବ ପାଠକମାନେ ଅନାୟାସେ ଅନୁମାନ କରିପାରନ୍ତି । ଅଳର ଅନ୍ୟାନ୍ୟ ଗ୍ରାମରେ ଏତେ ଅଧିକ ହୋଇ ନାହିଁ ଅନେକ ଘର ଓ ଗୃହପାଳ ପଶୁ ଭାସିଯାଇଅଛି ଓ କିସମତ୍ତରଙ୍ଗର ଜାନ୍ତ ପଡ଼ିବାଦ୍ୱାରା ଜଣେ ଲୋକର ପ୍ରାଣ ହାନି ଅଛି । ସେ ସମୟରେ ସ୍କୁଲ ଇନ୍‌ସପେକ୍ଟର ହୋଇଥିଲା ଡେପୋଟୀବାବୁ ସେଠାକୁ ଯାଇ ସ୍ୱଜାଙ୍କୁ ପ୍ରଜାଙ୍କ ସାହାର୍ଯ୍ୟାର୍ଥେ କହିବାରୁ ସେ ତାଙ୍କ ସାକ୍ଷାତରେ ୪ ବସ୍ତା ଚାଉଳ ବିତରଣ କଲେ । ମାତ୍ର ବର୍ତ୍ତମାନ କଲେକ୍ଟର ସାହେବଙ୍କ ନିକଟକୁ ଅନେକ ଦରଖାସ୍ତ ଅଳର ପ୍ରଜାଏ ପଠାଇ ଲେଖିଅଛନ୍ତି ଯେ ରାଜା ଅଳ୍ପ ସାହାଯ୍ୟ କରିବାର କେଣେକ ଆଉ ସେମାନଙ୍କ ଉପରେ ଜୁଲୁମ କରୁଅଛନ୍ତି । ସାହେବ ମହୋଦୟ ଦରଖାସ୍ତମାନ କେନ୍ଦ୍ରାପଡ଼ା ଡେପୋଟୀଙ୍କ ନିକଟକୁ ତଦନ୍ତ ନିମନ୍ତେ ପଠାଇ ଦେଇଅଛନ୍ତି । ରାଜା ଅପଣା ପ୍ରଜାଙ୍କୁ ଯଥୋଚିତ ସାହାଯ୍ୟ କରିବାର ପ୍ରକାଶ କରି କାହ-ମଙ୍କଠାରୁ ଧନ୍ୟବାଦ ପାଇଲେ ତାଙ୍କ ନାମରେ ଏପରି ଦରଖାସ୍ତ ବଡ଼ ଆଶ୍ଚର୍ଯ୍ୟ । ଦରଖାସ୍ତ-ଲିଖିତ କଥାମାନ ସତ୍ୟ ହେଲେ ସ୍ୱଜାଙ୍କ ପ୍ରତି ତାହା ବଡ଼ ଲଜ୍ଜା ଅଟେ ଓ ଶତ୍ରୁକୁ ବଡ ଗଣା କରିଦେବ ଅତଏବ ସାବଧାନ । ଏମନ୍ତ ସମୟେ ପ୍ରଜାଙ୍କ ସାହାଯ୍ୟ ନ କଲେ ବଡ଼ ନିନ୍ଦା ଓ ଅପଯଶ ହେବ ।

Split by PDF Splitter
Digitized by srujanika@gmail.com

Split by PDF Splitter



ସାର୍ଟିଫିକେଟ ଅ ୨ ଧାରର ଫାର୍ମ୍ଲିପି ।

ଉକ୍ତ ନୀଲାମ ଆଇନର ଫାର୍ମ୍ଲିପିର ଧା ୬୪ ସରେ ନିଲାମ ହୋଇଥିବା ମହାଲକୁ ଫୁଲରୁ ବାଇ କରିବାର ଯେପର ନୂତନ ବିଧି ହୋଇଅଛି ସେହିପରି ନୂତନ ବିଧି କଣ୍ଟୁ ଡାଇଭାସ୍ଥିତ ଏ ଫାର୍ମ୍ଲିପିର ଧା ୬୦ ସରେ ଦେଇଅଛି ମାତ୍ର ଏଥିରେ କୋଟିଏ କଥା ବଡ଼ ଅନିଷ୍ଟକର ଅଛି । ଏ ଧାରାରେ ଲେଖେ ଯେ ସାର୍ଟିଫିକେଟ ଲିଖିତ ଦେଣଦାରର କୌଣସି ଅଚଳସମ୍ପତ୍ତି ଦେଣ ପରିଶୋଧକ ନିମିତ୍ତେ ନିଲାମ ହେଲେ ସେ ଦେଣଦାର ନିଲାମଦିବସରୁ ୩୦ ଦିନ ମଧ୍ୟରେ କଲେକ୍ଟରଙ୍କ ନିକଟରେ ନିଲାମ ରଦ୍ଦକାରଣ ଅବେଦନ କରିପାରେ ଓ ସାର୍ଟିଫିକେଟ ଲିଖିତ ଦାବୀଟଙ୍କା ଖର୍ଚ୍ଚା ଓ ତହିଁଉପରେ ସୁଧ ଖରିଦଦାର ଦାଖିଲ ବାଭଟଙ୍କା ଦାଖଲେ ଯେ କେବ ତାହା ସେହିମୂଲ୍ୟରେ ନିଲାମ ହୋଇଥିବ ସେ ମୂଲ୍ୟଟଙ୍କା ଓ ତହିଁର ଦଶମାଂଶ ଅର୍ଥଦଣ୍ଡସ୍ୱରୂପ ଏବଂ କୌଣସି ଅନୁକାନୁସାରେ ସଧିକାରଙ୍କର ଅଣ୍ଡ ଲୋକେ ପାଇଣା ଦେଣଦାର ଉପରେ ଥିବ ତାହା ଏସବୁ ୩୦ ଦିନ ମଧ୍ୟରେ ଦାଖିଲ କଲେ କଲେକ୍ଟର ସାହେବ ନିଲାମ ଓ ସାର୍ଟିଫିକେଟ ରଦ କରିଦେବେ ଏବଂ ମୂଲ୍ୟଟଙ୍କା ତହିଁର ଦଶମାଂଶ ଅର୍ଥଦଣ୍ଡସହିତ ନିଲାମ ଖରିଦଦାରକୁ ଫେରିଦେବେ । ଏ ଧାରାନୁସାରେ କଲେକ୍ଟରଙ୍କ ଆଜ୍ଞା ଚୂଡ଼ାନ୍ତ ହେବ । ବର୍ତ୍ତମାନର ବିଧି ଏହି ଯେ ନିଲାମରେ କୌଣସି ଅନିୟମ ବା ଅଇନବିରୁଦ୍ଧ କାର୍ଯ୍ୟ ହୋଇଥିଲେ ଓ ତଦ୍ୱାରା କ୍ଷତି ଘଟିଥିଲେ ନିଲାମ ରଦ ହୁଏ । ଏ ବିଧିମଧ୍ୟ ସ୍ଥିରତର ହୋଇଅଛି ତାହାହିଁ ଉପଯୁକ୍ତ ନୂତନ ବିଧି ହୋଇ ଅଛି ଓ ତାହା ଅତି ଉତ୍ତମ ଅଟଇ ଓ ଏଦ୍ୱାରା ଦେଣଦାରର ଯଥେଷ୍ଟ ଦୟା ଓ ସୁବିଧାର ପ୍ରକାଶପାଉ ଅଛି । ମାତ୍ର ଏ ସୁବିଧାପ୍ରଦ ଟିକୋଟି ଆପତ୍ତି ଦେଖାଯାଏ, ଯଥା :—

ପ୍ରଥମ ଏହି ଯେ ସାର୍ଟିଫିକେଟଲିଖିତ ଦେଣଦାର ଏଥିର ଅବେଦନ କରିପାରିବାର ଲେଖାଅଛି ଏଥିରୁ ସାଧାରଣିକିସମ୍ବନ୍ଧେ ଦେଣଦାର ମରିଯାଏ ଓ ତାହାର ପୁତ୍ର ବା ଉତ୍ତରାଧିକାରୀ ନିର୍ଦ୍ଦିଷ୍ଟ ଅବଧିଭିତରେ ନିଲାମ ରଦ କରିବାକୁ ଚାହେଁ ତେବେ ତାହାର ନାମ ସାର୍ଟିଫିକେଟରେ ଲେଖା ନ ଥିବାରୁ ସେହିଦୋଷରେ ସେ ଅବେଦନ ହର ନ ପଦଦାରଣ ଭଲ ଥାଏ ରେ ମିଥ୍ୟା ଲେଖାଅଛି ବ ସାର୍ଟିଫିକେଟ ଲିଖିତ ଦେଣଦାର ଏରୂପ ଅବେଦନ କରିପାରିବ ଓ କଲେକ୍ଟରଙ୍କ ଏ ସଂକ୍ରାନ୍ତରେ କୌଣସି ଅଧିକାର ଦେଇ ନାହିଁ ଏଣୁକରି ସେ ଅନ୍ୟ ସତ୍ତ୍ୱବାନ୍ ବ୍ୟକ୍ତିଠାରୁ ଏରୂପ ଅବେଦନ ନେଇ ନ ପାରିବେ । ସ୍ୱତନ୍ତ୍ର ନିଲାମି ଅଇନ ଫାର୍ମ୍ଲିପିର ଏପରି ଅବେଦନ ଦେଇଛନ୍ତି ଯୁକ୍ତ କରିବାର କରିପାରିବା ସଂକ୍ରାନ୍ତରେ ଅସ୍ମେମାନେ ଏଥିପୂର୍ବେ ସେ ଫାର୍ମ୍ଲିପିର ସମାଲୋଚନାରେ ଅନ୍ତ ଯେତେ ଆପତ୍ତିମାନ ଦର୍ଶାଇ ଅଛୁଁ ସେସମସ୍ତ ଏଥିପ୍ରତି ଖଟୁଅଛି । ଅତଏବ ସାର୍ଟିଫିକେଟଲିଖିତ ଦେଣଦାର ପରବର୍ତ୍ତୀ ଉଳାବିସମ୍ପତ୍ତି ସମ୍ପର୍କୀୟ କୌଣସି ସତ୍ତ୍ୱବାନ୍ ବ୍ୟକ୍ତି ଏପରି ଅବେଦନ କରିପାରିବାର ବିଧି ହେବା ଅତି ଅବଶ୍ୟକ ।

ଦ୍ୱିତୀୟ ଏହିକି ଏରୂପ ଅବେଦନକାରୀ ନିଲାମ ଖରିଦଦାର ଅର୍ଥାତ୍ ନିଲାମ ମୂଲ୍ୟ ଟଙ୍କା ଦେବାର ଯେ ନିୟମ ହୋଇ ଅଛି ଏଥିରୁ ନିଲାମ ଗ୍ରହଣର ନିଲାମ ସଙ୍ଗେ ଚତୁର୍ଥାଂଶ ଟଙ୍କା ଜମା ଓ ୩୦ ଦିନମଧ୍ୟରେ ଅବଶିଷ୍ଟ ଟଙ୍କା ଦାଖଲ କରେ । ଅବେଦନକାରୀ ପୂର୍ଣ୍ଣ ସେହି ଟଙ୍କା ଉପାର୍ଜ୍ଜନ କଲେ ମୂଲ୍ୟ ହୋଇବା ଦାଖଲ ହେବ ଓ ନିଲାମ ରହିତ ହେଲେ ନିଲାମ ଖରିଦଦାର ଅର୍ଥଦଣ୍ଡସହିତ ମୂଲ୍ୟ ଫେରପାଇବାର ବିଧି ହୋଇ ଅଛି ଅର୍ଥାତ୍ ସେ ଯେଉଁ ମୂଲ୍ୟଟଙ୍କା ଦାଖଲ କରିଥିବ ତାହା ସେ ଫେରଇବ । ଅବେଦନକାରୀ ସେ ମୂଲ୍ୟଟଙ୍କା ଉପାର୍ଜ୍ଜନ କରିଥିବ ତାହା କଣ ହେବ ବହୁ ନିର୍ଦ୍ଦିଷ୍ଟ ହୋଇ ନାହିଁ । ତାହା କଣ ସରକାର ନେବେ ? ଏହା ଯଦି ଯୁକ୍ତିଯୁକ୍ତ ଓ ସ୍ଥିର ହୁଏ ତାହା ହେଲେ ବଡ଼ ଅନିଷ୍ଟକର ହେବ ଓ ଏଥିର ଫଳଭଗୀ କେହି ହୋଇ ନ ପାରିବେ । ବ୍ୟବସ୍ଥାପକ ସଭା ଯେବେ ଦୟାପ୍ରକାଶ କଲେ ତେବେ ତହିଁରେ ଏଣ ଏପରି ନିୟମ ମଧ୍ୟ କାହିଁକି କରୁଛନ୍ତି ସେ ଅପଦଶାର ରକ୍ଷିବାର ଅବଶ୍ୟକ ବୋଧ ଲୋକଙ୍କଷଙ୍କରେ ସୁବିଧା ଓ ସହଜ ହେବ । ଉକ୍ତଅଇନର ଧା ୬୪ ସରେ କେବଳ ନିଲାମ ଖରିଦଦାରର କ୍ଷତିପୂରଣ ସ୍ୱରୂପ ଦଶମାଂଶ ଟଙ୍କା ଦେବାର ବିଧି ହୋଇ ଅଛି । ଏଥିରେ ଦେଣଦାରମୂଲ୍ୟ ଉପାର୍ଜ୍ଜନର ନିୟମ କାହିଁକି କେଉଁ କାରଣ ଜଣାପାଇ ନାହିଁ । ବିଶେଷତଃ ଜଣ ନ ଥିଲେ ମୂଲ୍ୟ ଓ ଅଧିକା ଅର୍ଥଦଣ୍ଡ ଦେଇ ନାହିଁ ନ ଦଏ ନିଲାମରେ ସମ୍ପତ୍ତି ଫେରାଇ ନେବାର ଚେଷ୍ଟା କରନ୍ତି କୌଣସିସ୍ଥଳେ ସେହି ଟଙ୍କାର ତହିଁରୁ ଅଧିକ କ୍ଷତି ଜଣାଯାଇ ପାରିବ । ଅତଏବ ବ୍ୟବସ୍ଥାପକ ସଭାଗୃହ ବହୁ ଏପରି ଅବସ୍ଥା ଓ ଅନ୍ୟାନ୍ୟ ନିୟମକୁ ରହିତ କରନ୍ତୁ ।

ତୃତୀୟ ଏହି କି ଅର୍ଥଦଣ୍ଡର ପରିମାଣ ଅଧିକ ହୋଇଅଛି ଓ ଏହା ଦ୍ୱାରା ଦେଣଦାରଙ୍କ ବାଧକ ହେବ । ସାର୍ଟିଫିକେଟ ଦେବାମି ଅଦାଲତର ଉନ୍ନତିସ୍ୱରୂପ ଗଣ୍ୟ ହୁଏ ଓ ତହିଁର ଡାକ ନିର୍ବାହ ପକ୍ଷରେ ଦେବାନୀ କାର୍ଯ୍ୟବିଧିର ବିଧିମାନ ଖଟଇ । ତେବେ ଦେବାନୀମକଦମାରେ ନିଲାମ ହୋଇଥିବା ଭୂସମ୍ପତ୍ତି ନିଲାମରୁ ଫେରାଇବାନିମନ୍ତେ ନିଲାମଖରିଦାରର କ୍ଷତିପୂରଣ ଶତକଡ଼ା ପାଞ୍ଚଟଙ୍କା ଦେବାକୁ ହେବାର ଯେ ବିଧି ହୋଇଅଛି ସେହିବିଧି ସାର୍ଟିଫିକେଟ ମାମଲାପ୍ରତି କାହିଁକି ନ ଖଟିବ ବହୁ କାରଣ ଦେଖାଯାଉ ନାହିଁ । ଦେବାନୀମକଦମାର ସ୍ୱଭାବ ଧରି ଏ ବିଧି ହୋଇଥିବାର ବ୍ୟବସ୍ଥାପକସଭା ବର୍ଣ୍ଣନ କରୁ ଅଛନ୍ତି ତେବେ ବର କାହିଁକି ନେବ ବହୁ ବୁଝା ଯାଉ ନାହିଁ । ନିଲାମ ମୂଲ୍ୟର ଦଶମାଂଶ ଶତକଡ଼ା ଦଶଟଙ୍କା ପଡ଼ୁଅଛି ଦେବାନୀ ଅଦାଲତ ନିଲାମପକ୍ଷେ ଶତକଡ଼ା ପାଞ୍ଚଟଙ୍କା ହୋଇଥିବା ପ୍ରତ୍ୟକ୍ଷେ ସାର୍ଟିଫିକେଟ ନିଲାମପକ୍ଷେ ତହିଁର ଦୋପଟ ଅର୍ଥାତ୍ ଶତକଡ଼ା ଦଶଟଙ୍କା ଦେବା କଦାପି ନ୍ୟାୟସିଦ୍ଧ ଓ ଯୁକ୍ତିଯୁକ୍ତ ନୁହେ । ଅସ୍ମମାନଙ୍କ ବିବେଚନାରେ ସବସ୍ଥଳେ ପାଞ୍ଚଟଙ୍କା ଦର ହେବାର ଉଚିତ ।

ଏ ବିଧିର ଅନ୍ୟ ସାମାନ୍ୟ ଦୋଷ ବହୁ ଅଛି । ସ୍ୱତନ୍ତ୍ର ନିଲାମ ଫାର୍ମ୍ଲିପିରେ ଜମିଦାରଙ୍କ ସମ୍ପର୍କ ଅଛି । ମାତ୍ର ସାର୍ଟିଫିକେଟ ଅଇନ ଫାର୍ମ୍ଲିପିରେ ସର୍ବସାଧାରଣଙ୍କର ସମ୍ପର୍କ ଅଛି । ଏଥିରେ ପୂର୍ବୋକ୍ତ ସ୍ୱତନ୍ତ୍ର ଦୋଷମାନ ରହିଲେ ସମସ୍ତଙ୍କୁ ବାଧିବ । ଅତଏବ ସର୍ବସାଧାରଣ ଏଥିର ଦୋଷାଦୋଷ ଗବର୍ଣ୍ଣମେଣ୍ଟଙ୍କୁ ଜଣାଉନ୍ତୁ । ଓଡ଼ିଶାର ପ୍ରଜାମାନେ କଟକ ଅଟନ୍ତି ଓ ଏଠାରେ ସବୋତ ଶିକ୍ଷା ଏବଂ ଶିକ୍ଷିତ ଲୋକଙ୍କର ଅଭାବ ନାହିଁ । ଏପରିସ୍ଥଳେ ଏଠାର ବିଷୟିମାନଙ୍କରେ ଅଲୋଚନା ଓ ଗବର୍ଣ୍ଣମେଣ୍ଟରେ ଅବେଦନ ନ ହେବା ଏଠା ଲୋକଙ୍କପକ୍ଷରେ

Digitized by srujanika@gmail.com

ବିଶେଷତଃ ଶିକ୍ଷିତ ଦଳପକ୍ଷରେ ବଡ଼ ନିନ୍ଦନୀୟ । ଅପର୍ଣ୍ଣା ଦେହି କଏ ନ ଯୋଷେ କି? ଅପଣା ଚାହିଁ କଏ ନ କରେ କି ? ।

---

# ସାପ୍ତାହିକ ସମ୍ବାଦ।

ଅମ୍ଭମାନଙ୍କର ମାନିସର କଲେକ୍ଟର ସ୍ମିଥନ୍‌ସନ ସାହେବ ନସର ଷ୍ଟବର ନନ୍ଦିବର୍ଦ୍ଧିରେ ପଞ୍ଚାମୃତାର ଅଞ୍ଚଳର ଯେଉଁ ଗ୍ରାମୋନ୍ନତି କଲମସ୍ଥ ହୋଇଥିଲ ଉପ୍ତତ୍ୟ ଅଧିବାସିବୃନ୍ଦଙ୍କ ଦେହିଂ ଦଶା ଏବଂ ସେଠା ସ୍କୁଲର ଓ ଉଃ ଡାକ୍ତରଖାନା ଅପସମାନ ପରିଦର୍ଶନ କରି ପୁଲିସ ସ୍କୁଲ ଉଃ ସହିତ ଗଡ଼ ତା ୮ ରେ ଫେରି ଓ କଟକ ଅଟନ୍ତି ତାହାଙ୍କୁ ଭଣ୍ଡାରେ ଯାଇ ଅଛନ୍ତି ।

ଏ ବର୍ଷ ଖୁଲଣଯାତ୍ରା ଏ ନଗରରେ ଗତ ବେଦାର ଅବେମ୍ପ ହୋଇ ଗୁରୁବାର ବଜ ଶେଷ ହେଲା । ପ୍ରଥମ ଗ୍ଲଡ଼ଣ୍ଡ ସନ୍ଧ୍ୟାଠାରୁ ବୃଷ୍ଟି ହେବାରୁ ଯାତ୍ରିକଙ୍କ ସେତେ ଅସୁବିଧା ହୋଇଥିଲ ଶେଷ କେବଳ ବୃଷ୍ଟି ହୋଇ ସତ୍ତ୍ୱ ଛତ୍ରଯିବାହାର ଉଚିତ ଗାଢ଼ ପୂର୍ଣ୍ଣ ହେଲା । ଏ ସହରରେ ଅଧିକ ବୃଷ୍ଟି ହେବୁ ପୁଣି କଷ୍ଟ ବଢ଼ୁଅଛି ।

ଏଠା ସବ୍‌ ଜଜ୍‌ ପୀଡ଼ିତ ହେବାରୁ ଅନୁଗ୍ରହପୂର୍ବକ ପ୍ରାର୍ଥନା କରିଅଛନ୍ତି ସମ୍ଭବତଃ ଶୀଘ୍ର ଏକଜଣ ସବ୍‌ ଜଜ୍‌ ଏଠାକୁ ଆସିବେ ।

## କଲିକତା–ଗଜେଟ ।

ଅଫିସିଏଟିଂ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ନିତ୍ୟାନନ୍ଦ ଘୋଷ କଣ୍ଟାଇର ସବଡିଭିଜନରେ ଉପସ୍ଥାପିତ ହେଲେ ଓ ୨ୟ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇଲେ ।

ପୁରୀ ସବଡିଭିଜନର ଅଫିସିଏଟିଂ ମାଜିଷ୍ଟ୍ରେଟ ବାବୁ ହରିଶ୍ଚନ୍ଦ୍ର ଘୋଷ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ଓ ଜିଲ୍ଲାର ମାଜିଷ୍ଟ୍ରେଟଙ୍କଦ୍ୱାରା ଅର୍ପିତ ମୋକଦ୍ଦମା ଏକାକୀ ବୁଝିବାର କ୍ଷମତା ପାଇଲେ ।

କଟକ ସଦର ସ୍ୱାଧୀନ ବେଞ୍ଚର ଅବୈତନିକ ମାଜିଷ୍ଟ୍ରେଟ ବାବୁ ଯୋଗେଶ୍ୱରଚନ୍ଦ୍ର ଓ ପୁରୀ ସଦର ବେଞ୍ଚର ଅଃ ମାଃ ବାବୁ ନିତ୍ୟାନନ୍ଦ ଦାସ ୧ମ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କଦ୍ୱାରା ଅର୍ପିତ ମୋକଦ୍ଦମା ଏକାକୀ ବସି ବିଚାର କରିବାର କ୍ଷମତା ପ୍ରାପ୍ତ ହେଲେ ।

ବାବୁ ନିତ୍ୟାନନ୍ଦ ଦାସ ଫୌଜଦାରୀ ଅଦାଲତର ୨୭୦୦ ଧାରା ମୋକଦ୍ଦମାର ସରସରି ବିଚାର କରିବାର କ୍ଷମତା ପାଇଲେ ।

---

ସମ୍ବଲପୁର ହିତୈଷିଣୀରେ ପାଠକଙ୍କୁ ଜ ଜାଣିଣା ଅଛି ରେ ବ୍ରାହ୍ମଣୀ ନଦୀ ବୃଦ୍ଧିରେ କେତେକ ଗ୍ରାମ ଜଳମଗ୍ନ ହୋଇ କେତେକ ଘର ଓ କୋଠ ଭଙ୍ଗି ଯାଇଅଛନ୍ତି ଏବଂ ଗାଈକା ଅଞ୍ଚଳରେ କଷ୍ଟ ଜାତୀୟ ଉପ୍ରାନକ ବୃଷ୍ଟି ହୋଇ କେତେକ ଗ୍ରାମର ଶସ୍ୟପୂର୍ଣ୍ଣ କ୍ଷେତ୍ରର ମାଟି ପୁଟା ଘୋଡ଼ି ହୋଇ ଯାଇଅଛି ଏବଂ କେତେକ ସ୍ଥାନରେ ବାଲିଦ୍ୱାରା

ଘୋଡ଼ି ପକାଇଅଛି । ଏଥିଭିତରେ ଲୋକ ୧୭ ଅଙ୍କ ବଢ଼ିବୁ ଦେଖିବାର ସେଠା ଲୋକେ କହୁଅଛନ୍ତି ।

ଅଷ୍ଟମ ନମ୍ବର ଲୋଃସ୍‌ଟ ବାହାଦୁରଙ୍କର ଦେଶୀୟମାନଙ୍କର ଭ୍ରମଣ ପ୍ରସ୍ତାବ ବର୍ତ୍ତମାନ ସ୍ଥଗିତ ରହିଲା । ଭଗଲପୁରବାସିମାନେ ଅଭିନନ୍ଦନ କରନ୍ତେ ଯେଉଁ ଟଙ୍କା ସଂଗ୍ରହ କରିଅଛନ୍ତି କୌଣସି ସାଧାରଣ ହିତ କାର୍ଯ୍ୟରେ ବ୍ୟୟ କରନ୍ତୁ ।

ଶ୍ରୀଯୁକ୍ତ ଭାଷ୍କରସାହେବ ପୁନର୍ବାର ବଙ୍ଗୀୟ ବ୍ୟବସ୍ଥାପକସଭାର ସଭ୍ୟ ମନୋନୀତ ହୋଇଅଛନ୍ତି ।

ବଙ୍ଗର ପାଲିଆମେଣ୍ଟର କମନସ୍‌ସଭାରେ ଗତ ମାସ ଶେଷ ଭାଗରେ ଟାମିଲ ଓ ଶ୍ୟାମ ସୀମା ଭାରତବର୍ଷ ଉପସ୍ଥିତ ହୋଇଥିଲା । ବୈଦେଶିକ ଭାଷା ସେକ୍ରେଟେରି ପ୍ରକାଶ କଲେ ଯେ ପାମିର ସମ୍ବନ୍ଧରେ ରୁଷୀୟ ସହିତରେ ସନ୍ଧି ଭଙ୍ଗ ପ୍ରକାରରେ ଚଳୁଅଛି ମାତ୍ର ଶ୍ୟାମର ସ୍ୱାଧୀନତା ରକ୍ଷା ଇଂରାଜଙ୍କ ସ୍ୱାର୍ଥ ହେତୁ ନିତାନ୍ତ ପ୍ରୟୋଜନୀୟ ଅଟଇ । ସୁତରାଂ ଫ୍ରାନ୍ସକୁ ଅଧିକ କାଳ ଫ୍ରାନ୍ସ ଦ୍ୱାରା ଅଧିକୃତ ହୋଇ ନ ରହିବାର ଯାହା ଫରାସିସ ଗବର୍ଣ୍ଣମେଣ୍ଟ ପ୍ରତିଜ୍ଞା କରି ଅଛନ୍ତି ଇଂରାଜଗବର୍ଣ୍ଣମେଣ୍ଟ ତହିଁ ଉପରେ ନିର୍ଭର କରି ରହୁଅଛନ୍ତି ।

ଲାହୋର ଠାରେ ଏକ ସନ୍ନ୍ୟାସୀ ଉପସ୍ଥିତ ହୋଇ ସତ୍ୟ କହି ଅଛନ୍ତି ଯେ ସେ ମୃତ ଶରୀରକୁ ଜୀବିତ କରି ପାରନ୍ତି ।—ବାଃ ।

ଜାପାନଠାରେ ଗତ ଭୂମିକମ୍ପ ସମୟରେ ଅନେକ ଲୋକ ନଷ୍ଟ ଏବଂ ପୀଡ଼ା ପ୍ରାପ୍ତ ହୋଇ ଥିବାର ସମ୍ବାଦ ମିଳଇ । ଟୋକିଓଠାରେ ନ ୨୪ ଣ ନଷ୍ଟ ଏବଂ ନ ୧୯୬ ଣ ପୀଡ଼ା ପ୍ରାପ୍ତ ହୋଇ ଅଛନ୍ତି ।

ଏବର୍ଷ ଯୁରୋପରେ ଉତ୍ତମ ଅତ୍ୟନ୍ତ ଗ୍ରୀଷ୍ମ ହେତୁ ଅବାଲ୍ଟୀ ଜଳର ସ୍ରୋତ ଅତ୍ୟନ୍ତ ଊଣା ପଡ଼ି ଅଛି ।

ପମ୍ପା ନଦୀରେ ପ୍ରବଳ ବନ୍ୟା ହୋଇ ଅନେକ ସ୍ଥାନର ଗ୍ରାମ ଭାସି ଯାଇ ଥିବାର ସମ୍ବାଦ ମିଳଇ ।

ଏକ ବିଲାତି କାଗଜରେ ଲେଖା ଅଛି ଯେ ଭାରତବର୍ଷରେ ୧୫୦ ଲକ୍ଷ ଛେଳି ଅଛନ୍ତି ଏବଂ ସେମାନଙ୍କଠାରୁ ଏକଲକ୍ଷ ମହଣ ଦୁଗ୍ଧ ଅନାୟାସ ମିଳେ ।

କୋପେନହେଗନର ଏକ ସମ୍ବାଦପତ୍ରରେ ଅଟ୍ଟାଲିକାର ହୁଇସୋଣ୍ଡ ଅନ୍ୱେଷକିତ୍ ଉତ୍ତର ମେରୁର ନିକଟ ଉପସ୍ଥିତ ଥିବାର ସମ୍ବାଦ ମିଳଇ । ଏହାର ମୂଲ୍ୟ ୧୫୦ ପାଉଣ୍ଡ ଲେଖା ଅଛି ।

ଚୀନ ଦେଶରେ ଜଳ ବନ୍ୟା ହେବା ସମୟରେ ଗୋଟିଏ ନୌକାରେ ଠିଆହୋଇ ଦବାଦି ଲୁଗା ଶିଙ୍ଗାର ଦିଆ ଥିଲା । ଏଥିରେ ବନ୍ୟାର ଜଳ ଘଟ ହୁଏ ବୋଲି ଚୀନାମାନେ ବିଶ୍ୱାସ କରନ୍ତି ।

ଜାପାନ ଦେଶର ଅଲନ୍ଦ ଠାରେ ସ୍ତ୍ରୀ ଲୋକମାନେ ମୁକ୍ତରେ ଏପରି ଭାବରେ ଯତ୍ନ ନେଉଥାନ୍ତି ଯେ ତାଙ୍କ ଉପ ବାହିରେ ପୁରୁଷ ପ୍ରାପ୍ତ ହୁଅ ।

ବୈଜ୍ଞାନିକମାନେ ଗଣନା କରି ସ୍ଥିର କରି ଅଛନ୍ତି ଯେ ଯଦ୍ୟପି ବର୍ତ୍ତମାନ ପୃଥିବୀ ମନୁଷ୍ୟର ଅବାସ ଭୂମି ହୋଇଥିବ ତେବେ ସେ ମନୁଷ୍ୟଙ୍କ ଅନ୍ନାଭାବ ହା ୬୦ ଟ ଲକ୍ଷ ହେବ ।

ଉତ୍ତର ପଶ୍ଚିମ ଲୋଃସ୍‌ଟ ବାହାଦୁର ଲକ୍ଷ୍ନୌ ନଗରରେ ଉତ୍ତ ମହଲମାନଙ୍କ ସ୍ଥିତ ଶିକ୍ଷା ନିମନ୍ତେ ଗୋଟିଏ କଲେଜ ସ୍ଥାପନର ଉଦ୍ୟମ କରୁ ଅଛନ୍ତି ଏବଂ ଏସମୟରେ ସ୍ୱଥପାଇଁ ୬୦ ହଜାର ଟଙ୍କା ସଂଗୃହୀତ ହୋଇଅଛି ।

ଉମ୍ୱାର ସହରରେ ଏବଂ ହୁଗ୍ଲିର ପଶ୍ଚିମର ମିଉନିସିପାଲ ଲଣ୍ଡନାକ ଫଲକ ବାଦ ପ୍ରଭୃତି ଅନେକ ସ୍ଥାନରେ ଓଲାଉଠାର ଏପରି ପ୍ରାଦୁର୍ଭାବ ହୋଇ ଅଛି ଯେ ସ୍କୁଲ କଲେଜମାନ ବନ୍ଦ ହୋଇ ରହି ଏବଂ ଏହି ସ୍ଥାନରେ ସ୍ନାନ ଜନଶୂନ୍ୟ ହେବାର ଉପକ୍ରମ ହୋଇ ଅଛି ।

ଲଣ୍ଡନ ନଗରରେ ଇଂରାଜ ରାଜାଙ୍କର ଗୋଟିଏ ପ୍ରାସାଦ ନିର୍ମାଣ ହେବ । ଏଥିପାଇଁ ୭ ଲକ୍ଷ ଟଙ୍କା ଉଦ୍ଦିଷ୍ଟ ହୋଇ ଅଛି । ଏତେ ବ୍ୟୟ ସାଧ୍ୟ ଅଟ୍ଟାଳିକା କରିବେ କେ ତଥାପି ନାହିଁ ?

ଆଗ୍ରା ସେଣ୍ଟଜନସ୍ କଲେଜର ଜଣେ ଶିକ୍ଷକ ମୌଲବୀ ଅବଦୁଲ ମାମୁଦ କୃତ୍ରିମ ମୁଦ୍ରା ପ୍ରସ୍ତୁତ କରିବା ଅପରାଧରେ ପୁଲିସଦ୍ୱାରା ଧୃତ ହୋଇ ଅଛନ୍ତି । ଶିକ୍ଷକର ଏଠାକା କାହିଁକି ?

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଶ୍ରୀ ସ୍ୱଜା ଦଶ୍ଚେ ବାମଣ୍ଡା । ଶ୍ରୀ ବସ୍ତ୍ରଦର୍ଶୀ— ଅନ୍ୟ ସମ୍ବାଦପତ୍ର ସମ୍ବନ୍ଧରେ ଅସଙ୍ଗତରୂପେ ଅମ୍ଭମାନଙ୍କୁ ପ୍ରଶ୍ନ କରିବାରୁ ଯଥାସ୍ଥାନରେ ଉତ୍ତର ଲେଖିବା କାରଣ ତାହାଙ୍କୁ କହିଦେଲ ପ୍ରେରିତପତ୍ର ଅକର୍ମଣ୍ୟ କାଗଜମଧ୍ୟରେ ପକାଇ ଦିଆଗଲା । ପ୍ରକାଶ ନ ହେବା ପ୍ରେରକପତ୍ରର ଭାଷା ଉପଯୁକ୍ତ ନୁହେ ।

ଶ୍ରୀ ଦତ୍ତବନ ଦାସ–ସେଉଁମାନେ ବଦାନ୍ୟତା ପ୍ରକାଶ ପୂର୍ବକ ଅପଣଙ୍କ କନ୍ୟା ଦାୟରୁ ଉଦ୍ଧାର କରିଅଛନ୍ତି ସେମାନଙ୍କର ଇଚ୍ଛା ହେଲେ ଆପଣଙ୍କ ସେତୁପରି ସାହାଯ୍ୟ କରିବେ । ସେପ୍ରକାର ସାହାଯ୍ୟ ପ୍ରାର୍ଥନାପତ୍ର ସମ୍ବାଦପତ୍ରରେ ପ୍ରକାଶ ହେବାର ଯୋଗ୍ୟ ନୁହେ । ଆପଣ ନିଜେ ପତ୍ର ଲେଖି ପାରନ୍ତି ।

ଦଧିଭେଦନା–ଆପଣ ଏକଜଣ ଜାତମଙ୍କ ଉପରରେ ଗୁରୁତର ଅଭିଯୋଗ ଆଣିଅଛନ୍ତି । ତହିଁର ପ୍ରବଳ ପ୍ରମାଣ କି ଅଛି ନ ଜାଣିଲେ ପ୍ରକାଶ କରି ନ ପାରୁଁ ।

ଶ୍ରୀ କୃପାସିନ୍ଧୁ ରକ୍ଷା–ସ୍ମରଣାର୍ଥ କମିଟୀ ଆପଣଙ୍କ ପ୍ରସ୍ତାବ ବିବେଚନା କରିବେ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ ! ନିମ୍ନଲିଖିତ କେତେକ ପଂକ୍ତିକୁ ଭବଦୀୟ ଜଗଦ୍ବିଖ୍ୟାତ ପତ୍ରିକାର ପାର୍ଶ୍ୱେକ

ଦେଶରେ ସନ୍ନିବିଷ୍ଟ କରି ବାଧିତ କରିବା କେବେ ।

ଅମ୍ଭମାନଙ୍କର ଅଞ୍ଚଳାନ୍ତର୍ଗତ ଜାଗର ଅବସ୍ଥ ପଟ୍ଟାମୁଣ୍ଡାଇ ମଧ୍ୟମଶ୍ରେଣୀ ଇଂରାଜୀ ବିଦ୍ୟାଳୟରୁ ଗତ ବୃତ୍ତିପରୀକ୍ଷାରୁ ଜ ୨ ଣ ଛାତ୍ର ପଠାଯାଇ ଥିଲେ ସୁଖର ବିଷୟ ଏହି ଯେ ଦୁଇଜଣ ଯାକର ପ୍ରଥମଶ୍ରେଣୀରେ ( ମାଇନର ) ବିଶିଷ୍ଟ ପ୍ରଶଂସାପତ୍ର ସହିତ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ଉଚ୍ଚସ୍ଥାନାଧିକାରୀ ଶ୍ରୀଧରମହାନ୍ତି ନାମଧେୟ ଛାତ୍ରଟି ଦୁଇଗୋଟି ବୃତ୍ତି ( ଭଣ୍ଡାରୀଲ ଓ ଉପାଳଙ୍ଗର ସ୍ତନ୍ଦଦତ୍ତ ) ପ୍ରାପ୍ତ ହୋଇ ବିଦ୍ୟାଳୟର ମୁଖ୍ୟାତ ସମ୍ପାଦନ କରିଅଛି ।

ପ୍ରକାଶତଃ ଯେ ପୋକ୍ତ ବୃତ୍ତିଟି କେନ୍ଦ୍ରରେ ଓ ପତ୍ରମାନଙ୍କରେ ଓଡ଼ିଶାରେ ପ୍ରଥମ ଥିବା ଛାତ୍ରପ୍ରତି ନିର୍ଦ୍ଦିଷ୍ଟ ।

ଏ ବିଦ୍ୟାଳୟ ପୂର୍ବ୍ବ ୨ ବର୍ଷମାନଙ୍କରେ ଉଦ୍ଦେଶ ଫଳପ୍ରଦ ହୋଇ ନ ଥିଲେ ହେଁ ଉପଯୁକ୍ତ ପ୍ରଶଂସାଭାଜନ ହେବା ଲାଗି ଚେଷ୍ଟା ପଶ୍ଚାତ୍ପଦ ହୋଇ ନ ଥିଲା—ଏହାଠାରୁ ମଫସଲ ସ୍କୁଲ ଶିକ୍ଷାପ୍ରତି ପ୍ରଶଂସିତ ନୁହେ ? ଯାହା ହେଉ ଶିକ୍ଷକମାନଙ୍କ ପରିଶ୍ରମ ପରୀକ୍ଷାସ୍ତର ପରିଣାମ ସନ୍ଦର୍ଶନ କରି ସନ୍ତୋଷପ୍ରୀତ ହେଲୁ—ଆଶା କରୁଁ ଭବିଷ୍ୟତ ପାଇଁ ବିଦ୍ୟାଳୟ ଉନ୍ନତିକାମନାର ବଶବର୍ତ୍ତୀ ହୋଇ ସ୍ଥାନୀୟମାନଙ୍କର ଅନୁରାଗ ଭାଜନ ହେବେ ।

ଅମ୍ଭମାନଙ୍କର ମହାମହିମ ମନ୍ତ୍ରୋପାଧ୍ୟାୟ ସମ୍ପାଦକ ଶ୍ରୀ ବାବୁ ଯୋଗେନ୍ଦ୍ରନାଥ ମୁଖୁର୍ଯ୍ୟାଙ୍କ ଅଶେଷ ଯତ୍ନ ଓ ବୁଦ୍ଧିଯୋଗେ ଏହାର କାର୍ଯ୍ୟାବଳୀ ଅତ୍ୟନ୍ତ ସୁଚାରୁରୂପେ ସମ୍ପନ୍ନ ହୁଅଇ ଏହା ଅବଶ୍ୟ ଉକ୍ତ ମହାଶୟଙ୍କ ଭକ୍ତିର ଯତ୍ନ ଓ ବୁଦ୍ଧିର ଉତ୍ତମ ଫଳ ଓ ଈଶ୍ୱରଙ୍କ ନିକଟ ପ୍ରାର୍ଥନା ଏହି ଯେ ଏ ମହାଶୟଙ୍କୁ ଏଠାରେ ବହୁଦିନସ୍ଥାୟୀ କରାଇ ଅମ୍ଭମାନଙ୍କର ଭାବ ଆଶା ପୂରଣ କରନ୍ତୁ ।—

ବଶମ୍ବଦ ।—

ଶ୍ରୀ ଗୋଲୋକନାଥ ମହାନ୍ତି ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଜାନକୀ ନାଏକ | କଟକ | ଟ ୧୯ |
| „ ମଦନମୋହନ ପଟ୍ଟନାୟକ | କଡ଼ାଙ୍ଗ | ଟ ୬୯ |
| „ ଶ୍ରୀନିବାସ ଗର୍ଗ | ସାରଙ୍ଗଶେଖର | ଟ ୩୯ |
| „ ଦାଶରଥି ସଇଲ | ବାମଣ୍ଡା | ଟ ୩୯ |
| „ ସାନନ୍ଦ ମହାନ୍ତି | କଟକ | ଟ ୨୯ |
| „ ଜଗନ୍ନାଥ ନନ୍ଦ | କୋମପଡ଼ା | ଟ ୧୨ |
| „ ଚନ୍ଦ୍ରକାନ୍ତ ଦାସ | କଟକ | ଟ ୨୯ |


# ବିଜ୍ଞାପନ ।

ସ ଙ୍ଗୀ ତ ସ ର୍ବ ସା ର ।

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ତେରଶହ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମ୍ରି ପ୍ରଭୃତି ସୁମଧୁର-ସ୍ୱରର ଅନେକଗୁଡ଼ିଏ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏଥିପାଇଁ ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତଥା ବୁକ୍‌ଏଜେଣ୍ଟ ବାବୁ ରାମପ୍ରସାଦ ମୁଖୁର୍ଯ୍ୟଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## NOTICE.

*A COMPLETE KEY*

( Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c. )

To

Lethbridge's Easy Selections
( Minor course 1895 )

BY

AKSHOY KUMAR GHOSE
AND
HARA CHAND GHOSH

in the press

Price per copy Re. 1—0—0
Postage one anna extra for muffasal.
To be had of the Secretary Printing Company Cuttack

## ବେଦନାରିଷ୍ଟ କଷ୍ଟ ଯାଏ ନା ।

ସମର ଅବ୍ୟର୍ଥ୍ୟ ବେଦନାନାଶକ ତୈଳ ବ୍ୟବହାର କର ।

ଅନ୍ୟୂନ ୫୦୦୦୦ ହଜାର ଲୋକଙ୍କର ପରୀକ୍ଷିତ ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ କିମ୍ବା ଅନ୍ୟାନ୍ୟ କାରଣରେ ଉତ୍ପନ୍ନ ଅଥବା ପଡ଼ିଯାଇଁ କିମ୍ବା ଆଘାତ ଲାଗି ବେଦନାରେ ଅସହ୍ୟ କଷ୍ଟ ପାଉଅଛନ୍ତି ଏହି ମହୋପକାରୀ ତୈଳ ବ୍ୟବହାର କରନ୍ତୁ ହାତ ଝିନ୍ ଝିନ୍, କନ୍ କନ୍ ପ୍ରଭୃତି ଅର୍ଥାତ୍ ବଡ଼ା ଛୁଟିକା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା ତତ୍କ୍ଷଣ ପ୍ରାୟ ତତ୍କାଳ ଉପଶମ ହୁଅଇ । ସମସ୍ତ ସଂସାର ଲୋକଙ୍କର ଏକ ୨ ଶିଶି ଘରେ ରଖିବାର କର୍ତ୍ତବ୍ୟ । ଏହି ତୈଳରେ ଡାକ୍ତର ଔଷଧ ବହୁ ମାତ୍ର ନାହିଁ । ଏକଜଣ ସନ୍ନ୍ୟାସିଙ୍କ ନିକଟରୁ ମିଳିଅଛି କେବଳ ବନଜାତ ପଦାର୍ଥରେ ପ୍ରସ୍ତୁତ । ଏଥିରେ ଦେହ ଚର୍ମ୍ମର କୌଣସି ପ୍ରକାର ଅନିଷ୍ଟ ହୁଅଇ ନାହିଁ । ବଡ଼ ବଡ଼ ଡାକ୍ତରମାନେ ଏହି ତୈଳର ବିଶେଷ ପ୍ରଶଂସା କରିଅଛନ୍ତି । ମୂଲ୍ୟ ଏକଶିଶିର ଏକ ଟ ୧ ଙ୍କା ପାଇଁଟି ୦୵ ଦୁଇଅଣା, ଡାକମାସୁଲ ଟ ୦। ଚାରିଅଣା ମାତ୍ର ।

ଜେ, ପି, ଗୁପ୍ତ ।
ନଂ ୩୬ ମର ନେବୁତଲା ଲେନ,
ବହୁବଜାର । କଲିକତା ।—

## WANTED

A qualified Engineer to act for the District Engineer of the Cuttack District Board, who is going on furlough for 12 months.

The officiating man will get Rs. 250 pay and the allowances of an Assistant Engineer.

The permanent incumbent gets Rs. 150 a month from the Estates under the Court of Wards; it is very likely the acting officer will get that work also.

Applications must reach this office before the 10th September.

Cuttack Distt. Bod's office } M. S. Das
The 8th August, 1894. } *Vice Chairman.*

## ଗୋ-ଚିକିତ୍ସା ।

ଗୋ-ଚିକିତ୍ସାର ମୂଲ୍ୟ ଏକଅଣା । ଷ ୧୦ ଖଣ୍ଡ-ଯାଏ ପୁସ୍ତକ ଡାକରେ ଦିବାକୁ ମାସୁଲ ଏକଅଣା । ଅଳ୍ପ ପୁସ୍ତକ ବାକି ଅଛି ।

କଟେଲା } ବାମଣ୍ଡା
ଶ୍ରୀଦାଶରଥି ରାଉତ } ହେମଲସୁର ଘୋଷ

## ରାଗରସଦୀପକ ।

ଅର୍ଥାତ୍

ନବୀନ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ଓଡ଼ିଆ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଅମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ସାନ ଅଧିକାରୀ
ନୟାସଡ଼କ କଟକ


Split by PDF Splitter
Digitized by srujanika@gmail.com

Split by PDF Splitter



# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ।୶ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ନୂଆ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

# New School Books.

**JUST TO HAND.**

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India

Buckley's History of England.

P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

---

## ଶୀଘ୍ର ନିଅ ! ନିଅ ! ନିଅ !!

ଆମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ପୂର୍ବାପେକ୍ଷା ଊଣା ମୂଲ୍ୟରେ କେତେଦିନ ସକାଶେ ବିକ୍ରୟ କରା ହେଉଅଛି । ଆଶା କରୁଁ ଗ୍ରାହକମାନେ ଏ ସୁବିଧା ଛାଡିବେ ନାହିଁ ।

ବର୍ଷାକାଳ ବର୍ଣ୍ଣନା ( ଶ୍ରୀମତୀ ସୁଲକ୍ଷଣା ଦେଈ-ବିରଚିତ ) ଟ୦ ୧୯

ସଲେଖା ( ଦ୍ୱିତୀୟ,ଭଞ୍ଜ ବିରଚିତ ) ଟ୦।୶

ସଙ୍ଗୀତ ସାଗର ପ୍ରଥମ ତରଙ୍ଗ ଟ ୦ ୶
ଏକତ୍ର ଦ୍ୱିତୀୟ ଏକତ୍ର ଟ ୦ ୶
ଏକତ୍ର ତୃତୀୟ ଏକତ୍ର ଟ ୦ ୶
ଏକତ୍ର ଚତୁର୍ଥ ଏକତ୍ର ଟ ୦ ୶
ଜୀବନଚମ୍ପୂ ଟ ୦ ।
କପିଳାସ କ୍ଷେତ୍ର ଟ ୦ ।

କଟକ ୨୭।୭।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

---

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଲଗ୍ନରେ ଆମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଢାକାଇ, ରେସମୀ ଓଗେର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ଭଦ୍ର ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୁନଫା କଷି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ବାହାରଠାରୁ ଅଧିକ ବା ଊଣା କରାଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିସ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଦୁଇଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ତଫସିଲ ।

ଜିନସର ନାମ — ମୂଲ୍ୟ
ଅଷ୍ଟମେଷ୍ଟ ପେନସୀଲ ଗୋ ୧ ଟ ୦ ।୵
ଲାଲ ଓ ନୀଳ ପେନସୀଲ ଗୋ ୧ ଟ ୦ ୶୯
ଓଡ଼ିଲ ପେନସୀଲ ଦ ୧ ଟ ୦ ।୶
ନକସା କାଗଜ ଦ ୧ ଟ ୦ ୷୶
ଫୁଲସକେପ୍ କାଗଜ ସରୁଆ ଦ ୧ ଟ ୦ ୶୩
ଏକତ୍ର ରୁଲବାଲା ଦ ୧ ଟ ୦ ୶୬
ଏକତ୍ର ମୋଟା ଦ ୧ ଟ ୦ ୶୩
ଫାନସୀନୋଟପେପର ଓ ଲଫାଫା ଦ ୧ ଟ ୬ ।
ଡାକକାଗଜ ସରୁଆ ଦ ୧ ଟ ୦ ୶
ଏକତ୍ର ମଧ୍ୟମ ଦ ୧ ଟ ୦ ।
ଲଫାଫା ସରୁଆ ସ୧୦୦ଟ୦୷୶ ଗୋ ୨୫ ଟ୦୶୩
ଏକତ୍ର ମଧ୍ୟମ ସ୧୦୦ ଟ ୦ ।୶ ଗୋ ୨୫ ଟ୦ ୯
ବାଲିକାଗଜ ୧୬ ପଣେ ଦ ୧ ଟ ୦ ୶୩
ସୀହାଇ ବୋ ୧ ଟ ୦ ୷୵
ଏକତ୍ର ଗୁଣ୍ଡି ଏହାକୁ ଅଧ-ବୋତଲ ଜଳରେ ପକାଇ ଦୁଇଦିନ ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ ବ ୧ ଣ୍ଡିଲ ଟ ୦ ୶୬
ସୀଲଷ୍ଟ ପେନସୀଲ ବ ୧ ଟ ୦ ।୶
ରବର ଖ ୧ ଟ ୦ ।୶୩
ହଂସପକ୍ଷୀ କଲମ ଗୋ ୨୫ ଟ ୦ ।୵
ଲୁହା କଲମ (ନିବ) ସରୁଆ,ଡ୍ର ୧ ଟ ୦ ୶
ଏକତ୍ର ମୋଟା ଡ୍ର ୧ ଟ ୦ ୧୯
ଏକନ୍ ବଡ଼ିମାଗନଟେବାନମ ଗୋ୧ ଟ ୦ ୧୬
ହାତଦୁଆତ ଢାଙ୍କୁଣି ସହିତ (ନକସାକାଟ) ଗୋ ୧ ଟ ୦ ।
ଏକତ୍ର ସାଧାରଣ ଗୋ ୧ ଟ ୦୶୬
କଲାଫିତା ସରୁଆ ଗ ୧ ଟ ୦।୶
ହୋଲ୍ଡର ଜେଗ ଗୁଣସହିତ ଗୋ ୧ ଟ ୦୷।୶
ମନିବେଗ ଗୋ ୧ ଟ ୦ ୶
ମୁଗୁନିପଥରର ପେପରୱେଟ ଓ ଦୁପେଇନକସାବାଲା ଗୋ ୧ ଟ ୬ ।
ଲେବେଣ୍ଡର ଗୋ ୧ ଟ ୧୯
ମେକସର ଅଏଲ ଗୋ ୧ ଟ ୦ ୪
ସାବୁନ ସରୁଆ ଖ ୧ ଟ ୦ ।୯
ଫୁଲଦାନୀ ଗୋ ୧ ଟ ୧୶
ଦେବାଲଗିରି ୨ଡାଳିଆ ଗୋ ୨ ଟ ୪।
ଏକତ୍ର ଏକଡାଳିଆ ଗୋ ୧ ଟ ୨
ସେଜ ଗୋ ୧ ଟ ୨ ୩
ଅଗ୍ରଷ୍ଟେଟ ଗୋ ୧ ଟ ୶୬
ତାସ ଯୋ ୧ ଟ ୦ ।୩
ସାନପଗଡ଼ୀ ଗୋ ୧ ଟ ୫ ୧
ବନାରସୀ ସକ୍ଷ୍ମ ଜରି ଖ ୧
ପିତଳର ଏହାକୁ କୌଣସି ପାତ୍ରରେ ରଖି ନିଆଁରେ ତରଳାଇ ମୋଟା ଖଦର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ ୧ ଟ ୦ ।

କଟକ ଚୌଧୁରୀ ବଜାର } ଅରତବଲ୍ଲଭ କର କମ୍ପାନୀ

Digitized by srujanika@gmail.com

Split by PDF Splitter



# ଜାଦୁରି ଅବ୍ୟର୍ଥ ମହୌଷଧ

## (ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ ୦।୵ ମାସୁଲ ଟ ୦। ଅଣା

———o———

ଏହି ଔଷଧ ବ୍ୟବହାରରେ ସବୁ ପ୍ରକାରର ଜାଦୁରୋଗ ଏକାବେଳକେ ଆରୋଗ୍ୟ ହୋଇ ଯାଏ । ଥରେ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହୁଏ ନାହିଁ ଏହାକୁ ବ୍ୟବହାର କଲେ କଛି ମାତ୍ର ଜ୍ୱାଳା ଯନ୍ତ୍ରଣା ହୁଏ ନାହିଁ ଏବଂ ଏହା ନିର୍ଦ୍ଦୋଷ ଅଟେ । ଏଥିରେ ନାନାପ୍ରକାର ଚର୍ମ୍ମ-ରୋଗ ମଧ୍ୟ ଭଲ ହୁଏ । ଏହି ଔଷଧରେ ପୂର୍ବଠାରୁ ଅଧିକ କେତେକ ଗୋଟି ଅଣ୍ଣ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅଧିକ ଆଶ୍ଚର୍ଯ୍ୟ ପ୍ରଦ ହୋଇ ଅଛି । ଯେଉଁମାନେ ଏହି କୁତ୍ସିତ ରୋଗରେ କଷ୍ଟ ପାଉ ଅଛନ୍ତି ଉକ୍ତଔଷଧ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ; ଏହାକୁ ବ୍ୟବହାର କରି ବହୁଲୋକ ରୋଗମୁକ୍ତ ହୋଇ ଅଛନ୍ତି ଏବଂ ଅନେକ ପ୍ରଶଂସା ପତ୍ର ସବୁ ଦେଇ ଅଛନ୍ତି । ଔଷଧ ବ୍ୟବହାର ବିଧି ଔଷଧ ସହିତରେ ପଠା ଯାଇ ଥାଏ ।

ଶ୍ରୀ ରାମତାରକ ସେନ ।
ଦେଖ ଉତ୍କଳ ପ୍ରେସ; ବାଲେଶ୍ୱର ।

---

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

# "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରେଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଦୂରୀଭୂତ ହୋଇଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନ କର, ପରୀକ୍ଷା କର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର୨ ରୋଗୀ ଓ ଯେଉଁମାନଙ୍କୁ ବଡ଼୨ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଉରୋପ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରାସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରେଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନି, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହାନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁରାରୋଗ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ୨ ଙ୍କା ପ୍ୟାକିଂ ଟ ୦।୵ଅଣା ଡାକମାସୁଲ ଟ ୦। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ସେ, ପି, ରାୟ
ନ ୪୫ ନମ୍ବର ନେବୁତଲା ଲେନ
କଲିକତା ।

---

# ଭାରତରେ ନୂତନ

## ଅନୁଷ୍ଠାନ ।

ଆୟୁର୍ବେଦିକ ମେଡ଼ିସିନ ମ୍ୟାନୁଫ୍ୟାକ୍ଚରିଂ କୋମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ଼
କାଲନା, ବେଙ୍ଗାଲ ।

ରେଜିଷ୍ଟ୍ରୀକୃତ ମୂଳଧନ ଟ ୬୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ବିଶୁଦ୍ଧପ୍ରକାରେ ପ୍ରସ୍ତୁତ ହୋଇ ସର୍ବଦା ସହର ଓ ମୋଫସଲର ସର୍ବତ୍ରରେ ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛାକରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ନିକଟରୁ ଔଷଧ କ୍ରୟ କରିବେ ।

ଏଠାରେ ଜ୍ୱରପ୍ଲୀହା, କାଶ, ଜ୍ୱର, ଉନ୍ମାଦ, ସ୍ତ୍ରୀରୋଗ, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅସାଧ୍ୟ ରୋଗର ଚିକିତ୍ସା ଓ ଏହି ରୋଗମାନଙ୍କର ଶେଷ ଉପକାରୀ ଔଷଧ ମଧ୍ୟ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଭନ-କୁନ୍ତଳ-ତୈଳ;—ଶିରଶୀତଳ ଓ ସୌକର୍ଯ୍ୟ ଅତୁଲ୍ୟ ସାମଗ୍ରୀ । ଇହାଦ୍ୱାରା ଚକ୍ଷୁ ତେଜ ମସ୍ତିଷ୍କକୁ ଉତ୍ତେଜନା ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧୯ ଖରଚ ଟ ୦।୵

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ ୦।୯ ଡାକଖର୍ଚ୍ଚ ଟ ୦।୵

କୁନ୍ତଳ-କୌମୁଦୀ-ତୈଳ; —ନୂତନ ଶିରୋପୀଡ଼ାର ଔଷଧ । ଏହା ବ୍ୟବହାର କଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧୯ ଖର୍ଚ୍ଚ ଟ ୦।୵

ଏହି କମ୍ପାନୀ ୧୮୮୬ ସାଲର ୬ ଆଇନ ଅନୁସାରେ ରେଜଷ୍ଟ୍ରୀ ହୋଇଅଛି । ଏହା ୬୦୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦।୯ ଙ୍କା । ୧।୨ କିସ୍ତିରେ ଟ ୬।୯ ଙ୍କା ହିସାବରେ ଆଦାୟ ହୋଇଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲାଭ ଦେଖାଇବାକୁ ସାହସ କରନ୍ତି । ଏବେହେଁ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହକମାନେ ସତ୍ୱର ନାମଧାମ ସହ ଅର୍ଡର କରିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପ
ସେକ୍ରେଟରୀ ଏବଂ ଟ୍ରେ

---

ଉତ୍କଳଦୀପିକାର୍ ବିଜ୍ଞାପନ ଛପାଇବା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, [illegible]

ପ୍ରଥମଥର ପ୍ରକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୬୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୯ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

*ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା [illegible] ଉତ୍କଳସାହିତ୍ୟଙ୍କ ଉତ୍କଳ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ [illegible]

Digitized by srujanika@gmail.com

Split by PDF Splitter

DISTRICT NO.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୨୯ ଶ
ସଂ ୩୪ ସଂଖ୍ୟା

ତା ୨୫ ତଖ ମାହେ ଅଗଷ୍ଟ ସନ ୧୮୯୪ ମସିହା । ମୁ । ତ ୧୧ ଉ ଭାଦ୍ରବ ସନ ୧୩୦୧ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨
ପଶ୍ଚାଦେୟ ଟ ୬

କାଶ୍ମୀରର ଡାକ ବିଭାଗକୁ ଇଂରାଜସାମ୍ରାଜ୍ୟର ଡାକବିଭାଗ ସହିତ ଗବର୍ଣ୍ଣମେଣ୍ଟ ମିଶାଇ ଦେଇଅଛନ୍ତି । ଗିଲଗିଟ ପ୍ରଭୃତି ସୀମାନ୍ତ ପ୍ରଦେଶର ସ୍ଥାନମାନଙ୍କୁ ଡାକ ଯାତାୟାତର ଆଉ କୌଣସି ପ୍ରତିବନ୍ଧକ ରହିବ ନାହିଁ ।

---

ଚୀନ ଓ ଜାପାନର ଯୁଦ୍ଧରେ ଭାରତବର୍ଷର ବେଶ ଲାଭ ହେବାର ସୁଯୋଗ ଘଟିଅଛି । ଅଫିମ ଦର ବାକସ ପ୍ରତି ଟ ୧୦୭୫୮ ଙ୍କା ଇଷ୍ଟିମିଟ ହୋଇଥିଲା କିନ୍ତୁ ବର୍ତ୍ତମାନ ଟ୧୪୦୩୮ଙ୍କା ଦରରେ ବିକ୍ରୟ ହୋଇଅଛି । ସରକାରଙ୍କ ଅର୍ଥକଷ୍ଟ ସମୟରେ ଅଫିମ ଆୟ ବୃଦ୍ଧି ସାମାନ୍ୟ ସୁଖର ବିଷୟ ନୁହେ ।

---

ଚୀନର ଲୋକମାନେ ଆପଣାର ରାଜଧାନୀ ପେକିନନଗରଠାରୁ କାସଗାର ପର୍ଯ୍ୟନ୍ତ ପ୍ରାୟ ଅଢ଼େଇହଜାର ମାଇଲ ବାଟରେ ତାରଡାକ ବସାଇଅଛନ୍ତି । କାସଗାରଠାରୁ ଆଉ ଦୁଇଶତ ମାଇଲ ବାଟରେ ତାରଡାକ ବସିଲେ ରୁଷିୟା-ଅଧିକୃତ ତୁର୍କସ୍ଥାନ ସଙ୍ଗେ ଯୋଗ ହେବ ଓ ତାହା ହେଲେ ଚୀନ ଓ ଇଉରୋପ-ମଧ୍ୟରେ ଅବାଧେ ତାରସମ୍ବାଦ ଯାତାୟାତ କରି ପାରିବ ।

---

ଚୀନ ଜାପାନ ଯୁଦ୍ଧ ହେତୁ ଭାରତବର୍ଷର ଲୁଗାକଳମାନଙ୍କର ମଧ୍ୟ ଲାଭ ହେବାର ଅନୁମାନ ହୁଏ । ଚୀନର ସୂତା ଅଧିକାଂଶ ଜାପାନ କ୍ରୟ କରି ତହିଁରେ ଲୁଗା ବୁଣି ଚୀନକୁ ବିକ୍ରୟ କରୁଥିଲା । ଯୁଦ୍ଧ ଲାଗିଥିବା ପର୍ଯ୍ୟନ୍ତ ଜାପାନ ସେ ବ୍ୟବସାୟରୁ ବଞ୍ଚିତ ହେବ । ସୁତରାଂ ଭାରତବର୍ଷ ଚୀନରୁ ସୂତା ଆଣି ଲୁଗା ପ୍ରସ୍ତୁତ କରି ଚୀନକୁ ଯୋଗାଇବ । ଏହାକୁ କହନ୍ତି କାହାର ସର୍ବନାଶ କାହାର ପୌଷମାସ ।

---

ଆସନ୍ତା ବୁଧବାର ଏ ନଗରରେ ଯେଉଁ ଦରବାର ହେବ ତହିଁର ସ୍ଥାନ ବାରବାଟୀ ଦୁର୍ଗ ମଧ୍ୟରେ ନିରୂପିତ ହୋଇଅଛି । ଅପରାହ୍ନ ଠିକ ଦୁଇ ବାଜିବା ସମୟରେ ଦରବାର ଆରମ୍ଭ ହେବ ମାତ୍ର ତହିଁ ଏକଘଣ୍ଟା ପୂର୍ବରୁ ଅର୍ଥାତ ଏକ ବାଜିବା ସମୟରେ ସମସ୍ତଙ୍କର ଉପସ୍ଥିତ ହେବାର ଆବଶ୍ୟକ । ମୁସଲମାନମାନଙ୍କର ଆଖେରିଚାହାରସମ୍ବା ପର୍ବ ଉପଲକ୍ଷେ ସେଦିନ ଛୁଟିଦିବସ ହେବାରୁ ଦରବାର ଦେଖିବାର ଅଧିକ ସୁବିଧା ହୋଇଅଛି ।

---

କଲିକତାର ତାରସମ୍ବାଦରୁ ପ୍ରକାଶ ଯେ, ଭାରତବର୍ଷର ଆୟ ବ୍ୟୟର ବଜେଟ ସମ୍ବନ୍ଧରେ ପାରଲିମେଣ୍ଟ ସଭାରେ ଦୁଇଦିନ ତର୍କବିତର୍କ ହୋଇଥିଲା । ପରଶେଷରେ ବଜେଟ ଗୃହୀତ ହେଲା ଏବଂ ଆମ୍ଭେମାନେ ଯେଉଁ ଆଶା କରିଥିଲୁଁ ଯେ ଭାରତର ଅବସ୍ଥା ଏଥର ବିଲରୂପେ ତଦନ୍ତ ହେବ ତାହା ବିଫଳ ହେଲା । କେବଳ ଷ୍ଟେଟ ସେକ୍ରେଟରୀଙ୍କ କଥାରୁ ଏତିକି ପ୍ରକାଶ ପାଇଲା ଯେ ଦେଶୀୟ କଳଲୁଗା ଉପରେ ମାସୁଲ ବସିଲେ ବିଲାତି ଲୁଗା ଉପରେ ମାସୁଲ ଧାର୍ଯ୍ୟ ହେବାପ୍ରତି ଆପତ୍ତି ହେବ ନାହିଁ ଏବଂ ଭାରତର ଆର୍ଥିକ ଅବସ୍ଥା ଅନୁସନ୍ଧାନ ନିମନ୍ତେ ଆଗାମୀବର୍ଷ ଗୋଟିଏ କମିଟୀ ବସିବ ।

---

ଏକବ୍ୟକ୍ତି କାର୍ଯ୍ୟୋପଲକ୍ଷରେ ମୁଙ୍ଗେରର ମିଉନିସିପାଲଟୀ ଅଫିସକୁ ଯାଇଥିଲା ବୋଲି ତାହା ନାମରେ ଅନଧିକାର ପ୍ରବେଶର ନାଲିଶ ହେବାରୁ ଜଣେ ଅନରେରିମାଜିଷ୍ଟ୍ରେଟ ମୋକଦମାର ବିଚାର କରି ତାହାକୁ ଦୁଇସପ୍ତାହ କାରାବାସ ଦଣ୍ଡ ଦେଲେ । ଆସାମି ହାଇକୋର୍ଟରେ ମୋସନ କରନ୍ତେ ମାନ୍ୟବର ବିଚାରପତିମାନେ ସ୍ଥିର କଲେ କି ମିଉନିସିପାଲ ଅଫିସ ସାଧାରଣ ଗୃହ, ସେଠାକୁ କାର୍ଯ୍ୟୋପଲକ୍ଷରେ ଗଲେ କୌଣସିମତେ ଅନଧିକାର ପ୍ରବେଶ ହୁଏ ନାହିଁ । ଧନ୍ୟ ଏ ମିଉନିସିପାଲଟୀର ଚେଅରମାନ ଏବଂ ଧନ୍ୟ ଏପରି ଅନରେରି ମାଜିଷ୍ଟ୍ରେଟ ।

---

ବିହାରପ୍ରଦେଶର ଜରିପ ସମ୍ବନ୍ଧରେ ମହାମାନ୍ୟ ବିଲାତସ୍ଥ ଷ୍ଟେଟସେକ୍ରେଟରୀଙ୍କର ଏକ ଆଦେଶପତ୍ର ଏହି ମର୍ମରେ ଆସିବାର ଶୁଣା ଯାଉ ଅଛି କି ସର୍ବଲିପି କାଗଜ ବଙ୍ଗୀୟ ଗବ-

Digitized by srujanika@gmail.com

Split by PDF Splitter



ଣ୍ଟମେଣ୍ଟଙ୍କ ପ୍ରସ୍ତାବାନୁସାରେ ରଖିବାକୁ ହେବ ମାତ୍ର ଏଥିସକାଶେ କୌଣସି କର ଲଗା ଯିବ ନାହିଁ । ଜରିପ ଖରଚ୍ଚ ସମ୍ବନ୍ଧରେ ସେ ଅଦେଶ ଦେଇ ଅଛନ୍ତି ତ ସରକାର ତହିଁର ଏକ ଚତୁର୍ଥାଂଶ ସହିବେ ଅବଶିଷ୍ଟ ତିନ ଅଂଶ ଜମିଦାର ଓ ପ୍ରଜାଙ୍କ ଠାରୁ ଆଦାୟ ହେବ । ଏଥିପୂର୍ବେ ସରକାର କେବଳ ଏକ ଅଷ୍ଟମାଂଶ ସହିବାକୁ ସମ୍ମତ ହୋଇ ଥିଲେ । ବର୍ତ୍ତମାନ ତାହା ଦ୍ୱିଗୁଣିତ ହେଲା । ଏତେ ଅନ୍ଦୋଳନ ଉତ୍ତାରୁ ବିହାରବାସିମାନେ ଏତଦରେ ସନ୍ତୁଷ୍ଟ ହେବେ କି ? ବାସ୍ତବରେ ସରକାର ଆପଣା ଇଚ୍ଛାରେ ଏବଂ ଲୋକଙ୍କ ଇଚ୍ଛା ବିରୁଦ୍ଧରେ ଜରିପ କରୁ ଥିବାସ୍ଥଳେ ନ୍ୟାୟତଃ ସମସ୍ତ ଖରଚ୍ଚ ତାଙ୍କରୁ କରିବା ଉଚିତ ଥିବାସ୍ଥଳେ ଅନ୍ତତଃ ଅର୍ଦ୍ଧେ ସହିବାକୁ ପ୍ରସ୍ତୁତ ହେଲେ ଗୋଟାଏ କଥା ହୁଅନ୍ତା ।

---

କୋରଆବାସିମାନଙ୍କ ଅଦ୍ଭୁତ ବ୍ୟବହାର-ସମ୍ବନ୍ଧରେ ଏକ ସମ୍ବାଦପତ୍ରରେ ଲେଖାଅଛି କି ସ୍ତ୍ରୀଲୋକମାନେ କଳକାମ କରନ୍ତି ମାତ୍ର ଦିନରେ ସେମାନେ ଘରୁ ବାହାରନ୍ତି ନାହିଁ । ପୁରୁଷମାନଙ୍କର ପ୍ରଧାନ ବ୍ୟବସାୟ ଶିକାର ଓ ମାଛମାରିବା ଏବଂ ଉଭୟ ଶିକାର ଓ ମାଛ ଅପର୍ଯ୍ୟାପ୍ତ ଥିବାରୁ ଅଳ୍ପ ପରିଶ୍ରମରେ ଯଥେଷ୍ଟ ଉପାର୍ଜନ ହୁଅଇ । ଦିବା ପାଞ୍ଚଘଣ୍ଟା ସମୟରେ ପୁରୁଷମାନେ ଶିକାର ଓ ମାଛଧରାରୁ ଫେରିଆସନ୍ତି ଏବଂ ତେତେବେଳେ ସ୍ତ୍ରୀଲୋକମାନେ ଘରୁ ବାହାରି କଳକାମକୁ ଯାନ୍ତି । ବେଳେ୨ ଉଛୁର ହେଲେ ପୁରୁଷ ଫେରିବା ସମୟରେ ସ୍ତ୍ରୀଲୋକଙ୍କୁ ବାଟରେ ଭେଟିଲେ ଏବଂ ଏପରି ଘଟନା ହେଲେ ସ୍ତ୍ରୀଲୋକମାନେ ବାହାରଯିବା ପର୍ଯ୍ୟନ୍ତ ପୁରୁଷକୁ ମୁହଁ ଘୋଡ଼ାଇ ରହିବାକୁ ହୁଅଇ । ସେ ଗ୍ରାମର ସରଦାରଠାରୁ ମିଳିଥାଇ ଓ ସେଠାରେ ନିଷିଦ୍ଧ ସମୟରେ ବାହାରେ ଥିବାହେତୁ କଇଫିଅତ ଦେବାକୁ ପଡ଼ଇ । ଯଦି ଭଲ କଇଫିଅତ ଆଏ ତେବେ ତାହାର ଶିକାରରୁ କିଛି ଜରିମାନା ନିଆଯାଇ ତାକୁ ଛାଡ଼ି ଦିଆଯାଏ । କଠିନ ଅଇନ ଅଧୀନରେ ସେଠାର ଲୋକ ଉତ୍ତମରୂପେ ସୁରକ୍ଷିତ ହୁଅଇ ଏବଂ ଲୋକଙ୍କର ଅପରାଧ ପ୍ରାୟ ଦୁର୍ଲଭ ଅଟଇ । ବର୍ଚ୍ଛାଖେଳରେ ସେମାନେ ବଡ଼ ନିପୁଣ ଅଟନ୍ତି ।

---

କେତେକ ଚଉଟଙ୍କିଆ ସୁଧର ପ୍ରମିସରି ନୋଟର ଅଧିକାରୀମାନଙ୍କୁ ସାଢ଼େ ତିନଟଙ୍କିଆ ସୁଧର ପ୍ରମିସରି ନୋଟ ବଦଳାଇ ନେବାର ବିଜ୍ଞାପନ ଗତ ଜୁନମାସ ତା ୩୦ ରଖରେ ଦିଆଯାଇଥିଲା । ସେହି ବିଜ୍ଞାପନ ଅତ୍ୟନ୍ତ ସଫଳ ହେବା ଅର୍ଥାତ ଅଧିକାଂଶ ନୋଟର ଅଧିକାରୀମାନେ ଊଣା ସୁଧରେ ବଦଳାଇ ନେବାକୁ ପ୍ରାର୍ଥନା କରିବାରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଚଳିତ ମାସର ତା ୧୩ ରଖରେ ଏକ ବିଜ୍ଞାପନ ପ୍ରଚାର କରି ସନ ୧୮୬୫ ସାଲ ମଇମାସ ତା ୧ ରଖର ପ୍ରମିସରି ନୋଟର ଅଧିକାରୀମାନଙ୍କୁ ଆପଣା୨ ନୋଟର ଟଙ୍କା ଫେରିନେବା କିମ୍ବା ସାଢ଼େ ତିନଟଙ୍କା ସୁଧର ନୋଟ ବଦଳାଇ ନେବାକୁ ଆହ୍ୱାନ କରିଅଛନ୍ତି । ଆପାତତଃ ଯେ ସମସ୍ତ ନୋଟର ସୁଧ କଲିକତା ଛଡ଼ା ଅନ୍ୟ କୌଣସି ଖଜଣାଖାନାରେ ଦିଆଯାଏ ନାହିଁ ସେହି ସମସ୍ତ ନୋଟ ସମ୍ବନ୍ଧରେ ଏ ବିଜ୍ଞାପନ ଜାରି ହୋଇଅଛି । ନୋଟ ବଦଳାଇ ନେବାର ନିୟମ ପୂର୍ବ ପ୍ରାୟ ଅଟେ । ଏଥିରୁ ବୋଧ ହେଉଅଛି ଯେ ଚଉଟଙ୍କିଆ ସୁଧର ନୋଟ ଆଉ ରହିବ ନାହିଁ । କ୍ରମେ ସମସ୍ତ ସାଢ଼େ ତିନଟଙ୍କିଆ ସୁଧରେ ପରିଣତ ହେବ । ବାସ୍ତବରେ ସରକାର ଯେ ସ୍ଥଳେ ଊଣା ସୁଧରେ ଟଙ୍କା ପାଉଅଛନ୍ତି ସେ ସ୍ଥଳେ କାହିଁକି ଅଧିକା ସୁଧ ଦେବେ ? ଏହି ବାଟରେ ସରକାରଙ୍କର ଅନେକ ବ୍ୟୟ ଊଣା ପଡ଼ିବ ଏବଂ ବର୍ତ୍ତମାନର ଅର୍ଥକଷ୍ଟ ସମୟରେ ତାହା ସାମାନ୍ୟ କଥା ନୁହେ ।

---

ଗତପ୍ରକାଶିତ ଉତ୍କଳପ୍ରଭାରେ ତହିଁର ସମ୍ପାଦକ ନିମ୍ନଲିଖିତ ବିଜ୍ଞାପନ ଦେଇ ଅଛନ୍ତି । ଯଥା, "ଶିକ୍ଷିତ ମଣ୍ଡଳୀଠାରେ ନିବେଦନ ଯେ ସେମାନେ ଉତ୍କଳପ୍ରଭା ନିମନ୍ତେ ଉପଯୁକ୍ତ ପ୍ରବନ୍ଧମାନ ପଠାଇବେ ଅନ୍ୟଥା ତାହାର ପ୍ରକାଶ ବାଧ ହୋଇ ସ୍ଥଗିତ କରିବାକୁ ହେବ । ଇତି" ଅମ୍ଭେମାନେ ଏ ବିଜ୍ଞାପନ ପଢ଼ି ଦୁଃଖିତ ହେଲୁଁ । ଉତ୍କଳ ଗଡ଼ଜାତମଧ୍ୟରେ ସର୍ବାପେକ୍ଷା ବୃହତ ରାଜ୍ୟର ଅଧୀଶ୍ୱର ଯେଉଁ ପ୍ରଭାର ଜନ୍ମଦାତା ଏବଂ ଯେ ତହିଁର ପୁଷ୍ଟିସାଧନ ନିମନ୍ତେ ଅର୍ଥବ୍ୟୟ କରିବାକୁ ସର୍ବଦା ପ୍ରସ୍ତୁତ ଶିକ୍ଷିତମଣ୍ଡଳୀ ଉପଯୁକ୍ତ ପ୍ରବନ୍ଧ ନ ପଠାଇବା ହେତୁ ତହିଁର ପ୍ରକାଶ ସ୍ଥଗିତ ହେବାର ଅପବାଦ ଅବଶ୍ୟ ଦୁଃଖ ଓ ଅଶ୍ଚର୍ଯ୍ୟର ବିଷୟ ଅଟେ । ବିଜ୍ଞାପନରୁ ସ୍ପଷ୍ଟ ଜଣା ଯାଉଅଛି ଯେ ପ୍ରଭା ପ୍ରତି ଶିକ୍ଷିତ ଲୋକଙ୍କର ଅନୁରାଗ ଊଣା ପଡ଼ିଅଛି କାରଣ ଶିକ୍ଷିତ ସମ୍ପ୍ରଦାୟ କ୍ରମେ ବୃଦ୍ଧି ହେଉଥିବା ପ୍ରଭାସମ୍ପାଦକ ଉପଯୁକ୍ତ ପ୍ରବନ୍ଧ ଅଧିକ ନ ପାଇବାର ଅନ୍ୟ ତ କାରଣ ଅଛି ସମ୍ପାଦକଙ୍କର ଅନୁସନ୍ଧାନ କରି ପ୍ରକାଶ କରିବା ଉଚିତ । କେତେକ ଲୋକ ଉପଯୁକ୍ତ ପୁରସ୍କାର ନ ପାଇବାର ଗୁହାରି ସମୟ୨ରେ ଶୁଣା ଯାଇଅଛି । ମାତ୍ର ତାହା କେତେଦୂର ନ୍ୟାୟସଙ୍ଗତ ଅମ୍ଭେମାନେ କହିବାକୁ ପ୍ରସ୍ତୁତ ନାହୁଁ । ଯେବେ ସର୍ବସାଧାରଣରେ ଉତ୍କଳପ୍ରଭାର ଅଦର ନ ହେବା ହେତୁ ଲେଖକମାନଙ୍କର ମଧ୍ୟ ଉତ୍ସାହ ଊଣା ହୋଇଥାଏ ତେବେ ସେ ଭିନ୍ନ କଥା । ଯାହାହେଉ ଏ ସମସ୍ତ ବିଷୟରେ ସମ୍ପାଦକଙ୍କ ମନ୍ତବ୍ୟ ଶୁଣିବାକୁ ଅମ୍ଭେମାନେ ଇଚ୍ଛା କରୁଁ ।

---

ଏ ଜଲ୍ଲାର ଗତ ଅପ୍ରେଲ କିସ୍ତିବନ୍ଦୀର ଖଜଣାବାକି ହେତୁ ୩୧୯ ମହାଲ ଲାଟରେ ଉଠିଥିଲା ନିଲାମନିମନ୍ତେ ଗତ ତା ୨୧ ରଖ ଧାର୍ଯ୍ୟ ହୋଇଥିଲା । ଏଥିମଧ୍ୟରେ ୩୧୦ ମହାଲର ଖଜଣା ଆଦାୟ ହେବାରୁ ଅବଶିଷ୍ଟ ନଅଗୋଟି ମହାଲ ନିଲାମ ହେଲା । ଏଥିପୂର୍ବେ ବନ୍ଦୋବସ୍ତ ବର୍ଷରେ ଯେପରି ଅଳ୍ପ ମୂଲ୍ୟରେ ନିଲାମ ହୋଇଥିଲା ଏଥର ସେପରି ହୋଇ ନାହିଁ । ଦୁଇଗୋଟି ମହାଲ ବ୍ୟତୀତ ଅନ୍ୟ ସମସ୍ତ ଉଚିତ ମୂଲ୍ୟରେ ଯାଇଅଛି ସେସବୁର ମୂଲ୍ୟ ୨୦ ପଟ୍ଟରୁ ୩୦ ପଟ୍ଟ ପର୍ଯ୍ୟନ୍ତ ହୋଇଅଛି । ସେସବୁର ସଦରଜମା ଅଳ୍ପ ଓ ପୂର୍ବ ଭୂମ୍ୟଧିକାରୀମାନେ ଇଚ୍ଛାପୂର୍ବକ ନିଲାମ କରାଉଥିବାର ନିଶ୍ଚୟ ଜଣା ଥିବାରୁ ଯାହାଙ୍କର କିଣିବାର ଇଚ୍ଛା ଥିଲା ସେମାନେ ସମସ୍ତେ ଉପସ୍ଥିତ ଥିଲେ ଏଣୁକରି ବିବାଦିଦରେ ଡାକ ବେଶି ହୋଇଥିଲା ଅଳ୍ପମୂଲ୍ୟରେ ଯାଇଥିବା ମହାଲମଧ୍ୟରେ ଗୋଟିକର ସଦରଜମା ବେଶି ଅର୍ଥାତ ପ୍ରାୟ ୫୩୫୦ଙ୍କା ଅଟଇ ତାହା ଟ ୨୪୦୦ ଙ୍କାରେ ନିଲାମ ହେଲା ପ୍ରାୟ ସାଢ଼େପଟ୍ଟ ପଡ଼ିଲା । ଏ ଜମିଦାରୀ ମନ୍ଦ ନୁହେ ମାତ୍ର ଜମିଦାର ନିଲାମ ନ କରାଇ ମହଲଇର ଚେଷ୍ଟାରେ ଥିବାରୁ ନିକଟବର୍ତ୍ତୀ ଲୋକଙ୍କ ମଧ୍ୟରୁ କେବଳ ଜଣେ ଉପସ୍ଥିତ ଥିଲେ ସୁତରାଂ ବେଶୀ ଡାକ ନ ହେଲା । ଖୋସବନ୍ଦୀରେ ଜମି ଓ ଜମିଦାରୀର ମୂଲ୍ୟ ଊଣା ହୋଇଥିବାରୁ ବନ୍ଦୋ-

Digitized by srujanika@gmail.com

Split by PDF Splitter



ଯେ ତହିଁର ଗୋଟିଏ କାରଣ ଅଟେ ଏଥିରେ ସନ୍ଦେହ ନାହିଁ ମାତ୍ର ନିଲାମରେ ଅଳ୍ପ ମୂଲ୍ୟ ହେବାର ଅନ୍ୟ କାରଣ ହେଣଦାରଙ୍କର ନିଜଦୋଷ ଅଟେ । ଏ ଲାଟବନ୍ଦୀ ନିଲାମ ନ ହେବାମା ଅଦାଲତର ନିଲାମ ଏ ଉଭୟ ନିଲାମ-ରେ ସର୍ବଦା ଦେଖାଯାଏ ଯେ ନିଲାମହେଲ ଟଙ୍କା ଦାଖଲ ହୁଏ କମା ମହଲତ ନିଆଯାଏ ଓ ଅଦା-ଲତ ନିଲାମରେ ମହଲତ ବାରମ୍ବାର ହୁଅଇ ଏଣୁକରି ମହାଜନ ନିକଟବର୍ତ୍ତୀ ବ୍ୟକ୍ତିମାନେ ଅବା ଯେଉଁମାନେ କିଣିପାରନ୍ତେ ସେମାନେ ନିଲାମକଥା ନିଶ୍ଚୟ ଜାଣି ନ ପାରି ନିଲାମ ସମୟେ ଉପସ୍ଥିତ ହୋଇ ନ ପାରନ୍ତି । ନିଶ୍ଚୟ ଜଣା ନ ଗଲେ କିଏ ମୂଲ୍ୟ ଟଙ୍କା ଓ ଖର୍ଚ୍ଚା ଓ ପରିଶ୍ରମ ସ୍ୱୀକାର ପୂର୍ବକ ମୋଫସଲରୁ ଆସିବ ? ଏହା ଅଦାଲତ ନିଲାମରେ ଅଳ୍ପମୂଲ୍ୟ ହେବାର ପ୍ରଧାନ କାରଣ ନିଲାମର ଅନିଶ୍ଚିତତା ରହିତ ନ ହେଲେ ଉଚିତ ମୂଲ୍ୟରେ ସମ୍ପତ୍ତି ବିକ୍ରୟ ହେବାର ଆଶା ନାହିଁ ।

———o✱o———

ଇନ୍ଦ୍ରଧନୁ ଏକବର୍ଷକାଳ ସ୍ୱକାର୍ଯ୍ୟସାଧନ କରି ଗତ ତା ୧୭ ରିଖଠାରୁ ନୂତନବର୍ଷରେ ଉପ-ସ୍ଥିତ ହୋଇଅଛନ୍ତି । ଏ ସ୍ୱବର୍ଷର ପ୍ରଥମସଂଖ୍ୟା-ରେ ଯେଉଁ ବକ୍ତବ୍ୟ ପ୍ରକାଶିତ ହୋଇ ଅଛି ତହିଁରୁ ଜଣାଯାଏ ଯେ ଗତବର୍ଷରେ ଇନ୍ଦ୍ର-ଧନୁ ଯେପରିମାଣ ସାହାଯ୍ୟ ଓ ସହାନୁଭୂତି ପାଇଅଛି ଏବଂ ଏଣିକି ଯେତେ ପାଇବାର ଆଶା ଅଛି ତଦ୍ୱାରା ଆଉ ଏକବର୍ଷର ବ୍ୟୟ ନିର୍ବାହ ହୋଇ ପାରିବ ସୁତରାଂ ଅନ୍ତତଃ ଆଉ ଏକବର୍ଷ ଇନ୍ଦ୍ରଧନୁ ଚଳିବା ପକ୍ଷରେ କିଛି ସନ୍ଦେହ ନାହିଁ । ଯାହାର ଲେଖକଙ୍କ ପ୍ରବନ୍ଧମାନଙ୍କୁ ଅଗ୍ରେ ସ୍ଥାନ ଯୋଗାଇବାକୁ ଇନ୍ଦ୍ରଧନୁ ପ୍ରସ୍ତୁତ ଏବଂ ଯେବେ ସେମାନେ ଜାତୀୟ ଆନ୍ଦୋଳନ ଛାଡ଼ି ଅନ୍ୟାନ୍ୟ ବିଷ-ୟରେ ପ୍ରବନ୍ଧ ଲେଖି ପଠାଇବେ ତେବେ ସ୍ୱଭାବତଃ ସେ ଆନ୍ଦୋଳନ ପରିତ୍ୟକ୍ତ ହେବ । ଏଥିକୁ ଆମ୍ଭେମାନେ କହୁଁ କି ଜାତୀୟ ଆନ୍ଦୋ-ଳନ ଯଥେଷ୍ଟ ହୋଇଅଛି । ଏଥିଉତ୍ତାରୁ ଯେ-ଉଁମାନଙ୍କର ଭ୍ରମ ଗଲ ନାହିଁ ଅଥବା ଗଲ-ଥିଲେସୁଦ୍ଧା ସ୍ୱୀକାର କରିବେ ନାହିଁ ସେମାନଙ୍କ ସଂଖ୍ୟା ଅଳ୍ପ ଓ ସେମାନଙ୍କନିମନ୍ତେ ଏହି ଆନ୍ଦୋଳନ ଲଗାଇ ନ ରଖି ସାଧାରଣ ସା-ହିତ୍ୟ ଚର୍ଚ୍ଚାସମ୍ବନ୍ଧରେ ଲେଖକଙ୍କ ଉଚିତ ଭାବ-ମାନଙ୍କର ଉତ୍କୃଷ୍ଟ ଅଂଶମାନ ହେଲେ ? ସମାଲୋଚନା କଲେ ଯଥେଷ୍ଟ ହେବ । ବକୁଳୀ ଯେତେବେଳେ ଇନ୍ଦ୍ରଧନୁର ପଛେ ଗୋଡ଼ାଇ ଅଛି ସେ ଯେ ପ୍ରତିବାଦ କରିବାକୁ ଉଚିତ ଏମନ୍ତ ବୋଲଯାଇ ନ ପାରେ । ତଥାପି ଗୋଟିଏ ଶୁଭଲକ୍ଷଣ ଦେଖି ଆମ୍ଭେମାନେ ଆଶା-ନ୍ୱିତ ହୋଇ ଅଛୁଁ । ଗତପ୍ରକାଶିତ ବକୁଳୀଟିରେ ସମ୍ପାଦକ ସ୍ପଷ୍ଟ କହିଅଛନ୍ତି କି ବ୍ୟକ୍ତିଗତ ଆକ୍ର-ମଣ କୁତ୍ସା ଇତ୍ୟାଦି ପ୍ରକାଶ କରିବା ଅନ୍ୟାୟ ହେଲେହେଁ ପ୍ରତିକାରର ଅନ୍ୟଉପାୟ ନ ଦେଖି ଅଗତ୍ୟା ସେ ବିଷୟରେ ଇନ୍ଦ୍ରଧନୁର ଅନୁକରଣ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି । ଅବଶ୍ୟ ମନ୍ଦକଥାର ଅନୁକରଣ ସହଜ ଏବଂ ବୁଦ୍ଧି ବିବେକ ପରିତ୍ୟକ୍ତ ହେବା ପୂର୍ବେ ଲୋକେ ତାହା କରିବା ସ୍ୱଭାବ । ମାତ୍ର ଯେସ୍ଥଳେ ବକୁଳୀ ଇନ୍ଦ୍ରଧନୁର ମନ୍ଦଗୁଣ ଯଥାର୍ଥ ଜାଣିଲେ ଅନୁକରଣ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି ସେସ୍ଥଳେ ଭରସା ହେଉଅଛି ଯେ କାଳେ ତାହାର ମହତ୍‌ଗୁଣ ଯଥା ମୃତବ୍ୟକ୍ତିର ସମ୍ମାନ କରିବା, ଦେଶକାଳପାତ୍ର ଦୃଷ୍ଟିରେ ଦୋଷ ଗୁଣ ବିଚାର କରିବା ଇତ୍ୟାଦି ଅନୁକରଣ କରିବେ ଏବଂ ସକଳ ବିସମ୍ବାଦ ଅନ୍ତର ହୋଇଯିବ ।

———

## ଦୁର୍ଭିକ୍ଷ-ସାହାଯ୍ୟ ।

ଉତ୍ତମ ଚନ୍ଦ୍ରବଳା ଅନ୍ନାଭାବରେ ମୃତ୍ୟୁ-ଘଟିବା କଥା ରିପୋର୍ଟ କରି ମାହାଙ୍ଗା ତହ-ଶିଲର କାନଗୋଇ ବରଖସ୍ତ ହେଲେସୁଦ୍ଧା ଅନ୍ନାଭାବ ପ୍ରସଙ୍ଗଟି ଆମ୍ଭମାନଙ୍କ କଲେକ୍ଟରଙ୍କ ଜ୍ଞାତସାରରେ ଆଣି କର୍ତ୍ତବ୍ୟପରାୟଣତାର ଉତ୍ତମ ପରିଚୟ ଦେଇଅଛନ୍ତି ଏବଂ ସେହି-ସୂତ୍ରରେ ଏବେ ବିଳମ୍ବରେ ହେଉପଛକେ ଅନ୍ନକଷ୍ଟବ୍ୟକ୍ତିଙ୍କର କଥିତ ସାହାଯ୍ୟର ବ୍ୟ-ବସ୍ଥା ହେବାରୁ ସେ ଆଶୀର୍ବାଦର ଭାଜନ ହୋଇଅଛନ୍ତି । ପ୍ରଥମେ ସେ ଉକ୍ତପ୍ରକାର ରିପୋର୍ଟ କରିବାରୁ ତଦନ୍ତନିମନ୍ତେ ପ୍ରଥମେ ସଦରକାନଗୋଇ ଓ ପରେ ସବଡେପୁଟୀ ପ୍ରେରିତ ହେଲେ ଏବଂ ସେମାନଙ୍କ ଅନୁସନ୍ଧା-ନରେ ସାଲେପୁର ଅଞ୍ଚଳର ଲୋକଙ୍କୁ ଅନ୍ନକଷ୍ଟ ବାଧିବାର ଅବଗତ ହୋଇ କଲେକ୍ଟର ସା-ହେବ ତଗାବିଦାଦନ ଦେବାକାରଣ ବାବୁ ରାଜକିଶୋର ଦାସ ଡେପୁଟୀ କଲେକ୍ଟରଙ୍କୁ ମୋଫସଲକୁ ପଠାଇଲେ । ରାଜକିଶୋର ବାବୁ ଅଳ୍ପଦିନର ଡେପୁଟୀକଲେକ୍ଟର ସତ୍ୟ ମାତ୍ର ସେ ଏଦେଶବାସୀ ଓ ଯେମନ୍ତ କୁଳ ବଂଶରେ ତାହାଙ୍କ ଜନ୍ମ ଏବଂ ଯେରୂପ ଉଚ୍ଚଶିକ୍ଷାରେ ସମ୍ମାନିତ ହୋଇ ଅଛନ୍ତି ତହିଁରେ ଦୟା ଧର୍ମ ଓ ନ୍ୟାୟବିଚାର ତାହାଙ୍କର ସ୍ୱାଭାବିକଗୁଣ ବୋଲି-ଯାଇ ପାରେ । ସେ ଜୟପୁରଅଞ୍ଚଳରେ କେ-ଳେଗୁଡିଏ ଅନାଥ ବାଳକବାଳିକାଙ୍କର ଅନା-ହାରଜନିତ ଦୁର୍ବଳ କଙ୍କାଳବିଶିଷ୍ଟ ରୂପ ଦେଖି ଅସ୍ଥୈର୍ଯ୍ୟ ଓ ଅଧୈର୍ଯ୍ୟ ହେଲେ ଏବଂ ସେ ଅଞ୍ଚ-ଳରେ ଅନ୍ନକଷ୍ଟ ଅତିଶୟ ବାଧିବାର ଅନନ୍ୟ ତଦନ୍ତଦ୍ୱାରା ଅବଗତ ହୋଇ କଲେକ୍ଟର ସାହେବଙ୍କୁ ରିପୋର୍ଟ କରିବାରୁ ସାହେବମ-ହୋଦୟ ସତ୍ୱର ସାହାଯ୍ୟଦାନର ବ୍ୟବସ୍ଥା କରିବା ଉଚିତ ବିବେଚନା କରି ଜିଲା ବୋ-ର୍ଡଙ୍କୁ ଅନୁରୋଧ କରିବାରେ ଜିଲା ବୋର୍-ଡର ଭାଇସ ଚେଅରମାନ ବାବୁ ମଧୁସୂଦନ-ଦାସ ତତ୍‌କ୍ଷଣାତ୍ ଏକଶତ ଟଙ୍କା ସାହାଯ୍ୟ-ଦାନସକାଶେ ପଠାଇ ଦେଲେ ଓ ତହିଁସଙ୍ଗେ କଲେକ୍ଟର ସାହେବ ପୂର୍ବ ଦୁର୍ଭିକ୍ଷସାହାଯ୍ୟ ସମ୍-ବନ୍ଧୀୟ ଗଚ୍ଛିତଥିବାରୁ ଏକଶତ ଟଙ୍କା ମିଶାଇଦେଇ ଦୁଇଶତ ଟଙ୍କା ମୋଫସଲକୁ ସାହାଯ୍ୟଦାନ-ନିମନ୍ତେ ପଠାଇ ଦେଲେ । ତହିଁଉତ୍ତାରୁ ଜିଲା ବୋର୍ଡର ଅର୍ଥକମିଟି ସାହାଯ୍ୟ-ଦାନନିମନ୍ତେ ପାଞ୍ଚଶତ ଟଙ୍କା ମଞ୍ଜୁର କରି ଅକ୍ଷମ ଦରିଦ୍ରବ୍ୟକ୍ତିଙ୍କ ପ୍ରାଣରକ୍ଷାର୍ଥେ ଚାଉଳ ଏବଂ ଲବଣ ବାଣ୍ଟିବାର ବ୍ୟବସ୍ଥା କରିଅଛନ୍ତି ଏବଂ ସକ୍ଷମ ଦରିଦ୍ରଲୋକଙ୍କୁ କାର୍ଯ୍ୟ ଯୋଗାଇବା-ପାଇଁ ଇଞ୍ଜିନିୟର ସାହେବଙ୍କୁ ଆଦେଶ ଦେଇ-ଅଛନ୍ତି । ରାଜକିଶୋର ବାବୁ ଅନ୍ନଛତ୍ର ଫିଟାଇ-ବାର ପ୍ରସ୍ତାବ କରିଥିଲେ ମାତ୍ର ସକଳଶ୍ରେଣୀର ଦରିଦ୍ର ଅନ୍ନଛତ୍ରକୁ ନ ଆସିବା ଏବଂ ଚାଉଳ ବିତରଣଦ୍ୱାରା ଅପେକ୍ଷାକୃତ ଅଳ୍ପ ପରିଶ୍ରମରେ ଅନେକ ଲୋକଙ୍କର ସାହାଯ୍ୟ ହେବା ବିବେଚ-ନାରେ ଜିଲ ବୋର୍ଡ଼ ଆପାତତ ଶେଷଲିଖିତ ଉପାୟ ଅବଲମ୍ବନ କରିଅଛନ୍ତି । ଏପରି କୃଷିମାନଙ୍କୁ ପ୍ରାୟ ୫ ୧୫୦୦ ଙ୍କା ତଗାବି ଦାଦନ ଦିଆ ଯାଇଅଛି । ଏ ସମସ୍ତ ଉପା-ୟରେ ଏଜିଲାର ଏକଅଂଶର ଅନେକ ଲୋ-କଙ୍କର ପ୍ରାଣରକ୍ଷା ହେବ ସନ୍ଦେହ ନାହିଁ ଏବଂ ବିଳମ୍ବରେ ହେଉ ପଛକେ ପରିଶେଷରେ କଲେକ୍ଟର ସାହେବ ସାହାଯ୍ୟଦାନରେ ପ୍ରବୃତ୍ତ ହେବାରୁ ଅବଶ୍ୟ ସର୍ବସାଧାରଣଙ୍କର ଧନ୍ୟବା-

Digitized by srujanika@gmail.com

ଦର ପାତ୍ର ହୋଇଅଛନ୍ତି । ଅମ୍ଭେମାନେ ଅବଗତହେଲୁଁ ଯେ କଲେକ୍ଟର ସାହେବ କେନ୍ଦ୍ରାପଡ଼ା ଓ ଯାଜପୁର ସବଡିଭିଜନ ବାସିମାନଙ୍କୁ ମଧ୍ୟ ସାହାଯ୍ୟଦାନର ବ୍ୟବସ୍ଥା କରିବାକାରଣ ଅନୁରୋଧ କରିଅଛନ୍ତି । ଏଥିରୁ ଗତ ବଢ଼ି ସମୟରେ କେନ୍ଦ୍ରାପଡ଼ାର ଡେପୁଟୀ କଲେକ୍ଟର ଯେପର ସ୍ୱତଃପ୍ରବୃତ୍ତ ହୋଇ କାର୍ଯ୍ୟକୁଶଳତା ଦେଖାଇଅଛନ୍ତି ତହିଁରୁ ସୁଲକ୍ଷଣ ଜଣାଯାଉଅଛି ଯେ ସେ ଏବିଷୟରେ ତ୍ରୁଟି କରିବେ ନାହିଁ । ଯାଜପୁରର ଡେପୁଟୀ କଲେକ୍ଟରଙ୍କୁ ସେହିମାର୍ଗ ଅନୁସରଣ କରିବାର ଦେଖିଲେ ଅମ୍ଭେମାନେ ଆନନ୍ଦିତ ହେବୁଁ । ସେ ଅଞ୍ଚଳରେ ମଧ୍ୟ ଅନ୍ୟାନ୍ୟସ୍ଥାନପର ଅବସ୍ଥା ପୂର୍ବରୁ ଥିଲା । ତହିଁଉପରେ ବନ୍ୟାର ଉତ୍ପାତ ଅନେକସ୍ଥାନରେ ଉପସ୍ଥିତ ହୋଇ ଅଛି ।। ଏସବୁ ସ୍ଥାନ ଛଡ଼ା ମଧ୍ୟ ସଦର ସବଡିଭିଜନର ଅନ୍ୟାନ୍ୟସ୍ଥାନରେ ଅବସ୍ଥା ସାମାନ୍ୟ ହୋଇ ନାହିଁ । ସେ ସବୁସ୍ଥାନର ଅବସ୍ଥା ତଦନ୍ତ କରି ସାହାଯ୍ୟ ବିତରଣନିମନ୍ତେ ଆଉ ଏକଜଣ ଡେପୁଟୀକଲେକ୍ଟରଙ୍କୁ ପଠାଇବାକାରଣ ଅମ୍ଭେମାନେ ବିନୀତଭାବରେ କଲେକ୍ଟର ସାହେବଙ୍କୁ ଅନୁରୋଧ କରୁଅଛୁଁ । ଯାହା ହେବାର ହୋଇଅଛି କୌଣସିରୂପେ ଆଉ ଦୁଇମାସକାଳ ଯଥା ନିୟମରେ ସାହାଯ୍ୟଦାନ ହେଲେ ଲୋକେ ଏ ଘୋରକଷ୍ଟରୁ ବଞ୍ଚିଯିବେ ।

ପରଶେଷରେ ବକ୍ତବ୍ୟ ଏହି କି ଖାଇବାକୁ ନ ପାଇ ମୋଫସଲର ନାନାସ୍ଥାନରୁ ଯେଉଁ ଦରିଦ୍ର ଲୋକମାନେ ଏ ନଗରକୁ ଆସି ଭିକ୍ଷାକରି ବୁଲୁଅଛନ୍ତି ଏବଂ ଗଛତଳେ ବା ଏହା ତାହା ପିଣ୍ଡାରେ ପଡ଼ି ଦିନ କାଟୁଅଛନ୍ତି ସେମାନଙ୍କ ସାହାଯ୍ୟନିମନ୍ତେ ଏଠା ମିଉନିସିପାଲଟୀ କିଛି କରିବେ ନାହିଁ କି? ମିଉନିସିପଲ କମିଶନରମାନଙ୍କର ଏକଥା ବିଚାର କରିବା ଉଚିତ ।

---

## ପ୍ରାପ୍ତ ।

### ଉତ୍କଳ କବି କଳ ।

ନରତ୍ୱଂ ଦୁର୍ଲ୍ଲଭଂ ଲୋକେ ବିଦ୍ୟା ତତ୍ର ସୁଦୁର୍ଲ୍ଲଭା ।
କବିତ୍ୱଂ ଦୁର୍ଲ୍ଲଭଂ ତତ୍ର ଶକ୍ତି ସ୍ତତ୍ର ସୁଦୁର୍ଲ୍ଲଭା ।

ଏ ଅସାରଧାମରେ ମନୁଷ୍ୟ ଜନ୍ମ ଦୁର୍ଲ୍ଲଭ, ବିଦ୍ୟା ସୁଦୁର୍ଲ୍ଲଭ, ବିଦ୍ୟା ଥାଇ କବିତ୍ୱ ଥିଲେ ଅତି ଦୁର୍ଲ୍ଲଭ ପୁଣି କବିତ୍ୱରେ ଶକ୍ତି ନିତାନ୍ତ ଦୁର୍ଲ୍ଲଭ । ଏହି ଶ୍ଳୋକଟି ଉତ୍କଳ-କବି କଳ ମୀମାଂସା ପକ୍ଷରେ କି ଯଥେଷ୍ଟ ନୁହେ ?

ଭଞ୍ଜ କବିତା ଯେଣ ସୁଦୀର୍ଘକାଳ ଉତ୍କଳରେ ଯେଉଁ କଳ ଚଳୁଅଛି ଏହାକୁ କଳ ନ ବୋଲି ଉତ୍କଳଭାଷା ହ୍ରଦର ମନ୍ଥନ ବୋଇଲେ ହୁଏ । ଏ ମନ୍ଥନରେ ହୁଏତ ସମସ୍ତଙ୍କର ଚକ୍ଷୁ ଲଗିଅଛି । ଲଗି କି? ତାହାର ଅମୃତ । ତାହାର ବିଷ । ବିଷ ଓ ଅମୃତ ଦୁଇ ଆଦରର ପଦାର୍ଥ— ଅବସ୍ଥା ପ୍ରୟୋଜନକୁ ଦେଖି ବିଷ ରୋଗୀର ଔଷଧ । ଅମୃତ ରୋଗୀର ରୋଗ । ଫୁଲରୁ ମଧୁମକ୍ଷିକା ମଧୁ ଗ୍ରହଣ କରେ—ଊର୍ଣ୍ଣନାଭ ବିଷ ଗ୍ରହଣ କରେ—ଫୁଲରେ ଅମୃତ ଅଛି ଫୁଲରେ ବିଷ ଅଛି । ଊର୍ଣ୍ଣନାଭର ବିଷ ପ୍ରୟୋଜନ, ମଧୁମକ୍ଷିକାର ମଧୁ ପ୍ରୟୋଜନ । ମଧୁମକ୍ଷିକା ଓ ଊର୍ଣ୍ଣନାଭ ସମଦର୍ଶୀ ଚକ୍ଷୁରେ ସମାନ ।

ଭଞ୍ଜୀୟ କାବ୍ୟ ମନ୍ଥନକାରମାନେ ହୁକସ୍ୱବାନ୍ ହୋଇପାରନ୍ତି, ତାଙ୍କ ସାହିତ୍ୟାନୁରାଗୀ ହୋଇ ପାରନ୍ତି, ସେମାନଙ୍କର ଉଦ୍ଦେଶ୍ୟ ମହତ୍ ହୋଇପାରେ କିନ୍ତୁ ଯେ ଭାବରେ ଏ ଆନ୍ଦୋଳନ ଚଳୁଅଛି ତାହା କବିଗତ, କାବ୍ୟଗତ ଓ ଭାବଗତ ନ ହୋଇ ବ୍ୟକ୍ତିଗତ, ଜାତିଗତ ଓ ଦଳଗତ ହୋଇ ମୂଳରୁ ଅଶ୍ଳୀଳରୁଚି, ଅଶ୍ଳୀଳଭାବ ଏବଂ ଗ୍ରାମ୍ୟତା ଦୋଷରେ ଅପ୍ଳୁତ ।

ଅନେକଦିନର ଗୋଟାଏ ଘଟନା ସ୍ମରଣ ହେଉଅଛି । ଦିନକରେ ହାଇକୋର୍ଟ ହାଟ୍ରୁ ଅସ୍ତବ୍ୟସ୍ତ-ରମଣୀ ପ୍ରକାଶ୍ୟ ରାଜପଥ ପାର୍ଶ୍ୱରେ କଳି ଆରମ୍ଭ କରିଥିଲେ । ଗଲାର, ଝଙ୍କାର, ହୁଙ୍କାର, ଅଶ୍ରାବ୍ୟ, ବାକ୍ୟ ସ୍ରୋତ ଏବଂ ହାବଭାବ—ଅଙ୍ଗଭଙ୍ଗୀର ଅଭିନୟ ଦେଖି ଓ ଶୁଣି ଲୋକେ ଅବାକ୍ ହୋଇଥିଲେ । କେହି ନିବାରଣକଲେ, ତାହାଙ୍କୁ ମଦତ୍ ସାଉ ଦେଉଥିଲେ । ଅଧଦିନ ଅନବରତ କଳି ଚଳିଥିଲା । ଜଣେ ବୃଦ୍ଧ ପଥିକ କହିବସିଲେ "ଆରେ, କସ୍ମାଁ ବାରଣ କର ଜଣେ ଅବପଡ଼ିଲେ ଆପେ କଳି ବନ୍ଦ ହେବ" । ଭଞ୍ଜୀୟ କଳି ଏହିକଳି ସ୍ତବ୍ଧ ହେବାର ଅନୁମାନ ହୁଏ ।

ଜଣେ ବିଜ୍ଞ ବଙ୍ଗାଳୀ ଉତ୍କଳର ପ୍ରାକୃତିକ ଶୋଭା ଦେଖି କହିଥିଲେ, ଏ ପ୍ରଦେଶ ସୌନ୍ଦର୍ଯ୍ୟର ଆକର । ବନ, ପର୍ବତ, ନଦୀ, ସମୁଦ୍ର, ହ୍ରଦ ଓ ପ୍ରାଚୀନ କୀର୍ତ୍ତିମାନ ଜୀବନ୍ତ ଓ ଉଜ୍ଜ୍ୱଳ ଭାବରେ ବର୍ତ୍ତମାନ । କିନ୍ତୁ ମନୁଷ୍ୟମାନେ ଅସଭ୍ୟ ଓ ହୀନଦଶା ପ୍ରାପ୍ତ । ଇଂରାଜକବି ଗୋଲଡ଼୍‌ସ୍ମିଥ ପଢ଼ନ୍ତି ଇଟାଲିର ପ୍ରାକୃତିକ ଶୋଭା ଦର୍ଶନ କରି ଅବଶେଷରେ କହିଥିଲେ "Man is the only growth that dwindles here" । ଏଠାରେ ସବୁ ପଦାର୍ଥର ଉନ୍ନତି କେବଳ ମନୁଷ୍ୟ ହୀନଦଶା ପ୍ରାପ୍ତ ।

ଅଭାଗ୍ୟ ଓଡ଼ିଶାର ଶିକ୍ଷିତମାନଙ୍କ ହସ୍ତରେ ଓଡ଼ିଶାର ଅଭାଗ୍ୟ ! ସାରଳା, ଓ ଜଗନ୍ନାଥ ଲୀଳା ଭୂମିସ୍ୱରୂପ ଉତ୍କଳ ସାମାଜ୍ୟ ଭଞ୍ଜ କଳି-ଯେନ ବାଲୁକ ! ଭାରତବର୍ଷରେ ପ୍ରତିପ୍ରଦେଶରେ ଜାତିର ପ୍ରଦୀପ ଜଳି ଉଠିଅଛି, ଜାତିସ୍ୱତାର ଅଗ୍ନି ପ୍ରଜ୍ୱଳିତ ହୋଇଅଛି ଏକତାର ବୈଦ୍ୟୁତିକ ଶିଖା ଆରମ୍ଭ ହୋଇଅଛି, ଉତ୍କଳ ଜନ୍ତୁଧର୍ ଓ ବଡ଼ୁଙ୍କ ଯେନ ବାଇଲାଳା କରୁଅଛନ୍ତି । ଏ ହତଭାଗ୍ୟଦେଶର କି ଆଉ ଉନ୍ନତିର ଆଶା ନାହିଁ ?

ଶ୍ରୀ ଭୋଲାନାଥ ସାମନ୍ତରାୟ

# ସାପ୍ତାହିକ ସମ୍ବାଦ ।

ବାବୁ କୈଳାସଚନ୍ଦ୍ର ମଜୁମଦାର କଟକର ଏକ୍ଟିଂ ସବ୍‌ଜଜ ହୋଇ ଆସି କାର୍ଯ୍ୟଭାର ନେଇଅଛନ୍ତି ।

ଏ ସପ୍ତାହରେ ବହୁଳମାତ୍ରାରେ କାଳୋଚିତ ଖରାପାଗ ହୋଇଅଛି । ମଧ୍ୟେ ସାମାନ୍ୟ ବୃଷ୍ଟି ହୋଇଥିଲା ।

ଓଲାଉଠାରୋଗ ଏ ନଗରରୁ ଏକାବେଳକେ ଯାଇ ନାହିଁ । ବାଲେଶ୍ୱରରେ ମଧ୍ୟ ଏ ରୋଗ ସାମାନ୍ୟରେ ଲାଗିଅଛି ।

ବାଲେଶ୍ୱରରେ ସୁପାଗ ହେବାରୁ ଧାନଫସଲର ବାଧବାର ସେଠା ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ।

### କଲିକତା—ଗେଜେଟ ।

ପୁରୀର ଏକ୍ଟିଂ ମାଜିଷ୍ଟ୍ରେଟ କଲେକ୍ଟର ଏଚ, ଆର, ଏଚ କକସ ସାହେବ ୨ୟ ଶ୍ରେଣୀରେ ଏକ୍ଟିଂ ନିଯୁକ୍ତ ହେଲେ ।

ମେଦନୀପୁରର ଡେପୁଟୀ କଲେକ୍ଟର ବାବୁ ଛବୁସଲ ସରକାର ମା ୨ ସ ଛୁଟି ପାଇଲେ ।

କଟକର ଡେପୁଟୀ କଲେକ୍ଟର ବାବୁ [illegible] ଦୁଇମାସ ଛୁଟି ପାଇଲେ ।

ଚୋଡ଼ଧାର ଏକ୍ଟିଂ ଜଏଣ୍ଟମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ଏଚ ମାକଫର୍ଲେନ ସାହେବ ଅଗଷ୍ଟ ମା ୧ ଦିନଠାରୁ ୨୮ ଦିନ ଛୁଟି ପାଇଲେ ।

ପୁରୀର ଡେପୁଟୀ କଲେକ୍ଟର ବାବୁ ମନମୋହନ ବସୁ ଅସ୍ୱାସ୍ଥ୍ୟ ଜନ୍ମରେ ତୋଷା ସବଡିଭିଜନର ଭାର ପାଇଲେ ।

ଓଡ଼ିଶାର [illegible] ପୋଲିସ ସୁପରିଣ୍ଟେଣ୍ଡେଣ୍ଟ [illegible] ସାହେବ ମା ୧।୨୮ ଦିନ ଛୁଟି ପାଇଲେ ।

ଗୋଲଘରିଆ ସବଡେପୁଟୀ ବାବୁ [illegible] ଅନ୍ୟତ୍ର ବଦଳି ହେଲେ ।

---

ପ୍ରାଚୀନ ଗ୍ରୀସ ଦେଶରେ ଏହିପରି ପ୍ରଥା ଥିଲା ଯେ କୌଣସି ଲୋକ ଆପଣାର ସ୍ତ୍ରୀକୁ ଛାଡ଼ ପତ୍ର ଦେଲେ ସେ ସ୍ତ୍ରୀଠାରୁ ଅଳ୍ପ ବୟସର କୌଣସି ସ୍ତ୍ରୀକୁ ବିବାହ ହୋଇ ପାରିବ ନାହିଁ ।

Split by PDF Splitter

Digitized by srujanika@gmail.com

ବିଲାତର ନୌବିଭାଗରେ ବର୍ତ୍ତମାନ କୃତ୍ରିମ ନୌଯୁଦ୍ଧ ହୋଇ ଯାଇ ଅଛି ବୋଲି ସମ୍ବାଦ ମିଳିଛି । ନୌବିଭାଗର ଡାବର୍ଣ୍ଣ ସେନା ଓ ଜାହାଜ ଦୁଇ ଦଳରେ ବିଭକ୍ତ ହୋଇ ଏକଦଳ ଫରାସିସ୍ ହେଲେ ଓ ଅନ୍ୟ-ଦଳ ଇଂରାଜ ହେଲେ । ଫରାସିସ୍‌ମାନେ ସମ୍ଭବତଃ ଯେଉଁ ପ୍ରକାରେ ଇଂଲଣ୍ଡକୁ ଆକ୍ରମଣ କରି ପାରନ୍ତେ ତାହା କୌଶଳକ୍ରମେ ଫରାସିସ୍‌ଦଳ ଦେଖାଇ ଇଂରାଜଙ୍କ ସହିତ ଲଢ଼ିଲେ । କୃତ୍ରିମ ଯୁଦ୍ଧରେ ଇଂଲଣ୍ଡ ଜୟୀ ହୋଇଅଛି ।

ଭରତପୁରର ଏକ ହିନ୍ଦୁ ଦେବାଳୟରୁ ସାତଲକ୍ଷଟଙ୍କାର ସମ୍ପତ୍ତି ଚୋରି ଯାଇଅଛି । ଜଣେ ବାବୁଙ୍କ ସେହି ଚୋରିରେ ଲିପ୍ତଥିବା ଅପରାଧରେ ସବଇନ୍‌ସପେକ୍ଟରଙ୍କଠାରେ ଧରା ପଡ଼ିଥିବାର ସମ୍ବାଦ ମିଳିଛି । ଧରା ପଡ଼ିଥିବା ସମୟରେ ତାହାଠାରେ ଟ ୧୦୦୦ ଟଙ୍କାର ନୋଟ ୨୧୦୦୦ ଟଙ୍କାର ମୁଦ୍ରା ଓ ଅନେକ ବହୁମୂଲ୍ୟ ପ୍ରସ୍ତରମାନ ଥିଲା । ଏସବୁ ସେ କେଉଁଠାରୁ ପାଇଲା ତହିଁର ସନ୍ତୋଷଜନକ କାରଣ ଦର୍ଶାଇ ପାରିଲା ନାହିଁ । ଅଥଚ କହୁଛି ଯେ ସେ ସ୍ୱରଚିତ ନାନାସ୍ଥାନରେ ବ୍ୟବସାୟ କରି ଏମାନ ପାଇ ଅଛି ଏବଂ ତାହା ବିଶ୍ୱାସ ନ ହେଉଥିଲେ ପୁଣି କହୁଛି ଯେ ମାନ୍ଦ୍ରାଜ ନଗରରେ ଏକ ଜଙ୍ଗଲରୁ ଏସବୁ ସେ ପାଇଅଛି । ସର୍ବଶେଷରେ କହୁଛି ଯେ ତାହାର ଏକ ଧର୍ମ ବନ୍ଧୁ ଏସବୁ ଦ୍ରବ୍ୟ ତାହାକୁ ରଖିବାକୁ ଦେଇ ଅଛି । ବାବୁଙ୍କ ବିଷୟ ଶେଷରେ ପୁଲିସ ହାତରେ ପଡ଼ିଲା !

ମାଣିକନାଥ ବାନ୍ଦ୍ୟୋପାଧ୍ୟାୟଙ୍କ ଏକବ୍ୟକ୍ତି କାବୁଲ ଆମୀରଙ୍କ ଭ୍ରାତା ... ନାମରେ ମାନହାନି ନାଲିସ କରିଅଛି ।

କହେ ଯେ ସେ ଏକମର୍ଦ୍ଦଳ ପଞ୍ଚମ୍ କାଉଣ୍ଟରଙ୍କଠାରୁ ... ଯେଉଁ ଅଣ୍ଡାକୁ ଯାଇଥିଲା ସେ ବଥୋପକଥନ ହେଉଁ ବାବଣ୍ଟର ସଙ୍ଗରେ ତାକୁ ମାଇଲେ । ଏହି ମାମଲାର ଅନୁଶୀଳନ ଉପରେ ବାରଣ୍ଟର ସେହି ରେଳ ନାମରେ ଟ ୫୫୦ ଜେସନ ନେବାର ନାଲିସ କଲେ । ପ୍ରଥମ ମୋକ-ଦମାରେ ଅସାମୀ ନାମରେ ସମନଜାରି ଓ ଦ୍ୱିତୀୟ ମୋକଦମାରେ ପୁଲିସ ତଦନ୍ତର ହୁକୁମ ହେଲା ।

ଆସାମପ୍ରଦେଶରେ ଜଳବୃଷ୍ଟି ହୋଇ ଥିଲା । ଏଣିକି ଜଳ ବୃଷ୍ଟି ହେବାରୁ କୃଷିକାର୍ଯ୍ୟ ଲାଗିଅଛି ମାତ୍ର କାଳ ଅତୀତ ହେବାରୁ ଫସଲ ଭଲ ହେବ ।

ଏ ସପ୍ତାହରେ କଲିକତାରେ ବମ୍ବାଇ ମୋହର ଦର ଟ ୨୬॥୵ ଓ ଗିନିର ଦର ଟ ୧୮୵ ହୋଇ ଅଛି । କମ୍ପାନି କାଗଜ ଦର ୧୦୦ ଭରିରୁ ଟ ୯୬ ।

ଅଷ୍ଟ୍ରେଲିଆର ପଶ୍ଚିମାଂଶରେ ଆଉ ଗୋଟିଏ ସ୍ୱର୍ଣ୍ଣ ଖଣି ବାହାରି ଅଛି ଏବଂ ତହିଁରୁ ସୁନା ବାହାର କରିବା ସକାଶେ ମହାଜନମାନେ ଏଥିମଧ୍ୟରେ ଧନଧର ଲଗାଇ ଅଛନ୍ତି ସୁନା ଶସ୍ତା ହେବ କି ?

ଜଣେ ସାଧୁ ମୁଖରୁ ଶୁଣାଯାଏ ଯେ ହିମାଳୟର ଉତ୍ତର ପ୍ରଦେଶ ତାମିରରେ ଜଣେ ସିଦ୍ଧପୁରୁଷ ଅଛନ୍ତି ଯେ ସେ ପାଞ୍ଚମିନିଟରେ କୁଷ୍ଠବ୍ୟାଧି ଆରୋଗ୍ୟ କରି ପାରନ୍ତି । ରୋଗୀ-ମାନେ ସେଠାକୁ ଗଲେ କିଛି ଫଳ ଜଣା ପଡ଼ିବ ।

ପାଟନା ଠାରେ ଜଣେ ବିଧବା ଗୋଟିଏ କୁକୁର ପାଳି ତାହାକୁ ଏତେସ୍ନେହ କରୁଥିଲେ ଯେ କୁକୁରଟି ମରିଯିବାରୁ ସେ କେବଳରେ ଦଉଡ଼ି ଦେଇ ମରି ଅଛନ୍ତି ।

ଉତ୍ତର ମହାସାଗର ଅନ୍ୱେଷଣ କରିବାକୁ ଇଂଲଣ୍ଡର ସାହେବ ଯାତ୍ରା କରି ଅଛନ୍ତି । ଗତ ମଇ ମାସରେ ସେ ଟ୍ରମସୋ-ଠାରୁ ଯାତ୍ରା କରି ସେହି ମାସ ତା ୭ ରିଖ ସୁଦ୍ଧା ସ୍ପିଜବର୍ଜେନଠାରେ ପହଞ୍ଚିଲେ । ଏତେ ଆଗରୁ ଏଥିପୂର୍ବେ କୌଣସି ଜାହାଜ ସେଠାରେ ପହଞ୍ଚି ନ ଥିଲା । ମାତ୍ର ସେହିଠାରୁ ବରଫରାଶିରେ ଜାହାଜ ଅବରୁଦ୍ଧ ହେଲା ଏବଂ ବର୍ତ୍ତମାନ ସାହେବ ମହୋଦୟ ଉକ୍ତ ସମୟର ଅପେକ୍ଷା କରି ରହି ଅଛନ୍ତି ।

ଆରବ ଦେଶରେ ଏକ ପ୍ରକାର ବୃକ୍ଷ ଅଛି ତହିଁର ନାମ ହାସ୍ୟ ବୃକ୍ଷ ଅଟଇ । ତହିଁର ମଞ୍ଜିରୁ ହାସ୍ୟ ଉତ୍ପାଦନ ହେଉଥିବାରୁ ବୃକ୍ଷଟିର ନାମ ଏପରି ହୋଇଅଛି । ଆରବୀୟ ଲୋକ-ମାନେ ମଞ୍ଜିକୁ ଶୁଖାଇ ଗୁଣ୍ଡ କରି ରଖନ୍ତି ଯେ ତହିଁରୁ ଅଳ୍ପ ମାତ୍ର ସେବନ କଲେ ଭଙ୍ଗ ନିଶା ଖାଇବାର ଫଳ ହୁଅଇ ଅର୍ଥାତ୍ ସେ ଲୋକ ନୃତ୍ୟ, ଚିତ୍କାର ଓ ହାସ୍ୟ କରଇ ଏବଂ ପ୍ରାୟ ଘଣ୍ଟାଏ କାଳ ନାନାପ୍ରକାର ଉତ୍ସବ ଜନକ କଥା କହଇ । ଘଣ୍ଟାକ ଉତ୍ତାରୁ ଲୋକଟା ଅଶକ୍ତ ହୋଇ ଶୋଇ-ପଡ଼େ ଏବଂ ନିଦ୍ରାଭଙ୍ଗ ଉତ୍ତାରୁ ତାହାର ନୃତ୍ୟ ଉନ୍ମାଦ କିଛି ମାତ୍ର ମନେ ନ ଥାଏ ।

ଆମେରିକା ଠାରେ ବର୍ଷା କରାଇବାର ଏକ ନୂତନ ଉପାୟ ଉଦ୍ଭାବିତ ହୋଇ ଅଛି । ଗୋଟିଏ ରଥରେ ବାଷ୍ପ ପୂର୍ଣ୍ଣକରି ତାହାକୁ ଉଡ଼ାଇ ବାଷ୍ପମାନ ବହୁଦୂର ଉଚ୍ଚକୁ ଉଠି ରଥ ଯାଏ ଯେ ତାହା ଉପରସ୍ଥ ଶୀତଳ ପବନ ଯୋଗେ ଜଳରେ ପରିଣତ ହୋଇ ବୃଷ୍ଟି ହୁଅଇ ।—ମନ୍ଦ ନୁହେ— ମାତ୍ର ଫଳ କେତେ ?

ସ୍କଟଲଣ୍ଡର ଏକ ପତ୍ରିକାରେ ଲେଖା ଅଛି ଯେ ଦୁନିଆରେ ଯେତେ ଭିକ୍ଷୁକ ଅଛନ୍ତି ସେମାନଙ୍କୁ ଏକତ୍ର କରି ଶ୍ରେଣୀବଦ୍ଧ ଲେଖାଏ ଧାଡ଼ିବାନ୍ଧିଲେ ମା ୧୦୦ ଦଳ ବାଟ ଲମ୍ବ ହୋଇ ଯିବ ।—କି ଭୟାନକ !

---

### ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।**

---

ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ—

ମହାଶୟ ?

**ଅନୁଗ୍ରହ ପ୍ରଦର୍ଶନ ପୂର୍ବକ ନିମ୍ନୋଲିଖିତ ପଦ୍ୟଟି ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ମୁଦ୍ରିତକରି ବାଧିତ କରିବା ହେବେ ।**

ସୁରତ ଚିହ୍ନ ସାଗରେ ॥
ସୁମିଷ୍ଟ ରସ କି ନାହି ସାଗରେ ।
ପାନକର ନ ରଖି ବିଗରେ । ସୁଜନେ ହେ ।

———○———

### ନଳଚରିତ୍ର ଯାତ୍ରା ୭ ମଙ୍ଗଳ ।

ସୁମର ସୁର ସରସ——
କରିବ ଏଥର ପୁରସରସ । ସେ ।
ସାଧୁଚିତ୍ତ କରିବ ସରସ । ସୁ ।୧।
ହଂସମୁଖେ ନଳରୂପ ॥
ବାଳାପକ୍ଷେ ହେଲ ଅନଳ ରୂପ ॥
ତହିଁ ଯୋଗ ହେଉଛି ଅରୂପ । ସୁ ।୨।
ପାଦ ନ ଚଳଇ ଘରେ ॥
ପଡ଼ିଗଲା ବାଳା ବଣମ ଘୋରେ ॥
ପାଦଠାରୁ ଶିରଯାଏ ଘୋରେ । ସୁ ।୩।
ବସି ପଡ଼ନ୍ତେ ଧରଣୀ ॥
କେ ବାଳା କୋଳର କେବେ ଧରଣୀରେ ॥
ସଖୀ ଯିବକ ସନ୍ତେ ବରଣ । ସଜନରେ ।୪।
ନାଶିଲେ ଶର ଶିବାର ॥
କେ ଅଣି ଦେଇନ୍ତି ସରସୀ ବାର ॥
କେଉଁ ସଜନୀ ସରସି ବାର । ସୁଜନେ ହେ । ୫ ।
କହୁଅଛି ଶ୍ଳେଷେ ଗୀର ॥
ଚେତନା ହୋଇଣ ଅଛି ସେଗିର ।
ଏବେ ମନ ମୋହିବ ଯୋଗୀର । ସୁ । ୬ ।
କେ ସଖୀ ଅଟେ ମୂଖର ॥
ସଙ୍ଗ ତନସନ୍ତ ଦେଖାଏ ଖର ॥
କହୁଅଛି ହୋଇଣ ଖେଚର । ସୁ ।୭।
ହଂସବାଣୀ ମଣି ସତ ॥
ଯାଇଅଛୁ କରେ ସୁମଣିଗତ ॥
ସେ ଯେ ପକ୍ଷୀକୋଟିହି ମଣିଷତ । ସୁଜନରେ ।୮।
ଦେଖାଇଣ ନଣାପଥ ॥
ଖୋଇଦେଲ ତୋତେ କି ଦଣାପଥ ॥
ମନେ କଲୁ ହେଲା ଖାସା ପଥ । ବାନ୍ଧବରେ ।୯।
ମେ ଯାହା ଗରଜ ପାଇ ॥
ଥମୁଛ ବୋଲିଣ ଗର ଜପାଇ ।
କ୍ଷେକ୍ଷେ ଗର୍ଜଇ ଅରଜ ପାଇ । ସୁଜନ ରେ ।୧୦।
ହଂସବର ହୋଇ ଦ୍ୱିଜ ॥
ଦ୍ୱିଜଇ ଦେଇଣ କଲ ଯାତନ ॥
ତୋତେ ଦେଖାଇ ସରଗ ତଳ । ବାନ୍ଧବରେ।୧୧।
ପକାଇ ଭୁବନା କରେ ॥
ଉଡ଼ିଗଲ ଦେଖୁ ଦେଖୁ ନାକରେ ॥
ଏବେ କାନ୍ଦୁଥା ବସି ନାକରେ । ବାନ୍ଧବରେ । ୧୨।
ଦେଶ ହୋଇଲ ବସତ ॥
ଚଲ ସଖୀ ଏବେ ଯିବା ବସତ ॥
ଅଉ ନ କହ ଯିବା ବଶତ । ସୁଜନରେ । ୧୩।
ଦୋଷତ ନାହିଁ କାହାର ॥
ମିଛେ ଖାଉ ଅଛୁ କାମ-ପାହାର ॥
ହୁଅ କାହାର ପାଇ କାହାର । ସୁଜନରେ । ୧୪।
ସଖୀ-ବାଣୀ ଶରବଣେ ॥
ବାଳାମଣି ବାଣୀ ସ୍ୱସ୍ୱରେ ଭଣେ ॥
କପାଁ ଆଣିଲ ଏ ଶରବଣେ । ସଜନ ରେ । ୧୫।
ମାନସେ କଲରୁ ବଇ ॥
କୋଲେ ସଖି ମୁହିଁ ନୋହେଁ ଲୁବଇ ॥
ଏବେ ମାନସେ ନଲରୁ ବସ । ସଜନ ରେ । ୧୬।
ଚନ୍ଦ୍ରର ସୁମନା ହାର ॥
କାହାଇଲେ କି ଦଶେ ବାହାର ॥
ହାର ମାନଇ କାମ ଯାହାର । ସୁଜନେ ହେ ।୧୭।
ହରଇଣ ପୂର୍ବ ଶୋକ ॥
ଘଲେ ହେବେ ହେବ ଦକ୍ଷିଣଶୋକ ॥
ଏବେ ଶୁଣ ସ୍ୱୟମ୍ବର ସକ । ସୁଜନେ ହେ ।୧୮।
ଶୁଣି ପଢ଼ିବ ମୋହର ॥
କଦବ ଲୁଟିବେ କଣ୍ଠ ମୋହର ॥
ପଦ ପଦ ରମଣୀ ମୋହର । ସୁ ।୧୯।
ହୋଇସ ଦ୍ୱନ୍ଦ୍ୱ ଶୋଷ ॥
ସୁଜନେ ପତିତପାବନ ଘୋଷ ॥
ଭଣେ ପତିତପାବନଘୋଷ । ସୁଜନେ । ୨୦।

ଦମୟନ୍ତୀର ବିରହ ବର୍ଣ୍ଣନା ସ୍ଥଳରେ ସମସ୍ତ ବାହୁଲ୍ୟ ରୂପେ ବର୍ଣ୍ଣିତ ହୋଇଥିବାରୁ ଏ ସ୍ଥଳରେ କିଞ୍ଚିତ୍‌ମାତ୍ର ଆଭାସ ଦେଖାଇ ଅଛୁ—ଦେଶର ପ୍ରଥାନୁସାରେ ଅର୍ଥାତ୍ ଯାତ୍ରାରେ ସଚରାଚର ଯେପରି ଶବ୍ଦ ବ୍ୟବହାର ହୋଇ ଥାଏ ତାହା-ମଧ୍ୟ ଲୋକରଞ୍ଜନ ନିମନ୍ତେ ବାଧ୍ୟ ହୋଇ ବ୍ୟବ-ହାର କରିବାକୁ ହୋଇ ଅଛୁ—ବୋଧକରେଁ ଗୁଣଗ୍ରାହୀ ସାଧୁବ୍ୟକ୍ତିମାନେ ସେଥି ନିମନ୍ତେ ଅସନ୍ତୁଷ୍ଟ ହେବେ ନାହିଁ, ଯଦ୍ୟପି ସାଧୁବ୍ୟକ୍ତି-ମାନେ ଉତ୍ସାହ ପ୍ରଦାନ କରନ୍ତି ତାହା ହେଲେ ପ୍ରଥମରୁ ନାନାସ୍ୱରରାଗିଣୀ ସଂଯୁକ୍ତ ଯେ ସମସ୍ତ ଗୀତ ପ୍ରସ୍ତୁତ ହୋଇ ଅଛି ଓ ଭବିଷ୍ୟତରେ ପ୍ରସ୍ତୁତ କରିବି ସେ ସମସ୍ତ କ୍ରମଶଃ ପ୍ରକାଶ କରିବି ଓ ସାଧୁ ବ୍ୟକ୍ତିଙ୍କ-ର ଉତ୍ସାହ ପ୍ରଦାନରେ ବିଶେଷ ଉତ୍ସାହିତ

Split by PDF Splitter
Digitized by srujanika@gmail.com

Split by PDF Splitter



ହୋଇ ଯେତେ ଦୂର ସାଧ ସେମାନଙ୍କର ମନୋରଞ୍ଜନ କରିବାକୁ ତ୍ରୁଟି କରିବ ନାହିଁ ଓ ମଧ୍ୟ ନଳଚରିତ ଯାହା ନାଟକ କହି ମୁଦ୍ରିତ କରାଇବାର ଚେଷ୍ଟା କରିବ । ଏଥିରେ ଅନେକ ହାସ୍ୟରସୋଦ୍ଦୀପକ କଥା ସନ୍ନିବେଶ କରିଅଛି ଓ କରିବ ।—ସାଧାରଣ ପାଠକୋଳ ଅନେକ ସ୍ଥଳରେ ଭୁଲ ଥିବାର ସମ୍ଭବ କରେ ଲେଖା ହାର ଯେପରି ଭୁଲ ଧରାଯାଏ କଥାରେ ସେପରି ହୁଏ ନା ॥

କଲିକତା } ସାନୁନୟନିବେଦନମିଦଂ
ତା ୨୮ ଶ ଜୁଲାଇ ସନ ୧୮୯୪ } ଶ୍ରୀ ପଦ୍ମଲୋଚନ ଘୋଷ
ନଂ ୬ ମୁର ନୂତନ ବଜାର } *Head Assistant*
H. L. Mukerjee & Co's office.

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶମ୍ଭୁନାଥ ଦାସ | କଟକ | ଟ ୧୯ |
| ଶ୍ରୀ ଯାଦୁ ବର୍ଦ୍ଧ ଲେଙ୍କି | ବରହମପୁର | ଟ ୩୯ |
| ଶ୍ରୀ ରାଜା କହେ ସୁନାମା | | ଟ ୩୯ |
| ବାବୁ ଗୋପାଳଦାସ | କଟକ | ଟ ୨୯ |
| " ଦାମୋଦର ପଟ୍ଟନାୟକ | ବାଙ୍କି | ଟ ୨୯ |
| " ଉପେନ୍ଦ୍ର ମିଶ୍ର | ଯାଜପୁର | ଟ ୩୯ |
| ଶ୍ରୀ ସାହୁ ଟି, ଦେଇ | କଟକ | ଟ ୬୯ |
| ବାବୁ ଜଗବନ୍ଧୁ ମହାନ୍ତି | ଭିକାରପୁର | ଟ ୩୯ |
| ଶ୍ରୀ ରାଜା କହେ ହୁସୋଲ | | ଟ ୩୯ |
| ଶ୍ରୀ ଶୁର ଶ୍ରୀ ଶ୍ରୀ ରାମକୃଷ୍ଣ ଗଜେନ୍ଦ୍ରଦେବ, କହେ ପାଡ଼ୁର | | ଟ ୩୯ |
| ଶ୍ରୀ ଶ୍ରୀ ମହାରାଜା କହେ ଖଡ଼ଗଲ | | ଟ ୧୯ |

## ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ନାଡ଼ି ଜ୍ଞାନ, ମୃତ୍ୟୁ ଅଦଲକ୍ଷଣ ଟ ୦ /
ପର୍ଯ୍ୟାୟ ମୁକ୍ତାବଳୀ ଟ ୦ ୰
ହଂସଦୂତ ଶ୍ଳୋକ ଅର୍ଥସହିତ ଟ ୦ ୵
ମାଲ୍ୟବନ୍ତ ଚଉତିଶା ଟ ୦ ୧ ୬
ରୁକ୍ମିଣୀ ହରଣ ଟ ୦ ୵
ଜଗନ୍ନାଥ (ଜ୍ୟୋତିଷପାଠ) ଟ ୦ /
ଶ୍ରୀ ରାମଚନ୍ଦ୍ରଙ୍କ ବନଗମନ (ସୁଲଳିତ ରାଗରାଗିଣୀଯୁକ୍ତ ଗୀତ) ଟ ୦ ।/
ପଦ୍ଧତିପାକନାଷ୍ଟକ ଅର୍ଥସହିତ ଟ ୦ ୧ ୯

## ସଙ୍ଗୀତସର୍ବସାର ।

ନୂତନ ! ନୂତନ ! ନୂତନ !
ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ
ସଙ୍ଗୀତପୁସ୍ତକ ।
ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।
ଅତି ସୁଲଭ ମୂଲ୍ୟ ଟ ୦ ।/ ମାତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠମ୍ବର ପ୍ରଭୃତି ସ୍ୱମଧୁର-ସ୍ୱରର ଅତିହୃଦ୍ୟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ତଥା ବୁକ୍‌ଏଜେଣ୍ଟ ବାବୁ ରାମପ୍ରସାଦ ମୁଖାର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## BEST MANGO, PINEAPPLE &c. CHUTNEE

PREPARED WITH GREAT CARE
BY
GOLAB KHAN PUNJABEE
CANTONMENT BAZAR.
CUTTACK.

ଗୋଲାବ ଖାଁ ପଞ୍ଜାବି
ଅତି ଉତ୍ତମରୂପେ ପ୍ରସ୍ତୁତ କରିଥିବା
ଆମ୍ବ ସପୁରି ଇତ୍ୟାଦି ଚଟଣି
କଣ୍ଟୁ ବଜାର
କଟକ

## NOTICE.

*A COMPLETE KEY*

(Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c.)

To

Lethbridge's Easy Selections
(Minor course 1895)

BY

AKSHOY KUMAR GHOSE
AND
HARA CHAND GHOSH

in the press

Price per copy Re. 1—0—0
Postage one anna extra for muffasal.
To be had of the Secretary Printing Company Cuttack

## ବେଦନାରେ କଷ୍ଟ ପାଅ ନା ।

ଶ୍ରମର ଅତ୍ୟାଶ୍ଚର୍ଯ୍ୟ ବେଦନାନାଶକ ତୈଳ ବ୍ୟବହାର କର ।

ଅନ୍ୟୂନ ୫୦୦୦୦ ହଜାର ଲୋକଙ୍କର ପରୀକ୍ଷିତ ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ କମ୍ପା ଅନ୍ୟାନ୍ୟ କାରଣରେ ଉତ୍ପନ୍ନ ଅଥବା ପଡ଼ିଯାଇଁ କମ୍ପା ଅଘାତ ଲଗି ବେଦନାରେ ଅସହ୍ୟ କଷ୍ଟ ପାଉଅଛନ୍ତି ଏହ ମହୋପକାରୀ ତୈଳ ବ୍ୟବହାର କରନ୍ତୁ, କଳ୍ କଳ୍ ପ୍ରଭୃତି ଅର୍ଥାତ୍ ବନ୍ଧା ଛୁଟିଲା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା ବଳୁଳୀ ପ୍ରାୟ ତତ୍କାଳ ଉପଶମ ହୁଅଇ । ସମସ୍ତ ସଂସାର ଲୋକଙ୍କର ଏକ ଶିଶି ଘରେ ରଖିବାର କର୍ତ୍ତବ୍ୟ । ଏହି ତୈଳରେ ଡାକ୍ତର ଔଷଧ କିଛି ମାତ୍ର ନାହିଁ । ଏକଜଣ ସନ୍ନ୍ୟାସିଠାକୁରଙ୍କୁ ମିଳିଅଛି କେବଳ ବନଜାତ ପଦାର୍ଥରେ ପ୍ରସ୍ତୁତ । ଏଥିରେ ଦେହ ଚର୍ମର କୌଣସି ପ୍ରକାର ଅନିଷ୍ଟ ହୁଅଇ ନାହିଁ । ବଡ଼ ବଡ଼ ଡାକ୍ତରମାନେ ଏହି ତୈଳର ବିଶେଷ ପ୍ରଶଂସା କରୁଅଛନ୍ତି । ମୂଲ୍ୟ ଏକଶିଶିର ଏକ ଟ ୧ ଙ୍କା ପାଙ୍କି ଟ ୦୵ ଦୁଇଅଣା, ଡାକମାସୁଲ ଟ ୦। ଗୁରୁଅଣା ମାତ୍ର ।

ଜେ, ପି, ରାୟ ।
ନଂ ୩୫ ମର ନେରୁଜଲ ଲେନ,
ବହୁବଜାର । କଲିକତା ।—

## WANTED

A qualified Engineer to act for the District Engineer of the Cuttack District Board, who is going furlough for 12 months.

The officiating man will get Rs. [illegible] pay and the allowances of an Assistant Engineer.

The permanent incumbent gets Rs. 150 a month from the Estates under the Court of Wards; it is very likely the acting officer will get that work also.

Applications must reach this office before the 10th September.

Cuttack Distt. Bod's office } M. S. Das
The 8th August, 1894. } *Vice Chairman.*

## ଗୋ-ଚିକିତ୍ସା ।

ଗୋ-ଚିକିତ୍ସାର ମୂଲ୍ୟ ଏକଅଣା । ଶ ୧୦ ପୁଯାଏ ପୁସ୍ତକ ଡାକରେ ଯିବାକୁ ମାସୁଲ ଏକଅଣା । ଅଳ୍ପ ପୁସ୍ତକ ବାକି ଅଛି ।

ବଡ଼ଚେଣା } ବାମଣ୍ଡା
ଶ୍ରୀଦାଶରଥି ରାଉତ } ସମ୍ବଲପୁର ପୋଃ

## ଶୃଙ୍ଗାରସଦୀପକ ।

ଅର୍ଥାତ୍
ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ
ଛନ୍ଦୀ ସଙ୍ଗୀତ ।
ମୂଲ୍ୟ ଦୁଇଅଣା ମାତ୍ର ।
ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ
ଅସ୍ମଦାଲୟରେ ପ୍ରାପ୍ତବ୍ୟ ।
ଶ୍ରୀ ଗୁରୁଦେବ ରାମ ଅଗରୱାଲ
ନୟାସଡ଼କ କଟକ

Digitized by srujanika@gmail.com

Split by PDF Splitter



# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ⁄ ଦୁଇଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ରକ୍ଷିଣୀ ଓ ଝୁଲ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English-Entrance Course for 1894.

Chambers' Etymol. Dictionary

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

---

## ଶୀଘ୍ର ନିଅ ! ନିଅ ! ନିଅ ! !

ଆମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ପର୍ବାପେକ୍ଷା ଊଣା ମୂଲ୍ୟରେ ବହୁଦିନ ସକାଶେ ବିକ୍ରୟ କରା ହେଉଅଛି । ଆଶା କରୁଁ ଗ୍ରାହକମାନେ ଏ ସୁବିଧା ଛାଡ଼ିବେ ନାହିଁ ।

କର୍ଷାକାଳ କର୍ତ୍ତନା ( ଶ୍ରୀମତୀ ସୁଲକ୍ଷଣା ଦେଇ-ବିରଚିତ ) ଟ୦ ୧୯

ରସଲେଖା ( ହୃଦ୍ୟେନ୍ଦ୍ର,ଭଞ୍ଜ ବିରଚିତ ) ଟ୦।⁄

---

| | | |
|---|---|---|
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | | ଟ ୦ ⁄ |
| ଏହାର | ଦ୍ୱିତୀୟ ଏହାର | ଟ ୦ ⁄ |
| ଏହାର | ତୃତୀୟ ଏହାର | ଟ ୦ ⁄ |
| ଏହାର | ଚତୁର୍ଥ ଏହାର | ଟ ୦ ⁄ |
| ଜୀବନଚମ୍ପୂ | | ଟ ୦ / |
| କପିଳାସ କ୍ଷେତ୍ର | | ଟ ୦ / |

କଟକ ୨୭।୭।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

---

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଲଗ୍ନରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ବିଲାତ, ରେଶମୀ ଓଗେର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ଭଦ୍ର ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦର-ଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ମୁନାଫା କଷି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର କାହାରଠାରୁ ଅଧିକ ବା ଊଣା ନିଆଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନସ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ତଫସିଲ ।

| ଜିନସର ନାମ | ମୂଲ୍ୟ |
|---|---|
| ଅଟମେଣ୍ଟ ପେନସୀଲ | ଗୋ ୧ ଟ ୦ ।/ |
| ଲାଲ ଓ ନେଳ ପେନସୀଲ | ଗୋ ୧ ଟ ୦ ⁄୧ |
| ଉଡ଼ିଲ ପେନସୀଲ | ବ ୧ ଟ ୦ ⁄ |
| ନକସା କାଗଜ | ଦ ୧ ଟ ୦ ⁄ |
| ଫୁଲସକେପ କାଗଜ ସରସା | ଦ ୧ ଟ ୦ ⁄ |
| ଏହାର ରୁଲବାଲା | ଦ ୧ ଟ ୦ ⁄୨ |
| ଏହାର ତରସା | ଦ ୧ ଟ ୦ ⁄ |
| ଫାଉସୀନୋଟପେପର ଓ ଲଫାଫା | ଦ ୧ ଟ ୨। |

| | |
|---|---|
| ଭାଉଚାରର ସରସା | ଦ ୧ ଟ ୦ ⁄ |
| ଏହାର ମଧ୍ୟମ | ଦ ୧ ଟ ୦ / |
| ଲଫାଫା ସରସା ସ୧୦୦ ଟ୦।⁄ ଗୋ ୨୫ | ଟ୦⁄ |
| ଏହାର ମଧ୍ୟମ ସ୧୦୦ ଟ ୦ ⁄ ଗୋ ୨୫ | ଟ୦ ୧୯ |
| ବାଲିକାଗଜ ୧୬ ପଣି | ଦ ୧ ଟ ୦ ⁄ |
| ସୀହାଇ | ବୋ ୧ ଟ ୦ ⁄ |
| ଏହାର ଗୁଣ୍ଡି ଏହାକୁ ଅଧବୋତଲ ଜଳରେ ପକାଇ ଦୁଇଦିନ ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ବ ୧ ଗ୍ରୁଲ ଟ ୦ ⁄୨ |
| ସୀଲଟ ପେନସୀଲ | ବ ୧ ଟ ୦ ⁄ |
| ରବର | ଖ ୧ ଟ ୦ ⁄ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।/ |
| ଲୁହା କଲମ (ନିବ) ସରସା | ଡ଼ି ୧ ଟ ୦ ⁄ |
| ଏହାର ଜରସା | ଡ଼ି ୧ ଟ ୦ ୧୯ |
| ଏହାର ବଡ଼ମାଗନକୋନମ | ଗୋ୧ ଟ ୦ ୧୬ |
| କାଠଦୁଅତ ଚାବୁଣି ସହିତ (ଜକ୍ଷାବାଲା) | ଗୋ ୧ ଟ ୦ । |
| ଏହାର ସାଧାରଣ | ଗୋ ୧ ଟ ୦⁄୨ |
| କଲାଫିତା ସରସା | ଗ ୧ ଟ ୦⁄ |
| କୋରମ୍ଯାର କେଶ ଦୁଇପହିତ | ଗୋ ୧ ଟ ୦⁄ |
| ମନକେଗ | ଗୋ ୧ ଟ ୦ ⁄ |
| ମୁଗୁନିପଥରର ଫଷ୍ଟିକ୍ଲା ଓ ରୁପେଲିନକସାବାଲା | ଗୋ ୧ ଟ ୨। |
| ଲେବେଣ୍ଡର | ଗୋ ୧ ଟ ୧୧ |
| ମେକସର ଅଏଲ | ଗୋ ୧ ଟ ୦ ⁄ |
| ସାବୁନ ସରସା | ଖ ୧ ଟ ୦ /୧ |
| ଫୁଲଦାନୀ | ଗୋ ୧ ଟ ୧⁄ |
| ଦେବାଲଗିର ୨ଡାଲୀୟା | ଗୋ ୨ ଟ ୪। |
| ଏହାର ଏକଡାଲିଆ | ଗୋ ୧ ଟ ୨ |
| ସେଜ | ଗୋ ୧ ଟ ୨ |
| ଅମ୍ବୋଟ | ଗୋ ୧ ଟ ⁄ ୨ |
| ତାସ | ବ ୧ ଟ ୦ / |
| ସାଜପଗଡ଼ୀ | ଗୋ ୧ ଟ ୫୧ |
| ବନାରସୀ ସର୍ପ ଜସ୍ତ ପିତଳର ଏହାକୁ କୌଣସି ପାତ୍ରରେ ରଖି ନଅଁରେ ଭରଲାଇ କୋଠା ଖଡ଼ର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ ମଣ ୧ ଟ ୦ | ଗ ୧ |

କଟକ ଚୌଧୁରୀ ବଜାର } ଆରତବନ୍ଧୁ ଭର କମ୍ପାନୀ

Digitized by srujanika@gmail.com

Split by PDF Splitter




# ଜ୍ୱରର ଅବ୍ୟର୍ଥ ମହୌଷଧ

## (ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ ୦।୵ ମାସୁଲ ଟ ୦। ଅଣା

—o—

ଏହି ଔଷଧ ବ୍ୟବହାରରେ ସବୁ ପ୍ରକାରର ଜ୍ୱରରୋଗ ଏକାବେଳକେ ଆରୋଗ୍ୟ ହୋଇ ଯାଏ । ଥରେ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହୁଏ ନାହିଁ ଏହାକୁ ବ୍ୟବହାର କଲେ ଜଳ ମାତ୍ର ଜ୍ୱାଳା ଯନ୍ତ୍ରଣା ହୁଏ ନାହିଁ ଏବଂ ଏହା ନିର୍ଦ୍ଦୋଷ ଅଟେ । ଏଥିରେ ନାନାପ୍ରକାର ଚର୍ମ୍ମ-ରୋଗ ମଧ୍ୟ ଭଲ ହୁଏ । ଏହି ଔଷଧରେ ପୂର୍ବଠାରୁ ଅଧିକ କେତେକ ଗୋଟି ଅଶ୍ୱ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅଧିକ ଆଶ୍ଚର୍ଯ୍ୟ ପ୍ରଦ ହୋଇ ଅଛି । ଯେଉଁମାନେ ଏହି କୁତ୍ସିତ ରୋଗରେ କଷ୍ଟ ପାଉ ଅଛନ୍ତି ଅନ୍ତତଃ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ; ଏହାକୁ ବ୍ୟବହାର କରି ବହୁଲୋକ ରୋଗମୁକ୍ତ ହୋଇ ଅଛନ୍ତି ଏବଂ ଅନେକ ପ୍ରଶଂସା ପତ୍ର ସୁଦ୍ଧା ଦେଇ ଅଛନ୍ତି । ଔଷଧ ବ୍ୟବହାର ବିଧି ଔଷଧ ସହିତରେ ପଠା ଯାଇ ଥାଏ ।

ଶ୍ରୀ ରାମତାରକ ସେନ ।
ଦେବ ଉତ୍କଳ ପ୍ରେସ; ବାଲେଶ୍ୱର ।



ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

# "ଗନରୋ ତାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରେତାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡ଼ାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର ୨ ରୋଗୀ ଓ ଯେଉଁମାନଙ୍କୁ ବଡ଼ ୨ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଂଲଣ୍ଡ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରେତାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପ୍ରସ୍ରାବ ସହିତ ଧାତୁ ଯିବା, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହ୍ରାସତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁସ୍ସାରୋଗ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ ୨ ଙ୍କା ପ୍ୟାକିଂ ଟ ୦୵ ଅଣା
ଡାକମାସୁଲ ଟ ୦। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଯେ, ପି, ରାୟ
ନଂ ୪୫ ମର୍ କେବୁଲ୍ଲା ଲେନ
କଲିକତା ।



# ଭାରତରେ ନୂତନ

## ଅନୁଷ୍ଠାନ ।

ଆୟୁର୍ବେଦିକ ମେଡ଼ିସିନ ମ୍ୟାନୁଫ୍ୟାକ୍‌ଚରିଂ କୋମ୍ପାନୀ ଅବ୍ ଇଣ୍ଡିଆ ଲିମିଟେଡ୍
କାଲନା, ବେଙ୍ଗାଲ ।

## ରେଜିଷ୍ଟ୍ରୀକୃତ ମୂଳଧନ ଟ ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ବିଶୁଦ୍ଧପ୍ରକାରେ ପ୍ରସ୍ତୁତ ହୋଇ ସର୍ବଦା ସଦର ଓ ମୋଫସଲର ସର୍ବତ୍ରରେ ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛାସ କରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ନିକଟରୁ ଔଷଧ ଗ୍ରହଣ କରିବେ ।

ଏଠାରେ ହିଷ୍ଟିରୀ, କାଶ, ଜ୍ୱର, ଇନଫ୍ଲୁଏଞ୍ଜା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅସାଧ୍ୟ ଉତ୍କଟ ଓ ଜଟିଳ ପୀଡ଼ାସବୁରେ ବିଶେଷ ଉପକାରୀ ଔଷଧ ମଧ୍ୟ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଭନ-କୁନ୍ତଳ-ତୈଳ;—ଶିରଶୀତଳ ଓ ସୌଖିନର ଅମୂଲ୍ୟ ସାମଗ୍ରୀ । ଇହାଦ୍ୱାରା ଚକ୍ଷୁ ହେତୁ ମସ୍ତିଷ୍କକୁ ଉତ୍ତାପ ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧ ୯ ଖରଚ ଟ ୦ ।୵

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ ୦ ୪ ୯ ଡାକଖର୍ଚ୍ଚାଦି ଟ ୦ ।୵

କୁନ୍ତଳ-କୌମୁଦୀ-ତୈଳ; —ନୂତନ ଶିରୋପୀଡ଼ାର ଔଷଧ । ଏହା ବ୍ୟବହାରକଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧ ୯ ଖର୍ଚ୍ଚାଦି ଟ ୦ ।୵

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜେଷ୍ଟରୀ ହୋଇଅଛି । ଏହା ୨୦୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୦୯ ଙ୍କା । ୧।୨ କିସ୍ତିରେ ଟ ୨୫୯ ଙ୍କା ହିସାବରେ ଆଦାୟ ହୋଇଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲାଭ ଦେଖାଇବାକୁ ସାହସ କରନ୍ତି । ଏତେବେଳେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । କ୍ରେତାଗଣ ଶେୟରମାନେ ସତ୍ୱର ନାମଧାମ ସହ ଆବେଦନ କରିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ
ସେକ୍ରେଟେରୀ ଏବଂ ଟ୍ରେଜରର


ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ପ୍ରକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ପ୍ରକାଶେ ସୁବିଧା ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ଡାଃ ଚନ୍ଦ୍ରଶେଖର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୨୯ ଶ | ସଂ ୩୫ ସଂଖ୍ୟା

ତା ୧ ଲା ମାହେ ସେପ୍ଟେମ୍ବର ସନ ୧୮୯୪ ମସିହା । ମୁ । ତା ୧୮ ଜ ଭାଦ୍ର ସନ ୧୩୦୧ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩

ପଶ୍ଚାଦ୍ଦେୟ ଟ ୬


ଚୀନ ଜାପାନ ଯୁଦ୍ଧ ସମ୍ବନ୍ଧରେ ଏ ସପ୍ତାହରେ ସମ୍ବାଦ ଆସିଅଛି କି ଚୀନ ଏକ ବୃହତ୍ ଯୁଦ୍ଧରେ ଜାପାନକୁ ପରାସ୍ତ କରି କଣ୍ଟରୁ ଛଡ଼ିଦେଇ ଅଛନ୍ତି । ଅନେକ ଜାପାନୀ ସେନା ମରି ପଡ଼ିଅଛନ୍ତି ।

---

ବରହ୍ମାରାଜ୍ୟରେ ଅଗାମି ଫସଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଜଣା ଯାଉଅଛି । କମା ଶୁଖି ଫସଲ ଖୋଇକେଇ ଯାଇଅଛି ଏବଂ ଅନେକ ଗବାଦ ପଶୁ ଅନେକ ଅନାହାର ଅବସ୍ଥ ହୋଇଅଛନ୍ତି । ଭୂମି ଜଳାଭାବରୁ ସଜାସ୍ୱ ଅଦାୟ ହେଉଅଛି ଏବଂ ଲୋକେ ଟିକସ ଦେବାଯାଇଁ ଋଣ କରିବାକୁ ବାଧ୍ୟ ହେବାରୁ ମହାଜନମାନେ ଅତ୍ୟନ୍ତ ଉଚ୍ଚ ଦରରେ କଲନ୍ତର ନେଉଅଛନ୍ତି । ବ୍ରହ୍ମଦେଶ ଚାଉଳର ଭଣ୍ଡାର । ସେଠାରେ ଫସଲ ନ ହେଲେ ଭାରତବର୍ଷରେ ଚାଉଳର ସୁସାର ହେବ ନାହିଁ । ସୁତରାଂ ସମସ୍ତଙ୍କୁ କଷ୍ଟ ଭୋଗ କରିବାକୁ ହେବ ।

---

ଇଉରୋପଖଣ୍ଡର ଉତ୍ତରଭାଗ ନରଓଏ ରାଜ୍ୟରେ ଧାଣିଷା ସମ୍ବନ୍ଧରେ ଗୋଟିଏ ନୂତନ ଆଇନ ଜାରି ହୋଇଅଛି । ତହିଁରେ ଅପ୍ରାପ୍ତବୟସ୍କ ବାଳକ ବାଳିକାମାନଙ୍କ ନିମନ୍ତେ କଧ ହୋଇଅଛି କି କୌଣସି ବାଳକ ଯେ ପର୍ଯ୍ୟନ୍ତ ସୂତା କାଟିବା ବୁଣିବା ଓ ସିଲାଇବା ଏବଂ ବଢ଼େଇ କାର୍ଯ୍ୟରେ ଯୋଗ୍ୟତା ଲାଭ ନ କରିବ ସେପର୍ଯ୍ୟନ୍ତ ବିବାହ ହୋଇ ପାରିବ ନାହିଁ । ବୁଣିବା ଓ ସୂତା-କାଟିବା ଏ ଦେଶରେ ସ୍ତ୍ରୀମାନଙ୍କର ପ୍ରଧାନ କାର୍ଯ୍ୟ ଥିଲା ମାତ୍ର ପ୍ରଥମଟି ସର୍ବଦାର ପ୍ରଥା ଏବଂ ଦ୍ୱିତୀୟଟି ବିଲାତିଲୁଗାର ଆମଦାନୀ ହେତୁ କ୍ରମେ ଉଠିଯାଉଅଛି ଏବଂ ତହିଁ ସଙ୍ଗେ ସଙ୍ଗେ ଅସ୍ମାନଙ୍କର ଦରିଦ୍ରତା ମଧ୍ୟ ବୃଦ୍ଧି ହେଉଅଛି ।

---

ମାନ୍ଦ୍ରାଜର ଗବର୍ଣ୍ଣର ମହାମାନ୍ୟ ଲର୍ଡ ୱେନଲକ ଚଳିତ ମାସ ତା ୧୬ ରିଖରେ ଉଟକାମୁନ୍ଦରୁ ଯାତ୍ରା କରି ମହୀସୁର ବଙ୍ଗଲୋର ଭ୍ରମଣ କରିବାକୁ ପୁନାଠାରେ ଉପସ୍ଥିତ ହୋଇ ବମ୍ବେଇର ଗବର୍ଣ୍ଣର ଲର୍ଡ ହାରିସଙ୍କ ସହିତ ସାକ୍ଷାତ୍ କରିବେ । ସେଠାରୁ ହାଇଦରାବାଦ ଓ ବେଜୱାଡ଼ା ଯାଇ ନୂତନ ଇଷ୍ଟକୋଷ୍ଟ ରେଲୱାଟ ପରିଦର୍ଶନ ଉପଲକ୍ଷରେ ଗଞ୍ଜାମ ଜିଲା ପର୍ଯ୍ୟନ୍ତ ଆସିବେ ଏବଂ ଚିକାକୋଲ ଓ ଥ୍ୟାରଲ ଷ୍ଟେସନରେ ପଦାର୍ପଣ କରିବେ । ଭିଜିଆନଗ୍ରାମ ଇଉନ୍ୟୋସନ ଅର୍ଥାତ୍ ପଞ୍ଚିକ୍ଷପ୍ରଣାଳୀ କାର୍ଯ୍ୟ ପ୍ରତିଷ୍ଠା କରି ରେଲବାଟରେ ବିଶାଖାପାଟଣାକୁ ଯାଇ ଅକ୍ଟୋବର ମାସ ତା ୧୩ ରିଖ ସରତ ମାନ୍ଦ୍ରାଜ ନଗରରେ ଉପସ୍ଥିତ ହେବେ । ଗଞ୍ଜାମ ଜିଲାରେ ଏ ଉପଲକ୍ଷରେ ସମାରୋହ ହେବାର କଥା ।

---

ମାନ୍ଦ୍ରାଜର ଗତ ଲୋକଗଣନା ସମ୍ବନ୍ଧୀୟ ରିପୋର୍ଟରେ ଏକ ସ୍ଥାନରେ ଲେଖାଅଛି କି କୁମୁଟିମାନେ ଶୁଦ୍ଧ ବୈଶ୍ୟ ଥିବାର ପ୍ରକାଶ କରନ୍ତି । ବାଣିଜ୍ୟ ବ୍ୟବସାୟ ସେମାନଙ୍କର ଜୀବିକା ଓ ତହିଁରେ ସେମାନେ ବିଶେଷରୂପେ ସଫଳ ହୋଇଅଛନ୍ତି ମାତ୍ର ସେମାନଙ୍କର ମାଲଗା ( ଚର୍ମକାର ) ଜାତି ସହିତ ସମ୍ପର୍କ ଥିବାରୁ ସେମାନଙ୍କର ଆଦର ଊଣା ଅଟେ । ଏହି ସମ୍ପର୍କ ପ୍ରକାଶ୍ୟ ନୁହେ । ପୂର୍ବେ ବିବାହ ସମୟରେ କୁମୁଟିମାନେ ଗୋପନରେ ମାଲଗାଙ୍କୁ ନିମନ୍ତ୍ରଣ କରୁଥିଲେ । ବର୍ତ୍ତମାନ ସେ ପ୍ରଥା ଉଠିଯାଇଅଛି ମାତ୍ର କେହି କେହି କୁମୁଟିର ବିବାହସଭାରେ ଏକହଳ ନୂତନ ଚର୍ମପାଦୁକା ସମ୍ମୁଖରେ କାରଣ ସ୍ୱରୂପ ପାନ ଗୁଆ ରଖାଯାଏ । ମାନ୍ଦ୍ରାଜର କୁମୁଟିମାନେ ଏଥିରେ ଅସନ୍ତୁଷ୍ଟ ହୋଇ ଗବର୍ଣ୍ଣମେଣ୍ଟରେ ଅବେଦନ କରିବାକୁ ମନସ୍ଥ କରିଅଛନ୍ତି ।

---

ଗତ ପୋଲୀସ ସବ୍‌ଇନ୍‌ସ୍ପେକ୍ଟର ପରୀକ୍ଷାର ଫଳ ପୋଲୀସଗେଜେଟରେ ପ୍ରକାଶିତ ହୋଇଅଛି । ଓଡ଼ିଶାର ଜ ୧୬ ଣ ପ୍ରାର୍ଥୀ ମଧ୍ୟରୁ ନିମ୍ନଲିଖିତ ଜ ୮ ଣ ଉତ୍ତୀର୍ଣ୍ଣତା ଲାଭ କରିଅଛନ୍ତି ।

(୧) ବାବୁ ହରେକୃଷ୍ଣ ଦାସ (୨) ବାବୁ କୁଞ୍ଜବିହାରି ଘୋଷ (୩) ବାବୁ ଠାକୁରପ୍ରସାଦ ମୁନ୍ସିନ (୪) ଜନାର୍ଦ୍ଦନ ଚକ୍ରବର୍ତ୍ତୀ (୫) ବାବୁ ବିହାରିଲାଲ ସରକାର (୬) ବାବୁ ପଦ୍ମଚରଣ ଦାସ (୭) ପଦ୍ମନାଭ ଦାସ (୮) ଜାନକୀବଲ୍ଲଭ ଦାସ ଏମାନଙ୍କ ମଧ୍ୟରୁ ବାବୁ ବିହାରିଲାଲ ସର୍ବ-

Split by PDF Splitter



ଜାର ବାଲେଶ୍ୱର ଜିଲ୍ଲାର ହେଡ଼ କନଷ୍ଟେବଲ ଓ ବାବୁ ଜାନକୀବଲ୍ଲଭ ଦାସ ସ୍ପେଶିଆଲ ହେଡ଼ କନଷ୍ଟେବଲ ଅଛନ୍ତି । ଅବଶିଷ୍ଟ ତିନିଜଣ ବାଙ୍ଗଳାଦେଶ ବାସୀ ବାବାଜୀ ଲୋକ । କଟକ ଜିଲ୍ଲାରେ ୧୦ ଗୋଟି ବାର୍ଷିକ ଖାଲି ଥିବା ପ୍ରଭୃତିରେ ତିନିଜଣ ଉତ୍ତୀର୍ଣ୍ଣ ହେବା ଓଡ଼ିଶା ପ୍ରତି ଗୌରବର ବିଷୟ ଅଟେ । ବାବୁ ହରେକୃଷ୍ଣ ଦାସ ଓଡ଼ିଶାରେ ପ୍ରଥମ ଓ ସାଧାରଣ ପରୀକ୍ଷୋତ୍ତୀର୍ଣ୍ଣ ତାଲିକାରେ ୧ମ ସ୍ଥାନ ପାଇବା ମଧ୍ୟ ସନ୍ତୋଷଜନକ ଅଟେ ।

---

ଏପର୍ଯ୍ୟନ୍ତ ସରକାର ନିଯୁକ୍ତ କରିଥିଲେ ଯେ ସ୍ଥାନୀୟ ହାକିମମାନେ ଆପଣା କଚେରୀର ପ୍ରୟୋଜନୀୟ ଫାରମ ଆଦି ଷ୍ଟେସନରି ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ଦ୍ୱାରା କେବଳ କଲିକତାର ସରକାରୀ ଛାପାଖାନାରେ ଛପାଇନେବେ । ସମ୍ପ୍ରତି ମାନ୍ୟବର ବଙ୍ଗୀୟ ଛୋଟଲାଟ ଏହି ମର୍ମରେ ଆଦେଶ ପ୍ରଚାର କରିଅଛନ୍ତି ଯେ ନାନା ଜିଲ୍ଲାରେ ଲୋକଙ୍କ ଦ୍ୱାରା ଛାପାଖାନାମାନ ସ୍ଥାପିତ ହେବା ଓ ସେମାନେ ସ୍ୱଳ୍ପ ମୂଲ୍ୟରେ ଛପା କାର୍ଯ୍ୟ କରିବା ପ୍ରଭୃତିରେ ସ୍ଥାନୀୟ ହାକିମମାନେ ଅଳ୍ପସମୟମଧ୍ୟରେ କାର୍ଯ୍ୟ ପାଇବା ଦୃଷ୍ଟିରେ ଫରମ୍ ଫାରମମାନ ସ୍ଥାନୀୟ ଛାପାଖାନାରେ ଛପାଇନେଇ ପାରିବେ ଏବଂ କଣ୍ଟିଜେଣ୍ଟ ଖରଚମଧ୍ୟରୁ ତହିଁର ମୂଲ୍ୟ ଦେବେ । ସ୍ଥାନୀୟ ଛାପାଖାନା ପ୍ରତି ଛୋଟଲାଟ ମହୋଦୟଙ୍କର କୃପାଦୃଷ୍ଟି ପଡ଼ିବାରୁ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । ସରକାରଙ୍କର ସାହାଯ୍ୟ ହେଲେ ସ୍ଥାନୀୟ ବ୍ୟବସାୟର ଅନେକ ଉନ୍ନତି ହେବ ସନ୍ଦେହ ନାହିଁ ।

---

ନନ୍ଦନ ଦେଓ ଦସ୍ପିନଦାସ କଟୁୟାଲ ନାମକ ଏକ ବ୍ୟକ୍ତି ଜଣେ ହିନ୍ଦୁ ମହଳାଠାରୁ ଟ ୮୦୦ ଙ୍କା ଋଣ ନେଇ ବନ୍ଧକ ତମସୁକ ଲେଖି ରେଜିଷ୍ଟ୍ରି କରାଇ ଦେଇଥିଲା । ସେ ନୋଟ କର ଦିବାରୁ ଅନନ୍ତର ଡେପୁଟି ମାଜିଷ୍ଟ୍ରେଟଙ୍କ ନିକଟରେ ତହିଁର ସମ୍ବାଦ ଦେଇ ନୋଟ ପୂରଣ ପ୍ରାପ୍ତି ନିମନ୍ତେ ଟ ୨୫ ଙ୍କା ପୁରସ୍କାର ପାଇଥିଲା । ତହିଁ ଉତ୍ତାରୁ ସେ ମହିଳା ରେଜିଷ୍ଟ୍ରି ଅଫିସରୁ ତମସୁକର ନକଲ ଆଣି ସବଡିଭିଜନ ମୁନସଫି ଅଦାଲତରେ ନାଲିସ କରିବାରୁ ସାଲିସ ଟଙ୍କା ପରିଶୋଧ କରିବାର କିଛି ଉଦ୍‌ଯୋଗ ସ୍ୱରୂପ ଅସଲ ରେଜିଷ୍ଟ୍ରି ତମସୁକ ଦାଖଲ କଲା । ଏହି ମକଦ୍ଦମା ଚଳୁଥିବା ସମୟରେ ଏକ ବ୍ୟକ୍ତି ଠିକ ସେହିପରି ଖଣ୍ଡିଏ ରେଜିଷ୍ଟ୍ରିସ ତମସୁକ ଆଣି ଉତ୍ତର ଡେପୁଟି ମାଜିଷ୍ଟ୍ରେଟଙ୍କ ନିକଟରେ ଦାଖଲକର ପୁରସ୍କାର ପାଇବାର ପ୍ରାର୍ଥୀ ହେଲା । ଏହିରୂପ ତମସୁକ ମଧ୍ୟରୁ କେଉଁଟା ଅସଲ ତମସୁକ ବର୍ତ୍ତମାନ ଡେପୁଟି ମାଜିଷ୍ଟ୍ରେଟ ତହିଁର ଅନୁସନ୍ଧାନ କରୁଅଛନ୍ତି । ଅଜକାଲି ମନୁଷ୍ୟର ଅସାଧ୍ୟ କିଛି ନାହିଁ ।

---

ଖୁଲନାର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବେଲସାହେବ କେଶବ ଲାଲମିଶ୍ରନାମକ ଜଣେ ଜମିଦାରଙ୍କ ଡେଷ୍ଟର ମୋକ୍ତାରଙ୍କୁ ଗୃହକୁ ମାରିବା ଏବଂ କେଶବଲାଲ ତହିଁର ନାଲିସକରିବାରୁ ସେଠା ଡେପୁଟି କଲେକ୍ଟର ବାବୁ ସଙ୍ଗପତନ୍ ତାହା ଡିସମିସ୍ କରିବା ପ୍ରସଙ୍ଗ ଏଥିପୂର୍ବେ ଲେଖିଥିଲୁଁ । କେଶବଲାଲ ହାଇକୋର୍ଟରେ ମୋସନ କରିବାରୁ ମାଜିଷ୍ଟ୍ରେଟ ଏବଂ ଡେପୁଟି ମାଜିଷ୍ଟ୍ରେଟଙ୍କୁ କଇଫିଅତ ତଲବ ହେବାରେ ମାଜିଷ୍ଟ୍ରେଟ ଦୋଷ ସ୍ୱୀକାରକରି କ୍ଷମା ପ୍ରାର୍ଥନା କଲେ ଏବଂ ଡେପୁଟି ମାଜିଷ୍ଟ୍ରେଟ ଉତ୍ତର ଦେଲେ ଯେ କେଶବଲାଲ ସାଟକାର ୫ ୧୮ ତ ଉତ୍ତାରୁ ମାଜିଷ୍ଟ୍ରେଟ ସାହେବ ମୋକଦ୍ଦମାକୁ ବାହାରଗିବା ନନ ନାଲିସକରିବା ଓ ଆପଣା ଇଜାହାରରେ ମାଜିଷ୍ଟ୍ରେଟଙ୍କ ସଙ୍ଗ ଜଣାଇ ନ ଥିବା କହିବା ଓ ଗାଧିଦେବଙ୍କରେ ଥିବା ମାଡ଼ର ଦାଗମାନ ସନ୍ଦେହ ଯୁକ୍ତ ହେବ ଜଣାଇବା ଅନ୍ୟ କେହି ତାହାକୁ ମାଡ଼ିବାର ଅସମ୍ଭବ ବୋଧହେବାରୁ ତାହାର ଇଜାହାର ଅବିଶ୍ୱାସ କରି ତାହାକୁ ଡିସମିସ କଲେ ଏବଂ ମିଥ୍ୟା ନାଲିସକରିବାର କାରଣ କର ଗାହାକାହିଁକି ଧାରା ୨୧୧ ଧା ମୋକଦ୍ଦମା ଦାଏର କରିବାର ଆଦେଶ ଦେଇଥିଲେ । ତହିଁଉତ୍ତାରୁ ବେଲସାହେବଙ୍କ ପକ୍ଷରୁ ସେ ମାଡ଼ ମାରିଥିବା କଥା କହିଥିଲାରୁ ମିଥ୍ୟାନାଲିସ ମୋକଦ୍ଦମା ଚଳାଇବାର ଆଦେଶ ରହିତ କରିଅଛନ୍ତି । ହାଇକୋର୍ଟ ଉଭୟ ପକ୍ଷର ବାରିଷ୍ଟରଙ୍କ କଥା ଶୁଣି କେଶବ ଲାଲର ମୋକଦ୍ଦମା ବିଚାର ନିମନ୍ତେ ୨୪ ପର ଗଣାର ମାଜିଷ୍ଟ୍ରେଟଙ୍କୁ ଆଦେଶ ଦେଇଅଛନ୍ତି । ସ୍ୱୟଂ ମାଜିଷ୍ଟ୍ରେଟ ବିଚାର କରିବେ ।

---

କଲିକତା ହାଇକୋର୍ଟର ଜଣେ ସୁଯୋଗ୍ୟ ସୋଲିସିଟରର ସମ୍ପତ୍ତି ସାହେବ ଦେବଳାର ଏକ ଦେବାଳିଆରେ ଗୋଟିଏ ସ୍ୱତନ୍ତ୍ରଦେଶପୂର୍ଣ୍ଣ ଜଜ୍ଜିକା ପ୍ରଦାନ କରିଥିଲେ । ସେ ଅଭିଯୋଗ କଥା ମଧ୍ୟରେ କହିଥିଲେ ଯେ ଆମେରିକାରେ କୃଷିକାର୍ଯ୍ୟର ଲାଭ କରିବାର ସୋପାନ ତିନୋଟି ଅଟେ, ଯଥା ଦୃଷ୍ଟି ଚିନ୍ତା ଓ ଚେଷ୍ଟା । ଏଥିର ଉଦାହରଣ ସ୍ୱରୂପ ସେ ଭାରତବର୍ଷର ଗୋ ବ୍ୟବସାୟର ମୂଳ କାରଣ ଦର୍ଶାଇ ଦେଇଅଛନ୍ତି । ଭାରତରେ ପୂର୍ବେ ଗୋ ବ୍ୟବସାୟ ଅଧିକ ନ ଥିଲା । ଅମେରିକା ଜଣେ ବଂଶଜ କେତେଗୁଡ଼ିଏ ଉଚ୍ଚପ୍ରକାର ପ୍ରଜାପତି ଏକ ବାକ୍ସରେ ଭରତିକରି ଭାରତକୁ ପଠାଇଲେ । ଜଣେ ଅଧ୍ୟାପକ ସେ ସମସ୍ତ ଦେଖି କହିଲେ ଯେ ଏହି ମଧ୍ୟରେ କେତେଗୁଡ଼ିଏ ଚୀନର ପ୍ରଜାପତି ଅଛନ୍ତି । ଯଦ୍ୟପି ଏହି ଉତ୍ତରରେ ସେ ଶୁଣିଲେ ଯେ ସମସ୍ତ ପ୍ରଜାପତି ଅମେରିକାର ଅଟନ୍ତି ତଥାପି ସେ କହିଲେ ଯେ ତେବେ ଅମେରିକାରେ ଅବଶ୍ୟ ଗୁହା ଉତ୍ପନ୍ନ ହେଉଥିବ କାରଣ ଅନ୍ୟ ପ୍ରଜାପତି ଗୁହାପତ୍ର ବିନା ଅନ୍ୟ କିଛି ଖାନ୍ତି ନାହିଁ । ଏହି କଥା ବୋର୍ଡ ଅଫ୍ ଡାଇରେକ୍ଟରଙ୍କ ନିକଟକୁ ରିପୋର୍ଟ ହେବାରେ ସେମାନେ ଅନୁସନ୍ଧାନ କରିବାର ଆଦେଶ ପଠାଇଲେ ଏବଂ ଅମେରିକାର ଅରଣ୍ୟରେ ଗୁହାବଣ ଅବସ୍ଥିତ ହେଲା । ଜଣେ ଅଧ୍ୟାପକର ଏହି ଦୃଷ୍ଟି ଓ ଚିନ୍ତାର ଫଳସ୍ୱରୂପ ଗୁହା ଆମେରିକାର ଗୋଟିଏ ପ୍ରଧାନ ବ୍ୟବସାୟ ହୋଇଅଛି ଏବଂ ଶତ ଶତ ଇଂରାଜ ଓ ସହସ୍ର ଦେଶୀୟ ଲୋକ ସୁବାଦଗିରିରେ କାର୍ଯ୍ୟରେ ଜୀବନ ଯାପନ କରୁଅଛନ୍ତି ।

---

ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ବଦଳରେ ସରକାରୀ କଚେରୀ ମାନଙ୍କରେ ହିନ୍ଦୀ ଭାଷା ପ୍ରଚଳନ ହେବାର ପ୍ରସଙ୍ଗ ଉଠିବାରୁ ସେଠାଲୋକମାନେ ପ୍ରତିବାଦ ସଭା କରି ମଧ୍ୟ ପ୍ରଦେଶର ଚିଫ୍ କମିଶନରଙ୍କ ନିକଟକୁ ଅବେଦନ ପତ୍ର ପଠାଇ ଅଛନ୍ତି । ଅଦ୍ୟାପି ତାହା ନିଷ୍ପତ୍ତି ହୋଇ ନାହିଁ । ଏଥିମଧ୍ୟରେ ସମ୍ବଲପୁର-ହିତୈଷିଣୀରୁ ଦୁଃଖର ସହିତ ଅବଗତ ହେଲୁଁ ଯେ ସମ୍ବଲପୁରର କଚେରୀର ପ୍ରତ୍ୟେକ ଅମଲାମାନେ ହାକିମମାନେ ଆପଣା ଅମଲାମାନଙ୍କୁ ହିନ୍ଦୀ ଶିଖାଇବାକୁ ଉପଦେଶ ଦେଇ କହୁଅଛନ୍ତି ଯେ ତାହା ନ ଶିଖିଲେ ସେମାନେ ପଦୋନ୍ନତି ପାଇବେ ନାହିଁ । ସହଯୋଗୀ ଯଥାର୍ଥ କହୁଅଛନ୍ତି ଯେ ଚିଫ୍ କମିଶନରଙ୍କ ନିଷ୍ପତ୍ତି ପୂର୍ବେ ଅମଲାମାନଙ୍କୁ ହିନ୍ଦୀ ଶିଖିବାକୁ ବାଧ୍ୟ କରିବା କେବଳ ଅନ୍ୟାୟ ନୁହେଁ ଏବଂ ଅନେକଙ୍କ ପକ୍ଷରେ ଘୋ-

Digitized by srujanika@gmail.com

ମାସ ମାହସ୍ତେ ଶିକ୍ଷାକରିବା ସହଜ ନୁହେ । ପରନ୍ତୁ ଏହା ଅମଲମାନଙ୍କୁ ଯଦି ଶିଖାଇଲେ ଭ ହେବ ନାହିଁ । ଲୋକସ୍ଥାନଙ୍କେ ଶିକ୍ଷାଦାନର ବନ୍ଦୋବସ୍ତ ନ ହେଲେ ଦରଖାସ୍ତ ଇତ୍ୟାଦି କିଏ ଲେଖିଦେବ ଏବଂ ସମନ ଇତ୍ୟାଦି କିଏ ପଢ଼ିଦେବ ? ସୁତରାଂ ଯେଉଁ ଦାଲମମାନେ ଅମଲମାନଙ୍କ ଶିକ୍ଷା ନିମନ୍ତେ ବ୍ୟସ୍ତ ସେମାନେ ଅଗ୍ରେ ଜନସାଧାରଣଙ୍କ ଶିକ୍ଷାର ବନ୍ଦୋବସ୍ତ କରନ୍ତୁ । ଦେଶଭାଷା ଛଡ଼ା ଅନ୍ୟଭାଷାରେ କଚେରୀର କାଗଜପତ୍ର ଲେଖା ପଢ଼ି ହେଲେ ଅମଲଙ୍କ ଲାଭ ବିନା ଅଲାଭ ହେବ ନାହିଁ । କେବଳ ଗରିବ ମାମଲତକାରମାନେ ମାରା ପଡ଼ିବେ ।

---

ହୋଷ୍ଟେଜାଲ୍ ଯୋଗେ ବାଲେଶ୍ୱରର ଏକ ଅଞ୍ଚଳରେ ଯେପରିମାଣ ଅନିଷ୍ଟ ହୋଇଅଛି ଗତମାସ ତା ୨୮ ରିଖର ଓଡ଼ିଆ ଓ ନବସମ୍ବାଦରେ ତାହା ନିମ୍ନଲିଖିତ ରୂପେ ବର୍ଣ୍ଣିତ ହୋଇ ଅଛି, ଯଥା ।

“ଏଠାରୁ ଅଳ୍ପଦୂର କେନାଲର ପଶ୍ଚିମପାର୍ଶ୍ୱସ୍ଥ ଏକକ୍ରୋଶ ପର୍ଯ୍ୟନ୍ତ ସ୍ଥାନ ଅଜସ୍ରଧା ଜଳପ୍ଲାବନ ନିଶେଷ ହୋଇ ନାହିଁ; ଧାନକ୍ଷେତ୍ରମାନ ନଷ୍ଟ ହୋଇ ଯିବାରୁ ଚାଷୀମାନଙ୍କର ମହାକଷ୍ଟ ହୋଇ ଅଛି । କେନାଲ ହେବା ତାରିଖରୁ ଆଜି ପର୍ଯ୍ୟନ୍ତ ଏହିରୂପ ଦୁର୍ଦ୍ଦଶା ସେମାନେ ଭୋଗି ଆସୁଅଛନ୍ତି । ବର୍ଷକୁବର୍ଷ ଏହି ଚାଷୀମାନେ ଜମି ହସ୍ତାନ୍ତର ହେବା ଭୟରେ ଜମିଦାରଙ୍କୁ ଖଜଣା ଯୋଗାଇ ଆସୁଅଛନ୍ତି । ଧାନ ଚାଉଳର ବର୍ତ୍ତମାନ ଉଚ୍ଚମୂଲ୍ୟ ଥିଲେ ସୁଦ୍ଧା ଏମାନେ କଙ୍କାଳସାର ହୋଇ ପଡ଼ିଲେଣି । ବାସ୍ତବରେ ଭାବି ଦେଖିଲେ ଏହାହିଁ ପ୍ରତୀତ ହେବ ଯେ କ୍ରମାନ୍ୱୟରେ ଘର ଦ୍ୱାର ବିକି ଏମାନେ ଅନ୍ନ ଦେହେହାଲ ଚଳିବାକୁ ସକ୍ଷମ ହେବେ । ବର୍ତ୍ତମାନ ବନ୍ଦୋବସ୍ତ ସମୟ ଉପସ୍ଥିତ ହୋଇ ଅଛି, ଏହିବେଳେ ଏବିଷୟର ବିଶେଷ ଅନୁସନ୍ଧାନ ହେବା ଆବଶ୍ୟକ; ଗବର୍ଣ୍ଣମେଣ୍ଟ ଜମି ସମ୍ବନ୍ଧରେ ଯଥାର୍ଥ ବନ୍ଦୋବସ୍ତ କରିବାକୁ ବନ୍ଦୋବସ୍ତକର୍ମଚାରୀ ଦ୍ୱାରା ଜମିର ଅବସ୍ଥା ଏହି ସମୟରେ ତଦନ୍ତ କରି ଦେଖିବା ଉଚିତ” ॥

ସହଯୋଗିଙ୍କ ପ୍ରସ୍ତାବ ଯଥାର୍ଥ ଅଟେ । ଭରସା କରୁଁ ଏହା ଗବର୍ଣ୍ଣମେଣ୍ଟଙ୍କ ମନୋଯୋଗ ଆକର୍ଷଣ କରିବ । ସେ ଅଞ୍ଚଳର ଜମିଦାର ଏବଂ ପ୍ରଜାମାନଙ୍କର ମଧ୍ୟ ଏବିଷୟରେ ସ୍ୱତନ୍ତ୍ର ଆବେଦନପତ୍ର ଗବର୍ଣ୍ଣମେଣ୍ଟଙ୍କୁ ପଠାଇବା ଉଚିତ ।

---

ମଧ୍ୟପ୍ରଦେଶର ଅନ୍ତର୍ଗତ ଏବଂ ତହିଁର ଉତ୍ତର ପଶ୍ଚିମାଞ୍ଚଳ ସ୍ଥିତ ଦାମୋ, ସାଗର ପ୍ରଭୃତି ଏଲାକାରେ ଦୁର୍ଭିକ୍ଷ ପଡ଼ିଅଛି ଏବଂ ପ୍ରାୟ ଦୁଇମାସରୁ ଊର୍ଦ୍ଧ୍ୱ ହେଲା ସରକାର ସେଠାରେ ସାହାଯ୍ୟଦାନ କରୁ ଅଛନ୍ତି । ସେହି ବିଭାଗମାନଙ୍କର ପଶ୍ଚିମରେ ଥିବା ଭୂପାଳ ରାଜ୍ୟରେ ମଧ୍ୟ ଦୁର୍ଭିକ୍ଷ ପଡ଼ିଅଛି । ମାତ୍ର ଭୂପାଳର ବର୍ତ୍ତମାନ ଅଧୀଶ୍ୱରୀ ବେଗମସାହେବା ସାହାଯ୍ୟ ଦାନର ଏମନ୍ତ ସୁନ୍ଦର ଓ ପ୍ରଚୁର ବ୍ୟବସ୍ଥା କରିଅଛନ୍ତି ଯେ ବୃଟିଶସାହାଯ୍ୟ ବ୍ୟବସ୍ଥାରୁ ଅନେକ ପରିମାଣରେ ଉତ୍କୃଷ୍ଟ ଜଣା ଯାଉଅଛି । ବେଗମସାହେବା ଶସ୍ୟ କ୍ରୟନିମନ୍ତେ ପାଞ୍ଚଲକ୍ଷ ଟଙ୍କା ମଞ୍ଜୁର କରିଅଛନ୍ତି ଏବଂ ତହିଁମଧ୍ୟରୁ ତିନିଲକ୍ଷ ଟଙ୍କାର ଖାଦ୍ୟଦ୍ରବ୍ୟ ଏଥି ମଧ୍ୟରେ ଖରିଦହୋଇ ଦୁର୍ଭିକ୍ଷପୀଡ଼ିତ ଲୋକଙ୍କୁ ବାଣ୍ଟି ଦିଆ ହୋଇଅଛି । ଖାଦ୍ୟଦ୍ରବ୍ୟ ବାଣ୍ଟିବା ବିଷୟରେ ବେଗମସାହେବା ଆଦେଶ ଦେଇଅଛନ୍ତି କି ତାହାଙ୍କର ପ୍ରଜା ହେଉ ବା ନିକଟବର୍ତ୍ତୀ ଇଂରାଜରାଜ୍ୟର ପ୍ରଜା ହେଉ ଯେ କେହି ଅନାହାରରେ ଆସି ସାହାଯ୍ୟ ପ୍ରାର୍ଥନା କରିବ, ତାହାକୁ ଖାଦ୍ୟଦ୍ରବ୍ୟ ଦିଆଯିବ । ସୁତରାଂ ଦାମୋ ଓ ସାଗରରୁ ସହସ୍ର ସହସ୍ର ଲୋକ ଭୂପାଳକୁ ସାହାଯ୍ୟ ନିମନ୍ତେ ଧାଇଁଅଛନ୍ତି । ଏପରି ଯେ ଯେଉଁସ୍ଥାନରେ ଅନାବୃଷ୍ଟି ହୋଇଅଛି ସେ ସେ ସ୍ଥାନରେ ରାଜସ୍ୱ କ୍ଷମା ଦିଆଯାଇଅଛି ଏବଂ ଯେଉଁମାନେ ମୂଲ ଲାଗିବା ଦ୍ୱାରା ସାହାଯ୍ୟ ଚାହୁଁଅଛନ୍ତି ସେମାନଙ୍କୁ ପ୍ରଚଳିତ ହାରରେ ମୂଲ ଦିଆଯାଉଅଛି । ସରକାରଙ୍କ ନିୟମ ମତେ ପ୍ରଚଳିତ ଦରରୁ ଊଣା ମୂଲ ଦିଆଯାଉ ନାହିଁ । ବେଗମସାହେବାଙ୍କର ଏ ପ୍ରକାର ଉଦାର ବ୍ୟବସ୍ଥା ଦେଖି କିଏ ତାହାଙ୍କୁ ଧନ୍ୟବାଦ ନଦେବ ଏବଂ କିଏ ନ କହିବ ଯେ ଯେଉଁ ରାଜ୍ୟର ଅଧୀଶ୍ୱରୀ ଏପ୍ରକାର ଦୟାବତୀ ଓ ପ୍ରଜାବତ୍ସଳା ସେଠାର ଲୋକଙ୍କର କେବେ କଷ୍ଟ ହେବ ନାହିଁ ।

---

ବଙ୍ଗଳାର ଦାତବ୍ୟ ଚିକିତ୍ସାଳୟ ।

ବଙ୍ଗଳାର ଦାତବ୍ୟ ଚିକିତ୍ସାଳୟମାନଙ୍କର ଗତ ୧୮୯୩ ସାଲର ବାର୍ଷିକବିବରଣୀରୁ ପ୍ରକାଶ ଯେ ଚିକିତ୍ସାଳୟ ୨୫୯ ରୁ ୩୩୯ କୁ ଓ ରୋଗୀ ୧୭ ଲକ୍ଷରୁ ୧୯ ଲକ୍ଷକୁ ବୃଦ୍ଧି ହୋଇଅଛି । ଏଥିମଧ୍ୟରେ ଚିକିତ୍ସାଳୟରେ ରହି ଚିକିତ୍ସିତ ହେବା ରୋଗିଙ୍କ ସଂଖ୍ୟା ୩୮ ହଜାରରୁ ୪୧ ହଜାର ହୋଇଅଛି । ଚିକିତ୍ସାଳୟରେ ଉପସ୍ଥିତ ହେଉଥିବା ରୋଗିଙ୍କ ସଂଖ୍ୟା କ୍ରମାଗତ ବଢ଼ିବାର ଦେଖି ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ସନ୍ତୋଷ ପ୍ରକାଶ କରିଅଛନ୍ତି କି ଡାକ୍ତରଖାନାପ୍ରତି ଲୋକଙ୍କର ଶ୍ରଦ୍ଧା ବଢ଼ୁଅଛି । ମାତ୍ର ସବୁ ଡାକ୍ତରଖାନାରେ ମଲୁଙ୍କ ସଂଖ୍ୟା ନ ବଢ଼ି କୌଣସି କୌଣସିଠାରେ ଊଣା ମଧ୍ୟ ହୋଇଅଛି ଏବଂ ଏକ ଏକ ସ୍ଥଳେ ଊଣା ହେବାର ଏହି କାରଣ ପ୍ରଦର୍ଶିତ ହୋଇଅଛି କି ସ୍ଥାନୀୟ ଡାକ୍ତର ଛୁଟି ନେଇ ଘରକୁ ଯାଇଥିଲେ । ମାନ୍ୟବର ଲେଫ୍ଟେନାଣ୍ଟ ଏ କାରଣକୁ ନିତାନ୍ତ ଅପ୍ରଚୁର ଥିବାର କହି କ୍ଷାନ୍ତ ହୋଇଅଛନ୍ତି । ମାତ୍ର ଆମ୍ଭମାନଙ୍କ ବିବେଚନାରେ ଏଥିର ଅନୁସନ୍ଧାନ ହେଲେ ଜଣାପଡ଼ନ୍ତା ଯେ କେତେକ ଡାକ୍ତର ବାହାର ରୋଗିଙ୍କପ୍ରତି ଯଥୋଚିତ ମନୋଯୋଗ ଦିଅନ୍ତି ନାହିଁ ଓ କେହି କେହି କେବଳ ରୋଗିଙ୍କ ସଂଖ୍ୟା ଅଧିକ ଦେଖାଇବାକୁ ମଧ୍ୟ ଚେଷ୍ଟା କରନ୍ତି । ଭଲ ଡାକ୍ତର ପାଖକୁ ଅଧିକ ରୋଗୀ ଆସିବାର କଥା । ତାହାଙ୍କ ଅନୁପସ୍ଥିତରେ ରୋଗୀ ଊଣା ହେବା ଅସମ୍ଭବ ନୁହେ ।

ବାହାର ରୋଗିଙ୍କ ସଂଖ୍ୟା ବିବେଚନାରେ ଡାକ୍ତରଖାନା ପ୍ରତି ଲୋକଙ୍କର ମନ ବଳିଥିବାର ଜଣାଗଲେ ହେଁ ହାସପାତାଲରେ ରହି ଚିକିତ୍ସା ହେବା ରୋଗିଙ୍କ ସଂଖ୍ୟା ସେପରି ବଢ଼ି ନାହିଁ । ଯେତେ ରୋଗୀ ଡାକ୍ତରଖାନାରେ ରହିବାର ସ୍ଥାନ ଅଛି ତାହା କୌଣସିଠାରେ ପୂର୍ଣ୍ଣ ହୋଇ ନାହିଁ । ଏଥିପାଇଁ ମାନ୍ୟବର ଲେଫ୍ଟେନାଣ୍ଟ ଉପଦେଶ ଦେଇଅଛନ୍ତି କି ଡାକ୍ତରଖାନାର ତତ୍ତ୍ୱାବଧାରକମାନଙ୍କର ଉଚିତ ଯେ ରୋଗୀଙ୍କ ବନ୍ଧୁବାନ୍ଧବ ରହିବା କାରଣ ଡାକ୍ତରଖାନା ନିକଟରେ ଏବଂ ଅସାଧ୍ୟ ଓ ଦରିଦ୍ର ରୋଗିଙ୍କ ରହିବା କାରଣ ପୃଥକ୍ ବସାଘର ପ୍ରସ୍ତୁତ କରିଦେବେ । ଯାହା ହେଉ ସୁଖର ବିଷୟ ଯେ ଡାକ୍ତରଖାନାରେ ରହିବା ରୋଗିଙ୍କ ସଂଖ୍ୟା ଗତବର୍ଷଠାରୁ ଅଧିକ ହେଲେ ହେଁ ମୃତ୍ୟୁ ଗତବର୍ଷଠାରୁ ଊଣା ପଡ଼ିଅଛି । କେବଳ ସୁସ ସଡ଼କ ପାର୍ଶ୍ୱସ୍ଥ ଡାକ୍ତରଖାନାରେ ଓଲଉଠା ରୋଗିଙ୍କ ମୃତ୍ୟୁ ସଂଖ୍ୟା ଅତ୍ୟନ୍ତ ଅଧିକ ଏବଂ ଏକସ୍ଥାନରେ ଶତକଡ଼ା ୪୭ ପଡ଼ିଥିଲା । ଏଥିରୁ ସ୍ପଷ୍ଟ ଜଣାଯାଉଅଛି

Split by PDF Splitter

Digitized by srujanika@gmail.com

Split by PDF Splitter



ଯେ ଅନେକ ରୋଗୀ ମରଣାପନ୍ନ ଅବସ୍ଥାରେ ଚିକିତ୍ସାଳୟକୁ ଆଣୀତ ହୋଇଥିଲେ ।

ଅସ୍ତ୍ରଚିକିତ୍ସା ଦ୍ୱାରା ସାଧାରଣ ଡାକ୍ତରଖାନାର ପ୍ରକୃତ ଖ୍ୟାତି ଓ ଆଦର ବଢ଼ିବାର କଥା ଏବଂ ସୁଖର ବିଷୟ ଯେ ଅସ୍ତ୍ରଚିକିତ୍ସା ୮୨ ହଜାରଠାରୁ ୯୬ ହଜାରକୁ ବୃଦ୍ଧି ହୋଇଅଛି । ଯେ ସମସ୍ତ ଡାକ୍ତରଖାନାରେ ଅନେକ ଅସ୍ତ୍ର-ଚିକିତ୍ସା ହୋଇଥିଲା ସେସବୁ ମଧ୍ୟରେ କଟକ ହସ୍ପିଟାଲର ନାମ ଲେଖାଅଛି । ଏଠାରେ ୨୩୪ ବୃହତ୍ ଅସ୍ତ୍ର ଚିକିତ୍ସା ହୋଇଥିଲା । ଯେଉଁ ଡାକ୍ତରମାନେ ଦେଉଡ଼ଘରରୁ ଅଧିକ ବୃହତ୍ ଅସ୍ତ୍ରଚିକିତ୍ସା କରିଅଛନ୍ତି ସେମାନେ ପୁରସ୍କାର ଲାଭ କରିଅଛନ୍ତି ।

ବର୍ତ୍ତିତ ବର୍ଷରେ ଚିକିତ୍ସାଳୟମାନଙ୍କର ମୋଟ ଆୟ ୬ ଲକ୍ଷ ୪ ହଜାର ଟଙ୍କା ଏବଂ ବ୍ୟୟ ୫ ଲକ୍ଷ ୨ ହଜାର ଟଙ୍କା ହୋଇଥିଲା । ମୋଟ ବ୍ୟୟ ମଧ୍ୟରୁ ସରକାରଙ୍କ ଖାସ ତହବିଲରୁ ଟ ୪୧,୪୩୦୯ ଙ୍କା ଦିଆ ଯାଇଥିଲା । ଅବଶିଷ୍ଟ ଟଙ୍କା ମିଉନିସିପାଲଟୀ ଓ ଦେଶୀୟ ଲୋକମାନେ ଦେଇଅଛନ୍ତି । ସୁତରାଂ ଚିକିତ୍ସା-ବିଷୟରେ ଲୋକଙ୍କର ବିଶେଷ ସାହାଯ୍ୟ ଅଛି ।

ସିଭିଲ ଆସିଷ୍ଟାଣ୍ଟ ହାସପାତାଲଶ୍ରେଣୀର ଚିକିତ୍ସାବିଭାଗୀୟ କର୍ମଚାରୀଙ୍କ ଯୋଗ୍ୟତା ଏବଂ ବେତନ ବୃଦ୍ଧି ସମ୍ବନ୍ଧରେ ଗତ ଡିସେମ୍ବରମାସରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଗୋଟିଏ କମିଟୀ ବସାଇଥିଲେ । କମିଟୀ ଅଦ୍ୟାପି ତହିଁର ରିପୋର୍ଟ ଦେଇ ନାହାନ୍ତି । ମାତ୍ର ଏଥିମଧ୍ୟରେ ହାସପାତାଲ ସମୂହର ଇନସ୍ପେକ୍ଟର ଜେନେରଲଙ୍କ ଅନୁରୋଧମତେ ଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି ଯେ ଅତଃପର ସିଭିଲ ହସପାତାଲ ଆସିଷ୍ଟାଣ୍ଟମାନେ କାର୍ଯ୍ୟ କରୁ ନ ଥିବା ସମୟରେ ମଧ୍ୟ ପୂର୍ବପ୍ରାପ୍ୟ ମାସିକ ଟ ୧୦,ଙ୍କା ପରିବର୍ତ୍ତେ ଆପଣା ଶ୍ରେଣୀର ପୂର୍ଣ୍ଣ ବେତନ ଟ ୨୦,ଙ୍କା ଅଥବା ଟ ୨୫,ଙ୍କା ପାଇବେ । ଚିକିତ୍ସା ବିଭାଗୀୟ କନିଷ୍ଠ-କର୍ମଚାରୀଙ୍କ ପ୍ରତି ଏହି ସୁବିଚାର କରିବାରୁ ଆମ୍ଭେମାନେ ବଙ୍ଗୀୟ ଲେଫ୍ଟେନାଣ୍ଟ ମହୋଦୟଙ୍କୁ ଧନ୍ୟବାଦ ଦେଉଅଛୁଁ ଏବଂ ଏଥିରୁ ଭରସା ହେଉଅଛି ଯେ ସେମାନଙ୍କ ବେତନବୃଦ୍ଧିର ବ୍ୟବସ୍ଥା ଶୀଘ୍ର କରିବାକୁ ସେ ଯଥୋଚିତ ଉଦ୍ୟତ ଅଛନ୍ତି ।

---

## ଦରବାର ।

ଗତ ବୁଧବାର ଅପରାହ୍ନ ଦୁଇଘଣ୍ଟା ସମୟରେ ଏ ନଗରସ୍ଥ ନରବାଣ୍ଟୀ କୋଠାରେ ଖଣ୍ଡପଡ଼ାର ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ରଙ୍କୁ ମହାମହୋପାଧ୍ୟାୟ ଏବଂ ଭାଉଦାର ଜମିଦାର ବାବୁ ଗୋବିନ୍ଦବଲ୍ଲଭ ରାୟ ମହାଶୟଙ୍କୁ ରାୟବାହାଦୁର ପଦର ସନନ୍ଦ ପ୍ରଦାନ କରିବା ଓଡ଼ିଶାର କମିଶନର ସାହେବ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଆଦେଶ ମତେ ଏକ ଦରବାର କରିଥିଲେ । ଏ ନଗର ଓ ଏ ଡିଷ୍ଟ୍ରିକ୍ଟବାସୀ ରାଜା ଜମିଦାର ଓ ସରକାରୀ ଓ ବେସରକାରୀ ଦେଶୀୟ ଓ ଇଉରୋପୀୟ ଭଦ୍ରଲୋକମାନେ ଆମନ୍ତ୍ରଣ ମତେ ଦରବାର ଆରମ୍ଭ ହେବା ପୂର୍ବରୁ ଉପସ୍ଥିତ ହୋଇ ଯଥା ନିୟମରେ ଆସନ ଗ୍ରହଣ କରିଥିଲେ । ଦୂରସ୍ଥ ରାଜା ଜମିଦାରମାନଙ୍କୁ କଷ୍ଟ ଦେବା ଅନାବଶ୍ୟକ ବିବେଚନାରେ ଆମନ୍ତ୍ରଣ ହୋଇ ନ ଥିଲା । ସୁତରାଂ ରାଜାମାନଙ୍କ ମଧ୍ୟରେ କେବଳ ଦରପଣ ଓ କଳସମପୁରର ରାଜାମାନେ ଏବଂ ତାଳଚେର ବଡ଼ାମ୍ବା କନିକା ଓ ମଧୁପୁରର ନାବାଳକ ରାଜାମାନେ ଉପସ୍ଥିତ ଥିଲେ । ଅଠଗଡ଼ର ରାଜା ଦରବାର ଭାଙ୍ଗିବା ବେଳେ କାହାର ବାଜା ସହିତ ଉପସ୍ଥିତ ହେବାରୁ ବଡ଼ କୌତୁକ ହୋଇଥିଲା । ଦରବାରଗୃହଟି ସୁନ୍ଦରରୂପେ ସୁସଜ୍ଜିତ ହୋଇଥିଲା ଏବଂ ଆସାସୋଟା ଚାମର ପ୍ରଭୃତି ରାଜକୀୟ ଉପକରଣମାନଙ୍କର ଅଭାବ ନ ଥିଲା । ଠିକ ଦୁଇଘଣ୍ଟାବେଳେ ମାନ୍ୟବର କମିଶନର ସାହେବ ସଭାଗୃହରେ ପ୍ରବେଶ କରିବାମାତ୍ରେ ଦ୍ୱାରଦେଶରେ ଛିଡ଼ା ହୋଇଥିବା ପୁଲିସଦଳ ସଲାମି ଦେଲେ ଏବଂ ସମସ୍ତ ଭଦ୍ରଲୋକମାନେ ଦଣ୍ଡାୟମାନ ହେଲେ । ସାହେବ ମହୋଦୟ ନିର୍ଦ୍ଦିଷ୍ଟ ଉଚ୍ଚ ଆସନରେ ଆସୀନ ହେଲାରୁ ସମସ୍ତେ ଆପଣା ଆସନରେ ବସିଲେ । ତହୁଁ କମିଶନରଙ୍କ ସିରସ୍ତାଦାର ରାୟ ମହାଶୟ ଗୋବିନ୍ଦବଲ୍ଲଭ ରାୟବାହାଦୁରଙ୍କୁ ଉପସ୍ଥିତ କରନ୍ତେ ଶ୍ରୀ ଯୁକ୍ତ ତାହାଙ୍କର କୁଶଳ ସମାଚାର ଅବଗତ ହୋଇ ଖିଲତ ଦିଆଇବାର ଆଦେଶ ଦେଲେ । ଅଳ୍ପକ୍ଷଣ ମଧ୍ୟରେ ରାୟବାହାଦୁର ଖିଲତ ପୋଷାକ ପିନ୍ଧି ଆସିଲାରୁ ସାହେବ ମହୋଦୟ ତାହାଙ୍କ ଗଳାରେ ସୁନାର ହାର ପିନ୍ଧାଇ ଦେଇ ସନନ୍ଦ ପାଠକରି ଶାହୋଆନାପୂର୍ବକ ରାୟ ମହାଶୟଙ୍କୁ ସମ୍ବୋଧନ କରି ଇଂରାଜୀରେ ଯାହା କହିଲେ ତାହାଙ୍କ ଅଭିଷ୍ଟଣ ବାବୁ ଗୋପାଳବଲ୍ଲଭ ଦାସ ତାହା ଓଡ଼ିଆରେ ବୁଝାଇ ଦେଲେ । ତହିଁର ମର୍ମ ଏବଂ ସନନ୍ଦର ଇଂରାଜୀ ପ୍ରତିଲିପି ନିମ୍ନେ ପ୍ରକାଶ କଲୁଁ ଯଥା ।—

"ରାୟବାହାଦୁର ଗୋବିନ୍ଦବଲ୍ଲଭ ରାୟ ମହାଶୟ ଜଣେ ସୁଯୋଗ୍ୟ ଜମିଦାର ସ୍ୱରୂପ ଆପଣଙ୍କର ସଦ୍‌ଗୁଣମାନ ଏବଂ ଆପଣଙ୍କର ରାଜଭକ୍ତି ଏବଂ ସାଧାରଣ ହିତକାର୍ଯ୍ୟରେ ବଦାନ୍ୟତା ଯହିଁମଧ୍ୟରେ ଗୃହବାଲି ଡାକ୍ତରଖାନା ସମ୍ବନ୍ଧୀୟ ଦାନ ସର୍ବୋତ୍କୃଷ୍ଟ ଅଟେ ଅନେକ ବର୍ଷରୁ ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଆସିବାରୁ ଭାରତବର୍ଷର ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁର ସନ୍ତୁଷ୍ଟ ହୋଇ ଆପଣଙ୍କୁ ରାୟ ବାହାଦୁର ପଦ ପ୍ରଦାନ କରିଅଛନ୍ତି । ତହିଁର ସନନ୍ଦ ଅଦ୍ୟ ଆପଣଙ୍କୁ ଆମ୍ଭେ ଆନନ୍ଦସହକାରେ ଅର୍ପଣ କରୁଅଛୁଁ ।

ଆପଣ ଏକ ପ୍ରାଚୀନ ମାନ୍ୟମାନ ବଂଶରେ ଜନ୍ମ ଗ୍ରହଣ କରି ପୈତୃକ ରାୟ ମହାଶୟ ପଦ ଭୋଗ କରୁଅଛନ୍ତି ଏବଂ ଆପଣ ସେ ବଂଶର ମର୍ଯ୍ୟାଦା ରକ୍ଷାକରି ତହିଁରୁ ଅଧିକ ଉଚ୍ଚପଦ ଗବର୍ଣ୍ଣମେଣ୍ଟଙ୍କଠାରୁ ଲାଭ କରିବାର ଦେଖି ଆମ୍ଭେ ଅତୀବ ସନ୍ତୁଷ୍ଟ ହୋଇଅଛୁଁ । ଆମ୍ଭେ ଏକାନ୍ତ ଆଶା କରୁଁ ଆପଣ ଯେଉଁ ମାର୍ଗରେ ବିଚରଣ କରି ଏହି ଉଚ୍ଚସମ୍ମାନ ପ୍ରାପ୍ତ ହୋଇଅଛନ୍ତି ସେହି ମାର୍ଗରେ ଅଗ୍ରସର ହେବାକୁ ଉତ୍ସାହିତ ହୋଇ ଶ୍ରୀମତୀ ମହାରାଣୀଙ୍କ ପ୍ରତି ରାଜଭକ୍ତି ଏବଂ ଜନସାଧାରଣଙ୍କ ପ୍ରତି ବଦାନ୍ୟତା ପ୍ରଦର୍ଶନ ପୂର୍ବକ ଉଚ୍ଚତର ସମ୍ମାନ ଲାଭ କରିବାକୁ ସମର୍ଥ ହେବେ ।"

## SANAD.

To Babu Govindaballav Rai Mohashaya Zamindar of Bhadrak in the District of Balasore in the Bengal Presidency.

I hereby confer upon you the title of Rai Bahadur as a personal distinction.

Sd. Lansdowne
*Viceroy & Governor General of India.*

Fort William,
The 1st. January,
1894.

ଉପରଲିଖିତ କଥା ସମୟରେ ସଭାସ୍ଥ ସମସ୍ତେ ଦଣ୍ଡାୟମାନ ହୋଇଥିଲେ । ତହିଁଉତ୍ତାରୁ ସମସ୍ତେ ବସିଲାରୁ ଅତର ଓ ପାନ ଦିଆଯାଇ ଦରବାର ଶେଷ ହେଲା । ବୋଲିବା

Digitized by srujanika@gmail.com

Split by PDF Splitter



ବାହୁଲ୍ୟ ଯେ ଦରବାରର ସମସ୍ତ କାର୍ଯ୍ୟ ସମାରୋହ ସହିତ ସୁସମ୍ପନ୍ନରୂପେ ନିର୍ବାହ ହୋଇଥିଲା ଏବଂ ଦରବାର ଶେଷ ସମୟରେ କେତେଗୁଡ଼ିଏ ବମ ଫାଏର ହୋଇ ଲେଫଟେନାଣ୍ଟର ବନ୍ଧୁତ୍ୱ ପର୍ଯ୍ୟନ୍ତ ଏଥିର ଘୋଷଣା ଦେଇଥିଲା। ଦରବାରସମ୍ବନ୍ଧୀୟ ପୂର୍ବ ପ୍ରଚାରିତ ବିଜ୍ଞାପନରେ ଦେଶୀ ରାଜାମାନଙ୍କ ମଧ୍ୟରେ କିଛି ପ୍ରଭେଦ ହେବାର ଦେଖି ଅନେକଙ୍କ ମନରେ ଯେଉଁ ଅସନ୍ତୋଷ ଜନ୍ମିଥିଲା କାର୍ଯ୍ୟତଃ ତାହା ନ ଘଟିବାରୁ ବଡ଼ ସୁଖର ବିଷୟ ହେଲା କେବଳ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସାମନ୍ତ ଅନୁପସ୍ଥିତ ହେବାରୁ ସମସ୍ତେ ଦୁଃଖିତ ହେଲେ।

ଏହିଦିନ ଅପରାହ୍ଣ ଘ ୪ ଟା ସମୟରେ ଶ୍ରୀ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ଏ ନଗରରେ ଉପସ୍ଥିତ ହେଲେ। ତାହାଙ୍କ କହିବାରୁ ଜଣାଗଲା ଯେ ସେ ଦରବାର ସମୟରେ ଏ ନଗରର ସୀମା ମଧ୍ୟରେ ପହଞ୍ଚିଥିଲେ ମାତ୍ର ଦରବାର ସେଦିନ ନ ହୋଇ ତହିଁ ଆରଦିନ ହେବାର ଭ୍ରମବଶତଃ ବୁଝିଥିବାରୁ ଯଥାସମୟରେ ଦରବାରକୁ ଆସିବା ବିଷୟରେ ଯତ୍ନବାନ୍ ହୋଇ ନ ଥିଲେ। ଏହି ଭ୍ରମଦ୍ୱାରା ସେ ପଣ୍ଡିତମାନଙ୍କର ବୈଷୟିକ ବ୍ୟାପାରରେ ସର୍ବଦା ଅନ୍ୟମନସ୍କ ଥିବାର ଯଥାର୍ଥ ପରିଚୟ ଦେଇଅଛନ୍ତି। ଏଥିରେ ଅସାଧାରଣ କିଛି ନାହିଁ।

## ସାପ୍ତାହିକ ସମ୍ବାଦ।

ଏ ସପ୍ତାହରେ ଏ ନଗରରେ ପୂର୍ବବତ୍ ଅଳ୍ପ ପାଣି ଛିଡ଼ା ଅଛି ବୃଷ୍ଟି ହୋଇ ନାହିଁ। ଗରମ ବଡ଼ ହୀଣ ଏବଂ ଗ୍ରୀଷ୍ମ ଅସହ୍ୟ ହୋଇଅଛି। ଠାକୁର ଚାଷିମାନେ ଜଳ ଲୋଡ଼ୁଥିବାର ଶୁଣାଯାଏ।

ବର୍ତ୍ତମାନ ଏ ନଗରର ସ୍ୱାସ୍ଥ୍ୟ ଭଲ ଅଛି। କୌଣସି ରୋଗର ବିଶେଷ ପ୍ରାଦୁର୍ଭାବ ନାହିଁ।

ଜନରବ ଉଠିଅଛି ଯେ ସାମନ୍ତ ଚନ୍ଦ୍ରଶେଖର ସିଂହ ଦରବାରରେ ଉପସ୍ଥିତ ହେବା ପାଇଁ ନଗରକୁ ଆସିବା ପଥ ଖଣ୍ଡପଡ଼ାର ରାଜା ବାଧା ଦେବାର ପ୍ରକାଶ ହେବାରୁ ସରକାରଙ୍କ ଏଠାରୁ ଅଟିକା ପାଇଁ ପୁଲିସଦଳ ପ୍ରେରିତ ହୋଇଅଛନ୍ତି। ପ୍ରକୃତ ବିବରଣ ଏପରେ ଜଣାପଡ଼ିବ।

### କଲିକତା-ଗେଜେଟ

ପର୍ଲୋହିତ ଜଜ ମିଃ ବିହାରୀଲାଲ ଗୁପ୍ତ ପ୍ରଥମଶ୍ରେଣୀର ଛୁଟି ବୃଦ୍ଧିକରି ଭାରତ ଗତ କରିଛନ୍ତି।

କଟକର ଡେଃ ମାଜିଷ୍ଟ୍ରେଟ ବାବୁ ଦୁର୍ଲଭିହାଳଦାର ଓ ପୁରୀର ଡେଃ ମାଜିଷ୍ଟ୍ରେଟ ବାବୁ ଶଶିଭୂଷଣ ମୁଖର୍ଜ୍ୟା ପ୍ରଥମଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହୋଇଛନ୍ତି।

ଶ୍ରୀରାମପୁରର ମୁନସଫ ବାବୁ କୈଳାସଚନ୍ଦ୍ର ମଜୁମଦାର କଟକର ସବ୍‌ଜଜ ପଦରେ ଅସ୍ଥାୟୀ ପର୍ଯ୍ୟନ୍ତ ନିଯୁକ୍ତ ହୋଇଛନ୍ତି।

ସବ୍ ଡେପୁଟୀ କଲେକ୍ଟର ବାବୁ ଦୁର୍ଗାଦାସ ମୁଖର୍ଜ୍ୟା ତିନ ମାସର ଅନୁପସ୍ଥିତ ଛୁଟି ପ୍ରାପ୍ତ ହୋଇଛନ୍ତି।

---

ଲଣ୍ଡନରେ ସିଭିଲସର୍ଭିସ ସମ୍ବନ୍ଧେ ଭାରତରେ ଯେଉଁ ପରୀକ୍ଷା ହୁଅଇ ତହିଁରେ ଗତବର୍ଷ ଜ ୧୦୧ ଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜ ୪୭ଣ କାର୍ଯ୍ୟ ପାଇଥିଲେ। ଏବର୍ଷ ଜ ୭୦ଣ କାର୍ଯ୍ୟ ପାଇବାର କଥା। ଏଥିପାଇଁ ଜ ୧୮୦ ଣ ପରୀକ୍ଷା ଦେବାକୁ ପ୍ରାର୍ଥନା କରିଅଛନ୍ତି। ପରୀକ୍ଷାର୍ଥୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ହେଉଅଛି।

ଫରାସିଦେଶର ଗୋଟିଏ ଉପନଗରର ନାମ ଏନମେଲ। ସେଠାର ଜଳବାୟୁ ପୃଥିବୀମଧ୍ୟରେ ସର୍ବାପେକ୍ଷା ସ୍ୱାସ୍ଥ୍ୟକର। ସେଠା ଅଧିବାସୀ ୪୦ ଜଣ ମଧ୍ୟରୁ ଜ ୨୪ ଜଣଙ୍କର ବୟସ ୮୦ ବର୍ଷରୁ ଏବଂ ଜ ୩ ଜଣଙ୍କର ଶତବର୍ଷରୁ ଅଧିକ। ଏକଥା ଶୁଣି ଅଧିକ ଲୋକ ସେଠାରେ ବାସ କଲେ ବୋଧ ହୁଅଇ ସୁଖଦ ହେବ ନାହିଁ।

ମାନ୍ଦ୍ରାଜପାଠ ଜଣେ ବଣିକ ଗାଭିବା। ଏହାଙ୍କର ବାର୍ଷିକ ଆୟ ପ୍ରାୟ ୭ଲକ୍ଷଟଙ୍କା ଧନ୍ୟ ଏହାଙ୍କର ବଂଶ ଏବଂ ଧନ୍ୟ ଦରିଦ୍ରବାତ୍ସଲ୍ୟର ଧନ ଓ ସଙ୍ଗୀତପ୍ରିୟତା।

କଲିକତା ବଙ୍ଗବାସୀର ଉପେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ବ୍ରାହ୍ମ ହୋଇ ପଇତା ତ୍ୟାଗ କରିଥିଲେ। ବର୍ତ୍ତମାନ ପ୍ରାୟଶ୍ଚିତ୍ତ କରି ପୁଣି ପଇତା ଗ୍ରହଣ କରିଅଛନ୍ତି।

ପୃଥିବୀମଧ୍ୟରେ ଇଟାଲୀର ଲୋକେ ଅତ୍ୟନ୍ତ ଥିଏଟର ପ୍ରିୟ ଅଟନ୍ତି। ସେଠାର ଲୋକସଂଖ୍ୟା ତୁଳନାରେ ପୃଥିବୀର ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ତାହାରି ଅଧିକ ସଂଖ୍ୟକ ନାଟ୍ୟଶାଳା ଅଛି।

ପାଠ ଭଲ ନ ହେଲେ ଶିକ୍ଷକ ନିନ୍ଦାଭାଜନ ହୁଅନ୍ତି। ମାତ୍ର ଚୀନଦେଶରେ ଶିକ୍ଷକମାନେ ସେଥିରୁ ଦଣ୍ଡପ୍ରାପ୍ତ ହୁଅନ୍ତି। ଅଳ୍ପଦିନତଳେ ଜଣେ ଛାତ୍ର ତାହାର ପିତାକୁ ହତ୍ୟା କରିବା ଅପରାଧରେ ଫାଶି ପ୍ରାପ୍ତ ହେବାରୁ ସ୍କୁଲମାଷ୍ଟର ମଧ୍ୟ ଛାତ୍ରକୁ ଉତ୍ତମଶିକ୍ଷା ଦେଇ ନ ଥିବା ଦୋଷରେ ଫାଶି ପାଇଲେ।—ବାଃ ?

ଅମେରିକାରୁ ବର୍ତ୍ତମାନ ଅନେକ ଲୋକେ ଗ୍ରୀଷ୍ମକାଳରେ ୟୁରୋପ ଭ୍ରମଣାର୍ଥ ଗମନ କରନ୍ତି ଏବଂ ବିଦେଶରେ ଏମାନଙ୍କର ଯାହା ଖର୍ଚ୍ଚ ହୁଅଇ ତାହା ବିଂଶଲକ୍ଷ ପାଉଣ୍ଡରୁ ଊଣା ନୁହଇ। ଏତେ ଅଧିକ ଟଙ୍କା ଦେଶରେ ଉପକାରାର୍ଥ ଖର୍ଚ୍ଚ ନ ହୋଇ ବିଦେଶରେ ବ୍ୟୟିତ ହେଉଥିବାରୁ ସେଠାର ସମ୍ଭ୍ରାନ୍ତ ଲୋକେ ଚକିତ ହୋଇ ୟୁରୋପ-ଯାତ୍ରୀଙ୍କ ଉପରେ ଟିକସ୍ ଧାର୍ଯ୍ୟ କରିବାର କଳ୍ପନା କରନ୍ତି।—ଏହାରୁ ଦେଶହିତୈଷିତାର ପରାକାଷ୍ଠା ବୋଲିବାକୁ ହେବ। ଆମ୍ଭମାନଙ୍କ ଦେଶରେ କେବେହେଲେ ଏରୂପ ଭାବନା କରନ୍ତି ?

କଲିକତାଠାରେ ଅଳ୍ପଦିନତଳେ ଜଣେ ସ୍ତ୍ରୀଲୋକ ରାସ୍ତାରେ ଶୋଇ ପଡ଼ିବାରୁ ତାହା ଉପରେ ରେଲଗାଡ଼ି ଚଳିଯାଇ ପ୍ରହସ୍ତ ମସ୍ତ ପଡ଼ିଥିବାର ସମ୍ବାଦ ମିଳଇ।

ଅଳ୍ପଦିନତଳେ ସ୍କଟଲଣ୍ଡରେ ଗୋଟିଏ ନୌକାଯୋଗେ ଶତାଧିକ ଲୋକ ପାର ହେଉଥିବା ସମୟରେ ନୌକା ବୁଡ଼ିଯିବାରୁ ଜ ୭୦ ଣ ଛଡ଼ା ଅବଶିଷ୍ଟ ଲୋକ ମରି ଯାଇଅଛନ୍ତି। କଥିତ ଅଛି, ମାଝିମାନେ ଲୁଟିନେବା ଲୋଭରେ ନୌକା ବୁଡ଼ାଇ ଅଛନ୍ତି।—କି ଭୟାନକ ?

ବାଲେଶ୍ୱର ଡେପୁଟୀଅଦାଲତର ଜଣେ ଟାଉଟୀ ଗୋଟିଏ ଦଲିଲରେ ଫେରେବକରି ଓକିଲଙ୍କର ଦସ୍ତଖତ କରଇ ନେଇ ଏକ ଫୌଜଦାରୀ ମୋକଦମା ଦାଏର କରଇ ଥିବା ଅପରାଧରେ କଠିନପରିଶ୍ରମ ସହିତ ୪ ବର୍ଷ କାରାଦଣ୍ଡର ଆଦେଶ ପାଇଅଛି।—ଟାଉଟିମାନେ ସାବଧାନ !

ସାନ୍ତ୍ୱାନାମକ ଯେଉଁବାଳକ ପରମହଂସପଦଙ୍କ ପ୍ରାଣ ନେଇ ଥିଲା ତାହାର ପ୍ରାଣଦଣ୍ଡ ଗତ ଅଗଷ୍ଟମାସ ତା ୧୭ରିଖରେ ହେଲା ବଶ ପାଇବା ବେଳେ ଉଭୟେ ତାହାର ସର୍ବାଙ୍ଗ କମ୍ପିତ ହୋଇଥିଲା।—ପରର ପ୍ରାଣ ନେଲା ବେଳେ କମ୍ପିଲା ନାହିଁ।

ସଲସାଣ୍ଟଠାରେ ଯେଉଁ ପୁଲିସକନେଷ୍ଟବଳମାନେ ମୋହରମ ଉପଲକ୍ଷରେ ଗୋଲ ତଳାଇ ଥିଲେ ସେମାନଙ୍କର ବିଚାର ଶେଷ ପାଇ ଅଛି। କର୍ତ୍ତବ୍ୟକାର୍ଯ୍ୟର ତ୍ରୁଟିହେତୁ ସେମାନଙ୍କୁ ପ୍ରତି ଏକମାସ ଏବକାଳର ସାମାନ୍ୟ କାରାଦଣ୍ଡର ଆଦେଶ ହୋଇଅଛି।

ମାଣିକତଳ ମେଉନିସିପାଲିଟୀର ଜଣେ ସରକାର ଓ ତାହାର ପୁତ୍ର ଦୁଇସହସ୍ର ଟଙ୍କା ଅପହାର କରିବା ଅପରାଧରେ ଫୌଜଦାରୀ ସୋପର୍ଦ୍ଦ ହୋଇ ଅଛନ୍ତି। ଏତେ ଦେଖି ଶୁଣି ଲୋକେ ଯାହା ଲୋଭ ସମ୍ବରଣ କରିପାରୁ ନାହାନ୍ତି ବଡ଼ ଦୁଃଖର ବିଷୟ।

ନଇନିତାଲ ସେକ୍ରେଟେରି ଅଫିସର ଜଣେ ତପସ୍ୱୀ ଅନେକଗୁଡ଼ିଏ ଚିଠି ଚୋରାଇ ନେବା ଅପରାଧରେ ବିଚାରାଧୀନ ଅଛି। ତପସ୍ୱୀ ତପସ୍ୟାର ଧର୍ମ୍ମ ଅନନ୍ତ କାଳ ଥିବାରୁ ଖାଇ ପିଇ ସେବାର କରିବାକୁ ଅକ୍ଷମ ଥିବା ହେତୁ ସରକାର ନଥି କାର ସେବାର କରିବା ଅଭିପ୍ରାୟରେ ସେମାନ ସେବାର ନେବାର କହୁଅଛି। ସରକାର ଚାକରମାନଙ୍କର ଏ ଚେତୁର କଷ୍ଟ ହେବାର ଜାଣି ଗବର୍ଣ୍ଣମେଣ୍ଟ କିଛି ଦୟାର କରିବେ କି ?

ପେଣ୍ଡୁଲ ପୁଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ପେଶୁଠାରୁ ମା ୧୪ ଦଲ ଦୂରବର୍ତ୍ତୀ ସ୍ଥାନରେ ଡକାଏତ କର୍ତ୍ତୃକ ହତ ହୋଇଥିବାର ସମ୍ବାଦ ମିଳଇ। ସେ ବୋଟରେ ଶୋଇଥିବା ସମୟରେ ଡକାଏତମାନେ ବୋଟ ଆକ୍ରମଣ କରି ତାଙ୍କ ହୋଟ କାଟି ପକାଇ ଅଛନ୍ତି। ଦୁଇଜଣ ପୁଲିସ କନେଷ୍ଟବଳ ମଧ୍ୟ ଆଘାତ ପାଇବାର କଥିତ ହୁଏ।

ପ୍ରବଳରୁ ଚୀନ ବର୍ଲିନ ଓ ଦସ୍ତରରେ ବେତନସୂତ୍ର ପାଉଣ୍ଡ ଋଣ କରିବାର ବନ୍ଦୋବସ୍ତ କରୁ ଅଛନ୍ତି। ଜାପାନ ଏଥିଯୋଗୁଁ ଆପଣା ପ୍ରଜାଙ୍କଠାରୁ ୫୦ ଲକ୍ଷ ଡଲାର ଋଣ କରୁଅଛନ୍ତି। ଜାପାନର ବୁଦ୍ଧି ସରସ।

### ଯାଜପୁର-ସମ୍ବାଦ।

ଏକ ଗର୍ଭରେ ଦୁଇଟା ଅଧିକ ସନ୍ତାନ ପ୍ରସବ ହେଲେ ଅଦ୍ଭୁତ ଓ ନାଇଲେ ଜନ୍ମହେବାର ଦେଖାଯାଏ। ସମ୍ପ୍ରତି ବାଣପୁର ଗ୍ରାମର ଏକସ୍ତ୍ରୀର ଗର୍ଭରୁ ଏକଅଲଗ ଦୁଇଗୋଟି ନାଡ଼ି ତାହାର ଗୋଟିଏ କନ୍ୟା ଓ ଗୋଟିଏ ପୁତ୍ର ଏକସମୟରେ ଜନ୍ମ ହୋଇ ଅଛନ୍ତି ଗର୍ଭ ମଧ୍ୟରେ ଶିଶୁମାନେ ଏପରି ଭାବରେ ଥିଲେ ଯେ ଦୁଇଜଣଙ୍କର ନାଭି ଏକସ୍ଥାନରେ ଥାଇ ଏକର ଗୋଡ଼ ଓ ଅନ୍ୟର ମୁଣ୍ଡ ଏକପାଖରେ ଥିଲା ପ୍ରସବବେଳେ ଜଣକର ଗୋଡ଼ ଓ ଅନ୍ୟର ମୁଣ୍ଡ ଏକସଙ୍ଗରେ ନିର୍ଗତ ହୋଇ ଏକତ୍ରରେ ଦୁଇଜଣ ଭୂମିଷ୍ଠ ହେଲେ। ଈଶ୍ୱରଙ୍କର ମହିମା ମନୁଷ୍ୟର ବୁଝିବା କଠିନ ଅଦ୍ୟପର୍ଯ୍ୟନ୍ତ ଉକ୍ତ ସନ୍ତାନ ଦୁଇ ବଞ୍ଚିଅଛନ୍ତି।

ମହାଜନମାନେ ନାନାସ୍ଥାନରୁ ଧାନ ଆଣି ଯାଜପୁର ବେପାରଠାରେ ଧାନ ଓ ଚାଉଳର, ଗୋଦାମ କରି ରଖିବାରୁ ପ୍ରକାରୁ ଧାନ ଟଙ୍କାରେ ସେ ୨୦ ର ଓ ମୋଟଚାଉଳ ସେ ୯ ର ଦରରେ ବିକ୍ରି ହେଉଅଛି ମଧ୍ୟ ଦେଶୀଆ ଚୋଳଗ୍ରାମ ପ୍ରଭୃତି ଅଞ୍ଚଳସ୍ଥ ସ୍ଥାନମାନଙ୍କରେ ଲୋକମାନେ ଅତି ଧାନସ୍ଥଳ କଣିନେଇ ଯାଉଅଛନ୍ତି ଯଦି କେ ନାଲ ଦାସ ଧାନଚାଉଳର ଅନଦାନୀ ହେବ ନାହିଁ ତେବେ ଗରିବ ଅନ୍ନକଷ୍ଟ ସ୍ଥାନ ଛାଡ଼ିବାର ଆଉ ଭୟ ହୁଅନ୍ତା ନାହିଁ।

Digitized by srujanika@gmail.com

## କେଉଁଝର-ସମ୍ବାଦ ।

ଗଭର୍ଣ୍ଣମେଣ୍ଟ ଏଜେଣ୍ଟ ଶ୍ରୀଯୁକ୍ତ ଔ.ଇ ସାହେବ ଅନ୍ଗ୍ରେଜର ଡେପୁଟୀ କମିସ୍ନର ପଦରେ ନିଯୁକ୍ତ ହୋଇ ସେଠାକୁ ଗମନ କରି ଅଛନ୍ତି ଓ ଅନୁଗୁଳର ଲୁଣ୍ଡିଙ୍କ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଭଣ୍ଡାସ ସାହେବ ଏଠାକୁ ଗଭର୍ଣ୍ଣମେଣ୍ଟ ଏଜେଣ୍ଟ ନିଯୁକ୍ତ ହୋଇ ଆସି କର୍ମ ଗ୍ରହଣ କରିଅଛନ୍ତି ।

କେଉଁଝରର ଗୋଳମାଳ ବର୍ତ୍ତମାନ ଉତ୍ତର ହୋଇ ଶାନ୍ତି ସ୍ଥାପିତ ହୋଇଅଛି । ମେଳଣ ସର୍ଦ୍ଦାରମାନଙ୍କ ମଧ୍ୟରୁ କେତେକ ଏପର୍ଯ୍ୟନ୍ତ ଧୃତ ହୋଇ ନ ଥିବାରୁ ସେମାନଙ୍କ ଧୃତ କରିବା ନିମିତ୍ତ ପୁରସ୍କାରର ପୁରସ୍କାର ଅଙ୍ଗୀକୃତ ହୋଇଅଛି । ମେଳର ପ୍ରଧାନ ନେତା ଗୋପାଳ ନାୟକ ମାରି ପଡ଼ିଅଛି ଓ ସଇତାନ ନାଏକ ଧୃତ ହୋଇଅଛି । ଏମାନେ ଫାସିଦଣ୍ଡିତ ଧରଣୀଧର ନାୟକର କନିଷ୍ଠଭ୍ରାତା ଓ ପିତୃବ୍ୟ ଅଟନ୍ତି । ବର୍ତ୍ତମାନ ଦୟାମୟ ଈଶ୍ୱରଙ୍କଠାରେ ଜଗତ ପ୍ରାର୍ଥନା ଯେ ସେ ମହାରାଜା ବାହାଦୁରଙ୍କ ସଙ୍କଟ ଦୂର କରନ୍ତୁ, ଶାନ୍ତି ଦାନ କରନ୍ତୁ ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଗତ ମାସ ତା ୨୬ ରଜରେ ବ୍ରାହ୍ମଣୀନଦୀ ପ୍ରବଳବୃଦ୍ଧି ହୋଇଥିଲା । ଅନେକ କ୍ଷତି କରିଅଛି ମଧ୍ୟ ଅବଧି ସମୟରେ ବୃଦ୍ଧି ହେଉଅଛି । କୂଳସ୍ଥ ରାମଚଣ୍ଡୀଦେବୀ ଠାକୁରାଣୀଙ୍କ ନିକଟରେ ଏକ ନୌକା ଏକ ବୃହତ୍ ଆମ୍ରବୃକ୍ଷରେ ବନ୍ଧା ହୋଇଥିଲା ବନ୍ଧା ସମୟରେ ନଦୀର ଝଡ଼ିହେବାରୁ ବୃକ୍ଷ ନୌକାରେ ପତିତ ହୋଇଗଲା । ତହିଁରେ ଥିବା ମହାଜନ ଓ ବାହକ ଗୃହଜଣ ମୃତ୍ୟୁ କବଳରେ ପତିତ ହେଲେ । ତୀରସ୍ଥ ବାସିନ୍ଦାମାନେ ଅବାଳବୃଦ୍ଧ ବଣିତା ନେଇ ହାତ ଗୋଡ଼ର ଚୂଳ ଉଜାଇଲ ଦୂରସ୍ଥାନକୁ ପଳାୟନ କରିଥିଲେ । ଚଳିତବର୍ଷ ବର୍ଷାସ୍ତ ନଦୀ ଉପନଦୀ ଏବଂ ଶାଖା ନଦୀମାନଙ୍କ ଦୌରାତ୍ମ୍ୟରେ ଅଦ୍ୟବଧି ଶସ୍ୟ ହେବାର ସମ୍ଭାବନା ନାହିଁ ।

ଚଳିତବର୍ଷ ନଦୀ କୂଳମାନଙ୍କର ଏହି ମହାବନ୍ୟା ଚଗତ ବର୍ଷ ରାଜ୍ୟସାକରେ ଶସ୍ୟ ସାମାନ୍ୟ ପରିମାଣରେ ହୋଇଥିବାରୁ ଏବର୍ଷ ଲୋକମାନେ ବଡ଼ କଷ୍ଟରେ କାଳାତିପାତ କରୁଅଛନ୍ତି । ଅମ୍ଭମାନଙ୍କର ଶ୍ରଦ୍ଧେୟ ମେନେଜର ବାବୁ ଶ୍ରୀ କୃଷ୍ଣଚନ୍ଦ୍ର ମାହାନ୍ତି ମହାଶୟଙ୍କ ଚେଷ୍ଟା ଓ ଯତ୍ନ ଦ୍ୱାରା ନଫସଲ ଧନଲୋକମାନଙ୍କ ଓ ମହାଶୟଙ୍କ ସମାରମାନ ଫିଷ୍ଟାଇ ଦେଇ ଥିବାରୁ ଅଳ୍ପ କେତେକ ଦୃଷ୍ଟିରେ ଲୋକମାନେ ଧାନ କରଜ ନେଉଅଛନ୍ତି । ପ୍ରଜାମାନେ ବାବୁଙ୍କୁ ଶତ ଶତ ଧନ୍ୟବାଦ ଦେଉଅଛନ୍ତି ।

ଅମ୍ଭମାନଙ୍କର ମାନନୀୟ (ଏ) ଡିଷ୍ଟ୍ରିକ୍ଟ ଅଫିସର ବାବୁ ଶ୍ରୀ ନାରାୟଣଚନ୍ଦ୍ରନାୟକ ମହାଶୟ ସେସନ ଉପଲକ୍ଷରେ ଆସି ଗୃହ ପାଇଁ ଦିନ ଅବସ୍ଥିତ କରିଥିଲେ । ଯିବା ସମୟକୁ ବହୁତ କ୍ଷିରଷୋଗାନ୍ତ ହୋଇ ନିଜ ଅଫିସ ଅନୁଗୋଳାଭିମୁଖ ହେଲେ ।

ଅମ୍ଭମାନଙ୍କର ଗଡ଼ସ୍ଥ ବସ୍ତ୍ରମାନ ଶ୍ରୀ ରଘୁନାଥ ଜିଉଙ୍କ ଝୁଲଣ ଯାତ୍ରା ସମାରୋହ ସହିତ ନିର୍ବାହ ହୋଇଯାଇ ଅଛି ।

ଗୌରଙ୍ଗ ଶମ୍ଭୁପଟ୍ଟନାୟକ ।

### ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ କୃଷ୍ଣମୋହନ ଘୋଷ କଟକ | ଟ ୩୧ |
| " ଭଗବାନ ଚନ୍ଦ୍ର ପଟ୍ଟନାୟକ ଶୁକଦେବପୁର | ଟ ୩୧ |
| " ମାଧବ ମହାନ୍ତି କେଶବାଇ | ଟ ୩୧ |

## ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

| | |
|---|---|
| କାଡ଼ିନେନ,ମୂଢ଼,ଅଦର ଲକ୍ଷଣ | ଟ ୦ / |
| ପର୍ଯ୍ୟାୟ ମୁକ୍ତାବଳୀ | ଟ ୦ ⁄/ |
| ହଂସଦୂତ ଶ୍ଳୋକ ଅର୍ଥସହିତ | ଟ ୦ ✓ |
| ମାଳ୍ୟବନ୍ତ ଚଉତିଶା | ଟ ୦ ୧ ୬ |
| ରୁକ୍ମିଣୀ ହରଣ | ଟ ୦ ✓ |
| ନନ୍ଦିକାଳନୃତ୍ୟ (କୋଟ୍ୟାଇଥଣ୍ଡ) | ଟ ୦ / |
| ଶ୍ରୀ ରାମଚନ୍ଦ୍ରଙ୍କ ବନଗମନ (ସୁଲଳିତ ରାଗରାଗିଣୀଯୁକ୍ତ ଗୀତ) | ଟ ୦ ॥/ |
| ପତିତପାବନାଷ୍ଟକ ଅର୍ଥସହିତ | ଟ ୦ ୧ ୯ |

### Notice

Is hereby given that the partnership heretofore subsisting between the undersigned and Esmail Hajee Abdool Karrim, Abdool Succoor Hajee Abdool Karrim, Hassum Hajee Abdool Karrim, and Mahomed Hajee Abdool Karrim in the business carried on in the name style and firm of "Hajee Hoosein Cassim" at Cuttack and other places in the Zillah of Orissa has been determined and dissolved as and from the 20th day of August 1894. The Power of Attorney dated the day of June 1891 granted by the undersigned in favour of the said Esmail Hajee Abdool Karrim, Aqdool Succoor Hajee Abdool Karrim, Hassum Hajee Abdool Karrim and Mahomed Hajee Abdool Karrim is hereby cancelled from this date.

Dated this 20th day of August 1894

Sd. Hajee Jan Mahomed Cassim

Sd, Mahomed Cassim.

Sd, Seedick Hajee Hoosein

### ବିଜ୍ଞାପନ ।

ଏତଦ୍ ବିଜ୍ଞାପନ ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀମାନେ ଏବଂ ଇସମାଇଲ ହାଜି ଅବଦୁଲ କରିମ, ଅବଦୁଲ ଶକୁର ହାଜି ଅବଦୁଲ କରିମ, ହାସିମ ହାଜି ଅବଦୁଲ କରିମ, ହାଜି ହୋସେନ କାସିମ ସହିତ ଓ ଫାର୍ମରେ କଟକ ଓ ଓଡ଼ିଶାଜିଲ୍ଲାର ଅପରାପର ସ୍ଥାନମାନଙ୍କରେ ସହଯୋଗରେ ଯେ କାର୍ଯ୍ୟ ଚଳାଉଥିଲେ ସେ ସମ୍ବନ୍ଧ ଚଳିତ ସନ ଚଳିତ ମାସ ତା ୨୦ ରଖରୁ ରହିତ କରାଗଲା ଓ ସେହି ତାରିଖରୁ ଉକ୍ତ ସମ୍ବନ୍ଧ ଶେଷ ହେଲା । ସନ ୧୮୯୧ ମସିହା ଜୁନ ମାସରେ ନିମ୍ନ ସ୍ୱାକ୍ଷରକାରୀମାନେ ଉକ୍ତ ଇସମାଇଲ ହାଜି ଅବଦୁଲ କରିମ, ଅବଦୁଲ ଶକୁର ହାଜି ଅବଦୁଲ କରିମ, ହାସିମ ହାଜି ଅବଦୁଲ କରିମ ଏବଂ ମହମଦ ହାଜି ଅବଦୁଲ କରିମଙ୍କୁ ଯେ ପାୱାର ଅଫ୍ ଏଟର୍ଣ୍ଣି ଅର୍ଥାତ୍ କ୍ଷମତାପତ୍ର ଦେଇଥିଲେ ତାହା ଏତଦ୍ୱାରା ଅଦ୍ୟ ତାରିଖରୁ କେନ୍‌ସଲ ଅର୍ଥାତ୍ ରହିତ କରାଗଲା ।

ତା ୨୦ ରଖ ଅଗଷ୍ଟ ସନ ୧୮୯୪ ମସିହା

( ସ୍ୱାକ୍ଷର ) ହାଜି ଜାନମହମଦ କାସିମ

( ସ୍ୱାକ୍ଷର ) ମହମଦ କାସିମ

( ସ୍ୱାକ୍ଷର ) ସିଦକ୍ ହାଜି ହୋସେନ

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତ ମୁ ଲ କ ମୂ ଲ୍ୟ ଟ ୦ ॥/ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମ୍ରି ପ୍ରଭୃତି ସୁମଧୁର-ସ୍ୱରର ଅତ୍ୟୁତ୍କୃଷ୍ଟ

Split by PDF Splitter



ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପା ନୂଜଏଜେଣ୍ଟ ବାବୁ ରାମପ୍ରସାଦ ମୁଣ୍ଡସିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

**BEST MANGO, PINEAPPLE &c CHUTNEE**

PREPARED WITH GREAT CARE

BY

GOLAB KHAN PUNJABEE

CANTONMENT BAZAR.

CUTTACK.

ଗୋଲାବ ଖାଁ ପଞ୍ଜାବି

ଅତି ଉତ୍ତମରୂପେ ପ୍ରସ୍ତୁତ କରିଥିବା

ଆମ୍ବ, ସପୁରି ଇତ୍ୟାଦି ଚଟଣି

କଣ୍ଟୁ ବଜାର

କଟକ

## NOTICE.

*A COMPLETE KEY*

(Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c.)

To

Lethbridge's Easy Selections

(Minor course 1895)

BY

AKSHOY KUMAR GHOSE

AND

HARA CHAND GHOSH

in the press

Price per copy Re. 1—0—0

Postage one anna extra for muffasal. To be had of the Secretary Printing Company Cuttack

ବେଦନାରଅଉ କଷ୍ଟ ପାଅ ନା ।

ସ୍ମରଣ ଅତ୍ୟାଶ୍ଚର୍ଯ୍ୟ ବେଦନାନାଶକ ତୈଳ ବ୍ୟବହାର କର ।

ଅନ୍ୟୂନ ୫୦୦୦୦ ହଜାର ଲୋକଙ୍କର ପରୀକ୍ଷିତ ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ କମ୍ପା ଅନ୍ୟାନ୍ୟ କାରଣରେ ଚୂର୍ଣ୍ଣ ଅଥବା ପଡ଼ିଯାଇଁ କମ୍ପା ଆଘାତ ଲାଗି ବେଦନାରେ ଅସହ୍ୟ କଷ୍ଟ ପାଉଅଛନ୍ତି ଏହି ମହୋପକାରୀ ତୈଳ ବ୍ୟବହାରି- ଲାଗି ହ୍ୱନ୍ ହ୍ୱନ୍, କନ୍ କନ୍ ପ୍ରଭୃତି ଅର୍ଥାତ୍

ବନ୍ଧା ଛୁଟିବା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା ତତ୍କ୍ଷଣାତ୍ ଉପଶମ ହୁଅଇ । ସମସ୍ତ ସଂସାର ଲୋକଙ୍କର ଏହା ଶିଶି ଘରେ ରଖି- ବାର କର୍ତ୍ତବ୍ୟ । ଏହି ତୈଳରେ ଡାକ୍ତର ଔଷଧ କିଛି ମାତ୍ର ନାହିଁ । ଏକଜଣ ସନ୍ନ୍ୟାସି- ଙ୍କଠାରୁ ମିଳିଅଛି କେବଳ ବନଜାତ ପଦାର୍ଥ- ରେ ପ୍ରସ୍ତୁତ । ଏଥିରେ ଦେହ ଚର୍ମର କୌଣସି ପ୍ରକାର ଅନିଷ୍ଟ ହୁଅଇ ନାହିଁ । ବଡ଼ ବଡ଼ ଡାକ୍ତରମାନେ ଏହି ତୈଳର ବିଶେଷ ପ୍ରଶଂସା କରିଅଛନ୍ତି । ମୂଲ୍ୟ ଏକଶିଶିର ଏକ ଟ ୧ ଙ୍କା ପାଙ୍କି ଟ ୦।୵ ଦୁଇଅଣା, ଡାକମାସୁଲ ଟ ୦। ଚାରିଅଣା ମାତ୍ର ।

ଜେ, ପି, ସାହୁ ।

ନ ୭୬ ନମ୍ବର କେରୁଅଲା ଲେନ,

ବହୁବଜାର । କଲିକତା ।—

## WANTED

A qualified Engineer to act for the District Engineer of the Cuttack District Board, who is going on furlough for 12 months.

The officiating man will get Rs. 250 pay and the allowances of an Assistant Engineer.

The permanent incumbent gets Rs. 150 a month from the Estates under the Court of Wards; it is very likely the acting officer will get that work also.

Applications must reach this office before the 10th September.

Cuttack Distt. Bod's office } M. S. Das

The 8th August, 1894. } *Vice Chairman.*

ରାଗରସଦୀପକ ।

ଅର୍ଥାତ୍

ଚତୁର୍ଥ ରାଗ ରାଗିଣୀ ସମ୍ବଳିତ କଣ୍ଠକ ଛନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଅମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରୱାଲ

ଲଷ୍ଟ୍ରୀସଡ଼କ କଟକ

# ସଂଗୀତସାର

ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ୵ ଛଅଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାଳିକାରୁ ବେଢେବ ସାର

ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱର ଦକ୍ଷିଣୀ ଓ ହୁଲି ସଙ୍ଗୀତ ସନ୍ନିବେଶିତ ହୋଇ- ଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary.

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

## ଶୀଘ୍ର ନିଅ ! ନିଅ ! ନିଅ !!

ଆମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସାଦ ମୁଖୋପାଧ୍ୟାୟଙ୍କ ଦୋକାନରେ ଯଥାପେକ୍ଷା ଊଣା- ମୂଲ୍ୟରେ ବହୁଦିନ ଯାବତେ ବିକ୍ରୟ କରା ହେଉଅଛି । ଆଶା କରୁଁ ଗ୍ରାହକମାନେ ଏ ସୁବିଧା ଛାଡ଼ିବେ ନାହିଁ ।

| | |
|---|---|
| ବର୍ଣ୍ଣାକାଳ ବର୍ତ୍ତିକା ( ଶ୍ରୀମତୀ ସୁଲକ୍ଷଣା ଦେଈଙ୍କ ରଚିତ ) | ଟ ୦ ୧୫ |
| ରସଲେଖା ( ଉପେନ୍ଦ୍ରଭଞ୍ଜ କୃତ ) | ଟ ୦।୵ |
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | |
| ପରିବର୍ତ୍ତିତ ସଂସ୍କରଣ | ଟ ୦ ୵ |
| ଏଜନ ଦ୍ୱିତୀୟ ଏଜନ | ଟ ୦ ୵ |
| ଏଜନ ତୃତୀୟ ଏଜନ | ଟ ୦ ୵ |
| ଏଜନ ଚତୁର୍ଥ ଏଜନ | ଟ ୦ ୵ |
| ଗୀତଗମ୍ଭୁ | ଟ ୦ ୵ |
| ଭଜିତାସ ରେଖା | ଟ ୦ ୵ |

କଟକ
୨୭।୮।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

Digitized by srujanika@gmail.com

Split by PDF Splitter



## ଜ୍ୱରର ଅବ୍ୟର୍ଥ ମହୌଷଧ

### ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ ୦।୵ ମାସୁଲ ଟ ୦। ଅଣା

—o—

ଏହି ଔଷଧ ବ୍ୟବହାରରେ ସବୁ ପ୍ରକାରର ଜ୍ୱରରୋଗ ଏକାବେଳକେ ଅରୋଗ୍ୟ ହୋଇଯିବ । ଥରେ ଅରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହେବ ନାହିଁ ଏହାକୁ ବ୍ୟବହାର କଲେ କିଛି ମାତ୍ର ଜ୍ୱାଳା ଯନ୍ତ୍ରଣା ହେବ ନାହିଁ ଏବଂ ଏହା ନିର୍ଦ୍ଦୋଷ ଅଟେ । ଏଥିରେ ନାନାପ୍ରକାର ଚର୍ମ୍ମ–ରୋଗ ନଷ୍ଟ ହୁଏ । ଏହି ଔଷଧରେ ପୂର୍ବଠାରୁ ଅଧିକ କେତେକ ଗୋଟି ଅଧିକ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅଧିକ ଅଧିକ ପ୍ରବଳ ହୋଇ ଅଛି । ଯେଉଁମାନେ ଏହି କୁତ୍ସିତ ରୋଗରେ କଷ୍ଟ ପାଉ ଅଛନ୍ତି ଅନ୍ତତଃ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ; ଏହାକୁ ବ୍ୟବହାର କରି ବହୁଲୋକ ରୋଗମୁକ୍ତ ହୋଇ ଅଛନ୍ତି ଏବଂ ଅନେକ ପ୍ରଶଂସା ପତ୍ର ମଧ୍ୟ ଦେଇ ଅଛନ୍ତି । ଔଷଧ ବ୍ୟବହାର ବିଧି ଔଷଧ ସହିତରେ ପଠା ଯାଇ ଥାଏ ।

ଶ୍ରୀ ରାମଭାରତ ସେନ ।

ଦେବ ଉତ୍କଳ ପ୍ରେସ୍; ବାଲେଶ୍ୱର ।

---

ଭାରତରେ ନୂତନ ! ଭାରତରେ ନୂତନ !! ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

## "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବଳବତ ଥାଉ ଥାଉ ସାନ୍ତ୍ୱନ ଅବସ୍ଥାରେ ପରଣତ କରିବାର ଏହି ଏକମାତ୍ର ମହୌଷଧ "ଗନରୋଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ପୂରୁଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ୍ୱାସ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ, ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର ରୋଗୀ ବା ଯେଉଁମାନଙ୍କୁ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆମ୍ଭୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଅରୋଗ୍ୟ ଲାଭ କରୁଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଂଲଣ୍ଡ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରାସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରୋଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନି, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହୀନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁଃସାଧ୍ୟ ବ୍ୟାଧି ଅରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ୨ ଙ୍କା ପ୍ୟାକିଂ ଟ ୦।୵ ଅଣା । ଡାକମାସୁଲ ଟ ୦। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।

ଜେ, ସି, ରାୟ

ନ ୪୫ ନମ୍ବର ନେବୁତଲା ଲେନ

କଲିକତା ।

---

## ଭାରତରେ ନୂତନ

### ଅନୁଷ୍ଠାନ ।

ଆୟୁର୍ବେଦିକ ମେଡ଼ିସିନ ମ୍ୟାନୁଫ୍ୟାକ୍‌ଚରିଂ କୋମ୍ପାନୀ ଅବ୍ ଇଣ୍ଡିଆ ଲିମିଟେଡ୍

କାଲନା, ବେଙ୍ଗାଲ ।

ରେଜିଷ୍ଟ୍ରୀକୃତ ମୂଳଧନ ଟ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ବିଶୁଦ୍ଧରୂପରେ ପ୍ରସ୍ତୁତ ହୋଇ ସର୍ବଦା ସହର ଓ ମୋଫସଲର ସର୍ବତ୍ରରେ ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛା କରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ନିକଟରୁ ଔଷଧ କ୍ରୟ କରିବେ ।

ଏଠାରେ ଶିରୋଶୂଳୀ, କାଶ, ଜ୍ୱର, ଇନ୍‌ଫ୍ଲୁଏଞ୍ଜା, ମୂର୍ଚ୍ଛା, ଉଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅବରୁଦ୍ଧ କଠିନ ଓ ଜଟିଳ ପୀଡ଼ାମାନଙ୍କରେ ବିଶେଷ ଉପକାରୀ "ଔଷଧ-ସମୂହ" ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଭନ-କୁନ୍ତଳ-ତୈଳ;—ଶିରଶୀତଳ ଓ ସୌଖିନ ଅତୁଲ୍ୟ ସାମଗ୍ରୀ । ଇହାଦ୍ୱାରା ତନ୍ଦ୍ରା ହେତୁ ମସ୍ତିଷ୍କବିକୃତିର ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧୯ ଖରଚ୍ଚ ଟ ୦।୵

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ୦ ।୯ ଡାକଖର୍ଚ୍ଚାଦି ଟ୦ ।୵

କୁନ୍ତଳ-କୌମୁଦୀ-ତୈଳ;—ନୂତନ କେଶ୍ୟାନିଷ୍ଟିଅର ଔଷଧ । ଏହା ବ୍ୟବହାରକଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧୯ ଖର୍ଚ୍ଚାଦି ଟ ୦।୵

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜଷ୍ଟରି ହୋଇଅଛି । ଏହା ୨୦୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦।୯ ଙ୍କା । ୧।୨ କିସ୍ତିରେ ଟ ୨।୯ ଙ୍କା ହିସାବରେ ଆଦାୟ ହୋଇଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲାଭ ଦେଖାଇବାକୁ ସାହସ କରନ୍ତି । ଏବେବେଳେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହକଶ୍ରେଣୀମାନେ ସତ୍ୱର ନାମଧାମ ସହ ଆବେଦନ କରିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ

ସେକ୍ରେଟେରୀ ଏବଂ ଟ୍ରେଜରର

---

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ୀପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ସେତେ କ୍ଷୁଦ୍ର ହେଲେ ହେଁ ତହିଁର ଖର୍ଚ୍ଚ ଟ ୦।୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧ ଓ ଦ୍ୱିଗୁଣ ଯଥାକ୍ରମେ ହେବ

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକଙ୍କେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ଙ୍କ କର୍ତ୍ତୃତ୍ୱାଧୀନରେ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

୨୯ ଭାଗ । ତା ୮ ଠଃ ମାହେ ସିପ୍ଟମ୍ବର ସନ ୧୮୯୪ ମସିହା । ମୁ ତା ୨୪ ଭାଦ୍ରବ ସନ ୧୩୦୧ ସାଲ ଶନିବାର । ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
୩୭ ସଂଖ୍ୟା । ପଶ୍ଚାଦେୟ ଟ ୬

ଗତପୂର୍ବ ଶୁକ୍ରବାର ବଙ୍ଗୀୟ ଲେଫ୍‌ଟେଣ୍ଟ ଗବର୍ଣ୍ଣର ବାହାଦୁର ଦଳବଳ ସହିତ କଲିକତାରୁ ଦାର୍ଜିଲିଂକୁ ଯାତ୍ରା କଲେ । ଦୁର୍ଗୋତ୍ସବ ଶେଷ ପର୍ଯ୍ୟନ୍ତ ସେଠାରେ ରହିବାର କଥା ।

—*—

ଖୁଲନାର ମାଜିଷ୍ଟ୍ରେଟ ବେଲସାହେବଙ୍କ ଗାର୍ଡ଼ରେ ଅଫ୍‌ଅନର ଦେଇଥିବା ମାଡ଼ୱାରିର ନାଲିସ କରିଥିଲେ ଏବଂ ଯାହା ହାଇକୋର୍ଟଙ୍କ ଆଦେଶ ମତେ ୨୪ ପରଗଣାର ମାଜିଷ୍ଟ୍ରେଟଙ୍କୁ ସୁପର୍ଦ୍ଦ ହୋଇଥିଲା ତାହା ଅପୋସିରେ ନି-ଷ୍ପତ୍ତି ହୋଇଥିବାରୁ ଫଉଜଦାରି ଅଦାଲତରେ ଉପସ୍ଥିତ ହେଲା ନାହିଁ ସୁତରାଂ ଡିସମିସ ହୋଇଗଲା । ବେଲସାହେବ ପ୍ରଥମରୁ ରଫା କରିଥିଲେ ଏତେ ଅସୁବିଧାରେ ପଡ଼ି ନ ଥାନ୍ତେ ।

———

ସମ୍ବଲପୁରହିତୈଷିଣୀରେ ପାଠକଲୁଁ ଯେ ସମ୍ବଲପୁରରେ ଗୁଡ଼ଲର ବଜାରଦର ଟଙ୍କାକୁ ସେ ୧୨ ରୁ ହୋଇଥିବା ପ୍ରଯୁକ୍ତେ ସେଠା ଜେଲଖାନା ସଂକ୍ରାନ୍ତେ ପ୍ରଜାମାନଙ୍କଠାରୁ ସେ ୨୦ ରୁ ଦରରେ ଟ ୨୫୯ ଙ୍କାର ଗୁଡ଼ଲ ଖରିଦ ହୋଇଅଛି ଏବଂ ପ୍ରଜାମାନେ ସେହି ଗୁଡ଼ଲ ଆପେ ବହିନେଇ ଜେଲଖାନାରେ ଦେଇଅଛନ୍ତି । ଏପ୍ରକାର ସରକାରଅନ୍ୟାୟର ସେ ପ୍ରଦେଶରେ ଅବଧି ରହିଅଛି ଆଶ୍ଚର୍ଯ୍ୟର ବିଷୟ ଅଟେ ।

———

ବିଲାତର ପାର୍ଲାମେଣ୍ଟ ସଭାର ଅଧିବେଶନ ଗତମାସ ତା ୨୭ ରିଖରେ ବନ୍ଦ ହେବାରୁ ସଭ୍ୟ-ମାନେ କିଛିଦିନ ନିମନ୍ତେ ଅବସର ପାଇଲେ । ଅଧିବେଶନର ବିସର୍ଜନ ସମୟରେ ଶ୍ରୀମତୀ ମହାରାଣୀଙ୍କର ଯେଉଁ ବକ୍ତୃତା ପ୍ରଧାନମନ୍ତ୍ରୀ ପାଠ କଲେ ତହିଁରେ ପ୍ରକାଶ ଯେ ଇଂରାଜରେ ଶାନ୍ତି ବିରାଜୁଅଛି ଏବଂ ବିଦେଶୀୟ ରାଜାମାନଙ୍କ ସହିତ ସୁଲକ୍ଷଣ ସଦ୍ଭାବ ରହିଅଛି । ଯୁଦ୍ଧ ବିଗ୍ରହର କିଛି ଆଶଙ୍କା ନାହିଁ । ଯେମନ୍ତ ଅନ୍ୟାନ୍ୟଥର ସଂଖ୍ୟାରେ ସେହିପରି ଏଥର ମଧ୍ୟ ଭାରତର କ-ଲ୍ୟାଣ ପ୍ରସଙ୍ଗ ତହିଁରେ ନାହିଁ ଆମ୍ଭମାନଙ୍କର ଅଦୃଷ୍ଟ !

———

ଅଯୋଧ୍ୟା ପ୍ରଦେଶର ସୀତାପୁର ଜିଲ୍ଲା ଅନ୍ତର୍ଗତ ବିସ୍ୱାନଗରରେ ହିନ୍ଦୁ ଓ ମୁସଲ-ମାନମାନେ ପର୍ବ ସମୟରେ ଯାହା ବିବାଦ ନ କରିବାର ଚୁକ୍ତିପତ୍ରା ନିମନ୍ତେ ଗୋଟା ତହସିଲ-ଦାରଙ୍କ ଘରଠାରେ ସଭା କରିଥିଲେ ଏବଂ ସେଠା ମୁନସଫ ମଧ୍ୟ ସେ ସଭାରେ ଉପସ୍ଥିତ ଥିଲେ । ମୀମାଂସା ହେଉ୨ ଉଭୟପକ୍ଷ ଉତ୍ତେ-ଜିତ ହୋଇ ମାରାମାରି କରିବାରୁ ଉଭୟପକ୍ଷର ସରଦାର ସହିତ ଜ ୧୫ ଣ ଗ୍ରେପ୍ତାର ହୋଇଅ-ଛନ୍ତି ଏବଂ ଏକଜଣ ଡେପୁଟି କଲେକ୍ଟର ପୁଲିସ ଗାର୍ଦ୍ଦ ସହିତ ବିସ୍ୱାନଗରକୁ ଯାଇଅଛନ୍ତି । ରଫା କରୁ୨ ଯେଉଁମାନେ ଅସମ୍ଭାଳ ସେମାନଙ୍କର ମିଶିବା ସହଜ ନୁହେ ।

———

ଉତ୍କଳ ପ୍ରଜା ସମ୍ବନ୍ଧରେ ଖଣ୍ଡିଏ ବିଜ୍ଞାପନ ଯଥାସ୍ଥାନରେ ପ୍ରକାଶିତ ହେଲା । ମହାଭାରତର ଗଦ୍ୟ ଓଡ଼ିଆ ଅନୁବାଦ ପ୍ରକାଶ କରିବାର ପ୍ରସ୍ତାବ ଆମ୍ଭମାନଙ୍କ ବିବେଚନାରେ ଉତ୍ତମ ଅଟେ । ଏହାଦ୍ୱାରା ପ୍ରଜାର ଆଦର ବଢ଼ିବ ଏବଂ ଦେଶର ଗୋଟିଏ ସ୍ଥାୟୀ ଉପକାର ହେବ । ପ୍ରତି ସଂଖ୍ୟାରେ କେତେ ପୃଷ୍ଠା ବାହା-ରିବ ଏବଂ ତହିଁର ମୂଲ୍ୟ କେତେ ଦେବାକୁ ହେବ ବିଜ୍ଞାପନରେ ପ୍ରକାଶ ନ ହେବାରୁ ଅସମ୍ପୂର୍ଣ୍ଣ ହୋଇ ଅଛି । କମେ୨ ପ୍ରକାଶ ହେଉ ଥିବା ଗ୍ରନ୍ଥର ଗ୍ରାହକ ଓଡ଼ିଆରେ ପ୍ରାୟ ଅଧିକ ହୁଅନ୍ତି ନାହିଁ । ମାତ୍ର ପତ୍ରିକା ଗ୍ରାହକ ବୃଦ୍ଧି ହୋଇ ମୂଲରୁ ଲୋଡ଼ନ୍ତି । ଭରସା କରୁଁ ଉତ୍କଳ ପ୍ରଜାର ବର୍ତ୍ତମାନ ଗ୍ରାହକ ସଂଖ୍ୟା ଦୃଷ୍ଟି-ରେ ମହାଭାରତ ଛପା ନ ହୋଇ କରି ଅଧିକ ପରିମାଣରେ ଛପା ହେବ ।

———

ଗତ ସମ୍ବାଦବାହିକାରେ ପାଠକଲୁଁ ଯେ ବୃନ୍ଦାବନ ଅଞ୍ଚଳରେ ଅତ୍ୟନ୍ତ ଦୁଃଖ ପଡ଼ିବାର ଦେଖି ବାଲେଶ୍ୱରର କଲେକ୍ଟର ସାହେବ ସାହାଯ୍ୟ ନିମନ୍ତେ ସ୍ୱୟଂ ଟ ୨୦୦ ଙ୍କା ଦାନ କରିଅଛନ୍ତି ଏବଂ କଟକର ସରକାରି ଉକିଲ ବାବୁ ହରବଲ୍ଲଭ ବସୁ ଟ ୧୦୦୦ ଙ୍କା ଏବଂ ବାଲେଶ୍ୱରର ଜଣେ ଜମିଦାର ବାବୁ ରାଧାଚରଣ ଦାସ ଟ ୮୦୦ ଙ୍କା ଦାନ କରିଅଛନ୍ତି । ସାଂ ହେବ ମହୋଦୟ ସାହାଯ୍ୟଦାନର ବ୍ୟବସ୍ଥା

Digitized by srujanika@gmail.com

Split by PDF Splitter



କରିବାରେ ବଡାବଡ଼ ବ୍ୟସ୍ତ ଅଛନ୍ତି । ସାହେବ ମହୋଦୟଙ୍କର ଏକାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ । ବାଲେଶ୍ୱରରେ ଦୁର୍ଭିକ୍ଷ ସାହାଯ୍ୟ ବ୍ୟବସ୍ଥା ହବ ହେବାର ଅନେକ ସମୟରେ ଦେଖାଯାଇଅଛି । କଟକର କଲେକ୍ଟର ସେହେ ଯଥା ସମୟରେ ଯତ୍ନ କରିଥାନ୍ତେ ତେବେ ଏଠାର ଜମିଦାର ଓ ଅନ୍ୟାନ୍ୟ ଧନମାନଙ୍କଠାରୁ ଅବଶ୍ୟ ଏ ଜିଲ୍ଲାର ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ ଚାନ୍ଦା ସଂଗୃହୀତ ହୋଇଥାନ୍ତା ।

---

ଗତ ବନ୍ୟାହେତୁ କେନ୍ଦ୍ରାପଡ଼ା ସବଡିଭିଜନର ଏକ ଅଂଶରେ ଯେପରି କଷ୍ଟ ପଡ଼ିଅଛି ଯାଜପୁର ସବଡିଭିଜନରେ ସେହିପରି ପଡ଼ିବାର ଶୁଣା ଯାଉଅଛି । ମାତ୍ର ଯାଜପୁରର ଡେପୁଟି କଲେକ୍ଟର ଅଦ୍ୟ ସେପରି କିଛି ରପୋର୍ଟ କରି ନାହାନ୍ତି । ଏଥିପାଇଁ ଆମ୍ଭମାନଙ୍କ କଲେକ୍ଟର ସାହେବ ଗତ ମଙ୍ଗଳବାର ଯାଜପୁରର ଧୋଇ ସ୍ଥାନମାନଙ୍କର ଅବସ୍ଥା ସନ୍ଦର୍ଶନ ନିମନ୍ତେ ଗତ ମଙ୍ଗଳବାର ଯାତ୍ରା କରିଅଛନ୍ତି ଏବଂ ଜିଲ୍ଲା ବୋର୍ଡ଼ର ସୁଯୋଗ୍ୟ ଭାଇସଚେୟାରମାନ ବାବୁ ମଧୁସୂଦନ ରାଓ ମଧ୍ୟ ମୋଫସଲକୁ ଯାଇ ଅଛନ୍ତି । ସେ ଜମ୍ବୁପୁରର ସାହାଯ୍ୟ କାର୍ଯ୍ୟ କିପରି ଚଳୁଅଛି ତାହା ଦେଖି ଯାଜପୁର ଅଞ୍ଚଳକୁ ଯାଇ ବିଞ୍ଝାରପୁରଠାରେ କଲେକ୍ଟର ସାହେବଙ୍କୁ ଭେଟିବେ ଏବଂ ଯେପରି ଅବସ୍ଥା ଦେଖିବେ ତଦନୁସାର ସାହାଯ୍ୟ ଦାନର ବ୍ୟବସ୍ଥା କରିବେ । ପ୍ରାୟ ଦୁଇମାସ ହେଲା ଏ ଜିଲ୍ଲାରେ ଅନ୍ନକଷ୍ଟ ବିଶେଷ ବାଧିଅଛି ମାତ୍ର ଏପର୍ଯ୍ୟନ୍ତ ଆମ୍ଭମାନଙ୍କ କଲେକ୍ଟର ସାହେବଙ୍କର ବିଶ୍ୱାସ ଜନ୍ମି ନ ଥିଲା, ଏଥିରୁ ବନ୍ୟାଯୋଗେ କଷ୍ଟ ବିଶେଷ ହେବାରୁ ତାହାଙ୍କର ଭ୍ରମ ଭାଙ୍ଗିଅଛି ଏବଂ ସାହାଯ୍ୟ ଦାନ ନିମନ୍ତେ ତତ୍ପର ହୋଇଅଛନ୍ତି ବଡ଼ ସୁଖର ବିଷୟ ଅଟଇ ।

---

ବାବୁ ଯଜ୍ଞେଶ୍ୱର ଦାସ ଡେପୁଟି କଲେକ୍ଟରଙ୍କ ରିପୋର୍ଟ ଅନୁସାରେ ଏ ଜିଲ୍ଲାର ଜମ୍ବୁପୁର ଅଞ୍ଚଳରେ ସାହାଯ୍ୟଦାନର ବନ୍ଦୋବସ୍ତ ହେବା କଥା ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ଏଥି ମଧ୍ୟରେ କେନ୍ଦ୍ରାପଡ଼ାର ଡେପୁଟି କଲେକ୍ଟର ବାବୁ ଜନକଚନ୍ଦ୍ର ଦାସ ଆଳ ଏବଂ ପଟ୍ଟାମୁଣ୍ଡାଇ ଏଲାକାରେ ବିଶେଷ ଅନ୍ନକଷ୍ଟ ଘଟିବାର ସ୍ୱୟଂ ପ୍ରତ୍ୟକ୍ଷକରି ସାହାଯ୍ୟଦାନର ଅବଶ୍ୟକତା ଦର୍ଶାଇବାରେ ରିପୋର୍ଟ କରିବାରୁ କଲେକ୍ଟର ସାହେବଙ୍କ ଅନୁରୋଧ ମତେ ଜିଲ୍ଲା ବୋର୍ଡ ଅକ୍ଷମ ଲୋକଙ୍କ ଖାଦ୍ୟ ଯୋଗାଇବା ନିମିତ୍ତ ନଗଦ ଟ ୫୦୦ ଙ୍କା ପଠାଇ ଅଛନ୍ତି ଏବଂ ସକ୍ଷମ ଲୋକଙ୍କୁ ମୂଲ ଯୋଗାଇବା ନିମିତ୍ତ ପ୍ରାୟ ଦୁଇହଜାର ଟଙ୍କାର ମାଟିକାର୍ଯ୍ୟ କରାଇବାର ଆଦେଶ ହୋଇଅଛନ୍ତି । ଖାଦ୍ୟ ବାଣ୍ଟିବା କାର୍ଯ୍ୟ ଡେପୁଟି କଲେକ୍ଟରଙ୍କ ଆଦେଶ ମତେ ହେବ ଏବଂ ଆବଶ୍ୟକ ହେଲେ ଜଣେ ସବଡେପୁଟି ପ୍ରେରିତ ହେବେ । ଡେପୁଟି କଲେକ୍ଟର ଲେଖିଅଛନ୍ତି ଯେ ବ୍ରାହ୍ମଣୀ ଓ ଖରସୁଆ ବଢ଼ିରେ ଆଳ ଓ ପଟ୍ଟାମୁଣ୍ଡାଇର ଯେ ସମସ୍ତ ସ୍ଥାନ ଧୋଇ ଯାଇଅଛି ତନ୍ମଧ୍ୟରୁ ଅଧିକାଂଶ ଅଦ୍ୟ ଜଳରେ ବୁଡ଼ି ରହିଅଛି ଓ ଧାନଗଛ ସବୁ ନଷ୍ଟ ଯାଇଅଛି । ସୁତରାଂ ଧାନ ଫସଲ ଲାଭର ଆଶା ନାହିଁ ଏବଂ ବର୍ତ୍ତମାନ ମୂଲଅମାନଙ୍କର ବଳରେ ମୂଲ ଲାଗି ଜୀବନ ନିର୍ବାହ କରିବାର ଉପାୟ ନାହିଁ, ବଡ଼ଶୋଚନୀୟ ଅବସ୍ଥା ।

---

ହରଦ୍ୱାରରେ ଉତ୍ତର ପଶ୍ଚିମ କୋ ୭୦ ଶ ଅନ୍ତରରେ ଉତ୍ତର ପଶ୍ଚିମ ପ୍ରଦେଶର ଗାଡ଼ୋଆଲ ଜିଲ୍ଲା ଅନ୍ତର୍ଗତ ଗୋନା ନାମକ ଗୋଟିଏ ଗ୍ରାମ ଅଛି । ସେହି ଗ୍ରାମ ନିକଟରେ ବିରହୀଗଙ୍ଗା ନାମକ ଏକନଦୀ ଉଗ୍ର ନାମକ ଅଛି ଏକ ଜଳସାସଙ୍ଗେ ମିଶି ତହିଁର କୋ ୬ ଶ ଦକ୍ଷିଣରେ ଅଲକାନନ୍ଦା ସଙ୍ଗେ ମିଶି ଅଛି । ଗତ କାର୍ତ୍ତିମାସର ବୃଷ୍ଟିରେ ପାହାଡ଼ରୁ ଅନେକ ଖସି ବିରହି ନଦୀର ୨ଁ ବନ୍ଦକରି ହେବା ଓ ସେହି ନଦୀର ଅନ୍ୟ ଦୁଇ ପାର୍ଶ୍ୱରେ ପାହାଡ଼ ଥିବାରୁ ନଦୀଜଳ ବାହାର ନ ପାଇ ଗୋନା ପର୍ଯ୍ୟନ୍ତ ଗୋଟିଏ ବୃହତ ଜଳାଶୟ ହୋଇଗଲା । ଏହି ଜଳାଶୟ ବା ହ୍ରଦ ମାଇଲ ଲମ୍ବ ଏକମାଇଲ ଓସାର ଏବଂ ପ୍ରାୟ ପ୍ରଚଣ୍ଡ ବସ୍ତ ଗଭୀର । ଏ ବର୍ଷର ବୃଷ୍ଟିଜଳ ତହିଁରେ ପ୍ରବେଶ ହୋଇ ବୃଦ୍ଧି ବଢ଼ିବାରେ ଅଡ଼ାହାସ ଯେଉଁ ବନ୍ଧ ହୋଇଅଛି ତାହାକୁ ଭାଙ୍ଗିପକାଇବ ଓ ପ୍ରବଳ ଜଳରାଶି ଧାବମାନ ହୋଇ ଗ୍ରାମମାନ ଭସାଇ ନେଇ ଯିବ ଏହି ଆଶଙ୍କା କରି କର୍ତ୍ତୃପକ୍ଷମାନେ ପୂର୍ବରୁ ସାବଧାନ ହୋଇ ବନ୍ଧ କାଟିଦେବାର ଚେଷ୍ଟା କରିଥିଲେ ମାତ୍ର ତାହା ଅସାଧ୍ୟ ବୋଧ ହେବାରୁ ଦୁର୍ଘଟନା ବିଷୟ ପୂର୍ବରୁ ଲୋକଙ୍କୁ ଜଣାଇ ସାବଧାନ କରାହେବା କାରଣ ତାରଡାକଗାଡ଼ ବସାଇ ଜଳ ବଢ଼ିବାର ସମ୍ବାଦ ପ୍ରତ୍ୟହ ଦଣ୍ଡଥିଲେ । ଗତମାସ ତା ୨୫ ରଖରେ ବନ୍ଧଭାଙ୍ଗି ଜଳପ୍ରବାହ ଏବଂ ପ୍ରବଳ ବେଗରେ ଧାବମାନ ହେଲା ସେ ତହିଁର ଉଭୟ ପାର୍ଶ୍ୱ ଅନେକ ଦୂରପର୍ଯ୍ୟନ୍ତ ଜଳର ବନ୍ୟା ହୋଇଥିଲା । ଏକ ସ୍ଥାନରେ ଗ୍ରାମ ଉପରେ ୬୦ ଫୁଟ ଊର୍ଦ୍ଧ୍ୱକୁ ଜଳ ଉଠିଥିଲା ଏଥିରେ ଅନେକ ଘର ପଶୁ ଓ ବୃକ୍ଷାଦି ଭାସି ଯାଇଅଛି । କେବଳ ଗ୍ରାମବାସୀମାନେ ପୂର୍ବରୁ ସାବଧାନ ଥାଇ ପଳାଇ ଯିବାରୁ ମନୁଷ୍ୟ ନଷ୍ଟ ହେବାର ସଂମ୍ବାଦ ଆସି ନାହିଁ । ହରଦ୍ୱାରରେ ଯେ ପରିମାଣ କ୍ଷତିର ଆଶା ଥିଲା ୮ ଫୁଟରୁ ଅଧିକ ଉଚ୍ଚରେ ଜଳ ନ ବଢ଼ିବାରୁ ସେତେ କ୍ଷତି ହୋଇନାହିଁ ମାତ୍ର କେତେଗୁଡ଼ିଏ ସଭକାଶି ଘର ୨ ସେତୁ ଭାଙ୍ଗି ଯାଇଅଛି ଏବଂ ସରକାରଙ୍କର ଅଂଶିକ କ୍ଷତି ହୋଇଅଛି । ଜଳ ଯେମନ୍ତ ଶୀଘ୍ର ବଢ଼ିଥିଲା ତେମନ୍ତ ଶୀଘ୍ର ଘଢ଼ିଗଲା । ହ୍ରଦର ଜଳ ପ୍ରାୟ ଅର୍ଦ୍ଧେକ ଶୁଖି ଯାଇଅଛି ଅନ୍ୟ ଯାହା ଅଛି ତଦ୍ୱାରା ଅନିଷ୍ଟ ଘଟିବାର ଭୟ ନାହିଁ । ମାତ୍ର ଅଲଡ଼ାର ଅବଶିଷ୍ଟାଂଶ ରହିଅଛି ଓ ତାହା ସ୍ଥିର ନ ହେବାପର୍ଯ୍ୟନ୍ତ କୌଣସି ଉପାୟ କରିବାର ବାଟ ଦିଶୁ ନାହିଁ ।

---

### ଅଦ୍ଧାଉଲ୍ତ ଦରବାର ।

ଗତ ସପ୍ତାହର ଦରବାରି ବିବରଣୀରେ ପାଠକମାନଙ୍କୁ ଜଣାଇ ଅଛୁଁ ଯେ ମହାମହୋପାଧ୍ୟାୟ ଶ୍ରୀ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ ଏ ନଗରରେ ବିଲମ୍ବରେ ଆସି ପହୁଞ୍ଚିବାରୁ ଦରବାରରେ ଉପସ୍ଥିତ ହୋଇ ନ ପାରିଲେ । ପ୍ରକାଶ୍ୟଭାବରେ ତାହାଙ୍କୁ ସନନ୍ଦ ପ୍ରଦାନ ନ କଲେ ତାହାଙ୍କର ଯଥୋଚିତ ମର୍ଯ୍ୟାଦା ହେବ ନାହିଁ ଏହି ସୁବିବେଚନାରେ ଆମ୍ଭମାନଙ୍କର ବିବେଚକ ଓ ଗୁଣଗ୍ରାହୀ କମିଶନର ଶ୍ରୀଯୁକ୍ତ କୁକ୍ ସାହେବ ଆପଣା କୋଠିଠାରେ ଆଉ ଗୋଟିଏ ଦରବାର ଗତ ସୋମବାର ପ୍ରାତଃ ଘ ୧୧ ଘଣ୍ଟା ସମୟରେ ରଚନା କଲେ ଏବଂ ସ୍ଥାନର ସ୍ୱଳ୍ପତା ଦୃଷ୍ଟିରେ ପୂର୍ବ ଦରବାରକୁ ଆସିଥିବା ଭଦ୍ର ଲୋକଙ୍କ ମଧ୍ୟରୁ କେତେକ ଜଣଙ୍କୁ ଆମନ୍ତ୍ରଣ କରିବାରେ ଇଂରାଜ ଓ ଦେଶୀ କର୍ମଚାରୀ ଏବଂ ରାଜା ଜମିଦାର ମହାଜନ ପଣ୍ଡିତ ପ୍ରଭୃତି ଉଭୟ ଶ୍ରେଣୀର ଦେଶୀୟ ଲୋକ ପ୍ରାୟ ୪୦ ଜଣ ଉପସ୍ଥିତ ହୋଇଥିଲେ । ସଭା ପୁଷ୍ପ ଫୁଲ ପତ୍ରାଦିରେ ମନୋହର ରୂପେ ସୁସଜ୍ଜିତ ହୋଇଥିଲା । ଦରବାରର ସକଳ କାର୍ଯ୍ୟ ଗତ

Digitized by srujanika@gmail.com

Split by PDF Splitter



ଦରବାର ନିୟମାନୁସାରେ ସମ୍ପାଦିତ ହୋଇ ଥିବାରୁ ପୁନର୍ବାର ଉଲ୍ଲେଖ କରିବାର ଆବଶ୍ୟକ ନ ଦେଖି କେବଳ ସନନ୍ଦର ପ୍ରତିଲିପି ଏବଂ କମିଶନର ସାହେବଙ୍କ ବକ୍ତୃତାର ମର୍ମ ନିମ୍ନେ ପ୍ରକାଶ କଲୁଁ ଯଥା ।—

SANAD.

To

CHANDRA SHEKHARA SINHA HARI CHANDANA MAHAPATRA SAMANTA OF KHANDPARA, TRY. STATE OF ORISSA.

I hereby confer upon you the title of MOHAMOHOPADHYAYA as a personal distinction.

| | |
|---|---|
| | Sd. LANSDOWNE |
| FORT WILLIAM, | *Viceroy & Governor* |
| The 1st. January, | *General* |
| 1894. | *of India.* |

ବକ୍ତୃତାର ମର୍ମ ।

ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ—

ଆପଣଙ୍କ ଗୁଣଗରିମାର ପରିଚୟ ସ୍ୱରୂପ ଭାରତବର୍ଷର ମହାମାନ୍ୟ ରାଜପ୍ରତିନିଧି ଓ ଗବର୍ଣ୍ଣର ଜେନେରଲ ବାହାଦୁର ଆପଣଙ୍କୁ ଯେଉଁ ସନନ୍ଦ ପ୍ରଦାନ କରିଅଛନ୍ତି ତାହା ଅତ୍ୟନ୍ତ ଆନନ୍ଦ ସହକାରେ ଅମ୍ଭେ ଅଦ୍ୟ ଆପଣଙ୍କୁ ପ୍ରଦାନ କଲୁଁ । ଆପଣ ଏଦେଶର ଏକ ମାନ୍ୟଗଣ୍ୟ ଲୋକ ବ୍ୟକ୍ତି ଅଟନ୍ତି । ମାତ୍ର ସାଧାରଣ ରାଜବଂଶୀୟ ଲୋକଙ୍କ ପରି ବିଳାସିତା ଏବଂ ସାମାନ୍ୟ ସାଂସାରିକ ସୁଖରେ କାଳ ଯାପନ ନ କରି ସଂସ୍କୃତବିଦ୍ୟା ଏବଂ ବିଜ୍ଞାନ ବିଶେଷତଃ ଜ୍ୟୋତିଷଶାସ୍ତ୍ରର ସେବାରେ ଅହରହ ନିଯୁକ୍ତ ରହି ଉଚିତ ସୁଖ୍ୟାତି ଅର୍ଜନ ପୂର୍ବକ ଆପଣାର ଜୀବନ ସାର୍ଥକ କରିଅଛନ୍ତି । ଭାସ୍କରାଚାର୍ଯ୍ୟଙ୍କ କାଳରୁ ଏପର୍ଯ୍ୟନ୍ତ ଦେଶୀୟପଞ୍ଜିକାର ଗଣନାରେ ଯେ ସମସ୍ତ ଭ୍ରମ ଲକ୍ଷିତ ହୋଇଅଛି ତାହା ସବୁ କେହି ସଂଶୋଧନ କରି ନ ଥିଲେ । ଆପଣ ବର୍ତ୍ତମାନ କାଳର ଇଉରୋପୀୟ ଯନ୍ତ୍ରମାନଙ୍କର ସାହାଯ୍ୟ ବିନା ସ୍ୱକପୋଳକଳ୍ପିତ ଉପାୟଦ୍ୱାରା ଗ୍ରହ ନକ୍ଷତ୍ରାଦିର ସଞ୍ଚାର କାଳ ଏମନ୍ତ ବିଶୁଦ୍ଧରୂପେ ଗଣନା କରିଅଛନ୍ତି ଯେ ଇଉରୋପୀୟ ପଞ୍ଜିକା ସହିତ ଠିକ ମେଳ ହେଉଅଛି । ଆପଣଙ୍କର ଏ କାର୍ଯ୍ୟ ଅତିପ୍ରଶଂସନୀୟ ଏବଂ ଅସାଧାରଣ ପାଣ୍ଡିତ୍ୟର ପରିଚାୟକ ଅଟେ । ଅମ୍ଭେ ଆଶା କରୁଁ ଅଦ୍ୟ ଯେଉଁ ସମ୍ମାନ ଆପଣଙ୍କୁ ପ୍ରଦତ୍ତ ହେଲା ତାହା ଆପଣ ଦୀର୍ଘକାଳ ଭୋଗ କରନ୍ତୁ ଏବଂ ଆପଣଙ୍କର ଆଦର୍ଶକୁ ଏଦେଶବାସିମାନେ ଅନୁକରଣ କରିବାକୁ ତତ୍ପର ହେଉନ୍ତୁ ।—

ଅଭ୍ୟର୍ଥନାସଭା ।

ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ଜ୍ୟୋତିଷ ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ଦେଖାଇ ଗବର୍ଣ୍ଣମେଣ୍ଟଙ୍କଠାରୁ ସମ୍ମାନ ପାଇ ଓଡ଼ିଶାର ମୁଖୋଜ୍ଜ୍ୱଳ କଲେ । ଓଡ଼ିଶାବାସିଙ୍କର ଏଥିରେ ଯେଉଁ ଅସୀମ ଆନନ୍ଦ ଲାଭ ହୋଇଅଛି ତାହା ପ୍ରକାଶ ନ କରି ନୀରବ ରହିବା ନିତାନ୍ତ ଅସାମାଜିକ ବିବେଚନା କରି ଏ ନଗରବାସି ଦେଶୀୟ ଲୋକମାନେ ଗତ ସୋମବାର ସନ୍ଧ୍ୟା ସମୟରେ ପ୍ରିଣ୍ଟିଂକମ୍ପାନୀଙ୍କ ଦ୍ୱିତଳ ଗୃହରେ ଏକ ଅଭ୍ୟର୍ଥନା ସଭା ରଚନା କରି ଥିଲେ । ସଭାଗୃହଟି ଫୁଲ ପତ୍ର ତୋରଣାରେ ଅତ୍ୟନ୍ତ ସୁସଜ୍ଜିତ ଏବଂ ବାହାର ଭିତର ବସ୍ତ୍ରର ପାପାବଳରେ ଅଳଙ୍କୃତ ହୋଇ ଥିଲା । ଲୋକର ଭିଡ଼ ଏମନ୍ତ ହୋଇଥିଲା ଯେ ପଛକୁ ଯେଉଁମାନେ ଆସିଲେ ସେମାନେ ସଭାଭିତରକୁ ପ୍ରବେଶ କରି ପାରିଲେ ନାହିଁ । ଠିକ ଘ ୮ ଟା ସମୟରେ ମହାମହୋପାଧ୍ୟାୟ ସଭାରେ ଉପସ୍ଥିତ ହେବାରୁ ତାହାଙ୍କୁ ଆଦର ପୂର୍ବକ ଉଚିତ ଆସନରେ ବସାଇ ଦିଆଯାଇ ସଙ୍ଗୀତ ଆରମ୍ଭ ହେଲା । ତହିଁ ଉତ୍ତାରୁ ଶ୍ରୀ ପଣ୍ଡିତ ମାର୍କଣ୍ଡେୟ ମହାପାତ୍ର ସଂସ୍କୃତଭାଷାରେ ମହାମହୋପାଧ୍ୟାୟଙ୍କ ଗୁଣ କୀର୍ତ୍ତନ କରି କହିଲେ କି ସେହି ପଦ ସୃଷ୍ଟି ହେବା ଦିନରୁ ଅନ୍ୟାନ୍ୟ ସ୍ଥାନର ପଣ୍ଡିତମାନେ ତଦ୍ଦ୍ୱାରା ଭୂଷିତ ହୋଇ ଥିଲେହେଁ ଓଡ଼ିଶାର କୌଣସି ଲୋକ ପ୍ରାପ୍ତ ହୋଇ ନ ଥିଲେ । ଶ୍ରୀ ଚନ୍ଦ୍ରଶେଖର ସାମନ୍ତ ଓଡ଼ିଶାରେ ସର୍ବ ପ୍ରଥମେ ଏ ପଦ ପାଇ ଆପେ ଧନ୍ୟ ହେବା ସଙ୍ଗେ ଓଡ଼ିଶାକୁ ଗୌରବାନ୍ୱିତ କରିଅଛନ୍ତି । ଏଥି ଉତ୍ତାରୁ ମହାମହୋପାଧ୍ୟାୟ ସ୍ୱରଚିତ ସଂସ୍କୃତ ସିଦ୍ଧାନ୍ତଦର୍ପଣରୁ ପୃଥିବୀ ନିଶ୍ଚଳ ଥିବା ପ୍ରସଙ୍ଗରେ କେତେକ ଯୁକ୍ତିର ବ୍ୟାଖ୍ୟା କରିବା ଦ୍ୱାରା ସଭ୍ୟମାନଙ୍କୁ ଆପ୍ୟାୟିତ କଲେ । ପରିଶେଷରେ ଫୁଲ ଚନ୍ଦନ ଅତର ପାନ ଦିଆଯାଇ ଆଉ ଗୋଟିଏ ସଙ୍ଗୀତ ହୋଇ ସଭାଭଙ୍ଗ ହେଲା ଏହି ସମୟରେ ସଭାଗୃହ ସମ୍ମୁଖରେ ଆତସବାଜିର ଗଛମାନ ପ୍ରଜ୍ଜ୍ୱଳିତ ହେଲା । ଆତସବାଜି ଗୁଡ଼ିକ ସୁନ୍ଦର ହୋଇଥିଲା ଏବଂ ତାହା ଦେଖିବାକୁ ଦାଣ୍ଡରେ ଅନେକ ଲୋକ ଜମା ହୋଇ ଥିଲେ । ଆତସବାଜି ଶେଷ ହେବାରୁ ସମସ୍ତେ ଆପଣା ଗୃହକୁ ପ୍ରସ୍ଥାନ କଲେ । ବୋଲିବା ବାହୁଲ୍ୟ ଯେ ସଭାର ସମସ୍ତ କାର୍ଯ୍ୟ ପରିପାଟୀରୂପେ ନିର୍ବାହିତ ହୋଇଥିଲା । କେବଳ ପୂର୍ବରୁ ସାବଧାନ ନ ହେବାରୁ ଅନେକ ଅନିମନ୍ତ୍ରିତ ଲୋକ ପୂର୍ବରୁ ସ୍ଥାନ ମାଡ଼ିବସି ନିମନ୍ତ୍ରିତ ବ୍ୟକ୍ତିମାନଙ୍କର ଅସୁବିଧା ଜନ୍ମାଇ ଥିଲେ । ଯେଉଁ ସଙ୍ଗୀତ ଦ୍ୱୟ ଗାୟିତ ହୋଇଥିଲା ତାହା ନିମ୍ନେ ପ୍ରକାଶିତ ହେଲା, ଯଥା—

୧ମ ଗୀତ ।

ରାଗିଣୀ ଝିଞ୍ଜିଟ-ତାଳ ଖେମଟା ।

ଆସ ମିଳି ବନ୍ଧୁଗଣ ଆଜ ହେ ଉତ୍ସବ ଦିନ ।
ପଠାଣି ସାମନ୍ତେ ଯୁଶେ କର ସର୍ବେ ଅଭିନନ୍ଦନ । ଘୋଷା ।
ଜଗତେ ଯେ ଶ୍ରମ କରି ଜ୍ୟୋତିଷ୍ଚକ୍ରମଧ୍ୟେ ବିଚରି,
ପଣ୍ଡିତପଣକୁ ପଶ୍ଚାତ୍ତର କାହିଁ ନିରୂପଣ । ୧ ।
ଯାକୁ ଦେଖ ବାଂଶୀକଳ ଯୋଗାଇ ଦୂରବୀକ୍ଷଣ
ସଭ୍ୟ ଜଗତର କଲ କଲ୍ପ ଅସ୍ତ ଅନ୍ୱେଷଣ । ୨ ।
ବୋଲ ଯେ ଗଲ ଜଗତେ “ ବିଦ୍ୟା ସର୍ବତ୍ର ପୂଜ୍ୟତେ ”
ଜୀବନ୍ତ ଦୃଷ୍ଟାନ୍ତ ତାର କର ସୁଖେ ସନ୍ଦର୍ଶନ । ୩ ।
ଗୁଣ ପୂଜା କରେ ଗୁଣୀ, ପୂଜନ୍ତି ମହାରାଣୀ—
ତୋଷିଛନ୍ତି ମହାସ୍ୱମ ଶୋଭି ଭାରତ ଭବ୍ୟାନ । ୪ ।
ଧନ୍ୟ ରାଜା ଧନ୍ୟ ଦେଶ, ଯେ ଦେଶେ ପଣ୍ଡିତ ବାସ,
ଧନ୍ୟ ସେହୁ ଜନ ଯାର ସାର ପଣ୍ଡିତ ପୂଜନ । ୫ ।
ଉତ୍କଳେ ପଣ୍ଡିତ ଯାହା ସେନ ସୁବଦନ
ଉତ୍କଳ କରିଛ ଦେଶ ଧରଣୀ ଲଭ ଜନମ । ୬ ।
ମହାମହୋପାଧ୍ୟାୟ ଉପାଧିରେ ଅଭିଧାୟ
ସାମନ୍ତ ଚନ୍ଦ୍ରଶେଖର ସାଥ ପାଦ ଶୀର୍ଷ ଚିନ୍ତନ । ୭ ।
ସାକ୍ଷୀ ରଖି ଜଗନ୍ନାଥ ଫୁଲମାଳେ ପୂଜ ଭାଇ
ଗଣକ ଯେ ଗଣିଥିଲ ଭବେ ଅଟ ଶୁଭ ଦିନ । ୮ ।

୨ୟ ଗୀତ

ରାଗିଣୀ ସାହାନା-ତାଳ ଯତ୍

ଅସ ଅସ ବନ୍ଧୁଗଣ ଅଜ ଶୁଭ ବାସରେ ।
ଭକ୍ତି ପୁଷ୍ପାଞ୍ଜଳି ଦେବା ରୂଢ଼ ଚନ୍ଦ୍ରଶେଖରେ । ଘୋଷା ।
କୀର୍ତ୍ତି ଶୀର୍ଷ ଚନ୍ଦ୍ର ଶାନ୍ତସ୍ନାନ ଶିଳାଇତନ ।
ପ୍ରଭାକର ସମ ପ୍ରଭା କର ରୂପ ଦର୍ଶନ । ୧ ।
ହୃଦୟ ଭାସ୍କର ଅଜ ଉତ୍କଳର ଆକାଶେ ।
ଉଦ୍ଭବ ବୁଦ୍ଧିକଳା-ମଣି ଅଛା ବେଶେ ଉଲ୍ଲାସେ । ୨ ।
ରଜତ ଅବତଂସ ଛଡ଼ ସୁଖ ସନ୍ତୋଷ ।
ଦିବାଗତ ଗଗନରେ ମନ କର ସଂଯୋଗ । ୩ ।
ବନ୍ଧନ-ଅଦ୍ରେକ-ସ୍ଥାନ ପରିବତ-କନ୍ଦରେ ।
ଅବାଶ ବରଦ ହେଲେ ନିଜ ବୁଦ୍ଧି ବଳରେ । ୪ ।

ସନ ୧୮୯୩ ସାଲର ପୁଲିସବିବରଣ ।

ସନ ୧୮୯୩ ସାଲରେ ବଙ୍ଗଳାର ପୁଲିସବିଭାଗରେ ଅନେକଗୁଡ଼ିଏ ପରିବର୍ତ୍ତନ ଘଟିଥିଲା ପ୍ରତିଜିଲାରେ ଏକଜଣ ଡିଷ୍ଟ୍ରିକ୍ଟ୍ସୁପରିଣ୍ଟେଣ୍ଡେଣ୍ଟ ଏବଂ କେବଳ ବଡ଼ ବଡ଼ ସବଡିଭିଜନ ଏବଂ ଛୁଟୀସମୟରେ ଏକଟିଂ ରହିବା ନିମନ୍ତେ ଅଳ୍ପ ସଂଖ୍ୟକ ଆସିଷ୍ଟାଣ୍ଟ ରଖାଯିବାର ନିୟମ ହେବାରୁ ସୁପରିଣ୍ଟେଣ୍ଟଙ୍କ ସଂଖ୍ୟା ୪୩ ରୁ ୪୫ କୁ ବୃଦ୍ଧି ଏବଂ ଆସି-

Digitized by srujanika@gmail.com

ସ୍ତ୍ରୀଙ୍କ ସଂଖ୍ୟା ୬୭ ରୁ ୯୯ କୁ ଊଣା ହେଲା । ପୁଲିସ ଫାଣ୍ଡି କମିଟୀଙ୍କ ପ୍ରସ୍ତାବମତେ ୧୮୮ ଫାଣ୍ଡି ଉଠିଯିବାର ସ୍ଥିର ହୋଇ ତହିଁମଧ୍ୟରୁ ୧୪୫ ଫାଣ୍ଡି ଉଠିଯାଇ ଅଛି ଏବଂ ଆଉ କେତୋଟି ଉଠାଇ ଦେବାର ଉଦ୍ୟମ ଲାଗିଅଛି । ତଦନ୍ତକାରୀ କର୍ମଗ୍ରାହୀମାନେ ପୂର୍ବେ ହେଡ଼କନେଷ୍ଟବଲଙ୍କ ମଧ୍ୟରୁ ନିର୍ବାଚିତ ହେଉଥିଲେ । ବର୍ତ୍ତମାନ ପ୍ରତିଯୋଗୀ ପରୀକ୍ଷାଦ୍ୱାରା ସବଇନ୍ସ୍ପେକ୍ଟର ନିଯୋଗ କରିବାର ପ୍ରଥା ହୋଇ ବର୍ତ୍ତିତବର୍ଷମଧ୍ୟରେ ଯେଉଁ ଦୁଇଥର ପରୀକ୍ଷା ହୋଇଥିଲା ତହିଁରେ ଯଥାକ୍ରମେ ୩୫ ଓ ୨୦ ଲୋକ ନିଯୁକ୍ତ ହୋଇ ଥିଲେ । ଯେଉଁମାନେ ପ୍ରବେଶିକାପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସଚ୍ଚରିତ୍ରତାର ପ୍ରଶଂସାପତ୍ର ଦେଖାଇ ପାରୁଥିଲେ କେବଳ ସେହିମାନଙ୍କଠାରୁ ପରୀକ୍ଷା ଗୃହୀତ ହୋଇଥିଲା ଏବଂ ନିଯୋଗ ସମୟରେ ଏହା ପରୀକ୍ଷାର ଫଳପ୍ରତି ଦୃଷ୍ଟି ନ ରଖି ହିନ୍ଦୁ, ମୁସଲମାନ, ବିହାରୀ ଓ ବଙ୍ଗାଳୀ ପ୍ରଭୃତି ଭିନ୍ନ ଜାତୀୟ ଲୋକଙ୍କ ମଧ୍ୟରେ ସମାନ ଅନୁପାତ ରକ୍ଷା କରିବାର ଚେଷ୍ଟା ହୋଇଥିଲା । ପୂର୍ବ ନିୟମରେ ନିଯୁକ୍ତ ହେଉଥିବା ଲୋକଙ୍କଠାରୁ ବର୍ତ୍ତମାନ ନିୟମରେ ନିଯୁକ୍ତ ହେବା ଲୋକମାନେ ଭଲ କି ମନ୍ଦ ଏତେଶୀଘ୍ର ବୋଲାଯାଇ ନ ପାରେ ମାତ୍ର ଭଲ ହେବାର ପୁଲିସ ଇନ୍ସ୍ପେକ୍ଟର ଜେନେରଲ ବିବେଚନା କରନ୍ତି ।

ପୁଲିସ ବିଭାଗର ବ୍ୟୟ ସନ ୧୮୯୧ ସାଲରେ ୪୨ ଲକ୍ଷ ୬୭ ହଜାର ସନ ୧୮୯୨ ସାଲରେ ୪୩ ଲକ୍ଷ ଏବଂ ସନ ୧୮୯୩ ସାଲରେ ୪୩ ଲକ୍ଷ ୭୪ ହଜାର ଟଙ୍କା ହୋଇଥିଲା । ସୁତରାଂ ଗତବର୍ଷର ବ୍ୟୟ ତହିଁ ପୂର୍ବ ବର୍ଷଠାରୁ ୭୪ ହଜାର ଟଙ୍କା ଅଧିକ ହୋଇଅଛି । ଇଉରୋପୀୟ କର୍ମଗ୍ରାହୀଙ୍କୁ ବଟା ଦେବା ତୋଫାନରେ ଯେ ସବୁ ଗୃହାଦି ଭାଙ୍ଗି ଯାଇ ଥିଲା ତାହାସବୁ ମରାମତି କରିବା ଏବଂ ଅତି ବୃଷ୍ଟିହେତୁ ବସ୍ତ୍ରଖର୍ଚ୍ଚ ଅଧିକ ପଡ଼ିବା ବ୍ୟୟ ବୃଦ୍ଧିର କାରଣ ଅଟେ ।

ନଗରମାନଙ୍କର ପୁଲିସ କନେଷ୍ଟବଲ ସ୍ଥାନରେ ଚୌକିଦାର ନିଯୁକ୍ତ ହେବାର ପ୍ରଥା ଏ ବର୍ଷ ବିସ୍ତାର ହୋଇଅଛି । ଯେଉଁଠାରେ ସନ ୧୮୯୨ ସାଲରେ ୩୩୨ କନେଷ୍ଟବଲ ଥିଲେ ସେଠାରେ ଏ ବର୍ଷ ୪୦୬ ଚୌକିଦାର ନିଯୁକ୍ତ ହୋଇଅଛନ୍ତି । ଅନ୍ୟାନ୍ୟ ଜିଲ୍ଲାମଧ୍ୟରେ ଓଡ଼ିଶାର ନଗରମାନଙ୍କରେ ନାଗରିକପୁଲିସ ସଂଖ୍ୟା ବୃଦ୍ଧି ହୋଇଅଛି । କେତେକସ୍ଥାନରେ ନୂତନ ଚୌକିଦାରୀ ପ୍ରଥା ସଫଳ ହେବାର ଜଣାଯାଏ । ବିଶେଷତଃ ପାଟନାସହରରେ ସିନ୍ଧ ଚୋରି ସଂଖ୍ୟା ଊଣା ହୋଇ ଅଛି ଏବଂ ରାତ୍ରି ଗସ୍ତବେଳେ ୨୦ ଜଣ ସିନ୍ଧିଆଳଙ୍କୁ ପୁଲିସକର୍ମଗ୍ରାହୀମାନେ ଧରିଥିଲେ । ମାନ୍ୟବର ଲେଫ୍ଟେନାଣ୍ଟଙ୍କ ବିବେଚନାରେ କନେଷ୍ଟବଲ ବଦଳରେ ଚୌକିଦାର ରଖିବାଦ୍ୱାରା କାର୍ଯ୍ୟ ଭଲ ହେବ ଏବଂ ବ୍ୟୟ ଊଣା ପଡ଼ିବ । ମାତ୍ର ଯେଉଁସବୁ ସ୍ଥାନରେ ଦଙ୍ଗାହଙ୍ଗାମାର ପ୍ରବୃତ୍ତି ଅଧିକ କେବଳ ସେହିସବୁ ସ୍ଥାନକୁ ଚୌକିଦାରମାନେ ଏଡ଼ା ପାରିବେ ନାହିଁ ।

ଗ୍ରାମ୍ୟ ଚୌକିଦାରଙ୍କ ମଧ୍ୟରୁ ଜାଗିରଥିଙ୍କ ସଂଖ୍ୟା କ୍ରମଶଃ ଊଣା ଏବଂ ବେତନଭୋଗିଙ୍କ ସଂଖ୍ୟା ବୃଦ୍ଧି ହେଉଅଛି । ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ଏହିକି ଜାଗିରଥି ଚୌକିଦାରଙ୍କ ସଂଖ୍ୟା ଶୀଘ୍ର ଊଣା ହୋଇ ସନ ୧୮୭୦ ସାଲର ୬ ଆଇନ ଅନୁସାର ବେତନଭୋଗୀ ଚୌକିଦାରମାନେ ନିଯୁକ୍ତ ହେବେ ଏବଂ ଜାଗିରଜମିମାନ ସରକାର ଫେରି ନେଇ ଜମା ଧାର୍ଯ୍ୟ କରିବେ । ଅର୍ଥାତ୍ ଚୌକିଦାରର ବେତନ ଲୋକମାନେ ଦେବେ ଏବଂ ସରକାର ଏତେକାଳ ଯାହା କିଛି ସାହାଯ୍ୟ କରୁଥିଲେ ତାହା ଆଉ କରିବେ ନାହିଁ । ସନ ୧୮୭୦ ସାଲର ୬ ଆଇନ ଓଡ଼ିଶାରେ ପ୍ରଚଳିତ ହୋଇ ନାହିଁ ମାତ୍ର ଏଠାର ଚୌକିଦାରି ଅବସ୍ଥା ବଡ଼ ଅସନ୍ତୋଷଜନକ ଏବଂ ଓଡ଼ିଶା ଚୌକିଦାରି ପ୍ରସଙ୍ଗ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କର ବିବେଚନାଧୀନରେ ଅଛି । ଭଲ ଜାତିର ଲୋକଙ୍କୁ ଗ୍ରାମ୍ୟ ଚୌକିଦାରୀ କାର୍ଯ୍ୟରେ ନିଯୁକ୍ତ କରିବାର ଚେଷ୍ଟା ଅନେକ ସଫଳ ହେଉଅଛି । ଢାକାର ଲୋକ ଅଧିକାଂଶ ମୁସଲମାନ ଥିବାରୁ ସେଠାରେ ଜାତିର ବିଚାର ସାମାନ୍ୟକଥା ମାତ୍ର ଦୃଷ୍ଟିପେକ୍ଷା ଭଲଅବସ୍ଥାର ଲୋକ ଚୌକିଦାର ହେଉଅଛନ୍ତି । ଭାଗଲପୁରରେ ରାଜପୁତ ଛତ୍ରୀମାନେ ଚୌକିଦାରୀ ଗ୍ରହଣ କରି ଅଛନ୍ତି ଓ ବର୍ଦ୍ଧମାନରେ ଶତକଡ଼ା ୮ ଜଣ ଭଲଜାତିର ଲୋକ ଭରତି ହୋଇ ଅଛନ୍ତି । ଉପଯୁକ୍ତ ବେତନ ନିୟମିତ ସମୟରେ ପାଇବାରୁ ଭଲଲୋକମାନେ ଚୌକିଦାରୀ କରିବାକୁ ସମ୍ମତ ହେବାର ଜଣାଯାଏ । ବାସ୍ତବରେ ଯେପରି ପେଟକଷ୍ଟ ଉପସ୍ଥିତ ହୋଇ ପଞ୍ଚ ବର୍ଷରୁ ବେତନ ସକାଶେ କେଉଁ କାର୍ଯ୍ୟ ଲୋକେ ନ କରିବେ କି? ବଙ୍ଗଦେଶର ଚୌକିଦାରଙ୍କୁ ପୁଲିସକର୍ମଗ୍ରାହୀମାନେ ଘରର ମୂଲିଆ ପରି କାର୍ଯ୍ୟ କରାଉ ଥିଲେ । ଗବର୍ଣ୍ଣମେଣ୍ଟ ସେ ବିଷୟରେ କଡ଼ା ତାକିଦ କରିବାରୁ ସେ ପ୍ରଥା ରହିତ ହୋଇ ଆସୁଅଛି । ଗତବର୍ଷ ବୀରଭୂମରେ ଜଣେ କନଷ୍ଟବଲ ଓ ହେଡ଼କନଷ୍ଟବଲ ଏବଂ ମେଦନୀପୁରରେ ଜଣେ ସବଇନସ୍ପେକ୍ଟର ଓ କନଷ୍ଟବଲ ଏଥିପାଇଁ ଦଣ୍ଡ ପାଇଥିଲେ । ଓଡ଼ିଶାର ପ୍ରତ୍ୟେକଜିଲ୍ଲାରୁ ଗୋଟିଏ ଲେଖାଏଁ ଗୁହାରି ଶୁଣା ଯାଇ ଥିଲା । ଏପରି ଚୌକିଦାରମାନଙ୍କ ଦରମାନୁସାରେ ପୁରସ୍କାର ଦେବାପାଇଁ ମାନ୍ୟବର ଲେଫ୍ଟେନାଣ୍ଟ କଡ଼ା ତାକିଦ କରି ଅଛନ୍ତି ।

ପୁଲିସ ଅତ୍ୟାଚାରଘଟିତ ମୋକଦ୍ଦମା ସଂଖ୍ୟା ଗତ ବର୍ଷଠାରୁ ଊଣା ପଡ଼ିଅଛି ଏବଂ ଏ ବିଷୟରେ ଦିନାଜପୁରର ମାଜିଷ୍ଟ୍ରେଟ ଷ୍ଟିଉଟସାହେବ ସୁଖ୍ୟାତି ଲଭି ଅଛନ୍ତି । ଗବର୍ଣ୍ଣମେଣ୍ଟ ପୁଲିସସୁପ୍ରିଣ୍ଟେଣ୍ଡେଣ୍ଟମାନଙ୍କୁ ସ୍ମରଣ କରାଇ ଦେଇ ଅଛନ୍ତି କି ପୁଲିସବିରୁଦ୍ଧରେ ଅତ୍ୟାଚାର ଗୁହାରି ହେଲେ ସେମାନେ ଅବିଳମ୍ବେ ଘଟନାସ୍ଥଳକୁ ଯାଇ ଉତ୍ତମରୂପେ ତଦନ୍ତ କରିବେ । ପ୍ରକୃତରେ ଯଥା ସମୟରେ ଉଚିତ ତଦନ୍ତ ହେଲେ ଅତ୍ୟାଚାର ନିବାରଣ ହୁଅନ୍ତା । ତାହା ନ ହେବାରୁ ଲୋକଙ୍କର ଗୁହାରି କରିବାକୁ ସାହସ ହେଉ ନାହିଁ ।

ସ୍ଥୂଳରେ ବର୍ତ୍ତିତବର୍ଷର ପୁଲିସର କାର୍ଯ୍ୟରେ ମାନ୍ୟବର ଲେଫ୍ଟେନାଣ୍ଟ ସନ୍ତୋଷ ହୋଇ ଅଛନ୍ତି ଏବଂ ଆମ୍ଭେମାନେ ମଧ୍ୟ ତାହାର ଅଣାକରୁଁ ମାତ୍ର ଚୋରି ଡକାଇତି ବୃଦ୍ଧି ହେଉଥିବାସ୍ଥଳେ ଓ ଅନେକସ୍ଥଳେ ଧରା ନ ପଡ଼ିବାରୁ ମନ ମାନୁ ନାହିଁ ।

---

# ସାପ୍ତାହିକସମ୍ବାଦ ।

ଏ ସପ୍ତାହରେ ଖରା ଏବଂ ଶୀତ୍ର ସଙ୍ଗେ ବେଳେ ଅଳ୍ପ ବୃଷ୍ଟି ହୋଇ ଅଛି । ନଈମାନଙ୍କ ବନ୍ୟା ଛାଡ଼ି ଯାଇ ଅଛି ।

## କଲିକତା-ଗେଜେଟ ।

ଜେହାନାବାଦ, ଖାଜପୁର, ପୁରୀ ଓ କାଟୋୟାରର ମୁନ୍‌ସଫମାନଙ୍କୁ ୧୮୭୦ ସାଲ ଅ ୧୦ ଆଇନ ଧା ୭ ଅନୁସାରେ ଯେଉଁ କ୍ଷମତା ଦିଆ ହୋଇଥିଲା ତାହା ରହିତ କରାଗଲା ।

ଅନ୍ତୁଶପଡା ଜାଜପୁରଦରଗାର ଅଧିକାଂଶ ଉଚ୍ଚିଷ୍ଟପୁର ସମ୍ବନ୍ଧରେ ଅନ୍ୟତାତ୍ପର୍ଯ୍ୟ ସଭାର ଅବସ୍ଥାନ ତାଙ୍କରିତରେ କାର୍ଯ୍ୟରେ ଉପସ୍ଥିତ ହେବାର୍ ବାଗ ଛୁଟୀ ରହିତ କରଗଲା ।

ଜନୁରକ୍ଷିତ ବ୍ୟକ୍ତିମାନେ ଜାଜପୁର ମିଉନିସିପାଲିଟୀର କମିଶନର କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

Digitized by srujanika@gmail.com

Split by PDF Splitter



ମନ୍ତ୍ରିତ କରୁଥାଇ ଥିଲ । କଟକର ସମସ୍ତ ଗୋସ୍ୱାମୀମାନେ ଓ ଭକ୍ତ ବୃନ୍ଦ ଉତ୍ସବ ସ୍ଥଳରେ ଉପସ୍ଥିତ ଥିଲେ । ବାସ୍ତବରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପର୍ବାଦାଉଲେ ଗାୟନ କରି ଭକ୍ତମଣ୍ଡଳୀଙ୍କ ଉତ୍ସାହ ବର୍ଦ୍ଧନ କରୁଥିଲେ ।

ଏଠା କମିଶନର ସାହେବଙ୍କ କାଲେକ୍ଟରୀରେ ଡଗାସ୍ ବାର୍ଷିକ ଅଧିବେଶନ ଗତ ତା ୨୪ ରଖ ରବିବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ହୋଇ ଥିଲା । ବହୁତ ଭଦ୍ର ବ୍ୟକ୍ତିମାନେ ଉପସ୍ଥିତ ଥିଲେ ଓ ବାବୁ ଶ୍ୟାମସୁନ୍ଦର ପଣ୍ଡିତ ଅଗ୍ରାସନ ଗ୍ରହଣ କରିଥିଲେ । ଭଗୀ, ଓଚ୍ଚ, ଦେଲିଙ୍ଗୀ ଓ ହସ୍ତିଭ ସ୍ଥାନରେ କେବେଲୋଟି ଉପନ୍ୟାସ ପଠନ ପଂଗଳକ୍ଷାରେ ବସ୍ତ୍ରାପ ବଦ ସେହିସ୍ପିଥିଲଙ୍କ ଥାଇକରି କେତେ ଦାଶନ୍ତି ଓ ଦେଲିଙ୍ଗୀ ସ୍ଥାନରେ ବଶ୍ଚ୍ୟାତ୍ରଣ ସଖ୍ୟରେ ଦୁଇଗୋଟି ସୁଅଗ ଶ୍ରେଣୀ ଉତ୍ତରୁ ସଭାପତି ମହାଶୟ କାଲକୋପଯୋଗୀ ସୁଲଲିତ ବକ୍ତୃତା ପ୍ରଦାନ କଲେ । ଶେଷରେ ଜଗଦ୍ପିତା ପରମେଶ୍ୱରଙ୍କ ପ୍ରାର୍ଥନା ସହିତ ସଭା ଭଙ୍ଗ ହେଲା ।

## ପତ୍ରପ୍ରେରକଙ୍କ ପ୍ରତି ।

କେହି ଜଣେ ଦର୍ଶକ—ବ୍ରାହ୍ମଣଭୋଜନ କଥା ସାଧାରଣ ଚର୍ଚ୍ଚାର ପ୍ରସଙ୍ଗ ହୋଇ ନ ପାରିବାରୁ ଆପଣଙ୍କ ପତ୍ର ଉପେକ୍ଷିତ ହେଲା ।

ଶ୍ରୀ ମଦନମୋହନ ପଟ୍ଟନାୟକ—ଆପଣଙ୍କର ଇଚ୍ଛା ହେଲେ ଏପ୍ରକାର ପଦ୍ୟ ପୃଥକ୍ ଛାପା କରାଇ ବିତରଣ କରି ପାରନ୍ତି । ସାଧାରଣ ବିଷୟ ନ ହେବାରୁ ସମ୍ବାଦପତ୍ରରେ ସ୍ଥାନ ପାଇବାର ଯୋଗ୍ୟ ନୁହେ ।

ଶ୍ରୀ ଭୋଳାନାଥ ସାମନ୍ତରାୟ—ଅଧିକ ପ୍ରଶଂସା ପତ୍ରର ପ୍ରୟୋଜନ ନାହିଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

To the Editor of the Utkal Dipika,

Sir,

One of the questions of importance, that strikes a visitor to the town with great wonder is the fact that the public are never allowed access into some of the Law Courts of the town. For instance, I may mention the Court of a Deputy Magistrate who sometimes holds charge of the District Magistrate, and is indeed an important personage among the Magistrates. It is distincly laid down in the Code that " the place in which any Criminal Court is held for the purpose of inquiring into or trying any offence shall be deemed an open Court, to which the public generally may have access, so far as the same can conveniently contain them": and, although it is provided " that the presiding Judge or Magistrate may, if he thinks fit, order at any stage of any inquiry into, or trial of any *particular case*, that the public generally, or any particular person, shall not have access to, or be or remain in, the room or building used by the Court " it is never meant that any Magistrate shall have the power to convert a Court-room, " it is never meant that any Magistrate shall have the power to convert a Court-room into a *Khas Kamra* almost on all the Court days. If it be a place for justice, why screen it from public view? Far indeed is the difference between the seat of a Daniel and the apartment of a *Purdanuseen* to peep into which, you are aware, is not only a breach of etiquette but also the worst form of offence under Lynch law. But here a new comer may perhaps fail sometimes to draw a distinction between the two.

An eminent gentleman while discoursing one day on the conduct of the Uryas remarked that lambs transported from Bengal are dreaded as wolves in the land of the Uryas. Had he now been near me I would have told him that this is a fit place where any body can conveniently enthrone himself as a *ruler* simply because the people are dumb.

I have &c.

Yours faithfully

Cuttack. *A Visitor.*

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଗୋପୀନାଥ ମହାନ୍ତି ଉଦବିଲଦାର ବୁଞ୍ଜିସ | ଟ ୩୯ |
| " କାଳବିହାରୀ ମିଶ୍ର କଣ୍ଟ୍ରାକ୍ଟର ଚିଲ୍ପିାଲ | ଟ ୩୯ |
| ଜୌଧୁରୀ ସାଧୁଚରଣ ମହାନ୍ତି | ଟ ୩୯ |
| " ଶ୍ୟାମଚରଣ ମହାନ୍ତି | ଟ ୩୯ |
| " ରାଧାମାଧବ ସାନ୍ତରା | ଟ ୩୯ |
| " ଶଂମସୁନ୍ଦର ରାୟଗୁରୁ | ଟ ୩୯ |
| " ବ୍ରଜସୁନ୍ଦର ପାଟଯୋଶି | ଟ ୧୯ |
| " ବନମାଳୀ ସିଂହ ଢେଙ୍କାନାଳ | ଟ ୪ । |
| " ପ୍ରେମନାଥ ସାହାଣୀ ମଲ୍ଲପାଡ଼ଲ | ଟ ୩୯ |
| " ସୁଧାଂଶୁ ପାଣ୍ଡି ଅନନ୍ତପୁର | ଟ ୩୯ |
| " ବ୍ରଜସୁନ୍ଦର ଦାସ ନାହାଲିବ | ଟ ୩୯ |
| " ଗୌରୀପ୍ରସାଦ ଭଞ୍ଜ ବଡମାନ | ଟ ୩୯ |
| " କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରି ବକ୍ସର | ଟ ୩୯ |
| " ମହନ୍ତ ପଦ୍ମନାଭ ରାମାନୁଜ ଦାସ ଭୁବନେଶ୍ୱର | ଟ ୩୯ |
| ବାବୁ ସନ୍ନ୍ୟାସି ସାହୁ ନାମଗଡ଼ | ଟ ୩୯ |
| " ପଞ୍ଚବେହାରି ଘୋଷ | ଟ ୩୯ |
| ବାବୁ ଭଗବାନ୍ ଖଡ଼ପଥି ମଉଲୁ | ଟ ୩୯ |
| " ମଙ୍ଗଳୁ ମିଶ୍ର " | ଟ ୩୯ |
| ଗ୍ରାମଠାକୁର ସାଗାଧର ଶେଖରଦେବ ଜମିଦାର ଗାଙ୍ଗପୁର | ଟ ୩୯ |
| ମିଶ୍ରର ଲଗୋରା କଟକ | ଟ ୩୯ |
| ମୁନ୍ସି ମହମ୍ମଦ ମଜହର " | ଟ ୨୯ |
| ବାବୁ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କାଉଁପଡ଼ା | ଟ ୩୯ |

# ବିଜ୍ଞାପନ ।

## ନୀଳାଦ୍ରିମହୋଦୟ ।

### ପ୍ରଥମଖଣ୍ଡ ।

( ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଯାତ୍ରା ନୀତି ଏହି ଗ୍ରନ୍ଥରେ ବଶେଷରୂପେ ବର୍ଣ୍ଣିତ ଅଛି ) ।

ମୂଲ୍ୟ ପ୍ରତିଖଣ୍ଡକୁ ଟ ୦ ।୵

କଟକ ପ୍ରିଣ୍ଟିଙ୍ଗକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

ଉପଯୁକ୍ତ ପ୍ରବନ୍ଧଲେଖକରୁ ଉତ୍କଳ-ପ୍ରଜାଙ୍କୁ ସୁବିଧା ନ ହେଲା ଯାହିଁରେ ସ୍ୱର୍ଗୀୟ ମହାତ୍ମାଙ୍କର ଉପଦେଶ ଅନୁବାଦ ପ୍ରକାଶ କରାଯିବ । ଉପଯୁକ୍ତ ପ୍ରବନ୍ଧ ପ୍ରାପ୍ତ ହେଲେ ତାହା ମଧ୍ୟ ପ୍ରକାଶ କରାଯିବ । କିନ୍ତୁ କାହିଁ ନିମନ୍ତେ ଗ୍ରାହକମାନଙ୍କଠାରୁ ମୂଲ୍ୟ ଗ୍ରହଣ କରାଯିବ ନାହିଁ । କେବଳ ମହାତ୍ମାଙ୍କର ମୂଲ୍ୟ ଉପାଇ ଅଠପେଜ ଫରମା-ଟିଭ ଅର୍ଥାତ୍ ଆଠପୃଷ୍ଠାକୁ ଏକ ପଇସା ଗ୍ରହଣ କରାଯିବ । ଏହାଛଡ଼ା ଖଣ୍ଡ ଗ୍ରନ୍ଥ ବିନାମୂଲ୍ୟ ବିତରଣ ହେବ । ଗ୍ରହଣାର୍ଥୀମାନଙ୍କୁ ଅଗ୍ରିମ ଡାକମାସୁଲ ପଠାଇବାକୁ ହେବ । ଇତି ।

ବାଲେଶ୍ୱର } ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର ଶର୍ମ୍ମା
୧୮।୮।୧୮୯୪ } ମୟୂରଭଞ୍ଜ ଦରବାରର ଉଦ୍ଧାରକାରୀତ

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଙ୍ଗକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

| | |
|---|---|
| ନାଡ଼ୀ ଜ୍ଞାନ,ମୂତ୍ର,ଅଦର୍ ଲକ୍ଷଣ | ଟ ୦ । |
| ପର୍ଯ୍ୟାୟ ମୁକ୍ତାବଳୀ | ଟ ୦ ୵ |
| ସଂସ୍କୃତ ଶ୍ଳୋକ ଅର୍ଥସହିତ | ଟ ୦ ୵ |
| ମାଳ୍ୟବନ୍ତ ଚରିତ୍ର | ଟ ୦ ୧୬ |

Digitized by srujanika@gmail.com

ରୁକ୍ମିଣୀ ହରଣ ଟ ० ⁄

ଉତ୍କଳଲକ୍ଷ୍ମୀ (ଚୌଖଣ୍ଡଶାସ୍ତ୍ର) ଟ ० ⁄

ଶ୍ରୀ ସ୍ୱାମଚନ୍ଦ୍ରଙ୍କ ବନଗମନ (ସୁଲଭ

ସଙ୍ଗିଣୀଯୁକ୍ତ ଛନ୍ଦ) ଟ ० ⁄

ଘଟଣାବଳୀ ଅର୍ଥସହିତ ଟ ० ୧୯

---

# ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ତେରଶତ ।

ଅ ତ ି ସୁ ଲ ଭ ମୂ ଲ୍ୟ ଟ ० ⁄ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମ୍‌ରି ପ୍ରଭୃତି ଦ୍ୱିମଧ୍ୟ-ସ୍ୱରର ଅନେକଗୁଡ଼ିକ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପୋଜିଟର ବାବୁ ରାମଚନ୍ଦ୍ରଙ୍କ ମୁଖର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

**BEST MANGO, PINEAPPLE &c CHUTNEE**

PREPARED WITH GREAT CARE

BY

GOLAB KHAN PUNJABEE

CANTONMENT BAZAR.

CUTTACK.

ଗୋଲାବ ଖାଁ ପଞ୍ଜାବି

ଅତି ଉତ୍ତମରୂପେ ପ୍ରସ୍ତୁତ କରଥିବା

ଆମ୍ବ ସପୁରି ଇତ୍ୟାଦି ଚଟଣି

କଣ୍ଟୋନ୍‌ମେଣ୍ଟ ବଜାର

କଟକ

---

## NOTICE.

*A COMPLETE KEY*

(Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Grammatical niceties, parsing &c.)

To

Lethbridge's Easy Selections (Minor course 1895)

BY

JAKSHOY KUMAR GHOSE

AND

HARA CHAND GHOSH

in the press

Price per copy Re. 1—0—0

Postage one anna extra for muffasal.

To be had of the Secretary Printing Company Cuttack

---

ବେଦନାର ଅତି କଷ୍ଟ ଯାଅ ନା ।

ସ୍ୱାମର ଅତ୍ୟାଶ୍ଚର୍ଯ୍ୟ ବେଦନାନାଶକ ତୈଳ ବ୍ୟବହାର କର ।

ଅନ୍ୟୂନ ****० ହଜାର ଲୋକଙ୍କର ପରୀକ୍ଷିତ ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ କମ୍ପ ଅନ୍ୟାନ୍ୟ କାରଣରେ ଉତ୍ପନ୍ନ ଅଥବା ପଡ଼ଯାଇଁ କମ୍ପ ଅଘାତ ଲାଗି ବେଦନାରେ ଅସହ୍ୟ କଷ୍ଟ ପାଉଅଛନ୍ତି ଏହି ମହୌଷଧକାଶ ତୈଳ ବ୍ୟବହାରକ୍ରୀୟା ଝୁନ୍ ଝୁନ୍, କଳ୍ କଳ୍ ପ୍ରଭୃତି ଅର୍ଥାତ୍ ଛନ୍ଦା ଛୁଟିବା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା ତତ୍‌କ୍ଷଣାତ୍ ପ୍ରାୟ ତଣ୍ଡଳ ଉପଶମ ହୁଅଇ । ସମସ୍ତ ସଂସାର ଲୋକଙ୍କର ଏହା ଶିଶି ଘରେ ରଖିବାର କର୍ତ୍ତବ୍ୟ । ଏହି ତୈଳରେ ଡାକ୍ତର ଔଷଧ କିଛି ମାତ୍ର ନାହିଁ । ଏକଜଣ ସନ୍ନ୍ୟାସିଙ୍କ ନିକଟରୁ ମିଳିଅଛି କେବଳ ବନଜାତ ପଦାର୍ଥରେ ପ୍ରସ୍ତୁତ । ଏଥିରେ ଦେହ ଚର୍ମର କୌଣସି ପ୍ରକାର ଅନିଷ୍ଟ ହୁଏନ ନାହିଁ । ବଡ଼ ବଡ଼ ଡାକ୍ତରମାନେ ଏହି ତୈଳର ବିଶେଷ ପ୍ରଶଂସା କରିଅଛନ୍ତି । ମୂଲ୍ୟ ଏକଶିଶିର ଏକ ଟ ୧ ଙ୍କା ପାଁଚି ଟ ०⁄ ଦୁଇଅଣା, ଡାକମାସୁଲ ଟ ० । ଚାରିଅଣା ମାତ୍ର ।

ଜେ, ପି, ଗୁପ୍ତ ।

ନ ** ମର୍ ନେବୁତଲା ଲେନ,

ବହୁବଜାର । କଲିକତା ।—

---

## ଗୀତରସଦୀପକ ।

ଅର୍ଥାତ୍

ବହୁଧ ରାଗ ରାଗିଣୀ ସମ୍ବଳିତ ନୂତନ ହିନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରୱାଲ

ନୟାସଡ଼କ କଟକ

---

# ସଂଗୀତସାର

ନୂତନ ନୂତନ ନୂତନ

ଅତିବ ଉତ୍ତମ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ० ⁄ ଛଅଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କଠାରୁ କେବଳ ସାର ସଂଗ୍ରହ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ଝୁଲା ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

# New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English-Entrance Course for 1894.

Chambers' Etymol. Dictionary

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

---

## ଶୀଘ୍ର ନିଅ ! ନିଅ ! ନିଅ !!

ଆମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ସର୍ବାପେକ୍ଷା ଊଣା ମୂଲ୍ୟରେ କଣ୍ଟ୍ରାକ୍ଟ ସହାଯେ ବିକ୍ରୟ ହେଉଅଛି । ଅଣ୍ଣା ବହୁଁ ଗ୍ରାହକମାନେ ଏ ସୁବିଧା ଛାଡ଼ିବେ ନାହିଁ ।

କର୍ଣ୍ଣାଟକ କର୍ଣ୍ଣନା (ଶମସ୍ତ ସୁଲକ୍ଷଣା ବେଦ ବରଣତ) ଟ ० ୧୯

ଭସଲେଖା (ଉପେନ୍ଦ୍ରଭଞ୍ଜ ବିରଚିତ) ଟ ०।⁄

ସଙ୍ଗୀତ ସାଗର ପ୍ରଥମ ଲହରୀ

ପରିବର୍ଦ୍ଧିତ ସଂସ୍କରଣ ଟ ० ⁄

| | | |
|---|---|---|
| ଏକତ | ଦ୍ୱିତୀୟ ଏକଳ | ଟ ० ⁄ |
| ଏକତ | ତୃତୀୟ ଏକଳ | ଟ ० ⁄ |
| ଏକତ | ଚତୁର୍ଥ ଏକଳ | ଟ ० ⁄ |
| ଗୀତକଳମ୍ବ | | ଟ ० ⁄ |
| କବିତାସ ଚେଙ୍ଗ | | ଟ ० ⁄ |

କଟକ ୨୭।୮।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

Split by PDF Splitter

Digitized by srujanika@gmail.com

Split by PDF Splitter




# ଜ୍ୱରର ଅବ୍ୟର୍ଥ ମହୌଷଧ

## (ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ ୦।୵ ମାସୁଲ ଟ ୦। ଅଣା

ଏହି ଔଷଧ ବ୍ୟବହାରରେ ସବୁ ପ୍ରକାରର ଜ୍ୱରରୋଗ ଏକାବେଳକେ ଆରୋଗ୍ୟ ହୋଇ ଯାଏ । ଆଉ ଆରୋଗ୍ୟ ହେଲେ ସେ ଶରୀରରେ ଆଉ ଜ୍ୱର ହୁଏ ନାହିଁ ଏହାର ବ୍ୟବହାର କଲେ କଣ ମାତ୍ର ଜ୍ୱାଳା ଯନ୍ତ୍ରଣା ହୁଏ ନାହିଁ ଏବଂ ଏହି ଉତ୍କୃଷ୍ଟ ଅଟେ । ଏଥିରେ ଜ୍ୱାଳାତ୍ରକାର ଉଦ୍ଦୀ-ରୋଗ ନଷ୍ଟ ଭଲ ହୁଏ । ଏହି ଔଷଧରେ ପ୍ରକୃତରୁ ଅଦ୍ଭୁତ କେତେକ ଗୋଟି ଅଣୁ ଫଳପ୍ରଦ ଦ୍ରବ୍ୟ ମିଶିତ ହେବାରୁ ଏହାର ଉପକାରିତା ଗୁଣ ଅଦ୍ଭୁତ ଆଶ୍ଚର୍ଯ୍ୟ ପ୍ରଦ ହୋଇ ଅଛି । ଯେଉଁ-ମାନେ ଏହି ଜ୍ୱରରୋଗରେ ଜୀର୍ଣ୍ଣ ପାଇ ଅଛନ୍ତି ଅଚିରେ ଅଳେ ସେମାନଙ୍କର ପରୀକ୍ଷା କରିବା ଉଚିତ; ଏହାର ବ୍ୟବହାର କର କଲୁଲେକ ସେଜମୁକ୍ତ ହୋଇ ଅଛନ୍ତି ଏବଂ ଅନେକ ପ୍ରଶଂସା ପତ୍ର ଯୁକ୍ତ ହୋଇ ଅଛନ୍ତି । ଔଷଧ ବ୍ୟବହାର ବିଧି ଔଷଧ ସହିତରେ ଦିଆ ଯାଇ ଥାଏ ।

ଶ୍ରୀ ରାମତାରକ ସେନ ।

ବେଙ୍ଗ ଭଗ୍ନିଲ ଷ୍ଟ୍ରିଟ୍; କାଲେଶ୍ୱର ।



ଭାରତରେ ନୂତନ ! ଭାରତରେ ନୂତନ !!

ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

# "ଗନରୋ ଡାଇନ !"

ଯେଉଁ ଉତ୍କଟ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରି ଥିଲେ, ସେହି ଜୀବନନାଶୀ ମେହରୋଗ ବନ୍ଧୁ ପରିତ୍ରାଣ ପାଇବାର, କଲୁଷ ଧାଉକୁ ପ୍ରାକୃତ ଅବସ୍ଥାରେ ପହଞ୍ଚାଇବାର ଏହି ଏକମାତ୍ର ମହୌଷଧ "ଗନରେଡାଇନ" ଆବିଷ୍କାର ହୋ-ଇ, ଚିକିତ୍ସା-ଜଗତର ମହାଅଭାବ ପୂର୍ଣ୍ଣ ଅଛି; ଯଦି ତୁମ୍ଭେ ସୁଜା ଜନ୍ମନୀୟ ପୀଡ଼ାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନ କର ପରୀକ୍ଷା କର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର୍ ରୋଗୀ ବ ଯେଉଁମାନଙ୍କୁ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ତାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି-ଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଉରୋପ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରାସାୟନିକ ପରୀକ୍ଷା ଦ୍ୱାରା ସ୍ଥିର କରିଅଛନ୍ତି ଯେ, "ଗନରେଡାଇନ" ପରି ସ୍ୱାସ୍ଥ୍ୟ ନିଶ୍ଚିତ କରିବା ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ର-ମେହ, ସ୍ୱପ୍ନଦୋଷ, ଧାତୁ ତର-ଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲିଙ୍ଗ ଦ୍ୱାରରେ ଦାଗ ଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ମୂତ୍ରଗ୍ରନ୍ଥିର ପୀଡ଼ା, ପ୍ରସ୍ରାବ ଟୋପା ଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁଃସାଧ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟ-ପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ୨ ଙ୍କା ପ୍ୟାକିଂ ଟ ୦୵ ଅଣା ଡାକମାସୁଲ ଟ ୦। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।

ଜେ, ସି, ରାୟ

ନଂ ୪୫ ନମ୍ବର ଲୋୟର ଚିତ୍ପୁର ରୋଡ଼

କଲିକତା ।



# ଭାରତରେ ନୂତନ

## ଅନୁଷ୍ଠାନ ।

ଆୟୁର୍ବେଦିକ ମେଡ଼ିସିନ ମ୍ୟାନ-ଫ୍ୟାକ୍ଚରିଂ କୋମ୍ପାନି ଅଫ୍ ଇଣ୍ଡିଆ ଲିମିଟେଡ

କାଲନା, ବେଙ୍ଗାଲ ।

ରେଜିଷ୍ଟ୍ରୀକୃତ ମୂଳଧନ ଟ ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେ-ଦୋକ୍ତ ଯାବତୀୟ ଔଷଧ ଅବିଶୁଦ୍ଧରୂପରେ ପ୍ରସ୍ତୁତ ହୋଇ ସର୍ବଦା ସହର ଓ ମୋଫସଲର ସର୍ବ-ତ୍ରରେ ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେ-ଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛା କରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ଠାରୁ ଔଷଧ ଗ୍ରହଣ କରିବେ ।

ଏଠାରେ ଶିଷ୍ଟାଲୀ, କାସ, ଜ୍ୱର, ଉନ୍ମତ୍ତ-ଅପସ୍ମାରା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅସାଧ୍ୟ ଉତ୍କଟ ଓ ଜଟିଳ ପୀଡ଼ାସମୂହରେ ବିଶେଷ ଉପକାରୀ ଔଷଧ ସର୍ବଦା ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଭନ କୁନ୍ତଳ-ତୈଳ;—ଶିରଶୀତଳ ଓ ସୌରଭର ଅତୁଳ୍ୟ ସାମଗ୍ରୀ । ଇହାଦ୍ୱାରା ଚନ୍ଦ୍ରା-ଦେହ ମସ୍ତିଷ୍କବଳ୍ଲଭର ନାଶ ଏବଂ କେଶର ଉନ୍ନତ ହୁଏ ।

୧ ଶିଶିର ମୂଲ୍ୟ ଟ ୧୧ ଖରଚାଦି ଟ ୦ ।୵

ଦନ୍ତପ୍ରାଣଦାୟିନୀ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ ୦ ୫୧ ଡାକଖର୍ଚ୍ଚାଦି ଟ ୦ ।୵

ଭୃଙ୍ଗଲ-ତୋମୂଷ-ତୈଳ;—ନୂତନ ଶିଷ୍ୟ-କାନ୍ତିଥିର ଔଷଧ । ଏହା ବ୍ୟବହାରକଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧୧ ଖର୍ଚ୍ଚାଦି ଟ ୦।୵

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜିଷ୍ଟରୀ ହୋଇଅଛି । ଏହା ୨୦୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୦୧ ଙ୍କା । ୧।୨ କିସ୍ତିରେ ଟ ୨୫୧ ଙ୍କା ହିସାବରେ ଅଦାୟ ହୋଇଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲଭ ଦେଖା-ଇବାକୁ ସାହସ କରନ୍ତି । ଏତେବେଳେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହ-କେଳିମାନେ ସତ୍ୱର ନାମଧାମ ସହ ଆବେଦନ କରିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ

ସେକ୍ରେଟରୀ ଏବଂ ଟ୍ରେଜରର


ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ଖର୍ଚ୍ଚା ଟ ୦ ୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ-ଥରର ଅର୍ଦ୍ଧେକ ଓ ଚତୁର୍ଥାଂଶ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇ-ବାକୁ ହେବ ।

ଏହି ଉତ୍କଳଦୀପିକା ଶ୍ରୀ ଗୌରୀଶଙ୍କର ରାୟ ପ୍ରକାଶକ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୯ ଶ | ସଂ ୩୭ ସଂଖ୍ୟା

ତା ୧୪ ଋଣ ମାହେ ସେପ୍ଟେମ୍ବର ସନ ୧୮୯୫ ମସିହା । ମୁ । ଭା ୮ ଇ ଅଙ୍କ ସନ ୧୩୦୨ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୪

ତ୍ରିବାଙ୍କୁରର ଏକଜଣ ଜଜ ବନ୍ଧୁଙ୍କ ହେଲେ ଦୁରାଚରଣ ହେତୁ ସସପେଣ୍ଡ ହେବାରୁ ମାନ୍ଦ୍ରାଜ ହାଇକୋର୍ଟର ସମସ୍ତ ଜଜଙ୍କ ନାମରେ ମାନହାନିର ମୋକଦ୍ଦମା ଉପସ୍ଥିତ କରିଅଛନ୍ତି । ହଜୁର ଲୋକଙ୍କର ବୁଦ୍ଧି ପ୍ରଖର ହେବରୁ କେତେ ନୂତନ ପ୍ରକାର ମୋକଦ୍ଦମା ବାହାରୁଅଛି ।

କାବୁଲର ସମ୍ବାଦରୁ ଜଣାଯାଏ ଯେ ସେ ଦେଶରେ ବିଲାତ ଏବଂ ଭାରତୀୟ ଦ୍ରବ୍ୟର ବାଣିଜ୍ୟ କମିଗଲା ଭଳି ଦେଉଅଛି । ଋଷୀୟ ଦ୍ରବ୍ୟ ବୋଖାରାବାଟେ ସେ ଦେଶରୁ ଅଧିକ ପରିମାଣରେ ଅତି ସୁଲଭ ମୂଲ୍ୟରେ ବିକ୍ରୟ ହେବା ଏଥିର କାରଣ ଅଟେ । ବାଣିଜ୍ୟ ଊଣା ହେଲେ ଇଂରାଜ ବଣିକମାନେ ଗବର୍ଣ୍ଣମେଣ୍ଟଙ୍କୁ ଅସ୍ଥିର କରିବେ କି ?

ଗତ ବି, ଏଲ, ପରୀକ୍ଷାରେ ହାରିଯାଇଥିବା ୭୩ଣ ପରୀକ୍ଷାର୍ଥିଙ୍କ ବିଷୟରେ ବସ୍ତୁର ଅନୋନୀତ ହୋଇ ପରେ ଘୋଷଣାରେ ସେମାନଙ୍କଠାରୁ ଅଳ୍ପ ଅଳ୍ପ ପରୀକ୍ଷା ନେବାପାଇଁ ବିଶ୍ୱବିଦ୍ୟାଳୟର କର୍ତ୍ତାମାନେ ଇଚ୍ଛାପ୍ରଦ ହୋଇଥିଲେ । ତଦନୁସାରେ କେତେଜଣ ପରୀକ୍ଷା ଦେବାକୁ ସମ୍ମତ ହେଲେ ଜଣା ନାହିଁ ମାତ୍ର ଗତ କଲିକତା ଗେଜେଟରେ ଦେଖିଲୁଁ ଯେ ଜ ୩୫ ଣ ୨ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ତହିଁମଧ୍ୟରେ ରେଭେନ୍‌ସା କଲେଜରେ ବାବୁ ଦୁର୍ଗାପ୍ରସନ୍ନଦାସ ଏକଜଣ ଅଟନ୍ତି ।

—○✻○—

ଜାପାନମାନେ ପୁନର୍ବାର ଚୀନବର୍ତ୍ତୁକ ପରାଜିତ ହୋଇଥିବାର ସମ୍ବାଦ ମିଳଇ । ଗତ ବୃହତ୍ ଯୁଦ୍ଧ ଉତ୍ତାରୁ ଚୀନାମାନେ ୫୦୦୦ ହୋଲାଣ୍ଡ ସେନାଙ୍କ ସାହାଯ୍ୟରେ ଜାପାନମାନଙ୍କୁ ଖୁରୁଡର ଖଣ୍ଡ ସହିତ ପିଓନର ଗ୍ଲାରଣମାଇଲ ଛୁଡ଼ିର କଉସଙ୍ଗଠାରୁ ଛଡ଼ିଦେଲେ । ପିଙ୍ଗ୍‌ୟାଙ୍ଗଠାରେ ଯେଉଁ ଯୁଦ୍ଧ ହେଲା ତହିଁରେ ୫୦୦୦ ଜାପାନୀ ସେନା ହତ ହୋଇଅଛନ୍ତି । ଚୀନାଙ୍କ ମୃତ୍ୟୁ ସଂଖ୍ୟା ଅତ୍ୟଳ୍ପ । ଚୀନଗବର୍ଣ୍ଣମେଣ୍ଟ ଏ ଯୁଦ୍ଧରେ ପରମପ୍ରୀତ ହୋଇ ସେନାପତି ଜନରେଲ ଲୟୋଃ ଏବଂ ଜ ୭୦୦ ଣ କର୍ମଚାରୀଙ୍କି ଉପାଧି ପ୍ରଦାନ କରିଅଛନ୍ତି ।

ଏଠାର ଚୀଫ କୋରଟର ଗ୍ରେଇସଡେଅଲମେନ ବାବୁ ମଧୁସୂଦନ ଦାସ ଜୟପୁରର ସାହାଯ୍ୟ ବିତରଣ କାର୍ଯ୍ୟ ଏବଂ ଯାଜପୁରର କେତେକ ବନ୍ୟାପୀଡିତ ସ୍ଥାନ ପରିଦର୍ଶନ କରି ଗତ ଶନିବାର ଏ ନଗରକୁ ଫେରି ଆସିଅଛନ୍ତି । ଜୟପୁରରେ ଅନ୍ନଛତ୍ର ଓ ତଣ୍ଡୁଲ ବିତରଣଦ୍ୱାରା ବର୍ତ୍ତମାନ ସାହାଯ୍ୟ ଦିଆ ଯାଉଅଛି । ଏଥିସଙ୍ଗେ ସକ୍ଷମ ଲୋକଙ୍କୁ କାର୍ଯ୍ୟ ଯୋଗାଇବା ନିମନ୍ତେ ସାହାଯ୍ୟ କାର୍ଯ୍ୟ ଫିଟାଇବାର ଆବଶ୍ୟକ ହେବାରୁ ଆପାତତଃ କେତେ ଗୁଡ଼ାଏ ଗ୍ରାମ୍ୟ ସଡ଼କ ପ୍ରସ୍ତୁତ କରିବାର ସ୍ଥିର ହୋଇଅଛି । ସମ୍ଭବତଃ ଏହା ସେ ଅଞ୍ଚଳ ନିମନ୍ତେ ଯଥେଷ୍ଟ ହେବ କାରଣ ଯେପରି ସୁଫଳକ ହୋଇଅଛି ଏହାପରେ ଶୁଣିଲେ ଆଉ ଏକମାସ ଉତ୍ତାରୁ ସାହାଯ୍ୟଦାନ ଆବଶ୍ୟକ ହେବ ନାହିଁ ।

ଓଡ଼ିଆ ଓ ନବସମ୍ବାଦରେ ପାଠକଲୁଁ ଯେ ଦମରଦା ପ୍ରଗନ୍ନାର ପାଟଣା ଗ୍ରାମରେ ଏକବ୍ୟକ୍ତି ଘରେ ଜଳୁଥିବା କିରୋସିନ ଡିବିରୁ କିରୋସିନ ତେଲ ପୂର୍ଣ୍ଣ ଟିନଟିଏ ହଠାତ୍ ପଡ଼ିଯିବାରୁ ସମସ୍ତ ତେଲ ଜ୍ୱଳିଉଠି ଟିନ ଫାଟିଯାଇ ଗୃହଦାହ ହୋଇଗଲା । ସେଥିରେ ଗୃହସ୍ଥର ସ୍ତ୍ରୀ ଓ ଛୋଟ ପିଲା ଏମାନେ ପୋଡ଼ିଗଲେ ଯେ ଘ ୮।୧୦ ଟା ମଧ୍ୟରେ ସେମାନଙ୍କର ପ୍ରାଣ ବାହାରିଗଲା । କିରୋସିନ ତେଲଗୁଣ୍ଡ ନିକଟକୁ ଜ୍ୱଳନ୍ତା ଡିବି ବା ପଲିତା ଆଣିବା ଉଚିତ ନୁହେ । ଉକ୍ତ ଦ୍ରବ୍ୟ ବ୍ୟବହାରବେଳେ ସତର୍କ ରହିବା କର୍ତ୍ତବ୍ୟ । ବଡ଼ ଦୁଃଖର ବିଷୟ ଯେ ପୁନଃ୨ ଏହାପରି ଦୁର୍ଘଟଣା ଘଟିବା ପ୍ରତ୍ୟକ୍ଷେ ଲୋକେ ଦେଖୁଅଛନ୍ତି ସାବଧାନ ହେଉ ନାହାନ୍ତି ।

ଭାରତବର୍ଷରେ ସମ୍ପ୍ରତି ୧୦ଗୋଟା କାଗଜର କଳ ଚାଲୁଅଛି । ଯଥା—ବମ୍ବେଇ ପ୍ରଦେଶରେ ୪ ଗୋଟା, ବଙ୍ଗଳାରେ ୪ ଗୋଟା, ଲକ୍ଷ୍ନୌରେ ଏକଗୋଟା ଏବଂ ଗ୍ୱାଲିଅରରେ ଏକଗୋଟା । ମାତ୍ର କାଗଜର ଖରଚ ଏ ଦେଶରେ ଏତେ ବଢ଼ିଅଛି ଯେ ଭାରତବର୍ଷ ଅନ୍ତତଃ ପ୍ରତିଲକ୍ଷ ଟଙ୍କାର କାଗଜ ବିଲାତରୁ ଆମଦାନି

Digitized by srujanika@gmail.com

ହେଉଅଛି । ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଯେ ଅନ୍ତତଃ ଅଧିକ ୧୦।୧୫ ଗୋଟା ଜାହାଜ ଭଲ ଏଦେଶରେ ବସିଲେ କାର୍ଯ୍ୟର ଅଭାବ ହେବ ନାହିଁ ଅତଏବ ଯୌଥ ପ୍ରଥାରେ ଜାହାଜ ବ୍ୟବସାୟ କରିବାର ସଯୋଗ୍ୟ ସୁବିଧା ଦେଖାଯାଏ । ଦେଶୀୟଲୋକଙ୍କର ଏ ବିଷୟରେ ମନୋଯୋଗ ହେଲେ ବହୁସୁଖର ବିଷୟ ହେବ ।

---

ପୁଲିସ ଇନସପେକ୍ଟରଙ୍କ ଗସ୍ତ ଖର୍ଚ୍ଚ ପ୍ରସଙ୍ଗରେ ମାନ୍ୟବର ବାବୁ ସୁରେନ୍ଦ୍ର ବାନର୍ଯ୍ୟା ଏକ ପ୍ରଶ୍ନ କରିବାରୁ ତହିଁର ଉତ୍ତରରେ ମାନ୍ୟବର ସର୍ ଲମ୍ବାଟ ସାହେବ ପ୍ରକାଶ କଲେ ଯେ ସିଭିଲସର୍ଭିସ ନିୟମାନୁସାରେ ବମେଇ ଓ କଲିକତା ସହରର ଇୟୁରୋପୀୟ ଇନସପେକ୍ଟର ଓ କନଷ୍ଟବଲମାନେ ଏକ ଥାନାରୁ ଅନ୍ୟ ଥାନାକୁ ବଦଳ ହେଲେ ଅପଣାର ଦ୍ରବ୍ୟାଦିର ନେବାର ଖର୍ଚ୍ଚ ପାଇବେ ମାତ୍ର ଦେଶୀୟ ଇନସପେକ୍ଟରମାନେ ତାହା ପାଇବେ ନାହିଁ । ଏଥିରୁ ପାଠକମାନେ ଦେଖିବେ ଯେ ଜନ୍ମସ୍ଥାନ, ଜାତି ବର୍ଣ୍ଣନିର୍ବିଶେଷରେ ସକଳ ସରକାରୀ କର୍ମଚାରୀଙ୍କ ଗବର୍ଣ୍ଣମେଣ୍ଟ ସମାନ ଦୃଷ୍ଟିରେ ଦେଖିବାର ଶ୍ରୀମତୀ ମହାରାଣୀଙ୍କର ଯେଉଁ ଘୋଷଣାପତ୍ର ପ୍ରଚାରିତ ହୋଇଅଛି କାର୍ଯ୍ୟରେ ତାହା ପ୍ରତିପାଳିତ ହେଉ ନାହିଁ ।

—※—

ଚୀନ ଜାପାନ ଯୁଦ୍ଧରେ ବ୍ରିଟିଷ ଗବର୍ଣ୍ଣମେଣ୍ଟ ସମ୍ପୂର୍ଣ୍ଣରୂପେ ନିରପେକ୍ଷ ଭାବ ଅବଲମ୍ବନ କରିବା ବିଷୟରେ ଶ୍ରୀମତୀ ମହାରାଣୀ ଗାଇଡେନ୍ସଙ୍କର ଯେଉଁ ଘୋଷଣାପତ୍ର ଲଣ୍ଡନଗେଜେଟରେ ପ୍ରକାଶିତ ହୋଇଥିଲା ତାହା ଗତ ଜମାସ ତା- ରିଖରେ ଇଣ୍ଡିଆ ଗେଜେଟରେ ଭାରତବାସିଙ୍କ ଜାଣିବା କାରଣ ପ୍ରକାଶିତ ହୋଇଅଛି । ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ସ୍ୱାଧୀନ ଅଥବା ଉପନିବେଶମାନଙ୍କର ଅଥବା ଭାରତବର୍ଷରେ ବାସ କରୁଥିବା କୌଣସି ପ୍ରଜା ଚୀନ କିମ୍ବା ଜାପାନରସ୍ଥଳ ସେନା ବା ନୌସେନାର କୌଣସି କାର୍ଯ୍ୟରେ ଭରତି ହୋଇ ପାରିବ ନାହିଁ କିମ୍ବା ଯୁଦ୍ଧକାଳପର୍ଯ୍ୟନ୍ତ କୌଣସିପକ୍ଷର ରଣତରୀ ଇଂରାଜଙ୍କ ଅଧିକୃତ କୌଣସି ସମୁଦ୍ର ଅଥବା ବନ୍ଦରର ଅଂଶରେ ପ୍ରବେଶ କରିପାରିବ ନାହିଁ ଓ ପ୍ରବେଶ କଲେ ସେ ୨୪ ଘଣ୍ଟା ମଧ୍ୟରେ ବାହାରିଯିବ ।

---

ପ୍ରାଥମିକ ଶିକ୍ଷା ସମ୍ବନ୍ଧରେ ଡିଷ୍ଟ୍ରିକ୍ଟ ବୋର୍ଡମାନଙ୍କର କର୍ତ୍ତବ୍ୟ ବିଷୟରେ ବଙ୍ଗୀୟ ଲେଫ୍ଟେନାଣ୍ଟଙ୍କ ଯେଉଁ ଉର୍ଦ୍ଧାରିଏ ଗତ ଜୁନ ମାସ ତା ୨୮ ଉଖରେ ବାହାରିଥିଲା ମାନ୍ୟବର ବାବୁ ସୁରେନ୍ଦ୍ରନାଥ ବାନର୍ଯ୍ୟା ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ସେ ବିଷୟରେ ଏକ ପ୍ରଶ୍ନ କରିବାରୁ ପ୍ରଧାନ ସେକ୍ରେଟେରୀ ମାନ୍ୟବର କଟନ୍ ସାହେବ ବୁଝାଇ ଦେଇଅଛନ୍ତି ଯେ ଜିଲ୍ଲା ବୋର୍ଡ଼ମାନେ ଆପଣା୨ ଆୟ ବୃଦ୍ଧି ଅନୁପାତରେ ପ୍ରାଥମିକ ଶିକ୍ଷାରେ ଅଧିକ ବ୍ୟୟ କରିବେ । ଉଚ୍ଚଶିକ୍ଷାର ବ୍ୟୟ କର୍ତ୍ତନ କରି ପ୍ରାଥମିକ ଶିକ୍ଷାରେ ତାହା ଲଗାଇବା କିମ୍ବା ଏକଶ୍ରେଣୀର ଶିକ୍ଷାକୁ ଶୁଖାଇ ମାରି ଅପର ଶ୍ରେଣୀ ଶିକ୍ଷାର ଅଙ୍ଗ ପୁଷ୍ଟ କରିବା ଉକ୍ତ ଉର୍ଦ୍ଧାରଣର ମର୍ମ ନୁହେଁ । ଜିଲ୍ଲାବୋର୍ଡମାନେ ସମସ୍ତପ୍ରକାର ଶିକ୍ଷାର ଉନ୍ନତି କରିବେ ମାତ୍ର ପ୍ରାଥମିକ ଶିକ୍ଷାପ୍ରତି ଅଧିକ ଦୃଷ୍ଟି ରଖିବେ ଏହିକି ମାନ୍ୟବର ଲେଫ୍ଟେନାଣ୍ଟଙ୍କର ଅଭିପ୍ରାୟ । ଅମ୍ଭେମାନେ ଏହି ଉତ୍ତର ଶୁଣି ଆଶ୍ୱସ୍ତ ହେଲୁଁ ଏବଂ ସୁରେନ୍ଦ୍ର ଏହା ଜଣାଇକରି ଅମ୍ଭମାନଙ୍କର କୃତଜ୍ଞତାର ଭାଜନ ହେଲେ ।

—o—

ଏକସମ୍ବାଦପତ୍ରରେ ଗୋଟିଏ ହାସ୍ୟଜନକ ସମ୍ବାଦ ପ୍ରକାଶିତ ହୋଇଅଛି । ପଞ୍ଜାବର ଜଣେ ଅସିଷ୍ଟାଣ୍ଟ କମିଶନର ସାହେବ ଶୀର୍ଦ୍ଦକାଳ ଯତ୍ନ କରି କଡ଼ସ୍ୱାଦର ଜଗ ବଢ଼ାଇଥିଲେ ଏବଂ ସେ ଲଟପ୍ରତି ତାହାଙ୍କର ଅତ୍ୟନ୍ତ ମମତା ଥିଲା । ତାହାଙ୍କ ବଙ୍ଗଳାରେ କାରାବାସ ଦଣ୍ଡପାଇଥିବା ଜଣେ ଅସାମି ମନରେ ଖାଣ୍ଟୁଥିଲା ଯେ ଜେଲଖାନାରୁ ମୁକ୍ତି ପାଇଲେ ସାହେବଙ୍କର ଜଗ ହରଣ କରିବା ହାସ୍ୟ ଦଣ୍ଡର ପ୍ରତିଫଳ ହେବ । ଏକଦିନ ସନ୍ଧ୍ୟାକାଳର ସମୟରେ ସାହେବ ଅପଣା କୋଠି ବାରଣ୍ଡାରେ ପଲଙ୍କ ପକାଇ ଶୋଇଥିଲେ । ଅସାମି ସୁଯୋଗ ପାଇ ନିଃଶବ୍ଦରେ ତାହାଙ୍କ ଖଟରେ ପଡ଼ିଥିବା ବନ୍ଦୁକ ହାତ ଏକାଥରକେ ଏକପାଖର ନାଗ କରୁଥିଲେ । ସାହେବ ଲକ୍ଷଣାତ ଦେଉରଠିବାରୁ ଅସାମି ପଳାଇଲା ଓ ପହଣ୍ଡବାଲ ତାହାପଛେ୨ ଧାଇଁ ଏକମାଇଲ ବାଟରୁ ତାହାକୁ ଧରିଥିଲା । ତାକେ ଜଗ ଜଳୁସହେବାରୁ ଅଗତ୍ୟା ସାହେବ ସୁରକ୍ଷିତ ଅବଶିଷ୍ଟ କାର୍ଯ୍ୟ ସମାଧା କଲେ । ଅସାମୀ ହାଜତକୁ ପ୍ରେରିତ ହେଲା ମାତ୍ର ବନ୍ଦଥକ ଅଳଳକୁ କେଉଁ ଧାରାରେ ଏ ଅପରାଧ ପଡ଼ିବ ଏ ପ୍ରଶ୍ନର ମୀମାଂସା ଅଦ୍ୟଥି ହୋଇପାର ନାହିଁ ।

—•※•—

ମୁଙ୍ଗେରରେ ଗଙ୍ଗାପ୍ରସାଦ ନାମକ ଏକ ବ୍ୟକ୍ତି ଅପଣାର କୌଣସି ଲୋକଦ୍ୱାରା ଏକ କବାଦର ସ୍ୱେସନାଇ ବାହାର କରିବା କାରଣ ପୁଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ଠାରୁ ନିୟମିତ ଅନୁମତି ପତ୍ର ବା ପାସ, ନେଇଥିଲା । ନିର୍ଦ୍ଦିଷ୍ଟ ସମୟର ଅତୀତ କାଳ ପର୍ଯ୍ୟନ୍ତ ସ୍ୱେସନାଇ କରିବାରୁ ପୁଲିସ ଗଙ୍ଗାପ୍ରସାଦକୁ ଚାଲାଣ ଦେବାରେ ସେଠା ମାଜିଷ୍ଟ୍ରେଟ ଏଚ, ଡି, ଗିଲିପ୍ସ ସାହେବ ପୁଲିସ ଆଇନର ଧା ୩୨ ସ ଅନୁସାରେ ତାହା ଉପରେ ଟ ୧୦ ଙ୍କା ଅର୍ଥଦଣ୍ଡର ଆଦେଶ ଦେଲେ । ହାଇକୋର୍ଟରେ ମୋସନ ହେବାରୁ ଜଜମାନେ ଦେଖିଲେ ଯେ ପାସରେ ଗଙ୍ଗାପ୍ରସାଦର ନାମ ନଥାଇ ଅନ୍ୟ ଏକ ବ୍ୟକ୍ତିର ନାମ ଅଛି । ଏଥିରୁ ମାନ୍ୟବର ଜଜମାନେ ବର୍ଣ୍ଣନା କଲେ ଯେ ସ୍ୱେସନାଇ ବାହ ଉତ୍ସବ କୋଳେ ପୁଲିସ ଯାହା ନାମରେ ପାସ ଦେବ ସେ ପାସର ନିୟମ ଭଙ୍ଗ ନିମନ୍ତେ କେବଳ ସେହି ବ୍ୟକ୍ତି ଦଣ୍ଡନୀୟ ହେବ । ସ୍ୱେସନାଇ ଉତ୍ସବର ସଂସର୍ଗୀ ସମସ୍ତ ଲୋକ ଦଣ୍ଡନୀୟ ହେବେ ଆଇନର ଅଭିପ୍ରାୟ ଏପରି ନୁହେ । ଅତଏବ ଗଙ୍ଗାପ୍ରସାଦକୁ ଖଲାସ ଦେଇ ଜରିମାନା ଟଙ୍କା ଫେରି ଦେବାର ଆଦେଶ ପ୍ରଦାନ କଲେ ।

---

ପୁରୀ ବଡ଼ଛତା ।

ଅମ୍ଭମାନଙ୍କର ପ୍ରତିନିଧି ଲେଖି- ଅଛନ୍ତି ଯେ ଗତ ରବିବାର ପ୍ରାତଃକାଳ ୭ ଘ ସମୟରେ ମିଉନିସିପାଲଟୀର ଇନସ୍ପେକ୍ଟର ଏବଂ ଓଭରସିୟରମାନେ କନ୍ଷ୍ଟେବଲଙ୍କ ଭୂମ ଓ ପୁଲିସ ଦଳ ସହିତ ବଡ଼ଦାଣ୍ଡ ବଜାରଠା- ଟରେ ସମ୍ମୁଖ ଛତାମାନ ସ୍ଥାନାନ୍ତରିତ କରିବାର ଆରମ୍ଭ କଲେ । ଭୂଲମାନେ ପ୍ରାୟ ସମସ୍ତ ସମୁଦ୍ର ଉଟବାସୀ ଲୋକଙ୍କ ଜାତି ଥିଲେ । ସେମାନେ ବେଲେଖଣ୍ଡ ଛତା ଓ ହାଟ ବୋହୁଳେଇ ଜଗନ୍ନାଥବଲ୍ଲଭ ମଠସମ୍ମୁଖରେ ରଖିବା କାରଣରୁ ଜଣେ ଲୋକଅ ଉହୁଙ୍କ ବ ଏହୁ ଧର୍ମସ୍ଥାନ ନଷ୍ଟ କରିବା ଅମ୍ଭମାନଙ୍କର ଉଚିତ ନୁହେ ଏବଂ ଏଥିରେ ଭବିଷ୍ୟତରେ ଅନିଷ୍ଟ ଘଟିପାରେ । ଏହା ଶୁଣି ଭୂଲମାନେ ଅନ୍ତ ଛତା ନ ଗାଡ଼ି ଯିବାକୁ । ଯଦ୍ୟପି ସମସ୍ତ-